# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୧୦/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 10/ 2018 | ★★★★

୪୪ଶ ଭାଗ ୩୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**'ଠଗ୍ସ ଅଫ୍ ହିନ୍ଦୋସ୍ତାନ' ଅଭିନୟ କଷ୍ଟକର: ଆମିର**

'ଠଗ୍ସ ଅଫ୍ ହିନ୍ଦୋସ୍ତାନ'ରେ ଅଭିନୟ କଷ୍ଟକର ଥିଲା ବୋଲି ବଲିଉଡ୍ ଅଭିନେତା ଆମିର ଖାନ୍ ପ୍ରକାଶ କରିଛନ୍ତି।

୦୨

୧୪

**ମନୁ-ସୌରଭ ଯୋଡ଼ିଙ୍କୁ ସଫଳତା**

ମନୁ ଭାକର ଓ ସୌରଭ ଚୌଧାରୀ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।



# ସବୁଜ ମିଶନରେ ଆଉ ୩ ନଦୀ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଭୂଗର୍ଭ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଜଳକୁ ସଞ୍ଚୟ କରିବାକୁ ମହାନଦୀ ଓ ଏହାର ଉପନଦୀ ତେଲ ଓ ଇବ୍ ନଦୀ କୂଳର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ପ୍ରଶସ୍ତର ଏକ ସବୁଜ ବଳୟ ସୃଷ୍ଟି କରିବା ଲାଗି ସବୁଜ ମହାନଦୀ ମିଶନ ଆରମ୍ଭ କରାଯାଇଛି। ତେବେ ଏହାକୁ ଅନ୍ୟ ନଦୀଗୁଡ଼ିକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ବୃହତମ ନଦୀ ବୈତରଣୀ, ବ୍ରାହ୍ମଣୀ ଓ ଋଷିକୂଲ୍ୟାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ ହେବ। ଏହି ନଦୀଗୁଡ଼ିକର ଶାଖା ଓ ଉପନଦୀଗୁଡ଼ିକରେ ମଧ୍ୟ ସବୁଜ ବଳୟ ସୃଷ୍ଟି କରାଯିବ। ୨୦୧୯-୨୦ରେ ପର୍ଯ୍ୟାୟ କ୍ରମେ ବୃକ୍ଷ ରୋପଣ କରାଯିବ। ଏଥିସହିତ ମହାନଦୀ, ତେଲ ଓ ଇବ୍ ନଦୀର ଅନ୍ୟ ଅଞ୍ଚଳରେ ମଧ୍ୟ ବୃକ୍ଷ ରୋପଣ ହେବ। ୨୦୧୯ରୁ ୨୩ ଯାଏ ପାଞ୍ଚବର୍ଷିଆ ଯୋଜନା କାର୍ଯ୍ୟକାରୀ ହେବ। ଏଥିପାଇଁ ୪୪୮ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଶୁକ୍ରବାର ଅନୁମୋଦନ କରିଛି। ଏହି ଯୋଜନାରେ ୪୧,୩୦୦ ହେକ୍ଟର ନଦୀଶଯ୍ୟା ଓ ୧୦୪୧ ହେକ୍ଟର କି.ମି. ପଥ ପାର୍ଶ୍ୱ ବନୀକରଣ କରାଯିବ। ସେଥିରୁ ୧୦ ହଜାର ହେକ୍ଟରରେ ନୂତନ ବୃକ୍ଷରୋପଣ କରାଯିବା ବେଳେ ୩୦ ହଜାର ହେକ୍ଟରରେ ପୁରୁଣା ବୃକ୍ଷର ପୁନରୁଦ୍ଧାର ଏବଂ ୧୩୦୦ ହେକ୍ଟରରେ ବାଉଁଶ ରୋପଣ କରାଯିବ। ସବୁଜ ମହାନଦୀ ମିଶନର ଉନ୍ନତି ଓ କାର୍ଯ୍ୟକାରିତା ପାଇଁ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ☞ପୃଷ୍ଠା-୪

**କ୍ୟାବିନେଟ ନିଷ୍ପତ୍ତି**



- ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା କୂଳରେ ବନୀକରଣ ହେବ
- ୫ ବର୍ଷ ପାଇଁ ୪୪୮ କୋଟି ବ୍ୟୟ ବରାଦ
- ୨୨୦ କୋଟିରେ ନିର୍ମାଣ ହେବ ଭବାନୀପାଟଣା ମେଡିକାଲ କଲେଜ
- ଶିଶୁ ଭବନ ପାଇଁ ହେବ ନୂଆ କୋଠା

## ଏଲଇଡିରେ ଝଲସିବ ସବୁ ସହର

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ରାଜ୍ୟର ୧୧୪ଟି ସହରାଞ୍ଚଳ ଏଲଇଡି ଲାଇଟରେ ଝଲସିବ। ହଟିଯିବ ଅଧିକ ବିଦ୍ୟୁତ୍ ଶକ୍ତି ଅପଚୟ କରୁଥିବା ପୁରୁଣା ଲାଇଟ। କଟକ ଓ ଭୁବନେଶ୍ୱର ମହାନଗର ନିଗମରେ ଏଲଇଡି ଲାଇଟ ଲାଗିଥିବା ବେଳେ ଅନ୍ୟ ସହରାଞ୍ଚଳରେ ମଧ୍ୟ ଏହାକୁ ଲଗାଇବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି। ଏ ନେଇ ବିଭାଗ ପକ୍ଷରୁ ଦିଆଯାଇଥିବା ୨ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

କେନ୍ଦ୍ର ସରକାରଙ୍କ ଏନର୍ଜି ଏଫିସିଏନ୍ସି ସର୍ଭିସ ଲିମିଟେଡ(ଇଇଏସଏଲ) ଏବଂ ଘରୋଇ ସଂସ୍ଥା ମେସର୍ସ ଏନଇଇଏସଏଲ ମାଧ୍ୟମରେ ସହରାଞ୍ଚଳରେ ଏଲଇଡି ଲାଇଟ୍ ଲାଗିବ। ସରକାରୀ-ଘରୋଇ ଭାଗୀଦାରି (ପିପିପି) ମୋଡରେ ୫ ମହାନଗର ନିଗମରେ ☞ପୃଷ୍ଠା-୪

## ଏସ୍‌ପିଏମ୍ ଅଞ୍ଚଳକୁ ପଶିଲା ପଶ୍ଚିମବଙ୍ଗ ବୋଟ୍



**ପାରାଦୀପ ବନ୍ଦର**

- ନଷ୍ଟ ହେଲା ଭାସମାନ ତୈଳ ପାଇପ
- ୧୩ ବଙ୍ଗୀୟ ଧୀବର ଅଟକ, ବୋଟ୍ ଜବତ

ପାରାଦୀପ,୯।୧୧(ସ୍ୱ.ପ୍ର.)

ପାରାଦୀପ ବନ୍ଦର ପୋତାଶ୍ରୟଠାରୁ ୨୦ କିମି ଦୂର ସମୁଦ୍ରରେ ଥିବା ଭାସମାନ ଏସପିଏମ୍ (ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ) ବର୍ଥ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ପଶ୍ଚିମବଙ୍ଗ ଦିଘା ଅଞ୍ଚଳର ଏକ ମାଛଧରା ବୋଟ୍ ଏସ୍‌ପିଏମ ନିଷିଦ୍ଧାଞ୍ଚଳରେ ଧଶେଇ ପଶି ଭାସମାନ ତୈଳ ପାଇପ ନଷ୍ଟ କରିଦେଇଛି। ପାରାଦୀପ ବନ୍ଦର ପକ୍ଷରୁ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସଏଫ୍ ଉକ୍ତ ବୋଟ୍‌କୁ ଜବତ କରି ବନ୍ଦରକୁ ଆଣିଛନ୍ତି। ଏହାପରେ ସମ୍ପୃକ୍ତ ବୋଟ୍ ସମ୍ପର୍କରେ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ଦର ଉପ ସଂରକ୍ଷକ ତଥା କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର ସ୍ଥାନୀୟ ଏଏସ୍‌ପିଙ୍କୁ ଲିଖିତ ଭାବେ (ଚିଠି ନଂ ୧୫୮୨ରେ) ଜଣାଇଛନ୍ତି। ବୋଟ୍‌ରେ ଥିବା ୧୩ ଜଣ ବଙ୍ଗୀୟ ଧୀବରଙ୍କୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ପାରାଦୀପ ସାମୁଦ୍ରିକ ଥାନା ପୋଲିସ ବୋଟ୍ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଏସପିଏମ୍ ହେଉଛି ପାରାଦୀପର ତୈଳ ବର୍ଥ। ସେଠାରେ ବିଦେଶରୁ ଆସୁଥିବା ଅଶୋଧିତ ତୈଳ ପାନାମାକ୍ସ ଜାହାଜ ଲାଗିଥାଏ। ଜାହାଜରୁ ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ଅନିଶ୍ଚିତ ସମ୍ପ୍ରସାରଣ**

**ଆଜିର ମନ୍ତବ୍ୟ**

"ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ସହର ଓ ରାସ୍ତାର ନାମ ବଦଳାଇ ଡ୍ରାମା କରୁଛି ଭାଜପା।

- ଶରଦ ଯାଦବ, ଲୋକତାନ୍ତ୍ରିକ ଜନତା ଦଳ ଅଧ୍ୟକ୍ଷ

**ସୋମବାର ଯାଏ ଚାଲିବ ଓକିଲଙ୍କ ଆନ୍ଦୋଳନ**

........୩........

## ଦେବାଶିଷଙ୍କ ଜାମିନ ଶୁଣାଣି ୧୬କୁ ଘୁଞ୍ଚିଲା

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷଙ୍କ ଜାମିନ ଶୁଣାଣି ପୁଣି ଆସନ୍ତା ୧୬ ତାରିଖକୁ ଘୁଞ୍ଚିଥିବା ଜଣାପଡ଼ିଛି। ଏକ ସ୍ପେଶାଲ୍ କେସ୍‌ରେ କେନ୍ଦୁଝରର ବିଚାର ବିଭାଗୀୟ ହାଜତରେ ଦେବାଶିଷ ରହିଛନ୍ତି। ଶୁକ୍ରବାର ଘସିପୁରା ଥାନା କେସ୍ ନଂ ୧୮୧/୧୮ରେ ଜାମିନ୍ ଶୁଣାଣି ପାଇଁ ଆନନ୍ଦପୁର ଏଡିଜେ କୋର୍ଟରେ ଦେବାଶିଷ ହାଜର ହେବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। କେନ୍ଦୁଝରରୁ ବିଚାର ବିଭାଗୀୟ ହାଜତରୁ ଦେବାଶିଷ ଆନନ୍ଦପୁରରେ ହାଜର ହୋଇ ନ ପାରିବାରୁ ତାଙ୍କ ଜାମିନ୍ ଶୁଣାଣି ଅବଧିକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି।



ଦେବାଶିଷ ପାତ୍ର

## ଚିଲିକା ବ୍ଲକରେ ଏନ୍‌ସିଇଆର୍‌ଟିର ପାଇଲଟ ପ୍ରୋଜେକ୍ଟ

ଖୋର୍ଦ୍ଧା ଅଫିସ, ୯।୧୧

ଅନ୍ତର୍ଜାତୀୟ ଶିକ୍ଷା ସ୍ରୋତ ସହ ସାମିଲ ହେବା ପାଇଁ ବିଦ୍ୟାଳୟ ଶିକ୍ଷାରେ ପରିବର୍ତ୍ତନ ହେବାକୁ ଯାଉଛି। ଏଥି ସକାଶେ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ପରୀକ୍ଷାମୂଳକ ଭାବେ ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛି। ବିଦ୍ୟାଳୟ ପାଠପଢ଼ାରେ ଦକ୍ଷତା ଭିତ୍ତିକ ଶିକ୍ଷା ଦିଆଯିବା ପାଇଁ ନିଷ୍ପତ୍ତି ହୋଇସାରିଛି। ଚିଲିକା ଭଳି ଦେଶର ୬ଟି ବ୍ଲକରେ ଏହି ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ପ୍ରକଳ୍ପର ବିଭିନ୍ନ ପର୍ଯ୍ୟାୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବେସ୍ ଲାଇନ୍ ସର୍ଭେ, ଡାଟାବେସ୍ ରେକର୍ଡ ପ୍ରସ୍ତୁତି, ଶିକ୍ଷାର୍ଥୀଙ୍କର ଦକ୍ଷତା ଓ ଶିକ୍ଷାର ସ୍ତର ତୁଳନା, ଶିକ୍ଷକ ଓ ଗୋଷ୍ଠୀମାନଙ୍କୁ ନେଇ ତାଲିମ ଓ ଭାବ ବିନିମୟ ଏବଂ ପରିବର୍ତ୍ତିତ ରେକର୍ଡ ଅନୁଧାନ କରାଯିବ। ଏ ପରିପ୍ରେକ୍ଷୀରେ ଚିଲିକା ବ୍ଲକ ସମ୍ମିଳନୀ କକ୍ଷରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଦୁଇ ପର୍ଯ୍ୟାୟରେ ତାଲିମ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ହୃଷୀକେଶ ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ତାଲିମ ଶିବିରରେ ବ୍ଲକର ☞ପୃଷ୍ଠା-୪

- ନୂଆ ବ୍ୟବସ୍ଥାରେ ପାଠପଢ଼ା ପାଇଁ ଆରମ୍ଭ ହେଲା ତାଲିମ
- ପାଠ୍ୟକ୍ରମରେ ଦକ୍ଷତାଭିତ୍ତିକ ଶିକ୍ଷା


NECC NATIONAL EGG CO-ORDINATION COMMITTEE 09.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 61 | 107 | 117 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 62 | 109 | 119 |
| ANG | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


**କିଛି ତଥ୍ୟ**

ଚଳିତ ବର୍ଷ ଦେଶରେ ୧୧୦.୭୧ ଲକ୍ଷ ହେକ୍ଟର ଜମିରେ ରବି ଚାଷ ହୋଇଥିବା ବେଳେ ଗତ ବର୍ଷ ସମାନ ସମୟରେ ଏହା ୧୩୮.୧୬ ଲକ୍ଷ ହେକ୍ଟର ରହିଥିଲା।

- କୃଷି ମନ୍ତ୍ରଣାଳୟ






“ବିମୁଦ୍ରୀକରଣକୁ ନେଇ ଯାହା ଦାବି କରାଯାଉଥିଲା ଏହାର ଦୁଇବର୍ଷ ପରେ ମଧ ତହିଁରୁ ଗୋଟିଏ ହେଲେ ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ଏହି ଅର୍ଥନୈତିକ ଜରୁରୀ ପରିସ୍ଥିତି ପାଇଁ ଦେଶବାସୀଙ୍କୁ ଭାଜପା କ୍ଷମାମାଗୁ।

-ମାୟାବତୀ, ବିଏସ୍‌ପି ସୁପ୍ରିମୋ



## ସଂକ୍ଷେପରେ

### ଆସାମ ହସ୍ପିଟାଲରେ ୧୬ ନବଜାତକଙ୍କ ମୃତ୍ୟୁ

**ଗୁଆହାଟୀ,୯।୧୧(ଆଇଏଏନ୍‌ଏସ୍):** ଆସାମର ଏକ ସରକାରୀ ହସ୍ପିଟାଲରେ ଶିଶୁ ମଡ଼କ ସର୍ବାନନ୍ଦ ସୋନୋୱାଲ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ଜୋରହାଟ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ଅଭାବରୁ ସପ୍ତାହକ ମଧ୍ୟରେ ୧୬ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ୟୁନିସେଫ୍ ବିଶେଷଜ୍ଞ ଓ ରାଜ୍ୟର ଏକ ଡାକ୍ତରୀ ଦଳ ଶିଶୁମୃତ୍ୟୁର ଅନୁଧ୍ୟାନ ପାଇଁ ହସ୍ପିଟାଲ ପରିଦର୍ଶନ କରିବେ ବୋଲି ଆସାମ ସ୍ୱାସ୍ଥ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

### ମେଲ୍‌ବୋର୍ଣ୍ଣରେ ଆଇଏସ୍ ଆକ୍ରମଣ

#### ଛୁରାମାଡ଼ରେ ଜଣେ ନିହତ

**ମେଲ୍‌ବୋର୍ଣ୍ଣ,୯।୧୧(ପି.ଟି.):** ଅଷ୍ଟ୍ରେଲିଆର ମେଲ୍‌ବୋର୍ଣ୍ଣ ସହରରେ ଆତଙ୍କବାଦୀ ଆକ୍ରମଣ ଘଟିଛି। ଜଣେ ଆତଙ୍କବାଦୀ ଏଠାରେ ଏକ କାର୍‌ରେ ନିଆଁ ଲଗାଇଦେବା ସହ ୩ ବ୍ୟକ୍ତିଙ୍କୁ ଛୁରାମାଡ଼ କରିଛନ୍ତି। ଏଥିରେ ଜଣେ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି। ଏହି ଆକ୍ରମଣ ପାଇଁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ (ଆଇଏସ୍) ନିଜକୁ ଦାୟୀ କରିଛି। ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରି ଏଭଳି କାଣ୍ଡ ଭିଆଇଥିବା ଆଇଏସ୍ ପକ୍ଷରୁ କୁହାଯାଇଛି। ତେବେ ଆକ୍ରମଣକାରୀ ମଧ ଏକ ହସ୍ପିଟାଲରେ ପ୍ରାଣ ହରାଇଛନ୍ତି ବୋଲି ଭିକ୍ଟୋରିଆ ପୋଲିସ ମୁଖ୍ୟ କମିଶନର ଗ୍ରାହାମ୍ ଆଷ୍ଟନ୍ କହିଛନ୍ତି।

### ସେନାରେ ୩ ନୂଆ ଯୁଦ୍ଧାସ୍ତ୍ର

**ନାଶିକ୍,୯।୧୧(ଆଇଏଏନ୍‌ଏସ୍):** ଭାରତୀୟ ସେନାର ଦକ୍ଷତା ବୃଦ୍ଧି ପାଇଁ ସଶସ୍ତ୍ର ବଳରେ ୩ ନୂଆ ଯୁଦ୍ଧାସ୍ତ୍ରକୁ ସାମିଲ କରାଯାଇଛି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ଏହି ବିଶ୍ୱସ୍ତରୀୟ ୩ ଯୁଦ୍ଧାସ୍ତ୍ରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ନୂଆକରି ସେନାରେ ସାମିଲ ହୋଇଥିବା ଯୁଦ୍ଧାସ୍ତ୍ରଗୁଡ଼ିକ ହେଲା ଏମ୍‌୭୭୭ ଏ୨ ଅଲଟ୍ରା ଲାଇଟ୍ ହାଓ୍ୱିଜର୍ସ, କେ୯ ବଜ୍ର ଟ୍ରାକ୍‌ଡ ସ୍ୱୟଂଚାଳିତ ବନ୍ଧୁକ ଏବଂ ୬x୬ ଫିଲ୍ଡ ଆର୍ଟିଲେରି ଟ୍ରାକ୍ଟର୍ସ। ମହାରାଷ୍ଟ୍ରର ନାଶିକ୍‌ସ୍ଥିତ ଦେଓଲାଲି ଫିଲ୍ଡ ଫାୟାରିଂ ରେଞ୍ଜରେ ଏଗୁଡ଼ିକୁ ପ୍ରଥମକରି ବ୍ୟବହାର କରାଯାଇଛି। ୧୪୫ଟି ଏମ୍‌୭୭୭ ଏବଂ ୧୦୦ଟି କେ୯ ବନ୍ଧୁକ ଆମେରିକାଠାରୁ ୨ ବର୍ଷରେ ଆମଦାନି କରାଯିବ। ଏଥିପାଇଁ ଯଥାକ୍ରମେ ୫,୦୦୦ କୋଟି ଓ ୪,୩୬୬ କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ଅଶୋକ ଲିଲାଣ୍ଡ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୬x୬ ଫିଲ୍ଡ ଆର୍ଟିଲେରି ଟ୍ରାକ୍ଟର୍ସ ଅଣାଯାଇ ପୁରୁଣା ଯୁଦ୍ଧାସ୍ତ୍ର ପରିବହନକାରୀ ଯାନ ବଦଳାଯିବ। ଏହାଦ୍ୱାରା ଯବାନଙ୍କ ଯୁଦ୍ଧକ୍ଷମତା ବୃଦ୍ଧିପାଇବ ବୋଲି ଜଣେ ପ୍ରତିରକ୍ଷା ବିଶେଷଜ୍ଞ ସୂଚନା ଦେଇଛନ୍ତି।

### ଜେଇଏମ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୯।୧୧(ପି.ଟି.):** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅନ୍ତର୍ଗତ ତ୍ରାଲ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏନ୍‌କାଉଣ୍ଟରରେ ପାକିସ୍ତାନୀ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଦର୍-ଗନିଗୁନ୍ଦ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ପାଇବା ପରେ ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିଲେ। ଏହାପରେ ଗୁଳି ବିନିମୟ ହୋଇଥିଲା। ଏନ୍‌କାଉଣ୍ଟର ବେଳେ ଜଣେ ପୋଲିସ କର୍ମଚାରୀ ମଧ ଆହତ ହୋଇଛନ୍ତି। ଅନ୍ୟପଟେ ରାଜୌରୀ ଜିଲା ସଂଲଗ୍ନ ଏଲ୍‌ଓସି ନିକଟରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରିଛନ୍ତି। ଏଥିରେ ବିଏସ୍‌ଏଫ୍‌ର ଜଣେ ଯବାନ ଆହତ ହୋଇଛନ୍ତି।

# ପ୍ରଚାରରେ କମ୍ପିଲା ଛତିଶଗଡ଼

## ସହରୀ ମାଓବାଦୀଙ୍କ ସପକ୍ଷରେ କଂଗ୍ରେସ:ମୋଦି

**ଜଗଦଲପୁର,୯।୧୧(ପି.ଟି.)**



ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ତିନିଦିନ ବାକି ଥିବାବେଳେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମାଓବାଦୀ ପ୍ରଭାବିତ ବସ୍ତର ଅଞ୍ଚଳରେ ନିଜ ନିଜ ଦଳ ପାଇଁ ପ୍ରଚାର କରିଛନ୍ତି। ଏହି ଅବସରରେ ଉଭୟେ ପରସ୍ପରକୁ ଟାର୍ଗେଟ କରିଛନ୍ତି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶନିବାର ଶେଷ ହେଉଥିବାରୁ ଏହାର ଦିନକ ପୂର୍ବରୁ ମୋଦି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ଗାଦିରକ୍ଷା ପାଇଁ ଲୋକଙ୍କୁ ଭୋଟ ମାଗିଛନ୍ତି। ରାଜ୍ୟରେ ନିଜର ପ୍ରଥମ ନିର୍ବାଚନ ପ୍ରଚାର ଅବସରରେ ବସ୍ତର ଜିଲା ସଦର ମହକୁମାରେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଆଦିବାସୀ ଯୁବତୀଯୁବକଙ୍କ ଜୀବନ ବରବାଦ କରିଥିବା କଂଗ୍ରେସ ସହରୀ ମାଓବାଦୀଙ୍କୁ ସମର୍ଥନ କରୁଛି। ଯେଉଁ ଚକଚକିଆ ଦିଶୁଥିବା ସହରୀ ମାଓବାଦୀମାନେ ଦାମୀ କାର୍ ଚଢ଼ି ଶୀତତାପ ନିୟନ୍ତ୍ରିତ ଘରେ ରହୁଛନ୍ତି, ଯାହାଙ୍କ ପିଲାମାନେ ବିଦେଶରେ ପାଠ ପଢ଼ନ୍ତି, ସେମାନେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଆଦିବାସୀଙ୍କ ପିଲାଙ୍କ ଭବିଷ୍ୟତ ରିମୋଟ କଣ୍ଟ୍ରୋଲରେ ନିୟନ୍ତ୍ରଣ କରୁଛନ୍ତି। ସରକାର ଏପରି ସହରୀ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଥିବାବେଳେ କଂଗ୍ରେସ ସେମାନଙ୍କୁ କାହିଁକି ସମର୍ଥନ କରୁଛି ବୋଲି ମୋଦି ପ୍ରଶ୍ନ କରିଥିଲେ। ମାଓବାଦକୁ ଏକ ରାକ୍ଷସ ଭାବେ ଅଭିହିତ କରି ମୋଦି କଂଗ୍ରେସକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ, ପୂର୍ବ ସରକାର ବସ୍ତର ଅଞ୍ଚଳର ବିକାଶ ପାଇଁ ବିଶେଷ କିଛି କରିନାହିଁ। କଂଗ୍ରେସ ଆଦିବାସୀଙ୍କୁ ଉପହାସ କରିଛି। ତେଣୁ ଏଭଳି ଦଳ ଓ ନେତାଙ୍କୁ କ୍ଷମାକରିବା ଉଚିତ ନୁହେଁ। ବସ୍ତର ଅଞ୍ଚଳର ସବୁ ଆସନରେ ଭାଜପାକୁ ଜିତାଇବାକୁ ମୋଦି ସେଠାର ମତଦାତାଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କ ସଫଳତା ବଖାଣିବା ସହ ଆଦିବାସୀ କାର୍ଡ ଖେଳିଥିଲେ। ଏଥିସହ ନିକଟରେ ମାଓବାଦୀଙ୍କ ଆକ୍ରମଣରେ ନିହତ ଦୂରଦର୍ଶନର ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କୁ ମଧ ମୋଦି ଶ୍ରଦ୍ଧାଞ୍ଜଳି ଦେଇ ତାଙ୍କର ମୃତ୍ୟୁ ପ୍ରସଙ୍ଗ ଉଠାଇଥିଲେ। ଜଗଦଲପୁର ରାଲି ପରେ ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନିର୍ବାଚନମଣ୍ଡଳୀ ରାଜନନ୍ଦଗାଁରେ ପ୍ରଧାନମନ୍ତ୍ରୀ ମୋଦି ଏକ ରୋଡ୍ ଶୋ’ କରିଥିଲେ। ଏହି ଆସନରେ ରମଣ ସିଂଙ୍କ ବିରୋଧରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଭାଣିଜୀ କରୁଣା ଶୁକ୍ଳାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି।

# ରମଣଙ୍କ ଗଡ଼ରେ ରାହୁଲ

## କଂଗ୍ରେସ କ୍ଷମତାକୁ ଆସିଲେ କୃଷିରଣ ଛାଡ଼

**ରାଜନନ୍ଦଗାଁ,୯।୧୧(ପି.ଟି.)**

ଛତିଶଗଡ଼ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରଚାରର ମଙ୍ଗ ଧରିଥିବା ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଦୁଇଦିନିଆ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହାସହ ଛତିଶଗଡ଼ରେ କଂଗ୍ରେସ ସରକାର ଗଢ଼ିବାର ୧୦ ଦିନ ମଧ୍ୟରେ ଚାଷୀଙ୍କ କୃଷିରଣ ଛାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ରମଣ ସିଂଙ୍କ ନିର୍ବାଚନମଣ୍ଡଳୀ ରାଜନନ୍ଦଗାଁରେ ଏକ ନିର୍ବାଚନୀ ସଭାରେ ସମ୍ବୋଧିତ କରି ରାହୁଲ କହିଛନ୍ତି, ପଞ୍ଜାବ ଓ କର୍ଣ୍ଣାଟକରେ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି କଂଗ୍ରେସ ରଖିଛି। ଏହି ଦୁଇ ରାଜ୍ୟରେ ସରକାର ଗଢ଼ିବା ପରେ ସେଠାକାର ଚାଷୀଙ୍କ ଋଣଛାଡ଼ କରାଯାଇଛି। ଛତିଶଗଡ଼ରେ ମଧ କ୍ଷମତାସୀନ ହେବାର ୧୦ ଦିନରେ କୃଷିରଣ ଛାଡ଼ କରାଯିବ। ସେ ଭାଜପା ଭଳି ମିଥ୍ୟା ପ୍ରତିଶ୍ରୁତି ଦେବାକୁ ଚାହାନ୍ତି ନାହିଁ। କେନ୍ଦ୍ରର ଭାଜପା ସରକାର



ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ଲାଗୁ କରି ଦେଶର ବ୍ୟବସାୟୀଙ୍କ କ୍ଷତିସାଧନ କରିଛି। ବସ୍ତର ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅଞ୍ଚଳ। କିନ୍ତୁ ସ୍ଥାନୀୟ ଲୋକେ ଏହାର ଫାଇଦା ପାଉନାହାନ୍ତି। ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନିଜ ଶିଳ୍ପପତି ବନ୍ଧୁମାନଙ୍କ ବିନା ସମ୍ମତିରେ କିଛି କରନ୍ତି ନାହିଁ।

## ୧୮ରୁ ୧୨ ଆସନରେ ହାରିଥିଲା ଭାଜପା

**ଜଗଦଲପୁର,୯।୧୧(ପି.ଟି.)**

ଛତିଶଗଡ଼ରେ ପ୍ରଥମ ପର୍ଯ୍ୟାୟରେ ୧୮ ଆସନରେ ସୋମବାର ଭୋଟଗ୍ରହଣ କରାଯିବ। ଏଥିପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହେବ। ଏହି ଆସନଗୁଡ଼ିକ ମାଓବାଦୀ ପ୍ରଭାବିତ ୮ ଜିଲାରେ ରହିଛି। ଏଥିରୁ ୧୨ ଆସନ ଏସ୍‌ଟି ଏବଂ ଗୋଟିଏ ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ। ଅବଶିଷ୍ଟ ୭୨ ନିର୍ବାଚନମଣ୍ଡଳୀରେ ନଭେମ୍ବର ୨୦ରେ ମତଦାନ ହେବ। ଦୁଇଟି ଯାକ ପର୍ଯ୍ୟାୟରେ ମୋଟ ୨୯୧ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଡିସେମ୍ବର ୧୧ରେ ଦୁଇ ପର୍ଯ୍ୟାୟର ଭୋଟଗଣତି କରାଯିବ। ୨୦୧୩ ବିଧାନସଭା ନିର୍ବାଚନରେ ୯୦ ଆସନ ବିଶିଷ୍ଟ ଛତିଶଗଡ଼ ବିଧାନସଭାରେ ଶାସକ ଭାଜପା ୪୯ ଓ କଂଗ୍ରେସ ୩୯ ଆସନରେ ସଫଳତା ପାଇଥିଲା। ସେହିପରି ଜଣେ ଲେଖାଏ ବିଏସ୍‌ପି ଏବଂ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହୋଇଥିଲେ। ପ୍ରଥମ ପର୍ଯ୍ୟାୟ ଭୋଟ ହେଉଥିବା ୧୮ ଆସନରୁ ୧୨ଟିରେ ଭାଜପା ପରାଜିତ ହୋଇଥିଲା।

# ନିର୍ଭୟା ଘଟଣାର ପୁନରାବୃତ୍ତି

**କାମ୍‌ତାରା,୯।୧୧(ପି.ଟି.)**

## ଝାଡ଼ଖଣ୍ଡରେ ଲଜ୍ଜା

- ମହିଳାଙ୍କୁ ଗଣବଳାତ୍କାର କଲେ ପୂର୍ବତନ ସ୍ୱାମୀ, ତାଙ୍କ ସାଙ୍ଗ
- ଯନ୍ତ୍ରଣାରେ ଛଟପଟ ହୋଇ ଆଖି ବୁଜିଲେ ପୀଡ଼ିତା
- ଜଣେ ଅଭିଯୁକ୍ତ ଗିରଫ, ୨ ଫେରାର



ଦେଶବ୍ୟାପୀ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ିଚାଲିଥିଲାବେଳେ ଝାଡ଼ଖଣ୍ଡରେ ନିର୍ଭୟା ଘଟଣାର ପୁନରାବୃତ୍ତି ଘଟିଛି। ରାଜ୍ୟର କାମ୍‌ତାରା ଜିଲାର ଜଣେ ମହିଳା ଗଣବଳାତ୍କାରର ଶିକାର ହେବା ପରେ ପ୍ରାଣ ହରାଇଛନ୍ତି। ପୂର୍ବତନ ସ୍ୱାମୀଙ୍କ ସମେତ ୩ ଜଣ ତାଙ୍କୁ ଗଣବଳାତ୍କାର କରିବା ପରେ ଅତି ନୃଶଂସ ଭାବେ ତାଙ୍କ ଗୁପ୍ତାଙ୍ଗରେ ଏକ କାଠ ପୂରାଇଦେଇଥିଲେ। ଯନ୍ତ୍ରଣାରେ ଛଟପଟ ହୋଇ ପୀଡ଼ିତା ଆଖି ବୁଜିଛନ୍ତି। ଏଭଳି ଲୋମଟାଙ୍କୁରା ଘଟଣା ପ୍ରଘଟ ହେବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ମହିଳାଙ୍କ ପୂର୍ବତନ ସ୍ୱାମୀଙ୍କୁ ଗିରଫ କରାଯିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜାଚାଲିଛି ବୋଲି ସବ୍-ଡିଭିଜନାଲ ପୋଲିସ ଅଫିସର ବି.ଏନ୍. ସିଂ ସୂଚନା ଦେଇଛନ୍ତି।

ବୁଧବାର ରାତିରେ କାଳୀପୂଜା ଉପଲକ୍ଷେ ଆୟୋଜିତ ମଞ୍ଚ ନାଟକ ଦେଖିବାକୁ ମହିଳା ଜଣକ ଯାଇଥିଲେ। ସେଠାକୁ ଯିବାବେଳେ ପୂର୍ବତନ ସ୍ୱାମୀ ଏବଂ ତାଙ୍କର ଦୁଇ ସହଯୋଗୀ ମହିଳାଙ୍କୁ ଜବରଦସ୍ତି ଉଠାଇନେଇଥିଲେ। ନାରାୟଣପୁର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଥିବା ପଡ଼ିଆକୁ ନେଇ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ନିର୍ଜନ ଜାଗା ହୋଇଥିବାରୁ ଘଟଣା ସମ୍ପର୍କରେ କେହି ବି ଜାଣିପାରିଲେ ନାହିଁ। ବଳାତ୍କାରୀଙ୍କ ପାଶବିକତା ଏତିକିରେ ଥମିଲା ନାହିଁ। ସେମାନେ ପାଖରେ ପଡ଼ିଥିବା ଏକ କାଠ ଆଣି ପୀଡ଼ିତାଙ୍କ ଯୌନାଙ୍ଗରେ ପୂରାଇଦେଲେ। ଅସହ୍ୟ ଯନ୍ତ୍ରଣାରେ ସେ ଅଣନିଃଶ୍ୱାସୀ ହୋଇଯାଉଥିବାବେଳେ ବଳାତ୍କାରୀମାନେ ତାଙ୍କୁ ମରିବାକୁ ଛାଡ଼ିଆସିଲେ। ଏମିତି ରାତି ସାରା ପୀଡ଼ିତା ଛଟପଟ ହେଲେ। ଗୁରୁବାର ସକାଳେ ତାଙ୍କୁ ଏଭଳି ଦୟନୀୟ ଅବସ୍ଥାରେ କେତେଜଣ ଗ୍ରାମବାସୀ ଦେଖିବାକୁ ପାଇଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନାରାୟଣପୁର ଟାଉନ୍‌ରେ ଥିବା ଏକ ହସ୍ପିଟାଲକୁ ନେଇଯାଇଥିଲେ। ପୀଡ଼ିତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ କାମ୍‌ତାରା ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତରମାନେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

### ଛାଡ଼ପତ୍ର ପାଇଁ ତେଜପ୍ରତାପଙ୍କ ଜିଦ୍

# ‘କଥା ନ ମାନିଲେ ଫେରିବିନି’

**ପାଟନା,୯।୧୧(ପି.ଟି.)**



ବିବାହକୁ ମାତ୍ର ୬ ମାସ ପୂରିଛି କି ନାହିଁ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ବଡ଼ପୁଅ ତେଜପ୍ରତାପ ଯାଦବ। ସ୍ତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କ ସହ ବୈବାହିକ ସମ୍ପର୍କଛିନ୍ନ ଲାଗି ସେ ସ୍ଥିର କରିବା ସହ କୋର୍ଟରେ ପିଟିଶନ ଦାଏର କରିସାରିଛନ୍ତି। କିନ୍ତୁ ପରିବାର ଲୋକେ ତାଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି। ତେବେ ଜିଦ୍‌ରେ ଅଟଳ ତେଜପ୍ରତାପ ଘର ଛାଡ଼ି ହରିଦ୍ୱାର ଚାଲିଯାଇଛନ୍ତି। ତାଙ୍କ ନିଷ୍ପତ୍ତିକୁ ପରିବାର ଲୋକେ ନ ମାନିବା ଯାଏ ଘରକୁ ଫେରିବେ ନାହିଁ ବୋଲି ଶୁକ୍ରବାର ସେ ସଫାସଫା କହିଦେଇଛନ୍ତି।

## ଫୁର୍‌ସତ

### ହକିଙ୍ଗ୍‌ଙ୍କ ହୁଇଲ୍‌ଚେୟାର ନିଲାମ

**ଲଣ୍ଡନ:** ଷ୍ଟିଫେନ୍ ହକିଙ୍ଗ୍‌ଙ୍କ ଦ୍ୱାରା ବ୍ୟବହୃତ ହୁଇଲ୍ ଚେୟାର ୩୯୩,୦୦୦ ଆମେରିକୀୟ ଡଲାରରେ ନିଲାମ ହୋଇଛି। ଅପରପକ୍ଷରେ ତାଙ୍କର ଡକ୍ଟରାଲ୍ ଥେସିସ୍ ୭୬୭,୦୦୦ ଡଲାରରେ ବିକ୍ରି ହୋଇଛି। ବିଶ୍ୱର ବିଶିଷ୍ଟ ପଦାର୍ଥବିଜ୍ଞାନୀ ମୋଟର ନ୍ୟୁରନ୍ ରୋଗରେ ପୀଡ଼ିତ ହେବା ପରେ ତାଙ୍କର ସର୍ବାଙ୍ଗ ଅଚଳ ହୋଇପଡିଥିଲା। ଉକ୍ତ ମୋଟରଚାଳିତ ହୁଇଲ୍‌ଚେୟାରକୁ ସେ ବ୍ୟବହାର କରୁଥିଲେ। ଏହା କ୍ରିଷ୍ଟିଜ୍ ଅନ୍‌ଲାଇନ୍ ଅକ୍ସନରେ ୩୯୩,୦୦୦ ହଜାର ଆମେରିକୀୟ ଡଲାର (୨୯୬,୭୫୦ ପାଉଣ୍ଡ)ରେ ବିକ୍ରୟ



ହୋଇଛି। ଏହା ୧୦,୦୦୦ ପାଉଣ୍ଡରୁ ୧୫,୦୦୦ ପାଉଣ୍ଡ ମଧ୍ୟରେ ବିକ୍ରିହେବା ଆଶା କରାଯାଉଥିଲା। ହୁଇଲ୍‌ଚେୟାର ବିକ୍ରିରୁ ଲବ୍ଧ ଅର୍ଥ ଷ୍ଟିଫେନ୍ ହକିଙ୍ଗ୍ ଫାଉଣ୍ଡେଶନ୍ ଏବଂ ମୋଟର ନ୍ୟୁରନ୍‌ଡିଜିଜ୍ ଆସୋସିଏଶନ୍‌କୁ ପ୍ରଦାନ କରାଯିବ।

### ୪୦୯ ଥର ଡ୍ରୋନ୍ ଆକ୍ରମଣ: ୨୭୧୪ ନିହତ

**ଇସଲାମାବାଦ୍:** ୨୦୦୪ ଜାନୁୟାରୀଠାରୁ ଆମେରିକା ପାକିସ୍ତାନରେ ୪୦୯ଥର ଡ୍ରୋନ୍ ଆକ୍ରମଣ କରିଛି। ଏଥିରେ ୨୭୧୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୭୨୮ଜଣ ଆହତ ହୋଇଥିବା ଏକ ମିଡିଆ ରିପୋର୍ଟରୁ ସୂଚନା ମିଳିଛି। ବିଶେଷକରି ବାଜାଉର, ବାନ୍ନୁ, ହାଙ୍ଗୁ, ଖାଇବର, ଖୁରାମ୍, ମହମନ୍ଦ୍, ନର୍ଥ ୱଜିରିସ୍ତାନ, ନୁର୍ସ୍କି, ଓରାକଜାଇ ଏବଂ ଦକ୍ଷିଣ ୱଜିରିସ୍ତାନକୁ ଲକ୍ଷ୍ୟକରି ଆକ୍ରମଣ କରାଯାଇଥିବା ଡନ୍ ରିପୋର୍ଟରେ ପ୍ରକାଶ ପାଇଛି। ୨୦୦୮ରୁ ୨୦୧୨ ମଧ୍ୟରେ ପାକିସ୍ତାନ ପିପୁଲ୍‌ସ ପାର୍ଟି ସରକାର ଅମଳରେ ଅଧିକାଂଶ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ନ୍ୟାଶନାଲ୍ କାଉଣ୍ଟର ଟେରରିଜିମ୍ ଅଥରିଟି (ନାକ୍‌ଟା) ସୂତ୍ରକୁ ଉଦ୍ଧାର କରି କୁହାଯାଇଛି, କେବଳ ଏହି ସମୟ ମଧ୍ୟରେ ଆକାଶମାର୍ଗରୁ ୩୩୬ଟି ଆକ୍ରମଣ ହୋଇଥିବା



ବେଳେ ୨,୨୮୨ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୬୫୮ ଆହତ ହୋଇଥିଲେ। ସରକାରୀ ସୂଚନା ଅନୁଯାୟୀ କେବଳ ୨୦୧୦ରେ ୧୧୭ଟି ଆକ୍ରମଣ ଘଟଣାରେ ୭୭୫ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯୩ ଆହତ ହୋଇଥିଲେ। ୨୦୧୩ରୁ ୨୦୧୮ ମଧ୍ୟରେ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ ସରକାର ଅମଳରେ ୬୫ଟି ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଏଥିରେ ୩୦୧ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ ଆହତ ହୋଇଥିଲେ। ୨୦୧୮ରେ ହୋଇଥିବା ୨ଟି ଡ୍ରୋନ୍ ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ସହିତ ଜଣେ ଆହତ ହୋଇଥିଲେ। ୨୦୧୬ରେ ଡ୍ରୋନ୍ ଆକ୍ରମଣରେ ତାଲିବାନ୍ ମୁଖ୍ୟ ମୁଲ୍ଲା ଅଖତାର ମନ୍‌ସୁରଙ୍କୁ ହତ୍ୟା କରାଯାଇଥିଲା। ଏହାପରେ ପାକିସ୍ତାନର ନିଦ ଭାଙ୍ଗିଥିଲା। ପାକିସ୍ତାନ ଭୂଖଣ୍ଡରେ ଆମେରିକାର ଡ୍ରୋନ୍ ଆକ୍ରମଣ ଅତ୍ୟନ୍ତ ଦୁଃଖଦାୟକ ଏବଂ ଏହାକୁ ବନ୍ଦ କରାଯିବା ଉଚିତ ବୋଲି ପାକିସ୍ତାନ ସେନା ମୁଖ୍ୟ ଜେନେରାଲ୍ ରାହିଲ ଶରିଫ୍ ପ୍ରକାଶ କରିଥିଲେ।

## ଇତିହାସର ଆଇନାରେ

### ନଭେମ୍ବର ୧୦ର ପ୍ରମୁଖ ଘଟଣା

୨୦୦୬ ନଭେମ୍ବର ୧୦ରେ ଶ୍ରୀଲଙ୍କାର ଏମ୍‌ପି ତଥା ବିଶିଷ୍ଟ ତାମିଲ ନେତା ନାଦରାଜ ରବିରାଜଙ୍କୁ ହତ୍ୟା କରାଯାଇଥିଲା। ରବିରାଜ ଥିଲେ ଜଣେ ପ୍ରମୁଖ ମାନବାଧିକାର ଆଇନଜୀବୀ।

୧୬୫୯ ନଭେମ୍ବର ୧୦ରେ ପ୍ରତାପଗଡ଼ ଯୁଦ୍ଧରେ ମରାଠା ସମ୍ରାଟ ଛତ୍ରପତି ଶିବାଜୀ ମହାରାଜ ମୁସଲ୍‌ମାନ ଶାସକ ଆଦିଲ ଶାହଙ୍କ ଜେନେରାଲ ଆଫ୍‌ଜଲ ଖାନ୍‌ଙ୍କୁ ପରାଜିତ କରିଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୧୮.୭ |
| ଚାନ୍ଦବାଲି | ୨୯.୦ | ୧୯.୮ |
| କଟକ | ୨୯.୬ | ୨୦.୬ |
| ପାରାଦ୍ୱୀପ | ୨୯.୬ | ୨୨.୫ |
| ଭୁବନେଶ୍ୱର | ୩୧.୨ | ୨୨.୧ |
| ଗୋପାଳପୁର | ୩୩.୨ | ୨୩.୨ |
| ପୁରୀ | ୩୦.୪ | ୨୩.୦ |
| ଅନୁଗୋଳ | ୩୦.୧ | ୨୦.୦ |
| ବାରିପଦା | ୨୭.୬ | ୨୨.୫ |
| ଝାରସୁଗୁଡ଼ା | ୩୧.୩ | ୧୬.୫ |
| କେନ୍ଦୁଝର | ୨୭.୯ | ୧୭.୧ |
| ସମ୍ବଲପୁର | ୩୧.୮ | ୧୮.୮ |
| ସୁନ୍ଦରଗଡ଼ | ୩୧.୦ | ୧୬.୦ |
| ହୀରାକୁଦ | ୩୧.୧ | ୧୯.୧ |
| ତାଲଚେର | ୩୩.୬ | ୨୦.୫ |
| ଭବାନୀପାଟଣା | ୩୧.୫ | ୧୯.୦ |
| ବଲାଙ୍ଗୀର | ୩୧.୫ | ୧୯.୫ |
| କୋରାପୁଟ | ୨୯.୦ | ୧୬.୪ |
| ଫୁଲବାଣୀ | ୩୧.୫ | ୧୫.୦ |
| ଟିଟିଲାଗଡ଼ | --- | ୧୮.୫ |
| ମାଲକାନଗିରି | --- | --- |
| ସୋନପୁର | ୩୧.୬ | ୨୦.୨ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ‘ଠଗ୍‌ସ ଅଫ୍ ହିନ୍ଦୋସ୍ତାନ’ରେ ଅଭିନୟ କଷ୍ଟକର




**ନୂଆଦିଲ୍ଲୀ:** ‘ଠଗ୍‌ସ ଅଫ୍ ହିନ୍ଦୋସ୍ତାନ’ରେ ଅଭିନୟ କଷ୍ଟକର ଥିଲା ବୋଲି ବଲିଉଡ୍ ଅଭିନେତା ଆମିର ଖାନ୍ ପ୍ରକାଶ କରିଛନ୍ତି। ନଭେମ୍ବର ୮ରେ ରିଲିଜ୍ ହୋଇଥିବା ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ମହଲରେ ମିଶ୍ର ପ୍ରତିକ୍ରିୟା ସୃଷ୍ଟିହୋଇଛି। ବିଜୟ କ୍ରିଷ୍ଣ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ତାଙ୍କର ଅଭିନୟ ଖୁବ୍ ଚ୍ୟାଲେଞ୍ଜିଂ ଥିଲା ବୋଲି ଆମିର କହିଛନ୍ତି। ସେ ଏକ ବିବୃତିରେ କହନ୍ତି, ଏଥିରେ ସେ ଏପରି ଭୂମିକା ନିର୍ବାହ କରିଛନ୍ତି ଯିଏ ବିଶେଷକରି ଅର୍ଥ ପାଇଁ ଯେ କୌଣସି ସମୟରେ ଯାହା କିଛି କରିପାରନ୍ତି। ଏହି ଫିଲ୍ମ ଆମୋଦଦାୟକ ଏବଂ କୌତୁକପ୍ରଦ ହୋଇଥିଲେ ବି ତାଙ୍କର ଚରିତ୍ରକୁ କେତେକ ଗ୍ରହଣ କରିପାରୁନାହାନ୍ତି। ପ୍ରଥମ ଥର ପାଇଁ ଗୋଟିଏ ସ୍କ୍ରିନ୍‌ରେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଅଭିନୟ କରିଛନ୍ତି। ଆଗକୁ ତାଙ୍କ ସହ ଏକତ୍ର କାର୍ଯ୍ୟ କରିବାକୁ ସେ ଆଶାୟୀ ଥିବା କହିଛନ୍ତି। ପ୍ରଥମ ଥର ପାଇଁ ସେ ରେଡିଓ ଜକିର ଭୂମିକା ନେଇଥିବାରୁ ଏହାକୁ ସେ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ୍–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

# ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ପଦ୍ମପୁର,୯।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ବିଜୁ ଯୁବ ବାହିନୀର ଦୁଇଗୋଷ୍ଠୀ ମଧ୍ୟରେ ଆର୍ଥିକ କାରବାରକୁ ନେଇ ଶୁକ୍ରବାର ଗଣ୍ଡଗୋଳ ଘଟିଛି। ଏନେଇ ପାଟିତୁଣ୍ଡ ଓ ଠେଲାପେଲାରେ ଗୋଟିଏ ପକ୍ଷର ଦୁଇଜଣ ସଦସ୍ୟ ଆହତ ହୋଇଛନ୍ତି। ଏ ସମ୍ପର୍କରେ ଉଭୟ ପକ୍ଷରୁ ବାସୁଦେବପୁର ଥାନାରେ ପୃଥକ୍ ଭାବେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ଥାନାଧିକାରୀ ଉମାଶଙ୍କର ନାୟକ ଘଟଣାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ପଦ୍ମପୁର ଯୁବ ବାହିନୀର କେତେଜଣ ସଭ୍ୟ ପଲିଥିନମୁକ୍ତ ଅଞ୍ଚଳ ପାଇଁ ଜନସଚେତନତା ଉଦ୍ଦେଶ୍ୟରେ ରାଲି କରିବାକୁ ବାହାରିଥିଲେ। ଏହି ସମୟରେ ଆଉ କେତେଜଣ ସଭ୍ୟ ଯୁବ ବାହିନୀରେ ଟଙ୍କା ଉଠାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା।




# କାର୍ତ୍ତିକର ପ୍ରଥମ ଦିବାପହୁଡ଼: ଦିନରେ ୨ ଘଣ୍ଟା ଶୋଇଲେ ମହାପ୍ରଭୁ

**ପୁରୀ ଅଫିସ, ୯।୧୧:** ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦିବାପହୁଡ଼ ହୋଇଛି। ପ୍ରତ୍ୟହ ଶ୍ରୀମନ୍ଦିରରେ ଦିବାପହୁଡ଼ ହେବାର ପରମ୍ପରା ରହିଛି। କିନ୍ତୁ ନୀତିବହୁଳ ଶ୍ରୀମନ୍ଦିରରେ ଦର୍ଶନ ପାଇଁ କମ୍ ସମୟ ମିଳିଥିବାରୁ ପ୍ରାୟତଃ ଦିବାପହୁଡ଼ ହୋଇପାରି ନ ଥାଏ। ହେଲେ ପ୍ରତିବର୍ଷ କାର୍ତ୍ତିକ ମାସରେ ଦ୍ୱାରଫିଟା ନୀତି ପ୍ରାତଃରେ ନିର୍ଘଣ୍ଟ ରହିଥିବାରୁ ଏଥିପାଇଁ ସମୟ ରହିଥାଏ। ଚଳିତବର୍ଷ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହୋଇପାରୁ ନ ଥିବାରୁ କାର୍ତ୍ତିକ ମାସ ୧୫ ଦିନ ବିତିଯାଇଥିଲେ ମଧ୍ୟ ଦିବାପହୁଡ଼ ହୋଇପାରି ନ ଥିଲା। କିନ୍ତୁ ଶୁକ୍ରବାର ଦିବାପହୁଡ଼ ହୋଇଛି। ଦିନରେ ୨ ଘଣ୍ଟା ୧୦ ମିନିଟ୍ ଶୋଇଛନ୍ତି ମହାପ୍ରଭୁ।




# ସୋମବାର ଯାଏ ଚାଲିବ ଓକିଲଙ୍କ ଆନ୍ଦୋଳନ

- ହାଇକୋର୍ଟରେ କ୍ରାଇମ୍‌ବ୍ରାଞ୍ଚ ଦାଖଲ କରିପାରିଲାନି ଚୂଡ଼ାନ୍ତ ରିପୋର୍ଟ
- ନିଲମ୍ବନ ଆଦେଶ ପ୍ରତ୍ୟାହାରକୁ ନେଇ ପ୍ରଶ୍ନ ଉଠାଇଲେ କୋର୍ଟ
- ପୋଲିସ ସହିତ ଆଲୋଚନା ପାଇଁ ଓକିଲ ସଂଘ ପ୍ରସ୍ତୁତ

କଟକ ଅଫିସ, ୯।୧୧

କଟକରେ ଓକିଲ ଓ ପୋଲିସ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ବାଟ ଫିଟୁନି। ଏନେଇ ଚାଲିଥିବା ମାମଲାର ତଦନ୍ତ ହାଇକୋର୍ଟର ବିଚାରପତି ଜଷ୍ଟିସ ସି.ଆର. ଦାସଙ୍କ ତଦାରଖରେ କରାଯାଉଛି। ତଦନ୍ତର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ପ୍ରତିଦିନ ଜଷ୍ଟିସ ଦାସଙ୍କ ନିକଟରେ ଦାଖଲ କରିବାକୁ ହାଇକୋର୍ଟ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନଭେମ୍ବର ୯ ସୁଦ୍ଧା ଚୂଡ଼ାନ୍ତ ତଦନ୍ତ ରିପୋର୍ଟ କୋର୍ଟରେ ଦାଖଲ କରିବାକୁ ମଧ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। କିନ୍ତୁ ତାହା କରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି।

ଶୁକ୍ରବାର ମାମଲାର ଶୁଣାଣି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ହାଜର ହୋଇ ମାମଲା ସମ୍ପର୍କରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ସହିତ ଚୂଡ଼ାନ୍ତ ରିପୋର୍ଟ ଦାଖଲ ପାଇଁ ୬ ସପ୍ତାହ ସମୟ ମାଗିଥିଲେ। ଏପରି କି ମାମଲା ସହିତ ସମ୍ପୃକ୍ତମାନଙ୍କ ପଲିଗ୍ରାଫ ଟେଷ୍ଟ ଆବଶ୍ୟକ କରୁଥିବା ବୋଥ୍ରା ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ଓକିଲଙ୍କୁ ଆକ୍ରମଣ ଘଟଣାରେ ନିଲମ୍ବିତ ହୋଇଥିବା ୩ ଜଣ ପୋଲିସ କର୍ମଚାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ସମ୍ପର୍କରେ ଖଣ୍ଡପୀଠ କ୍ରାଇମବ୍ରାଞ୍ଚ ଆଇଜିଙ୍କୁ ପ୍ରଶ୍ନ କରିଥିଲେ। ମାମଲା କୋର୍ଟରେ ଚାଲିଥିବା ସମୟରେ କେଉଁ ଆଧାରରେ ଏମାନଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି ସେନେଇ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଅନ୍ୟପକ୍ଷରେ ମାମଲାର ଶୁଣାଣି ପରେ ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବସିଥିଲା। ବୈଠକରେ ଆସନ୍ତା ସୋମବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା।

ସେହିପରି ମାମଲା ସମ୍ପର୍କରେ ଆଲୋଚନା ପାଇଁ ପୋଲିସ ଡିଜି ଆର୍.ପି. ଶର୍ମାଙ୍କ ପକ୍ଷରୁ ଗୁରୁବାର ଏକ ଚିଠି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତିଙ୍କ ନିକଟକୁ ଆସିଛି। ପୋଲିସ ମୁଖ୍ୟାଳୟ କନଫରେନ୍ସ ହଲ୍‌ରେ ଆଲୋଚନା ପାଇଁ ଡିଜି ପ୍ରସ୍ତାବ ଦେଇଥିଲେ। ମାତ୍ର ପୋଲିସ ମୁଖ୍ୟାଳୟ କିମ୍ବା ବାର୍ ଆସୋସିଏଶନ କାର୍ଯ୍ୟାଳୟ ନୁହେଁ ଏକ ତୃତୀୟ ସ୍ଥାନରେ ଏହି ଆଲୋଚନା କରିବାକୁ ବାର୍ ଆସୋସିଏଶନ ରାଜି ହୋଇଥିବା ସମ୍ପାଦକ ସତ୍ୟବ୍ରତ ମହାନ୍ତି କହିଛନ୍ତି।

ସୂଚନାଥାଉକି, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଡଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇପିସି ଦଫା ୩୦୭ରେ ମାମଲା ରୁଜୁ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଦାବି ହୋଇଥିଲା। ହେଲେ ପୋଲିସ ପକ୍ଷରୁ କୋହଳ ଦଫା ଲଗାଯାଇଥିବା ଅଭିଯୋଗରେ ବାର୍ ଆସୋସିଏଶନ ପକ୍ଷରୁ ଅଗଷ୍ଟ ୨୯ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହା ପରେ ହାବିଲଦାର ପ୍ରସନ୍ନ କୁମାର ବେହେରା, କନଷ୍ଟେବଳ ଦିଲୀପ କୁମାର ସାମଲ ଓ ଉଦୟ କୁମାର ଭୂୟାଁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ତେବେ ନିଲମ୍ବିତ କର୍ମଚାରୀଙ୍କ ଉପରୁ ଗତ ସପ୍ତାହରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲା।

## ▪ ବରଗଡ଼ରେ ମହାବଳ ହତ୍ୟା ଘଟଣା

# କ୍ୟାମେରା ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ଡିଏଫ୍‌ଓ

- ସୋସିଆଲ ମିଡିଆରେ ବୁଲୁଛି ହ୍ୱାଟ୍‌ସଆପ୍ ଚାଟ୍‌ର ସ୍କ୍ରିନ୍‌ଶଟ୍
- ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ବରଗଡ ଜିଲା ଡେବ୍ରିଗଡ ବନ୍ୟପ୍ରାଣୀ ଅଭୟାରଣ୍ୟରେ ମହାବାଳ ବାଘକୁ ହତ୍ୟା ଘଟଣା ଏବେ ନୂଆ ମୋଡ଼ ନେଇଛି। କ୍ରାଇମବ୍ରାଞ୍ଚ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ହୀରାକୁଦ ଡିଏଫ୍‌ଓଙ୍କ ଏକ ମେସେଜ୍ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଏକ ହ୍ୱାଟ୍‌ସଆପ୍ ଚାଟ୍‌ରେ ଗତ ଅକ୍ଟୋବର ୬ରେ ସମସ୍ତ କ୍ୟାମେରା ଟ୍ରାପ୍‌କୁ ହଟାଇଦେବାକୁ ଡିଏଫ୍‌ଓ ନିର୍ଦ୍ଦେଶ ଦେଇଥିଲେ। ଏହି ଚାଟ୍‌ର ସ୍କ୍ରିନଶଟ୍ ବର୍ତ୍ତମାନ ଭାଇରାଲ ହେଉଛି। ବ୍ୟାଘ୍ରଶୂନ୍ୟ ଡେବ୍ରିଗଡ଼ ଜଙ୍ଗଲରେ ମହାବଳ ବାଘର ଉପସ୍ଥିତି ଜଣାପଡ଼ିବା ପରେ ଅଧିକ ସତର୍କତା ଅବଲମ୍ବନ ନ କରି, ଅଧିକ କ୍ୟାମେରାଟ୍ରାପ୍ ସ୍ଥାପନ ନ କରି ଡିଏଫ୍‌ଓ କେଉଁ ଉଦ୍ଦେଶ୍ୟରେ ଲାଗିଥିବା କ୍ୟାମେରାଗୁଡ଼ିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏଡିଜିପି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

ଅନ୍ୟପଟେ ଘଟଣାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ରିମାଣ୍ଡରେ ଆଣିବ। ଏ ନେଇ କୋର୍ଟରେ ଆବେଦନ କରାଯିବ ବୋଲି ଏଡିଜିପି ଉପାଧ୍ୟାୟ ଗଣମାଧ୍ୟମକୁ ଜଣାଇଛନ୍ତି। ସେ କହିଛନ୍ତି, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଟିମର ଡିଏସ୍‌ପି ପାହ୍ୟାର ଜଣେ ଅଧିକାରୀ ଏହି ଘଟଣାର ତଦନ୍ତ କରୁଛନ୍ତି। ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ଅଧିକ ତଥ୍ୟ ସଂଗ୍ରହ ଲାଗି ଜଙ୍ଗଲ ବିଭାଗ ଦ୍ୱାରା ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ। ଫଳରେ ଡେବ୍ରିଗଡ ସୀମାରେ ରହି ବନ୍ୟଜନ୍ତୁ ଶିକାର କରୁଥିବା ଅପରାଧୀଙ୍କ ବିଷୟରେ କିଛି ତଥ୍ୟ ମିଳିପାରିବ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୮ରେ ଡେବ୍ରିଗଡ ବନ୍ୟଜନ୍ତୁ ଅଭୟାରଣ୍ୟ ଭିତରେ ଏକ ବାଘକୁ ହତ୍ୟା କରାଯାଇଥିବା ନେଇ ଖବର ମିଳିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଏହି ଘଟଣାରେ ଗତ ୩ ତାରିଖରେ ବନ ବିଭାଗ ସ୍ଥାନୀୟ ଖଜୁରିଆ ଗ୍ରାମର ସୁଶୀଲ ଭୋଇ, ସତ୍ୟବାନ ସାହୁ, ଗୌରୀ ମିର୍ଦ୍ଧାଙ୍କ ସମେତ ୪ ଜଣଙ୍କୁ ଗିରଫ କରିବା ପରେ ସେମାନେ ମହାବଳ ବାଘ ଶିକାର କରିଥିବା ନେଇ ସ୍ୱୀକାର କରିଥିଲେ।

# ଜେଲ ଭିତରେ ମାରପିଟ୍

## ୨ ବନ୍ଦୀଙ୍କ ଆକ୍ରମଣରେ ଜଣେ ଗୁରୁତର

ବରଗଡ଼ ଅଫିସ,୯।୧୧

ବରଗଡ଼ ସବ୍‌ଜେଲ ଭିତରେ ଶୁକ୍ରବାର ବିଚାରାଧୀନ ବନ୍ଦୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି । ଦୁଇ ବନ୍ଦୀଙ୍କ ଅତର୍କିତ ଆକ୍ରମଣରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ଆହତ ବନ୍ଦୀ ହେଲେ ବରଗଡ଼ ପଠାନପଡ଼ାର ଏମ୍‌ଡ଼ି ଅଲତାଫ୍। ଚିକିତ୍ସା ପାଇଁ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୁରକ୍ଷା ବଳୟରେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ଅନ୍ୟପଟେ ଅଲତାଫଙ୍କୁ ଆକ୍ରମଣ କରିଥିବା ୨ ବନ୍ଦୀଙ୍କୁ ଅନ୍ୟ କାରାଗାରକୁ ସ୍ଥାନାନ୍ତର କରିବା ପାଇଁ ସବ୍‌ଜେଲର ଚିତ୍ତରଞ୍ଜନ ପାତ୍ର ଜେଲ ଆଇଜିଙ୍କୁ ଜଣାଇଥିବା ସୂଚନା ମିଳିଛି ।

ଆହତ ବନ୍ଦୀ ଅଲତାଫ ଗୁରୁବାର ଏକ ମାରପିଟ୍ ଘଟଣାରେ ଗିରଫ ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସନ୍ଧ୍ୟାରେ ବରଗଡ଼ ସବଜେଲ ହାଜତକୁ ପଠାଇ ଦିଆଯାଇଥିଲା । ପୂର୍ବରୁ ଏକ ଡକାୟତି ମାମଲାରେ ଗିରଫ ହୋଇ ଜେଲରେ ରହିଥିବା ୨ ବନ୍ଦୀ ଶୁକ୍ରବାର ସକାଳେ ଅଲତାଫଙ୍କୁ ଅତର୍କିତ ଆକ୍ରମଣ କରିଥିଲେ । ଢ଼େଲା, ଇଟାରେ ତାଙ୍କୁ ଆକ୍ରମଣ କରାଯାଇଛି । ଅପରପକ୍ଷେ ସେମାନେ କେବଳ ହାତାହାତି ହୋଇଥିଲେ ବୋଲି ସବଜେଲ କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି । ମାତ୍ର ଅଲତାଫ ଗୁରୁତର ଆହତ ହୋଇଥିବା ଯୋଗୁ ତାଙ୍କୁ ଢ଼େଲା କିମ୍ବା ଇଟାରେ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି । ଏ ସମ୍ପର୍କରେ ଖବର ଲେଖାହେବା ସୁଦ୍ଧା (ରାତି ୮ଟା ପର୍ଯ୍ୟନ୍ତ) ଥାନାରେ କୌଣସି ଏତଲା ହୋଇ ନ ଥିବା ଟାଉନ ଥାନା ପୋଲିସ କହିଛି । ତେବେ କେଉଁ କାରଣରୁ ଏହି ଗଣ୍ଡଗୋଳ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ ।



DHARITRI
ଭୁବନେଶ୍ୱର, ଶନିବାର, ୧୦ ନଭେମ୍ବର, ୨୦୧୮





## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................


ଜଗା
ପରିବାରବର୍ଗ


ଆରାଧ୍ୟା
ପରିବାରବର୍ଗ


ଶ୍ରେୟାଂଶ
ପରିବାରବର୍ଗ


ଦୀପାଂସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

3 bedroom flat 4000 sqft. full furnished including 4 car parking (A-Block) (G-4/5), 100% Vastu, Ridhisidhi Enclave, ICE Factory Lane, Cuttack Road, Bhubaneswar. Contact No: 9439706527. D-9339

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9353

3BHK duplex at Atala ( Hanspal) / BDA approved duplex at Hanspal square 1km from NH. 9438419823, 9437286655. D-65057

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/- sft. Broker Excuse. 9176647692. D-9228

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

Bhubaneswar KIIT University Jagannath Temple ପାଖରେ road, electricity ବାଉଣ୍ଡାରି ଥାଇ ଘରବାରି plot loanରେ କିଣନ୍ତୁ। 7381338088. D-64368

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

Gharabari boundary plot infront Krupajal Engineering College Bhubaneswar. 9090899282, 8908805482. D-65053

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

ସୁନ୍ଦରପଦା କୁହା ମୌଜାରେ ଘରବାଡି ପାଚେରି ପ୍ଲଟ୍ ବିକ୍ରିହେବ। 9439364818, 9337766961. D-9148

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64734

4000 sft. GA plot immediate sale Surya Nagar, Unit No.- 7, Bhubaneswar. Contact Deepak: 9937329999 (Conditions apply). D-64533

ପଟିଆ KIIT ପାଖରେ 40/30" road boundary, electric ସହିତ ଗୃହୋପଯୋଗି plot sqft. 1050/- କିଣନ୍ତୁ। 8018611122. D-64635

3BHK, 3 toilets, partially furnished 1810 sqft. North facing 14/15 floor flat at SJ Royal Lagoon BBSR for family. 9871155802, 8240107574. D-9352

Bhubaneswar Gita College near Infocity 200 ft. road ପାଖରେ boundary plot ବିକ୍ରିହେବ। 8270804320. D-9331

Book a duplex at Bharatpur close to Fire Station GA 1400 sqft. corner land booking on built-up 2500 sft. handover within 12 months. Cost 75lacs to 95lacs. 9937560970. D-64534

Gharabari plot 1560 sqft. behind Utkal Hieghts for sale, BBSR. 7327095483. D-9311

Booking simplex 2BHK 1200 sqft. Tankapani Road Sai Temple 26,19,000/-. 7735738102. D-9340

**Residential plot available Nakhara, Nandankanan flat- Hanspal, duplex- Raghunathpur anyone purchase. Contact: 9853821712, 8270565956.** D-9341

ଡୁମୁଡୁମା ନଗରରେ ଘର ବିକ୍ରି ହେବ। ୧୨୦୦ sqft. ୧ମହଲା 35 lakh 1111/12. 7377529311. D-65163

2970 sqft. plot with house at Nirakarpur for sale. 9220650945. D-63866

Residential plot with revenue road and electricity near Patia Station. Immediate registration and possession. 9437827966. D-9346

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact - 9937059891, 9348253463, 8908292617.** D-9236

## CONSTRUCTION

Construct your building in finished house contact: 9937064680. D-27282

For construction of residential/ commercial buildings Please contact. 7008268129, 9439143273. D-62135

Now Matrimonial ads. only on Wednesday & Sunday Book 1 Get 1 FREE




Bank/ commercial main road, Kalinganagar, BBSR G+1+2= 6000 sqft. 9438556363, 9337718848. D-9298

Office/ Hostel open hall 2000 sqft. 1st, 2nd floor near highway Honda, NH-5, Rudrapur, Bhubaneswar. Mob: 9937012004. D-9338

700 sqft. office space on 2nd floor commercial building at Gundicha Temple, Grand Road, Puri. 9437094505, 8249180126. D-60737

ଘରଭଡ଼ା ଆବଶ୍ୟକ। ଭୁବନେଶ୍ୱର ଶହୀଦ ନଗର, ସତ୍ୟନଗର, ଘାଟିକିଆ, ମଧୁସୁଦନ ନଗର, ଗୌତମ ନଗର, ସିଆର୍‌ପି, ନାଗେଶ୍ୱରଟାଙ୍ଗୀ, ଫରେଷ୍ଟପାର୍କ, ନ୍ୟୁଫରେଷ୍ଟପାର୍କ ଆଦି ଅଞ୍ଚଳରେ ତିନୋଟି ରୁମ୍ ଥିବା ତଳମହଲା ଘର ଆବଶ୍ୟକ। ଯାହାଙ୍କର ଘର ଅଛି ନିମ୍ନଲିଖିତ ମୋବାଇଲ୍ ନମ୍ବର 7750899392ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୬୪୭୪୧




Samal Packers movers provide household shifting in reasonable price. 9437035016. D-63867




Fully refreshed/ relaxed body massage by expert therapist, Shastrinagar. 7377984773. D-65140

Rejuvenate and Ayurvedic full body massage by smart therapist. 9114402304. D-65138

Pamper yourself this Mansoon professional massage. Contact Purple Orchid. 9776598888. D-65139

Experience full body massage with us by expert Enquiry: 7377048581. D-65164

Newly open herbal full body massage with refreshment well trained therapist. 7381239385. D-64636

Physiotherapy and herbal massage by trained ladies/ gents therapy: 7008773793. D-65056

Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

All type of full body massage by expert therapist. 7609005923. D-65151

Newly open Ayurvedic full body massage ladies and gents: 8117033493. D-65058

Herbal full body massage by smart/ expert therapist. Contact: 8338067247. D-65152

Newly opening ayurvedic massage smart therapist, Shree herbal. 7750020754. D-65153

Improving your health, skin care through expert therapist, excellent offer. 9668374480. D-65154

Ayurvedic full body massage ladies / gents smart experts therapist. 9114697517. D-64637

## AFFIDAVIT

I changed my name from Dibyasmita Barik to Dibyasmita Baliyarsingh vide Affidavit CF No-06 dated 10.07.2018, sworn before Court of Executive Magistrate, Bhubaneswar. D-9349

By virtue of an affidavit No.-04/ 09.11.2018, before Executive Magistrate, Satyabadi, I Sanjukta Swain, W/o- Bijaya Kumar Balia of Panibhandar, Satyabadi, Puri changed my surname Swain to Balia, after my marriage. Henceforth, I known as Sanjukta Balia for all purpose. D-34890

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ଜଗା)

**ନୀତେଶ ରଞ୍ଜନ**

ଡି.ମାର୍ଥାପୁର, ଗଁଦିଆ, ଢେଙ୍କାନାଳ

ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ଜେଇ, ଦାଦା, ବନ୍ଧୁ ଓ ପରିବାରବର୍ଗ। ଧ-୯୩୩୩

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ନବମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦିବାକର ରଥ**

ପ୍ଲଟ୍ ନଂ.୨୬୭/୩୩୫୫
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯
ଆଜି ଆପଣଙ୍କର ନବମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅନ୍ତରାତ୍ମାର ପରମତୃପ୍ତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ। ଧ-୬୧୦୩୦



କଲେଜ କର୍ତ୍ତୃପକ୍ଷଙ୍କୁ ସିଏଚ୍‌ଏସ୍‌ଇର ନିର୍ଦ୍ଦେଶ

# ଯୁକ୍ତ୨ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଅ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

୨୦୧୯ ଯୁକ୍ତ୨ ବାର୍ଷିକ ପରୀକ୍ଷା ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ପରୀକ୍ଷାକୁ କପିମୁକ୍ତ ତଥା ସ୍ୱଚ୍ଛ କରିବା ଅଣ୍ଟା ଭିଡିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ପରୀକ୍ଷା କେନ୍ଦ୍ର ହେଉଥିବା କଲେଜଗୁଡିକରେ ସିସିଟିଭି କ୍ୟାମେରା ଲଗାଇବାକୁ ବିଭାଗ ବାଧ୍ୟତାମୂଳକ କରିଛି। ଯେଉଁ କଲେଜ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିସିଟିଭି କ୍ୟାମେରା ନ ଲଗାଇବେ ସେହି କଲେଜ ଏବଂ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର କରିବାକୁ ଅନୁମତି ଦିଆଯିବ ନାହିଁ। ଏ ନେଇ ବିଭାଗର ଯୁଗ୍ମ ସଚିବ ଶୁଭଶ୍ରୀ ନନ୍ଦ ଡିସେମ୍ବର ଶେଷ ସୁଦ୍ଧା ସିସିଟିଭି କ୍ୟାମେରା ଲଗାଇବାକୁ କଲେଜ ଏବଂ ସ୍କୁଲ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ୟାମେରା ଲଗାଇବା ପରେ ରିପୋର୍ଟ କରିବାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଲେଜର ଗଭର୍ଣ୍ଣିଂ ବଡି, ସରକାରୀ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜ, ବେସରକାରୀ କଲେଜ ଏବଂ ସେଲ୍‌ଫ ଫାଇନାନ୍ସିଂ କଲେଜ ଅଧ୍ୟକ୍ଷମାନଙ୍କୁ ନୋଟିସ୍ ମାଧ୍ୟମରେ ଅବଗତ କରାଇଛନ୍ତି। କ୍ୟାମେରା ଲଗାଇବା ପାଇଁ ସରକାରୀ କଲେଜ ଏବଂ ପୂର୍ଣ୍ଣ ଅନୁଦାନପ୍ରାପ୍ତ କଲେଜଗୁଡିକ ପିଏଲ୍(ପବ୍ଲିକ ଲେଜର) ଆକାଉଣ୍ଟରୁ, ଘରୋଇ କଲେଜଗୁଡିକ କଲେଜ ବିକାଶମୂଳ ପାଣ୍ଠିରୁ ଏବଂ ସେଲ୍‌ଫ ଫାଇନାନ୍ସିଂ କଲେଜଗୁଡିକ ନିଜସ୍ୱ ପାଣ୍ଠିରୁ ଟଙ୍କା ଖର୍ଚ୍ଚ କରିବାକୁ ଯୁଗ୍ମ ସଚିବ ନନ୍ଦ ନୋଟିସ୍‌ରେ ଜଣାଇଛନ୍ତି। କ୍ୟାମେରା ଲଗାଇବା ନେଇ କଲେଜ କର୍ତ୍ତୃପକ୍ଷ ରିପୋର୍ଟ ଦେବା ପରେ ତାହାକୁ ଭିତ୍ତି କରି ସିଏଚ୍‌ଏସ୍‌ଇ ପରୀକ୍ଷା କେନ୍ଦ୍ର ଆବଣ୍ଟନ କରିବ ବୋଲି ସୂଚନା ମିଳିଛି।

# ମା' ତାରିଣୀଙ୍କ ଦୀପ ଲିଭିବା ଗୁଜବ

**ଘଟଗାଁ, ୧୧।୯ (ଡି.ଏନ.ଏ.)–** କେନ୍ଦୁଝର ଜିଲା ଘଟଗାଁ ତାରିଣୀ ମନ୍ଦିରରେ ମା'ଙ୍କ ଦୀପ ଲିଭିବା ଗୁଜବକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କୌଣସି ଅସାମାଜିକ ବ୍ୟକ୍ତିବିଶେଷ ମା'ଙ୍କ ନାମରେ ଏପରି ଗୁଜବ ପ୍ରଚାର କରିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ମା'ଙ୍କ ମନ୍ଦିରରେ ସେଭଳି କୌଣସି ଘଟଣା ଘଟି ନ ଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

# ସବୁଜ ମିଶନରେ...

ଅଧ୍ୟକ୍ଷତାରେ ଏକ ୧୨ ଜଣିଆ କମିଟି ଗଠନ କରାଯାଇଛି। ସେହିପରି ଜିଲାସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏବଂ ପଞ୍ଚାୟତ ସମିତିସ୍ତରୀୟ ସବୁଜ ମହାନଦୀ ମିଶନ କମିଟି ଏହି ଯୋଜନାର ତଦାରଖ କରିବ। ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୦ଟି ପ୍ରସ୍ତାବ ଉପରେ ମୋହର ଲାଗିଛି। ସେଥିରୁ ଆସନ୍ତା ୧୧ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ମେକ୍ ଇନ୍ ଓଡିଶା କନ୍‌କ୍ଲେଭର ୫ଟି ପ୍ରସ୍ତାବ ରହିଛି। ସେହି ପ୍ରସ୍ତାବଗୁଡିକ କନ୍‌କ୍ଲେଭ ଅବସରରେ ଘୋଷଣା କରାଯିବ ବୋଲି ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସୂଚନା ଦେଇଛନ୍ତି।

କଳାହାଣ୍ଡିର ଭବାନୀପାଟଣାଠାରେ ଟର୍ନକି(ଠିକାଦାରଙ୍କ ଦ୍ୱାରା ପ୍ରକଳ୍ପ ଡିଜାଇନରୁ ଶେଷ ଯାଏ) ମାଧ୍ୟମରେ ସ୍ଥାପନ ହେବାକୁ ଥିବା ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ ପାଇଁ ହୋଇଥିବା ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ହସ୍ପିଟାଲ ନିର୍ମାଣ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦେଇଥିଲା। ଟାଟା ପ୍ରୋଜେକ୍ଟ ଦ୍ୱାରା ଏହି ଡାକ୍ତରଖାନା ନିର୍ମାଣ କରାଯିବ। ଏଥିପାଇଁ ୨୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨ ବର୍ଷ ମଧ୍ୟରେ ଏହାର ନିର୍ମାଣ ଶେଷ ହେବ।

ସେହିପରି କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଭବନଠାରେ ନୂତନ ବହୁମୁଖୀ କମ୍ପ୍ଲେକ୍ସ ଓ ପିଜି ହଷ୍ଟେଲ ନିର୍ମାଣ ହେବ। ଶିଶୁ ଭବନ ବହୁ ପୁରୁଣା ହୋଇଥିବାରୁ ଏହାକୁ ନୂତନ କୋଠାକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଡକାଯାଇଥିବା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ୧୧୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାକୁ ନିର୍ମାଣ କରିବାକୁ ୩ ଜଣ ଠିକାଦାର ଆବେଦନ କରିଥିଲେ। ବ୍ରିଜ ଆଣ୍ଡ ରୁଫ୍ କୋ ଇଣ୍ଡିଆ ଲିମିଟେଡକୁ ୧୧୬.୯୨ କୋଟି ଟଙ୍କାରେ ଟେଣ୍ଡର ପ୍ରଦାନ କରାଯାଇଛି।

# ଏଲଇଡିରେ ଝଲସିବ...

ଥିବା ପୁରୁଣା ଲାଇଟ ହଟାଇବା ସହ ନୂତନ ଅଞ୍ଚଳରେ ନୂଆ ଏଲଇଡି ଲଗାଇବାକୁ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ବ୍ୟତୀତ ୧୧୩ଟି ପୌର ସଂସ୍ଥାକୁ ୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ୪ଟି ମହାନଗର ନିଗମ ଓ ୩୪ଟି ପୌର ସଂସ୍ଥାରେ ଏଲଇଡି ଲାଇଟ ଲଗାଇବା ପାଇଁ ୧୧୭.୩୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରସ୍ତାବିତ ପ୍ରକଳ୍ପରେ ୨୬୯.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିସହିତ ବାର୍ଷିକ ୮.୦୭ କୋଟି ଟଙ୍କାର ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ୭ ବର୍ଷରେ ମୋଟ ୫୬.୪୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପରେ ମୋଟ ୩୨୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ। ୬ ମାସରେ ଲାଇଟ ଲଗାଇବା କାର୍ଯ୍ୟ ଶେଷ ହେବ। ୭ ବର୍ଷ ଯାଏ ସମ୍ପୃକ୍ତ ସଂସ୍ଥା ରକ୍ଷଣାବେକ୍ଷଣ କରିବ। ଏହାଦ୍ୱାରା ଜନସାଧାରଣ ଆଲୋକ ପାଇବା ସହ ଦୁର୍ଘଟଣା ଓ ଅପରାଧ ହ୍ରାସ ପାଇପାରିବ। ଏହି ଯୋଜନାରେ ସହରାଞ୍ଚଳରେ ଲାଇଟ ପରିବର୍ତ୍ତନ କରାଯିବା ସହ ପୁରୁଣା ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତନ କରାଯିବ। ଲାଇଟ ଖୁଣ୍ଟଗୁଡିକରେ ଉପଯୁକ୍ତ ଆର୍ଥିଂ ବ୍ୟବସ୍ଥା ହେବ। ସହରାଞ୍ଚଳରେ ଥିବା ୧.୧୧ ଲକ୍ଷ ରାସ୍ତାପାର୍ଶ୍ୱ ବିଦ୍ୟୁତ୍ ଆଲୋକ ପଏଣ୍ଟକୁ ୨.୩୮ ଲକ୍ଷକୁ ବୃଦ୍ଧି କରାଯିବ। ଏଲଇଡି ପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ତେବେ ୭ ବର୍ଷରେ ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦକୁ ସମ୍ପୃକ୍ତ ପୌର ସଂସ୍ଥା ୬୭.୧୨ କୋଟି ଟଙ୍କା ବହନ କରିବ ବୋଲି କ୍ୟାବିନେଟ ଅନୁମୋଦନ କରିଛି।

# ଏସ୍‌ପିଏମ୍ ଅଞ୍ଚଳକୁ ...

ପାଇପ୍ ଯୋଗେ ତେଲ ଅନ୍‌ଲୋଡ୍ କରି ତୈଳ ବିଶୋଧନାଗାରକୁ ନିଆଯାଇଥାଏ। ସେହି ଏସପିଏମ୍‌ର ୧୦ କିମି ସୀମା ମଧ୍ୟରେ ମାଛଧରା ବୋଟ୍ ଚଳାଚଳ ଉପରେ ଅନ୍ତର୍ଜାତୀୟ କଟକଣା ଲାଗୁ କରାଯାଇଛି। କିନ୍ତୁ ପଶ୍ଚିମବଙ୍ଗ ଦିଘାର ଏହି ମାଛଧରା ବୋଟ୍ ସେହି ଅଞ୍ଚଳ ଭିତରେ ପଶି ମାଛ ଧରୁଥିଲା। ଏହି ବୋଟର ନାମ 'ପିୟାଲୀ' ଏବଂ ଏହାର ପଞ୍ଜୀକୃତ ନମ୍ବର ହେଲା IND/WB/CN/MM/3181। ଏହାର ଲାଇସେନ୍ସ ନମ୍ବର WBL 51690/18। ଏହାର ମାଲିକ ଶୁକଦେବ ଜାନା ବୋଲି ଜଣାଯାଇଛି। ୨ନଂ ଏସପିଏମ୍ ବର୍ଥ ପାଖରେ ଥିବା ପାଇପକୁ ଉକ୍ତ ବୋଟ୍ ନଷ୍ଟ କରିଛି ବୋଲି ବନ୍ଦର କର୍ତ୍ତୃପକ୍ଷ ଦର୍ଶାଇଛନ୍ତି।

# ଚିଲିକା ବ୍ଲକରେ ଏନ୍‌ସିଇଆର୍‌ଟିର...

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସିମାନେ ଯୋଗଦେଇଥିଲେ। ପରିଷଦର ନିର୍ଦ୍ଦେଶକ ସେନାପତିଙ୍କ ସୂଚନା ଅନୁସାରେ, ଛାତ୍ରୀଛାତ୍ରଙ୍କ ମନ ଏକ ଖାଲି ସିଲଟ ନୁହେଁ। ଅନେକ ଅଭିଜ୍ଞତା ଓ ଅନୁଭୂତିକୁ ନେଇ ଶିଶୁ ବିଦ୍ୟାଳୟକୁ ଆସିଥାଏ। ତେଣୁ ଶିଶୁର ମନର ଭାବକୁ ବୁଝିବା ସହ ଅନ୍ତର୍ଜାତୀୟ ଶିକ୍ଷା ସ୍ରୋତ ସହ ସାମିଲ ହେବା ପାଇଁ ପରିବର୍ତ୍ତନ ଜରୁରୀ। ପାରମ୍ପରିକ ଶିକ୍ଷାଦାନରେ ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଓ ଆକଳନକୁ ଗୁରୁତ୍ୱ ନ ଦେଇ ଛାତ୍ରୀଛାତ୍ରଙ୍କୁ ଦକ୍ଷତାଭିତ୍ତିକ ଶିକ୍ଷା ଦେଲେ ଭବିଷ୍ୟତ ଜୀବନରେ ସେମାନେ ନିଶ୍ଚିତ ଶିକ୍ଷାକୁ ପାଥେୟ କରି ଆଗକୁ ବଢି ପାରିବେ। ଶିଶୁର ଶିକ୍ଷା ରାଜ୍ୟ ଏବଂ ଜାତୀୟ ସ୍ତରରେ ସନ୍ତୋଷଜନକ ନୁହେଁ। ସେଥିପାଇଁ ସରକାର ଶିକ୍ଷାରେ ପାଇଲଟ ପ୍ରୋଜେକ୍ଟ ବ୍ୟବସ୍ଥା ଲାଗୁ କରି ଏହାର ଶ୍ରେୟ ନେବାକୁ ଚାହୁଁଛନ୍ତି ବୋଲି ସେ ଦର୍ଶାଇଥିଲେ। ଏଣୁ ଶିକ୍ଷକମାନେ ଏହି ପ୍ରକଳ୍ପକୁ ଆମେ କରିବା, ଆମେ ପାରିବା ଓ ଆମେ କରି ଦେଖାଇବାକୁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତୁ ବୋଲି ସେ କହିଥିଲେ। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ବୋର୍ଡ ନିର୍ଦ୍ଦେଶକ, ଚିଲିକା ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ଅଧ୍ୟକ୍ଷା ଏବଂ ବିଡିଓ ପ୍ରମୁଖ ଯୋଗ ଦେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ବୁଧଙ୍କ ନକ୍ଷତ୍ରସ୍ଥ ଚନ୍ଦ୍ର ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ। ବିଗତ ଦିନର ସମସ୍ୟାଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିବ। ଖଳଲୋକଙ୍କ କଥାକୁ ସତ ମଣି ଘରେ ଝଗଡ଼ା ହେବ।

**ବୃଷ**
ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ**
କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜର ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ୍ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ**
ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାରକରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା**
ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା**
ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୂଆଁଇବାକୁ ବାଧ୍ୟ ହୋଇପାରନ୍ତି।

**ବିଛା**
କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। କିନ୍ତୁ କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ସଭାସମିତିରେ ଆଲୋଚନାରେ ଏକମତ ହେବାକୁ ବାଧ୍ୟ ହେବେ।

**ଧନୁ**
ଆପଣଙ୍କ ପରାମର୍ଶ ବନ୍ଧୁମାନଙ୍କ ମନକୁ ବେଶ୍ ପାଇବ, ଫଳରେ ପ୍ରଶଂସା ପାଇ ଖୁସୀ ହେବେ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମାତ୍ର ରାସ୍ତାରେ ଅପରିଚିତ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ମକର**
କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ପାରିବାରିକ ସମସ୍ୟା, ହଜିଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ। ଅଫିସରେ ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ଟେନ୍‌ସନରେ ରହିପାରନ୍ତି।

**କୁମ୍ଭ**
ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ିହେବ ନାହିଁ। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ**
ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଅପରାହ୍ନେ ଖୋଜୁଥିବା ଜିନିଷଟି ପାଇ ଖୁସୀ ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂରହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି କାର୍ତ୍ତିକ ଶୁକ୍ଳ ତୃତୀୟା ଶନିବାର,ନଭେମ୍ବର ୧୦ ତାରିଖ, ପରିବହନ ଦିବସ, ରାଶି ନକ୍ଷତ୍ର–ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୫୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୧୫ମି. ଗତେ ଘ୩।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୨ମି. ଗତେ ଘ୮।୪୬ମି. ମଧ୍ୟେ, ଘ୧୧।୫୧ମି. ଗତେ ଘ୧।୧୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୪୬ମି. ଗତେ ଘ୧୦।୦୬ମି. ମଧ୍ୟେ ରାହୁକାଳ।




## ତିତ୍‌ଲି ମୁକାବିଲା ପାଇଁ ଓଡ଼ିଶାକୁ କେନ୍ଦ୍ରର ପ୍ରଶଂସା

**ଭୁବନେଶ୍ୱର,୯।୧୧(ବ୍ୟୁରୋ):** ତିତ୍‌ଲି ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ସଫଳ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ପକ୍ଷରୁ ପ୍ରକାଶିତ 'ଆପଦ ସମ୍ବାଦ'ରେ ଏହା ଉଲ୍ଲେଖ କରାଯାଇଛି। ଯେଉଁ ଢଙ୍ଗରେ ଓଡ଼ିଶା ପ୍ରଶାସନ ତିତ୍‌ଲିର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିଥିଲା, ତାହା ଉଦାହରଣ ସୃଷ୍ଟି କରିଛି। ହେଲେ ଏତେ ସବୁ ପରେ ବି ମୃତକଙ୍କ ସଂଖ୍ୟା ଦୁଇ ଅଙ୍କ ଛୁଇଁଥିବା ମଧ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟରେ ଉପକୂଳବର୍ତ୍ତୀ ୫ଟି ଜିଲା ଯଥା ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡା ଜିଲାର ପ୍ରାୟ ୩ ଲକ୍ଷ ଲୋକ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ ହୋଇଛନ୍ତି। ବାତ୍ୟାର ଭୟାବହତାକୁ ଦେଖି ଅକ୍ଟୋବର ୧୧ ଓ ୧୨ରେ ବିଦ୍ୟାଳୟ ବନ୍ଦ କରାଯାଇଥିଲା। ୮ଟି ଟ୍ରେନ୍‌କୁ ବାତିଲ କରାଯାଇଥିଲା। ଶକ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗକୁ ସମସ୍ତ ପରିସ୍ଥିତିରେ ସଜାଗ ରହିବା ପାଇଁ କୁହାଯାଇଥିଲା। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧକୁ ଯିବାକୁ ବାରଣ କରାଯାଇଥିବା ଭଳି ତଥ୍ୟ ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

### ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

# ଭାଜପାର ସମାଲୋଚନା ଜାରି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

- କେନ୍ଦ୍ରମନ୍ତ୍ରୀଙ୍କୁ ଡକା ନ ଯିବା ନେଇ ଅରୁଣଙ୍କ କ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କୁ ଲେଖାଶ୍ରୀଙ୍କ ଖୋଲା ଚିଠି
- ପ୍ରତିକ୍ରିୟା ରଖିଲେ ଶିଳ୍ପମନ୍ତ୍ରୀ

ମେକ୍ ଇନ୍ ଓଡ଼ିଶାର ଦ୍ୱିତୀୟ ସଂସ୍କରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟକୁ ପୁଞ୍ଜି ଆସିବ ଓ ଶିଳ୍ପାୟନରେ ଉନ୍ନତି ହେବ ବୋଲି ସରକାରଙ୍କ ପକ୍ଷରୁ ଡିଣ୍ଡିମ ପିଟାଯାଉଛି। ଅପରପକ୍ଷରେ କେନ୍ଦ୍ରରେ ଥିବା ଭାଜପା ରାଜ୍ୟ ପ୍ରଶାସନକୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା ଜାରି ରଖିଛି। ଏମିତି କି ରାଜ୍ୟ ଭାଜପା ନେତାମାନେ ପ୍ରତିଦିନ ଏହାକୁ ନେଇ ଖବରଦାତା ସମ୍ମିଳନୀ କରୁଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ଦଳୀୟ ପ୍ରଭାରୀ ଅରୁଣ ସିଂ ମଧ ରାଜ୍ୟକୁ ସମାଲୋଚନା କରିଛନ୍ତି।

ଅରୁଣ କହିଛନ୍ତି ଯେ, କନ୍‌କ୍ଲେଭକୁ କେନ୍ଦ୍ର ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯାଇଥିଲେ ଭଲ ହୋଇଥାଆନ୍ତା। ଶିଳ୍ପ ସମ୍ବନ୍ଧୀୟ ବ୍ୟାପାର ହୋଇଥିବାରୁ କେନ୍ଦ୍ର ଶିଳ୍ପ ମନ୍ତ୍ରୀ ନିମନ୍ତ୍ରିତ ହେବା କଥା। ପ୍ରଭୁ ଜଗନ୍ନାଥଙ୍କ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମନ ଛୋଟ। ତେଣୁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁନାହାନ୍ତି। ରାଜ୍ୟରେ ବିଧାନସଭା, ଲୋକ ସଭା ନିର୍ବାଚନ ଏକ ସଙ୍ଗରେ ହେବ। ବିଜେଡି ଶାସନର ଓଲଟା ଗଣିବା ଦିନ ଆରମ୍ଭ ହୋଇଯାଇଛି। ଆଗକୁ ରାଜ୍ୟରେ ନିଶ୍ଚୟ ପରିବର୍ତ୍ତନ ହେବ ବୋଲି ଅରୁଣ କହିଛନ୍ତି। ସେହିପରି ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରେଳ ପ୍ରକଳ୍ପଗୁଡିକରେ ରାଜ୍ୟ ସରକାର ଜମି ଅଧିଗ୍ରହଣ, ଜଙ୍ଗଲ ଓ ପରିବେଶ ଅନୁମତି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରୁନାହାନ୍ତି। ମେକ୍ ଇନ୍ ଓଡିଶା କନ୍‌କ୍ଲେଭ କରି ଶିଳ୍ପ ବିକାଶ ପାଇଁ ପୁଞ୍ଜିନିବେଶକାରୀଙ୍କ ଆମନ୍ତ୍ରଣରେ ଶହ ଶହ କୋଟି ଖର୍ଚ୍ଚ କରୁଛନ୍ତି । ମାତ୍ର ଶିଳ୍ପ ବିକାଶ ସହ ଜଡିତ ରେଳ ପ୍ରକଳ୍ପ ଉନ୍ନତୀକରଣକୁ ବିଳମ୍ବ କରାଯାଉଛି। ରାଜ୍ୟର ୭ଟି ରେଳ ପ୍ରକଳ୍ପ କାମ ଆଗକୁ ବଢିପାରୁନାହିଁ । ଯାହାର ଦୈର୍ଘ୍ୟ ୧୦୪୨ କି.ମି.। ଏଥିରେ ୧୨,୩୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ହରିଚନ୍ଦନ କହିଛନ୍ତି। ନିକଟରେ କେନ୍ଦ୍ର ଦ୍ୱାରା ଖଣି କାର୍ଯ୍ୟ ପାଇଁ ବିଜ୍ଞାପିତ ଜମିଗୁଡିକୁ ବାତିଲ କରାଯିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ପତ୍ର ଲେଖିଥିଲେ। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ସେ ଏକ ଖୋଲା ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ପ୍ରାୟ ୧୪,୨୯୬ ଏକର ଘରୋଇ ଜମି କମ୍ପାନୀଙ୍କ ଦ୍ୱାରା ଅଧିକୃତ ହୋଇ ରହିଛି। ଏମ୍‌ଜିଏମ୍, ଜିଏମ୍‌ଆର, ମୋନେଟ୍ ପାୱାର ଭଳି କମ୍ପାନୀ ୧୩୨୪ ଏକର ଜମି ରଖିଛନ୍ତି। ରାଜ୍ୟ ପକ୍ଷରୁ ବିଭିନ୍ନ ସଂସ୍ଥାକୁ ପ୍ରଦାନ କରାଯାଇଥିବା ୫୫ ପ୍ରତିଶତ ଜମିରେ ଶିଳ୍ପ ହୋଇ ନ ଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ତେଣୁ ଉକ୍ତ ଜମି ବ୍ୟବହାର ହେଉ ନଚେତ ବିଜ୍ଞପ୍ତିକୁ ବାତିଲ କରାଯାଉ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

ଭାଜପାର ଏପରି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ। ସେ କହିଛନ୍ତି ଯେ, ଗୋଟିଏ ପଟେ ରାଜ୍ୟ ଭାଜପା ମେକ୍ ଇନ୍ ଓଡ଼ିଶାକୁ ବିରୋଧ କରୁଛି। ଅନ୍ୟପଟେ ନିଜ ଦଳର କେନ୍ଦ୍ରମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯାଉ ନାହିଁ ବୋଲି ଅଭିଯୋଗ କରୁଛି। ଏହା ରାଜନୀତି ବ୍ୟତୀତ କିଛି ନୁହେଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ହିଁ ଶିଳ୍ପାୟନରେ ସାମଗ୍ରିକ ବିକାଶ ହୋଇଛି। ମେଣ୍ଟ ସମୟରେ ଭାଜପା ନେତାଙ୍କ ପାଖରେ ଶିଳ୍ପ ବିଭାଗ ଥିଲା। ସେ ସମୟରେ ଶିଳ୍ପ କାର୍ଯ୍ୟ ହୋଇ ନ ଥିବା ଜମି ଫେରାଇବାର ପ୍ରୟାସ କଲେ ନାହିଁ କାହିଁକି ବୋଲି ଅନନ୍ତ କହିଛନ୍ତି।

# ଗାଁରେ ଗର୍ଜିବେ ଚାଷୀ

**ଭୁବନେଶ୍ୱର, ୯।୧୧(ବ୍ୟୁରୋ):** ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସରକାରଙ୍କ ବିରୋଧରେ କୃଷକମାନେ ଧାରଣା ଦେବେ। ଚାଷୀଙ୍କୁ ରାଜଧାନୀ ଭିତରକୁ ପୂରାଇ ନ ଦେବାପରେ ସାରା ରାଜ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଆନ୍ଦୋଳନକୁ ଆଗକୁ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପୁଣି ରାଜ୍ୟର ପ୍ରତ୍ୟେକ ଥାନା ଆଗରେ ଧାରଣା ଦିଆଯିବ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ଶୁକ୍ରବାର ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଯଦି ରାଜଧାନୀ ସରକାରଙ୍କର, ତେବେ ଗାଁ ଆମର। ଯଦି ଚାଷୀଙ୍କୁ ରାଜଧାନୀ ମନା, ତାହାହେଲେ ନେତାଙ୍କୁ ଗାଁ ମନା। ଗାନ୍ଧିଜୀ ସତ୍ୟାଗ୍ରହ ଜରିଆରେ ଯେପରି ବ୍ରିଟିଶ ସରକାରଙ୍କୁ ଦାବି ମାନିବାକୁ ବାଧ କରାଇଥିଲେ, ସେହିପରି ପ୍ରତି ପଞ୍ଚାୟତରେ ଚାଷୀ ଅନୁରୂପ ପଦକ୍ଷେପ ନେବେ। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ଚାଷୀଙ୍କ ଆନ୍ଦୋଳନ ଜାରି ରହିବ। ଆସନ୍ତା ୧୨ରେ ସମସ୍ତ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଧାରଣା ଓ ସତ୍ୟାଗ୍ରହ କରାଯିବ। ୧୫ ପରେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ପ୍ରତ୍ୟେକ ଥାନା ଆଗରେ ଚାଷୀ ଧାରଣା ଦେବେ। ଚାଷୀଙ୍କ ପାଇଁ ସରକାର ଗଠନ କରିଥିବା ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ପାଇଁ ଏକ ସର୍ତ୍ତ ରହିଛି। ୩୬ଲକ୍ଷ ଚାଷୀଙ୍କ ପାଇଁ ୨୧ହଜାର ୬ଶହ କୋଟି ଟଙ୍କାର ସୁରକ୍ଷା ଭତ୍ତା ଦାବିକୁ ସରକାର ମାନି ନିଅନ୍ତୁ। ରାଜ୍ୟ ସରକାର ସୁରକ୍ଷା ଭତ୍ତା ନେଇ ଅଧ୍ୟାଦେଶ ଆଣିବା ପରେ ଆଲୋଚନାକୁ ଡକାନ୍ତୁ ବୋଲି ଅକ୍ଷୟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନେ ଦୀର୍ଘ ୭ଦିନ ଧରି ଚାଲିକି ଆସିଥିଲେ। ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରଠାରେ ଏକ ମହାସମାବେଶ କରାଯିବାର ଥିଲା। ମାତ୍ର ରାଜଧାନୀରେ ପହଞ୍ଚିବା ପୂର୍ବରୁ ପୋଲିସ ୧୪୪ ଜାରି କରିଥିଲା। ଅନ୍ୟପଟେ ନବ ନିର୍ମାଣ କୃଷକ ସଙ୍ଗଠନର ଏଭଳି ନିଷ୍ପତ୍ତି ପରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି, ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ସେମାନଙ୍କ ଦାବି ବିଚାରାଧୀନ ରହିଛି।



ଏକମାତ୍ର କର୍ତ୍ତବ୍ୟ ହେଉଛି- ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା। ... ଭୟ କରନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷାକବଚ।
- ଶ୍ରୀମା



# ଅନିଶ୍ଚିତ ସମ୍ପ୍ରସାରଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅର୍ଥ ସଚିବ ହସମୁଖ ଆଧିଆ ଚଳିତମାସ ଶେଷ ସୁଦ୍ଧା ଅବସର ନେବାକୁ ଥିବାବେଳେ ତାଙ୍କର ସମ୍ଭାବ୍ୟ ସମ୍ପ୍ରସାରଣ (କାର୍ଯ୍ୟକାଳ ବୃଦ୍ଧି) ନେଇ ଅନିଶ୍ଚୟତା ରହିଛି। ପୂର୍ବ ସରକାରଗୁଡ଼ିକ ଅମଳରେ ବଜେଟ୍‌ର କିଛିଦିନ ପୂର୍ବରୁ ଯଦି ଅର୍ଥ ମନ୍ତ୍ରଣାଳୟର ସଚିବମାନଙ୍କର କାର୍ଯ୍ୟକାଳ ପୂରିଯାଉଥିଲା, ତେବେ ତାଙ୍କୁ ଆଉ ଏକ ସମ୍ପ୍ରସାରଣ ଦିଆଯାଉଥିଲା। କିନ୍ତୁ ଆଧିଆଙ୍କ କ୍ଷେତ୍ରରେ ସରକାରରେ ଥିବା କିଛି ତତ୍ତ୍ୱ ଏହା ଚାହିଁଲେ ନାହିଁ ଏବଂ ଆଧିଆଙ୍କ ତରଫରୁ ମଧ୍ୟ ସେ ଆଉ ଏକ ସମ୍ପ୍ରସାରଣ ଚାହୁଁଛନ୍ତି ବୋଲି ସରକାରଙ୍କୁ ଅବଗତ କରାଗଲା ନାହିଁ। ତେଣୁ ଯାହା ଜଣାପଡୁଛି, ଆଧିଆ ନିଶ୍ଚୟ ଅବସର ନେବେ। କିନ୍ତୁ କେତେକେ ପୂର୍ବାନୁମାନ କରୁଛନ୍ତି ଯେ, ଅବସର ପରେ ମଧ୍ୟ ତାଙ୍କୁ କିଛି ନୂତନ ଦାୟିତ୍ୱ (ପୁନର୍ନିଯୁକ୍ତି) ଦିଆଯାଇପାରେ। ଏସବୁ କେବଳ ଅନୁମାନ ଛଡ଼ା ଅଉ କିଛି ନୁହେଁ, କାରଣ ଉଭୟ ସରକାରରେ ଏବଂ ବାହାରେ ଆଧିଆଙ୍କର କିଛି ପ୍ରଶଂସକ ଓ ବିରୋଧୀ ଅଛନ୍ତି। ତରବରିଆ ବିମୁଦ୍ରାୟନ ଓ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ଲାଗୁ ପାଇଁ ଅନେକେ ତାଙ୍କୁ ଦୋଷ ଦେଇଥାନ୍ତି। ଏସବୁ ସତ୍ତ୍ୱେ ଏହି ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସରଙ୍କ ଉପରେ ମୋଦି ଭରସା ରଖିଛନ୍ତି। ଆଧିଆ ଅବସର ନେଲେ ତାଙ୍କ ସ୍ଥାନରେ ୧୯୮୨ ବ୍ୟାଚ୍‌ର ମଣିପୁର କ୍ୟାଡର ଅଫିସର ତଥା ବ୍ୟୟ ସଚିବ ଅଜୟ ନାରାୟଣ ଝା ନିଯୁକ୍ତି ପାଇବାର ସମ୍ଭାବନା ଅଛି। ତା'ଛଡ଼ା ରାଜସ୍ୱ ବିଭାଗରେ ସ୍ୱତନ୍ତ୍ର ସଚିବ ଥିବା ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ପରବର୍ତ୍ତୀ ରାଜସ୍ୱ ସଚିବ ହୋଇପାରନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଲେଖାନୁଦାନ ପ୍ରସ୍ତୁତିରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ସାହାଯ୍ୟ କରିବା ପାଇଁ ଏକ ନୂତନ କୋର୍ ଟିମ୍ କାର୍ଯ୍ୟକରିବା ଆଶା କରାଯାଏ।

### ବିହାର ସଂଯୋଗ

ଏକ ବଳାତ୍କାର ଘଟଣାକୁ ନେଇ ଭୟରେ ଗୁଜରାଟରୁ ଉତ୍ତରପ୍ରଦେଶ ଓ ବିହାରର ହିନ୍ଦୀଭାଷୀ ଲୋକଙ୍କ ଗଣପଳାୟନ ସତ୍ତ୍ୱେ ସରକାରରେ ରାଜ୍ୟ ରାଜ୍ୟ ଭିତରେ ସୁସମ୍ପର୍କ ବଜାୟ ରହିଛି। ବର୍ତ୍ତମାନ ଗୁଜରାଟରେ ବଡ଼ ବଡ଼ ପଦପଦବୀରେ ଥିବା ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିହାରୀ। ସମ୍ପ୍ରତି ଗୁଜରାଟର ପ୍ରମୁଖ ତିନି ପଦାଧିକାରୀ ଯଥା ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ହେଉଛନ୍ତି ଯଥାକ୍ରମେ ଜେ.ଏନ୍. ସିଂ, ଶିବାନନ୍ଦ ଝା ଏବଂ ମନୋଜ କୁମାର ଦାସ। ଏମାନେ ସମସ୍ତେ ବିହାରୀ। ସେହିପରି ଡିଜିପି (ଜେଲ) ମୋହନ ଝା ମଧ୍ୟ ବିହାରୀ। ମୁଖ୍ୟ ଶାସନ ସଚିବ ତଥା ୧୯୮୩ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର ସିଂ ଏବଂ ୧୯୮୩ ବ୍ୟାଚ୍ ଆଇପିଏସ୍ ଅଫିସର ଶିବାନନ୍ଦ ଝା ଉଭୟେ ଉତ୍ତର ବିହାରର ମଧୁବନୀ ଜିଲାରୁ ଆସିଛନ୍ତି। ସେହିପରି ୧୯୮୫ ବ୍ୟାଚ୍ ଆଇପିଏସ୍ ଅଫିସର ମୋହନ ଝା ବିହାରର ଦରଭଙ୍ଗା ଜିଲା ଅନ୍ତର୍ଗତ ଲାହେରିଆସାରିଠାରେ ଅଧ୍ୟୟନ କରିଥିଲେ ଏବଂ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ଦାସ ଦରଭଙ୍ଗାର ରାଜ ଉଚ୍ଚବିଦ୍ୟାଳୟରେ ପାଠ ପଢ଼ିଥିଲେ। ବର୍ତ୍ତମାନ ଯେଉଁମାନେ ଗୁଜରାଟରେ ନିଯୁକ୍ତି ପାଇଛନ୍ତି, ସେମାନେ ଯେ ଅଧିକାଂଶ କେବଳ ବିହାରରୁ ଆସିଛନ୍ତି ତା' ନୁହେଁ। ଅତୀତରେ ମଧ୍ୟ ପାଟନାରେ ସିନିୟର ଏସ୍‌ପି, ଆଇଜି ଓ ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଥିବା କିଶୋର କୁନାଲ ଜଣେ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର ଥିଲେ। ବର୍ତ୍ତମାନ ସିବିଆଇର ଅତିରିକ୍ତ ନିର୍ଦ୍ଦେଶକ ଥିବା ରାକେଶ ଅସ୍ଥାନା ହେଉଛନ୍ତି ଜଣେ ୧୯୮୪ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର, ଯିଏ କି ଅବିଭାଜିତ ବିହାରର ରାଞ୍ଚିରେ ୧୯୬୧ ମସିହାରେ ଜନ୍ମଗ୍ରହଣ କରିଥିଲେ।

### ଜବରଦଖଲକାରୀ ବାବୁ

କିଛି ଲୋକ ବିଶେଷତଃ ବରିଷ୍ଠ ବାବୁ ଯେତେବେଳେ ଅଧିକାର ନ ଥାଇ ମଧ୍ୟ ନିଜର ଅଧିକାର ବା ହକ୍ ଦାବି କରନ୍ତି, ତାହା ବେଶ୍ ରୋଚକ ହୋଇଥାଏ। ଏକ ନୂଆ ସରକାରୀ କୋଠା ପାଇଁ ଚିହ୍ନିତ ଦକ୍ଷିଣ ମୁମ୍ବାଇର ଏକ ବଙ୍ଗଳାରୁ ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସରଙ୍କୁ ବିଦା କରିବାକୁ ମହାରାଷ୍ଟ୍ର ସରକାରଙ୍କୁ ଦୁଇବର୍ଷରୁ ଅଧିକ ସମୟ ଲାଗିଗଲାଣି। ଏବେ ଉକ୍ତ ଅତିରିକ୍ତ ପୌର କମିଶନର ବିଜୟ ସିଂଘଲ ବଙ୍ଗଳା ଖାଲି କରି ମନ୍ତ୍ରଣାଳୟ ନିକଟସ୍ଥ ନୀଳାମ୍ବରୀ ଭବନକୁ ଚାଲିଯିବା ଲାଗି ରାଜି ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ୨୦୧୬ ମସିହାରେ ଅବକାରୀ କମିଶନର ପଦରୁ ବଦଳି ହେବା ସମୟରୁ ବାବୁ ଜଣକ ଦୁଇବର୍ଷରୁ ଅଧିକ କାଳ ହେଲା ରାଜ୍ୟ ଅବକାରୀ ବିଭାଗର ଉକ୍ତ ବଙ୍ଗଳାକୁ ଦଖଲ କରି ରଖିଛନ୍ତି। କାର୍ଯ୍ୟକାଳ ପୂରିବା ପରେ ଜଣେ ବାବୁ ରହୁଥିବା ସରକାରୀ ଘରକୁ ଅତି ବେଶିରେ ତିନିମାସ ରଖିପାରିବେ ବୋଲି ନିୟମ ଥିଲାବେଳେ ଉକ୍ତ ଆଜାଦ ମୈଦାନ ବଙ୍ଗଳାକୁ ସେ ଏ ଯାଏ ଛାଡୁନାହାନ୍ତି। ପରିସ୍ଥିତି ଏପରି ହେଲା ଯେ, ସରକାର ସିଂଘଲଙ୍କୁ ଜଣେ ସରକାରୀ ଘର ଜବରଦଖଲକାରୀ ଭାବେ ଘୋଷଣା କରିବା ସହ ତାଙ୍କୁ ତଡ଼ିବାର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଲେ। ବାରମ୍ବାର ନୋଟିସ୍ ଜାରି କରାଯିବା ସତ୍ତ୍ୱେ ସିଂଘଲ ଘର ଛାଡୁ ନ ଥିଲେ। ଏବେ ସରକାର ତାଙ୍କ ପାଇଁ ଆଉ ଏକ ଘର ମଞ୍ଜୁର କରିବା ପରେ ସେ ବଙ୍ଗଳା ଛାଡ଼ିବାକୁ ରାଜି ହୋଇଛନ୍ତି।

Email: dilipcherian@gmail.com

# ଶିକ୍ଷା ଓ ନୈତିକ ମୂଲ୍ୟବୋଧ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ସମୟରେ ଆମେ ଭକ୍ତକବି ମଧୁସୂଦନ ରାଓଙ୍କ ଏକ କବିତା ପଢୁଥିଲୁ-
''ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ।
କେ ଜାଣେ କାହାର ମୃତ୍ୟୁକାଳ ଆଜି ହେବ ଉପସ୍ଥିତ ।।''
ଏଠାରେ ଧର୍ମ କୌଣସି ଆନୁଷ୍ଠାନିକ ଧର୍ମ ଅର୍ଥରେ ବ୍ୟବହୃତ ହୋଇନାହିଁ। ପରବର୍ତ୍ତୀ ପଦଗୁଡ଼ିକରେ କବି ଅସତ୍ୟ, ହିଂସା, କପଟତା, ଲୋଭ, କ୍ରୋଧ ଓ ଅହଙ୍କାରକୁ ତ୍ୟାଗ କରି ମଙ୍ଗଳ କାର୍ଯ୍ୟ କରିବାକୁ ଧର୍ମ ବୋଲି ବ୍ୟାଖ୍ୟା କରିଛନ୍ତି। ମହର୍ଷି ମନୁଙ୍କ ମତରେ ମଧ୍ୟ ଧୃତି, କ୍ଷମା, ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟନିଗ୍ରହ, ବୁଦ୍ଧି, ବିଦ୍ୟା, ସତ୍ୟ ଓ ଅକ୍ରୋଧ ହେଉଛି ଧର୍ମର ଦଶଟି ଲକ୍ଷଣ। ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ସମୟରୁ ଯେଉଁ ଧର୍ମ-ଧନ ସଞ୍ଚୟ କରିବା ପାଇଁ ଆମକୁ ମଧୁସୂଦନଙ୍କ କବିତା ମାଧ୍ୟମରେ ଶିକ୍ଷକମାନେ ଆମକୁ ପ୍ରେରଣା ଦେଉଥିଲେ ସେହି ଧର୍ମକୁ ବୀଜ ଭାବରେ ବର୍ଣ୍ଣନା କରି ତାକୁ ହୃଦୟ-କ୍ଷେତ୍ରରେ ରୋପଣ କରିବା ପାଇଁ କବି ଗଙ୍ଗାଧର ମେହେର 'ମହିମା' କବିତାରେ ଲେଖିଲେ-
''ଧର୍ମ ମହାତରୁ ପକ୍ଷରେ ମାନବ ହୃଦୟ କ୍ଷେତ୍ର ଉର୍ବର,
ସୁଶିକ୍ଷା-ଲାଙ୍ଗଳେ ଚଷି ଧର୍ମବୀଜ ତହିଁରେ ରୋପଣ କର।
ଆବଶ୍ୟକ ତହିଁ ସଦାଚାର ଜଳ ସତ୍‌ସଙ୍ଗ ଆଲବାଳ,
ବାହାରର ଶାଖା ବିନୟ କରୁଣା ସୌଜନ୍ୟ ସତ୍‌କର୍ମ ଡାଳ।
ଈଶ୍ୱରଭକତି ପର ଉପକାର ପଲ୍ଲବେ ହୋଇ ସୁନ୍ଦର,
ଫୁଟଇ ପବିତ୍ର ଶୁଭ୍ର ଦିବ୍ୟ ଫୁଲ ତା' ବାସ ଅବିନଶ୍ୱର।
ସୌରଭ ଲୋଭରେ ଜଗତ ଈଶ୍ୱର ଚୁମ୍ବନ୍ତି ହୋଇ ଭ୍ରମର,
ଫଳଇ ଅମୃତପୂର୍ଣ୍ଣ ଯଶଫଳ ଭକ୍ଷଣେ ନର ଅମର।''

ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ଏହିଭଳି କବିତା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଧର୍ମଧନ ସଞ୍ଚିବା ପାଇଁ ମାନସିକ ଭାବେ ପ୍ରସ୍ତୁତ କରାଯାଉଥିଲା। ଜଣେ ଛାତ୍ରୀ ବା ଛାତ୍ର ଆଗାମୀ ଦିନରେ କିଭଳି ଆଦର୍ଶ ନୀତିନିଷ୍ଠ ମଣିଷ ହୋଇପାରିବ, ସେଥିପ୍ରତି ଶିକ୍ଷକମାନେ ଦୃଷ୍ଟି ଦେଉଥିଲେ, ମାତ୍ର ଆଜି ମୂଲ୍ୟବୋଧ ବଦଳିଯାଇଛି। କେଉଁ ପାଠ ପଢ଼ିଲେ ଭବିଷ୍ୟତରେ ପ୍ରଭୂତ ଅର୍ଥ ରୋଜଗାର କରିହେବ, ତାକୁ ଦୃଷ୍ଟିରେ ରଖି ପାଠ୍ୟକ୍ରମ ସ୍ଥିର କରାଯାଉଛି। ଆମ ସମୟରେ ପ୍ରାଥମିକ ଶ୍ରେଣୀଠାରୁ ସ୍ନାତକ ଶ୍ରେଣୀ ପର୍ଯ୍ୟନ୍ତ ଅନ୍ୟାନ୍ୟ ବିଷୟ ସହ ସାହିତ୍ୟ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା। ପ୍ରାଥମିକ ଶିକ୍ଷା ଗ୍ରହଣ କଲାବେଳେ ଛାତ୍ରମାନଙ୍କ ଚିନ୍ତନ ଶକ୍ତି ପରିପକ୍ୱ ହୋଇ ନ ଥାଏ। ଯେତେବେଳେ ସେମାନେ ମହାବିଦ୍ୟାଳୟକୁ ଆସନ୍ତି ସେମାନଙ୍କ ଚିନ୍ତାଶକ୍ତି ପରିପକ୍ୱତା ଲାଭ କରେ। ମାତ୍ର ଆଜି ସ୍ନାତକ ଶ୍ରେଣୀରେ ସାହିତ୍ୟ ପଠନ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ସାହିତ୍ୟ ପଠନ ସ୍ଥାନରେ କେବଳ ପ୍ରାୟୋଗିକ ଭାଷା ଶିକ୍ଷା ଦିଆଯାଉଛି। ଆମେ ଭୁଲିଯିବା ଉଚିତ ନୁହେଁ ଯେ ଗଣିତ, ବିଜ୍ଞାନ ଆଦି ବିଷୟ ମସ୍ତିଷ୍କକୁ ବିକଶିତ କରେ, ମାତ୍ର ଏହି ଶିକ୍ଷା ଦ୍ୱାରା ହୃଦୟର ବିକାଶ ସାଧିତ ହୁଏନାହିଁ। ମଣିଷ ଯେତେ ଜ୍ଞାନର ଅଧିକାରୀ ହେଲେ ମଧ୍ୟ ଯଦି ତା'ର ନୈତିକତା, ସାଧୁତା, ସମ୍ବେଦନଶୀଳତା, ମାନବିକତା ନାହିଁ ସେ ତା' ଜ୍ଞାନର ଦୁରୁପଯୋଗ କରେ ଓ ଦୁର୍ନୀତିଗ୍ରସ୍ତ ହୁଏ। ଆଜି ବିକଶିତ ମସ୍ତିଷ୍କ ନେଇ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନଙ୍କର ଅଭାବ ନାହିଁ। ନୈତିକ ଜୀବନର ବିକାଶରେ ହିଁ ମନୁଷ୍ୟର ଯଥାର୍ଥ ବିକାଶ ସମ୍ଭବ। ପଣ୍ଡିତ ଗୋପବନ୍ଧୁ କହିଥିଲେ କେବଳ ବିଜ୍ଞାନ, ଦର୍ଶନ ପଢ଼ି କେତେଗୁଡ଼ିଏ ପ୍ରାକୃତିକ ବା ଆଧ୍ୟାତ୍ମିକ ସତ୍ୟ ଜାଣିରଖିଲେ ମନୁଷ୍ୟ ପକ୍ଷେ ଯଥେଷ୍ଟ ହେବ ନାହିଁ। କେବଳ ଭାଷା ଶିକ୍ଷା ତ ଶିକ୍ଷା ନୁହେଁ, ଶିକ୍ଷାର ମୂଳ ଲକ୍ଷ୍ୟ ଜୀବନର ସୁଗଠନ ଓ ବିକାଶ। ତାହା କେବଳ ତର୍କ, ଯୁକ୍ତିଶକ୍ତି ବଢ଼ିଲେ ହେବ ନାହିଁ କିମ୍ବା ଫୁଟବଲ, କ୍ରିକେଟରେ ପଟୁତା ଦେଖାଇ ପୁରସ୍କାର ପାଇବାରେ ବି ନୁହେଁ। ଏସବୁର ଆବଶ୍ୟକତା ଅବଶ୍ୟ ଅସ୍ୱୀକାର କରାଯାଇ ନ ପାରେ। କିନ୍ତୁ ନୈତିକ ଜୀବନର ବିକାଶ ହିଁ ମାନବର ପ୍ରକୃତ ମାନବତ୍ୱ। ଏ ପ୍ରକାର ଶିକ୍ଷା ଅଭାବରୁ ଆଧୁନିକ ଶିକ୍ଷା ବ୍ୟବସ୍ଥା ବହୁଦିନରୁ ଏ ଦେଶରେ ପ୍ରବର୍ତ୍ତିତ ହେଲେ ସୁଦ୍ଧା, ଆଜିଯାଏ ବିଶେଷ ସୁଫଳ ଦେଇପାରି ନାହିଁ।

ଉଚ୍ଚ ଶିକ୍ଷା ଜାତିର ଭବିଷ୍ୟତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସମାଜର ଅର୍ଥନୈତିକ ସମୃଦ୍ଧି, ଏକ ସୁସ୍ଥ ସାମାଜିକ ଜୀବନ ଓ ନୈତିକ ମାନଦଣ୍ଡର ଉନ୍ନତି କେବଳ ଶିକ୍ଷା ଦ୍ୱାରା ହିଁ ସମ୍ଭବ। ଏଣୁ ସଭ୍ୟ ସମାଜରେ ଶିକ୍ଷାର ଗୁଣାତ୍ମକ ମାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଜଗତୀକରଣ ଓ ଉଦାରୀକରଣ ଯୋଗୁ ଜ୍ଞାନର ପ୍ରଭୂତ ପ୍ରସାର ଘଟିଛି। ଦେଶରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଅନେକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ୟୁଜିସି ଓ ନାକ୍ ଭଳି ସଂସ୍ଥା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶିକ୍ଷଣ-ଅଧ୍ୟୟନ କ୍ଷେତ୍ରରେ ଗୁଣାତ୍ମକ ବିକାଶ ପାଇଁ ବିବିଧ ଉପାୟ ଆବିଷ୍କାର କରୁଛନ୍ତି। ବହୁସଂଖ୍ୟାରେ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲାଣି। ଅସଂଖ୍ୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ସୃଷ୍ଟି ହେଲେଣି। ମାତ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ବିକାଶ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ସମାଜର ଭୌତିକ ବିକାଶ ଘଟିଛି ସତ, ମାତ୍ର ନୈତିକ ଅବକ୍ଷୟ ଘଟିଛି। ସାମ୍ପ୍ରଦାୟିକ ଦ୍ୱେଷ, ହିଂସା, ଦୁର୍ନୀତି, ବ୍ୟଭିଚାର ବଢ଼ିଛି। ତଥାକଥିତ ଶିକ୍ଷିତ ବ୍ୟକ୍ତିମାନେ ଜାଲ୍‌ନୋଟ, ଜାଲ୍ ଔଷଧ ତିଆରି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ବନ୍ଦ ପାଳନ କରି ସାମାଜିକ ଜୀବନକୁ ଅଚଳ କରିଦେଉଛନ୍ତି। ଲାଞ୍ଚ ନେବାରେ, ଅର୍ଥ ତୋସରପାତ କରିବାରେ ଏହି ତଥାକଥିତ ଶିକ୍ଷିତମାନେ ହିଁ ଆଗରେ। ଉଚ୍ଚ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରମାନଙ୍କଠାରେ ବିଚାର ଶକ୍ତିର ବିକାଶ ଘଟିଥାଏ। ଏହି ବୟସର ପିଲାମାନେ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବାଛିପାରନ୍ତି। ଏଣୁ ଏହି ସ୍ତରରେ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଲେ ସେମାନେ ପରବର୍ତ୍ତୀ ଜୀବନରେ ତାକୁ ପ୍ରୟୋଗ କରି ଜୀବନର ମାନକୁ ନୈତିକ ଦିଗରେ ବଢ଼ାଇପାରିବେ। ସାଧୁତା, ଅନ୍ୟ ପ୍ରତି ସମ୍ମାନବୋଧ, ଶୃଙ୍ଖଳାବୋଧ, ସହନଶୀଳତା, ସମ୍ବେଦନଶୀଳତା ଭଳି ମୂଲ୍ୟବୋଧ ବିନା କୌଣସି ସମାଜ ସଭ୍ୟ ହୁଏ ନାହିଁ। ଏହିସବୁ ମଣିଷ ଶିଖେ ଉଚ୍ଚକୋଟୀର ସାହିତ୍ୟ ଅଧ୍ୟୟନରୁ। ମାତ୍ର ଆଜି ତାହା ଦୁଃସ୍ୱପ୍ନ। ଏହି ପ୍ରସଙ୍ଗରେ ବିଶିଷ୍ଟ ଇଂଲିଶ ଗାଳ୍ପିକ ଓ କବି ଓସ୍କାର ୱାଇଲ୍‌ଡଙ୍କ ଦ୍ୱାରା ପରିବେଷିତ ଏକ କାହାଣୀ ପ୍ରଣିଧାନଯୋଗ୍ୟ ମନେହୁଏ।

ପ୍ରଭୁ ଯିଶୁ ତାଙ୍କ ବିଭୂତି ଦ୍ୱାରା ଜଣେ ଅନ୍ଧକୁ ଚକ୍ଷୁଦାନ, ଜଣେ କୁଷ୍ଠରୋଗୀକୁ ସୁଠାମ ସ୍ୱାସ୍ଥ୍ୟଦାନ ଓ ଏକ ମୃତ କଳେବରରେ ପ୍ରାଣଦାନ ଭଳି ଚମତ୍କାର ସାଧନ କରିଥିଲେ। ସେମାନେ ଏସବୁ ଫେରିପାଇବା ପରେ କିପରି ତାକୁ ଉପଯୋଗ କରୁଛନ୍ତି ଜାଣିବା ପାଇଁ ଯିଶୁ ଦିନେ ରାତିରେ ପୃଥିବୀକୁ ପୁନରାଗମନ କଲେ। ବାଟରେ ଯାଉ ଯାଉ ଗୋଟିଏ ସୁରମ୍ୟ କୋଠା ଭିତରୁ କିଛି ବାଦ୍ୟ ଧ୍ୱନି, ପାଦଶବ୍ଦ ଓ ହାସ୍ୟରୋଳ ଶୁଣିଲେ। ଦ୍ୱାରଦେଶରେ ସେ କରାଘାତ କରନ୍ତେ ଦ୍ୱାରରକ୍ଷୀ କବାଟ ଖୋଲିଦେଲା। ସେ ଭିତରକୁ ପଶି ଦେଖିଲେ ଲାଲ୍ ଗୋଲାପମଣ୍ଡିତ ଜଣେ ଯୁବକ ଶଯ୍ୟାରେ ଉପବିଷ୍ଟ। ସୁରାପାନ ଯୋଗୁ ତା'ର ଅଧରୋଷ୍ଠ ରକ୍ତିମ ଦେଖାଯାଉଛି। ଯିଶୁ ତା' ପଛରେ ଛିଡାହୋଇ କାନ୍ଧରେ ହାତରଖି ପଚାରିଲେ, ତୁମେ ଏମିତି ଭାବରେ ଜୀବନ ଅତିବାହିତ କରୁଛ କାହିଁକି? ଯୁବକଟି ବୁଲିପଡି ଅନାଇ ଯିଶୁଙ୍କୁ ଚିହ୍ନିଲା ଓ କହିଲା, ଦିନେ ମୁଁ ଥିଲି କୁଷ୍ଠବ୍ୟାଧିଗ୍ରସ୍ତ। ଆପଣ ମୋତେ ରୋଗମୁକ୍ତ କଲେ। ସୁଠାମ ସ୍ୱାସ୍ଥ୍ୟ ଲାଭ କଲା ପରେ ମୁଁ ଏଭଳି ଭାବରେ ଜୀବନକୁ ଉପଭୋଗ କରୁଛି। ଦୀର୍ଘଶ୍ୱାସ ଛାଡି ଯିଶୁ ସେ କୋଠାରୁ ବାହାରି ଆସି ପୁଣି ବାଟ ଚାଲୁଛନ୍ତି। ଦେଖିଲେ ନିଜ ମୁହଁ ଓ ବେଶଭୂଷା ରଙ୍ଗାଇ ପାଦରେ ମୁକ୍ତାମାଳା ଖଞ୍ଜିଥିବା ଜଣେ ଯୁବତୀକୁ। ଯୁବତୀର ମୁହଁକୁ ଦେଖି ତା'ର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ତାକୁ ଶିକାରୀ ରୀତିରେ ଅନୁସରଣ କରୁଥିଲା ଜଣେ ଯୁବକ। ସେହି ଯୁବକର ଆଖିରେ ଜଳୁଥିଲା କାମନା। ଯିଶୁ କ୍ଷିପ୍ରଗତିରେ ଯାଇ ଯୁବକଟିର ହାତ ଧରି ପଚାରିଲେ, ତୁମେ ଏମିତି ଅଭଦ୍ର ଢଙ୍ଗରେ ଏହି ଯୁବତୀକୁ ଅନାଇଛ କାହିଁକି? ଯୁବକ ଯିଶୁଙ୍କୁ ଚିହ୍ନିଲା ଓ କହିଲା, ମୁଁ ଥିଲି ଅନ୍ଧ। ଆପଣ ମୋତେ ଦେଲେ ଦୃଷ୍ଟିଶକ୍ତି। ମୁଁ ଆଉ ମୋ ଦୃଷ୍ଟିଶକ୍ତି କିଭଳି ଉପଯୋଗ କରନ୍ତି? ଆଉଥରେ ଦୀର୍ଘଶ୍ୱାସ ଛାଡି ଯିଶୁ ଆଗକୁ ଅଗ୍ରସର ହେଲେ। ହଠାତ୍ ଦେଖିଲେ ଏକାକୀ ବସି ଲୋକଟିଏ ଅଶ୍ରୁପାତ କରୁଛି। ଯିଶୁ ତା' ପାଖକୁ ଯାଇ କାନ୍ଦିବାର କାରଣ ପଚାରନ୍ତେ ଲୋକଟି ତାଙ୍କୁ ଚିହ୍ନିପାରି କହିଲା, ମୁଁ ମରିଥିଲି। ଆପଣ ମୋତେ ପୁନର୍ଜୀବନ ଦେଲେ। କାନ୍ଦି କାନ୍ଦି ଜୀବନ ବିତାଇବା ଛଡ଼ା ଆଉ କ'ଣ କରିବାର ଅଛି। ଗାଳ୍ପିକଙ୍କ ଏ କଥା କହିବାର ତାତ୍ପର୍ଯ୍ୟ ହେଉଛି, ଯଥାର୍ଥ ଚେତନା ବିନା ସମସ୍ତ ଐଶ୍ୱର୍ଯ୍ୟ ମୂଲ୍ୟହୀନ। ଅନ୍ଧ, କୁଷ୍ଠରୋଗୀ ଓ ମୃତବ୍ୟକ୍ତି ଯଥାକ୍ରମେ ଚକ୍ଷୁ, ସ୍ୱାସ୍ଥ୍ୟ ଓ ଜୀବନ ପାଇ ଯେପରି ସେଗୁଡିକର ଦୁରୁପଯୋଗ କରୁଥିଲେ, ଠିକ୍ ସେହିପରି ତଥାକଥିତ ଜ୍ଞାନୀ ଓ ଶିକ୍ଷିତମାନେ ସେମାନଙ୍କ ଜ୍ଞାନର ଦୁରୁପଯୋଗ କରି ଚାଲିଛନ୍ତି, କାରଣ ସେମାନଙ୍କର ନୈତିକ ମୂଲ୍ୟବୋଧ ନାହିଁ। ଏଣୁ ଶିକ୍ଷା ବ୍ୟବସ୍ଥାରେ ଆଜିର ଆବଶ୍ୟକତା କେବଳ ଜ୍ଞାନ ନୁହେଁ, ଆବଶ୍ୟକ ନୈତିକ ମୂଲ୍ୟବୋଧ।

ମୋ-୯୪୩୭୩୨୯୨୬୩

# ଜଗତ କାଳର ଅଧୀନ



## ମନ-ମାନଚିତ୍ର

ଡ. ନରହରି ବେହେରା

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି- ମୁଁ ହେଉଛି ସଂହାରକାରୀ କାଳ (କାଳୋଽସ୍ମି ଲୋକକ୍ଷୟକୃତ୍)। ହେ ଅର୍ଜୁନ! ଦ୍ରୋଣ, ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ପ୍ରଭୃତି ବୀରଙ୍କୁ ତୁମେ ନୁହଁ, ମୁଁ ବଧ କରିଛି। ତେଣୁ ତୁମେ ଏଥିପାଇଁ ବ୍ୟଥିତ ହୁଅନାହିଁ। ଅର୍ଜୁନ ବୁଝିଥିଲେ କାଳ ସହିତ ବାଜିମାରି ନୁହେଁ, ବରଂ କାଳ ନିକଟରେ ନମ୍ରତା ପ୍ରକାଶ କରି ନିଜକୁ ସଫଳ ମଣିଷରେ ପରିଣତ କରିବାକୁ ହେବ। ତେଣୁ ସେ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ହାତଯୋଡ଼ି କହିଥିଲେ- ହେ କୃଷ୍ଣ! ମୁଁ ଆପଣଙ୍କ ଶରଣାଗତ ଶିଷ୍ୟ। ଆପଣ ମୋତେ ଶାସନପୂର୍ବକ କର୍ତ୍ତବ୍ୟ, ଅକର୍ତ୍ତବ୍ୟର ମାର୍ଗ ଦର୍ଶନ କରାନ୍ତୁ। ଏହି ନମ୍ରତା ହିଁ ଅର୍ଜୁନଙ୍କୁ ଶ୍ରୀକୃଷ୍ଣଙ୍କ ନିକଟତର କରିଛି। ମହାଭାରତ ଯୁଦ୍ଧରେ ତାଙ୍କଠାରୁ ଆହୁରି ଅନେକ ବୀର ଯୋଦ୍ଧା ଥିଲେ ମଧ୍ୟ ସେ ଶ୍ରେଷ୍ଠ ଧନୁର୍ଦ୍ଧର ଭାବରେ ପରିଚିତ ହୋଇଛନ୍ତି।

କାଳର ଅକଳନ ଶକ୍ତିକୁ ଆକଳନ ନ କରି କ୍ଷମତା, ପଦପଦବୀ ମୋହରେ କେତେ ଲୋକ ଧରାକୁ ସରା ମଣିଛନ୍ତି, ତା'ର ଇୟତ୍ତା ନାହିଁ। କାଳକାଳକୁ ଅମର ରହିବାର ଲୋଭ ଏବଂ ସମସ୍ତଙ୍କୁ ପଦାନତ କରିବାର ଅହମିକା ତାଙ୍କୁ ଅନ୍ଧ କରିଦେଇଛି। ସେ ମରିବନି। ଦେବ, ନର, ଯକ୍ଷ, କିନ୍ନର, ଗନ୍ଧର୍ବ ସମସ୍ତଙ୍କୁ ସେ ଶାସନ କରିବ- ଏଥିପାଇଁ ରାବଣ କଠୋର ତପସ୍ୟା କରି ଛପନ ଗଣ୍ଡା ଯୁଗକୁ ବର ମାଗିନେଲା। ସ୍ୱର୍ଗକୁ ନିଶୁଣି ବାନ୍ଧିବାର ସ୍ୱପ୍ନ ଦେଖିଲା। ସ୍ୱର୍ଣ୍ଣ ଲଙ୍କା ସ୍ଥାପନ କଲା। ତା' ପାଖରେ ମେଘନାଦ, କୁମ୍ଭକର୍ଣ୍ଣ ପରି ଯୋଦ୍ଧା ଥିଲେ। ସେ ନିଜେ ଜଣେ ପ୍ରବଳ ପରାକ୍ରମୀ ଯୋଦ୍ଧା। ମାତ୍ର ସେ ରହିପାରିଲା ନାହିଁ। ତାକୁ ସାଧାରଣ ମଣିଷ ବୋଲି ପ୍ରତୀତ ହେଉଥିବା ରାମଙ୍କ ବାଣରେ ହିଁ ଶେଷରେ ପ୍ରାଣ ଦେବାକୁ ହେଲା।

ଅର୍ଜୁନ ଓ ଦୁର୍ଯ୍ୟୋଧନ ଦୁହେଁ ଯୁଦ୍ଧରେ ସାହାଯ୍ୟ କରିବାକୁ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ। ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କର ସୈନ୍ୟସାମନ୍ତଙ୍କୁ ମାଗିନେଲେ। କିନ୍ତୁ ଅର୍ଜୁନ ଥିଲେ ଅନ୍ତର୍ଦୃଷ୍ଟିସମ୍ପନ୍ନ ବ୍ୟକ୍ତି। ସେ ଜାଣିଥିଲେ କୃଷ୍ଣ ହିଁ ସ୍ୱୟଂ କାଳ। ତେଣୁ ସେ ଚାହିଁଲେ କେବଳ କୃଷ୍ଣଙ୍କୁ। ତା'ପରେ ଯୁଦ୍ଧର ପରିଣତି କାହା ସପକ୍ଷରେ ଗଲା, ତାହା ସମସ୍ତଙ୍କୁ ଜଣା। ହିରଣ୍ୟକଶିପୁ ଜଳ, ସ୍ଥଳ କିମ୍ବା ଆକାଶରେ କି ସକାଳ, ସନ୍ଧ୍ୟା, ମଧ୍ୟାହ୍ନ କିମ୍ବା ରାତ୍ର ସମୟରେ ମୃତ୍ୟୁବରଣ କରିବ ନାହିଁ ବୋଲି ବର ପାଇ ଖୁସିହେଲା। ସେ ଅମରମତ୍ତ ହୋଇ ଅତ୍ୟାଚାର କରିବାକୁ ଲାଗିଲା। ସେ କ'ଣ ଜାଣିଥିଲା, କାଳ ମହାନ୍। ଜନ୍ମ ମୃତ୍ୟୁ ତା'ର ଲୀଳା। ଏହାକୁ ଅତିକ୍ରମ କରିବାର ପ୍ରୟାସର ଅର୍ଥ ମହାକାଳ ସହିତ ବାଜି ଲଗାଇବା। ନରସିଂହଙ୍କ ହାତରେ ହିରଣ୍ୟକଶିପୁ ନିହତ ହେଲା। ଏହିପରି ବହୁ କ୍ଷମତାମତ୍ତ, ପରପୀଡ଼କ କାଳ ଆଗରେ ପାଣି ଫୋଟକା ପରି ମିଳାଇ ଯାଇଛନ୍ତି। କେତେ କେତେ ଐଶ୍ୱର୍ଯ୍ୟପୂର୍ଣ୍ଣ ନଗରୀ ମଧ୍ୟ ଧ୍ୱଂସ ପାଇଯାଇଛି।

ଇତିହାସରେ ଏପରି ଉଦାହରଣର ଅଭାବ ନାହିଁ। ଭୋଗବିଳାସରେ ଜୀବନ ବିତାଉଥିବା ରୁଷିଆର ଜାର୍ ଦ୍ୱିତୀୟ ନିକୋଲାସ୍ ଶେଷରେ ଯେଉଁ ଦୟନୀୟ ମୃତ୍ୟୁ ବରଣ କଲେ, ତାହା ଅବର୍ଣ୍ଣନୀୟ। ବିପ୍ଳବୀମାନେ ତାଙ୍କୁ ଗୁଳିକରି ହତ୍ୟା କରିବା ପରେ ତାଙ୍କ ପତ୍ନୀ, ରୋଗାକ୍ରାନ୍ତ ପୁଅ ଏବଂ ଝିଅଙ୍କୁ ନିଷ୍ଠୁର ଭାବରେ ବାୟୋନେଟ୍‌ରେ ଭୁସି ହତ୍ୟା କଲେ। ରାଜପରିବାର ଧ୍ୱଂସ ହୋଇଯିବା ପରେ ତାଙ୍କ ବିଶ୍ୱସ୍ତ କୁକୁର ଏଣେତେଣେ ବୁଲି ବୁଲି ଭୁକୁଥିବାବେଳେ ନିଷ୍ଠୁର ବିପ୍ଳବୀମାନେ ତାକୁ ବି ଛାଡ଼ିଲେ ନାହିଁ। ଏ ହେଲା ଏକ କ୍ଷମତା ଏବଂ ଭୋଗବିଳାସୀ ସମ୍ରାଟ୍‌ଙ୍କର ଶେଷ ଜୀବନର କଥା। ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡର ନିଜ ବାହୁବଳରେ ସମଗ୍ର ଭୂଖଣ୍ଡର ଅଧୀଶ୍ୱର ହେବାକୁ ଜୀବନ ତମାମ ଯୁଦ୍ଧରେ ମାତି ରହିଲେ। ଶେଷରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମୟରେ ଅସୁସ୍ଥ ହୋଇ ମୃତ୍ୟୁବରଣ କଲେ। ମଣିଷ ଜୀବନରେ ଅର୍ଜିତ ପାର୍ଥିବ ସମ୍ପତ୍ତି ଏବଂ କ୍ଷମତା ତାକୁ ଅମର କରିପାରେ ନାହିଁ, ଏ କଥା ସେ ଅନୁଭବ କଲେ। ନିଜ ପାରିଷଦବର୍ଗଙ୍କୁ କହିଲେ- ମୁଁ ମରିଗଲା ପରେ ମୋତେ ଶୁଆଇଦେବ। ଦୁଇହାତକୁ ଦୁଇପାଖକୁ ଝୁଲାଇଦେବ। ଏ ଜଗତ ଦେଖୁ ଏବଂ ଶିଖୁ- ଜୀବନସାରା କ୍ଷମତା ଲୋଭରେ ଧାଇଁ ଧାଇଁ ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡର ଖାଲି ହାତରେ ଆସିଥିଲା ଓ ଖାଲି ହାତରେ ଫେରିଯାଉଛି। ଏତେ ଉଦାହରଣ ଆମ ଆଗରେ ଥିଲେ ମଧ୍ୟ ଆମର କ'ଣ ହେଜ ପଶୁଛି? ଆମ ପାଖରେ ଏତେ ଅହଂକାର ଏବଂ କ୍ଷମତାର ମୋହ ଭରି ରହିଛି ଯେ, ମଣିଷପଣିଆ ତ ଦୂରର କଥା ସାଧାରଣ ବ୍ୟବହାର ମଧ୍ୟ ଭୁଲିଯାଉଛୁ।

ଆମର ଜ୍ଞାନ ଅଛି, ମାତ୍ର ଜ୍ଞାନନେତ୍ର ନାହିଁ। ଆମେ ସର୍ବଶକ୍ତିମାନ୍ ନୋହୁଁ। ଆମ ଉପରେ ଗୋଟିଏ ମହାକାଳ ଆମକୁ ନଜର ରଖିଛି। ତା' କବଳରୁ ମୁକୁଳିବାର ଉପାୟ ନାହିଁ। ତେଣୁ କାହିଁକି ଏ ଅହମିକା, ଲୋଭ? ଦରବାର କବିତାରେ ରାଧାନାଥ ଲେଖିଛନ୍ତି- 'ତୋତେ ରୁଚୁ ଅବା ନ ରୁଚୁ ସେ ନ୍ୟାୟ, ଚରମ ଅଟଇ ଚିତ୍ରଗୁପ୍ତ ରାୟ।' କିଏ ଏହି ଚିତ୍ରଗୁପ୍ତର ପାଞ୍ଜିକୁ ବଦଳାଇ ଦେଇଛି ନା ଦେବ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ-୭୯୭୮୯୦୩୫୦୯

## ଏଇ ଭାରତରେ

କିନ୍ନର ହେଲେ ବି ସେମାନଙ୍କ ଭିତରେ ଭଲପାଇବା ହୃଦୟଟିଏ ଅଛି। ସ୍ନେହମମତାର ଡୋରିରେ ସେମାନେ ଅନ୍ୟମାନଙ୍କ ହୃଦୟ ଜିଣିପାରନ୍ତି। ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି କୋଲ୍‌କାତାରେ। ଏକ କିନ୍ନର ଗୋଷ୍ଠୀ ରାସ୍ତାକଡ଼ ପିଲାଙ୍କ ସହିତ ଶୁକ୍ରବାର 'ଭାଇ ଦୁଜ୍' (ଭ୍ରାତୃ ଦ୍ୱିତୀୟା) ପର୍ବ ପାଳନ କରିଛନ୍ତି। ଦିୱାଲି ପରେ ଏହା ଦୁଇଦିନବ୍ୟାପୀ ପାଳନ କରାଯାଏ। ଭଉଣୀମାନେ ଭାଇଙ୍କ ଘରକୁ ଯାଇ ସେମାନଙ୍କ ଦୀର୍ଘଜୀବନ ଓ ସୁଖସମୃଦ୍ଧି କାମନା କରନ୍ତି। ଏହି ଗୋଷ୍ଠୀର କିନ୍ନରମାନେ ରାଜ୍ୟଭିତ୍ତିକ ମାନବୀ ଫାଉଣ୍ଡେଶନ୍‌ର ସଦସ୍ୟ। ଉକ୍ତ ଫାଉଣ୍ଡେଶନ୍ କିନ୍ନରଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛି। ଶୁକ୍ରବାର ଅପରାହ୍ଣରେ କିନ୍ନରମାନେ କୋଲ୍‌କାତାରେ ଗିରୀଶ ପାର୍କ ଅଞ୍ଚଳରେ ଏକତ୍ର ହୋଇ ରାସ୍ତାକଡର ବସ୍ତିପିଲାଙ୍କ ମୁଣ୍ଡରେ ଚନ୍ଦନ ଓ ତିଳକ ଲଗାଇ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ପିଲାମାନେ 'ଭାଇ ଦୁଜ୍'ର ସୁଯୋଗରୁ ବଞ୍ଚିତ ହୋଇଥାନ୍ତି। କିନ୍ନରଙ୍କୁ ମଧ୍ୟ ଏହି ପରମ୍ପରା ପାଳନ କରିବାକୁ ସୁଯୋଗ ଦିଆଯାଏ ନାହିଁ। କାରଣ ସମାଜର ମହାସ୍ରୋତରେ ସେମାନଙ୍କୁ ଅଂଶୀଦାର ଭାବେ ବିବେଚନା କରାଯାଏ ନାହିଁ।

### ଚିରନ୍ତନୀ

ମୂର୍ଚ୍ଛିତ ଏ ଧରଣୀ ପରେ ସେ ଗତି କ୍ଷୀଣ ଚେତନା ଭରେ
ମୃତ୍ୟୁ ସମ ଜଡ଼ତା ରାଶି ନିମିଷେ ଦିଏ ଢାଳି
ସହଜ ଗତି ଯା'ନ୍ତି ଚଳି ବାଳୀ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୦ ନଭେମ୍ବର ୧୯୯୩

- ଆମେରିକା ପରରାଷ୍ଟ୍ର ବିଭାଗର ଉପସଚିବ କ୍ଲିଫ୍ଟନ ୱାର୍ଟନ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି।
- ରୁଷିଆର ନୂତନ ସମ୍ବିଧାନର ଚୂଡାନ୍ତ ଚିଠା ଦଲିଲରେ ରାଷ୍ଟ୍ରପତି ବୋରିସ ୟେଲଟ୍‌ସିନ ସ୍ୱାକ୍ଷର କଲେ। ଏହି ସମ୍ବିଧାନ କାର୍ଯ୍ୟକାରୀ ହେଲେ ୟେଲଟ୍‌ସିନଙ୍କ କ୍ଷମତା ଆହୁରି ବୃଦ୍ଧି ପାଇବା ନେଇ ଆଶଙ୍କା।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 1 | 7 | 6 | 3 | 5 | | | | | | | | | |
| | | | | | | 5 | | | | | 4 | | C | |
| | | 4 | | | E | 8 | | 6 | | | | | | 0 |
| E | | | | 7 | | 9 | | | | | | 3 | B | |
| | 6 | 0 | 9 | 8 | | 1 | 2 | 3 | | | | | | |
| | | D | 5 | A | 4 | 7 | | B | | | 1 | | | |
| | | | | | B | | | | | | | | | |
| | | C | 3 | | | | D | | | | 5 | 8 | | 1 |
| | 8 | 5 | | | | C | 9 | | B | | 6 | 2 | | |
| 0 | A | | | D | 2 | | 3 | | | | | 9 | | |
| | C | 3 | | | | | 7 | | 1 | | 0 | A | | 6 |
| 4 | B | | | | 9 | | 0 | | | | 8 | | | |
| | | | | | | D | | | | | C | | | E |
| 1 | | | D | C | A | B | | | | | 7 | | | 9 |
| A | 7 | | | | | | | | 2 | 4 | 3 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 9 | B | D | 5 | 6 | A | 2 | 7 | 3 | 0 | C | 4 | 1 | 8 |
| 6 | D | 3 | E | 1 | 7 | 0 | 8 | 4 | B | 5 | A | C | 9 | 2 |
| A | 4 | 7 | 9 | 8 | B | 5 | C | 1 | 6 | D | 2 | E | 3 | 0 |
| 5 | 8 | 2 | A | 0 | C | E | 3 | 6 | 1 | 4 | 9 | D | 7 | B |
| 0 | 1 | C | 3 | 2 | 4 | B | 9 | D | 8 | 7 | E | 5 | 6 | A |
| C | 6 | E | B | A | 9 | 1 | 4 | 5 | 0 | 3 | D | 8 | 2 | 7 |
| 9 | 0 | 8 | 6 | C | D | 3 | E | A | 7 | 2 | 5 | B | 4 | 1 |
| B | 2 | D | 7 | E | 1 | 8 | 6 | 0 | A | C | 4 | 3 | 5 | 9 |
| 7 | A | 4 | 8 | 3 | 5 | 2 | D | C | 9 | B | 1 | 0 | E | 6 |
| 1 | 3 | 5 | 0 | 4 | 2 | 7 | B | 9 | E | 6 | 8 | A | D | C |
| 4 | B | 9 | 5 | 7 | 8 | 6 | 1 | 3 | C | E | 0 | 2 | A | D |
| 2 | C | 0 | 1 | D | E | 9 | 5 | 8 | 4 | A | 6 | 7 | B | 3 |
| D | 7 | A | C | 6 | 3 | 4 | 0 | E | 2 | 1 | B | 9 | 8 | 5 |
| 3 | E | 1 | 2 | 9 | 0 | D | A | B | 5 | 8 | 7 | 6 | C | 4 |
| 8 | 5 | 6 | 4 | B | A | C | 7 | 2 | D | 9 | 3 | 1 | 0 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ପାଇଁ ପ୍ରୋତ୍ସାହନ

ମହାଶୟ,

ଗତବର୍ଷ ନଭେମ୍ବର ୧୪ ଶିଶୁଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଅନେକ ଭଲ ଯୋଜନା ଘୋଷଣା କରିଥିଲେ। ବିଶେଷକରି ହାଇସ୍କୁଲ ସ୍ତରରେ ଯେଉଁମାନେ ମାଟ୍ରିକ୍ ପରୀକ୍ଷାରେ ମୋଟ ନମ୍ବରରୁ ଶତକଡ଼ା ୭୦ରୁ ଅଧିକ ରଖିବେ ସେମାନଙ୍କୁ ୫ହଜାର, ଯେଉଁମାନେ ମାତୃଭାଷା ଓଡ଼ିଆରେ ୯୦ ନମ୍ବରରୁ ଅଧିକ ରଖିବେ ସେମାନଙ୍କୁ ୧୦ହଜାର ଏବଂ ପ୍ରତି ବ୍ଲକରେ ଯେଉଁ ସ୍କୁଲ ଅତି ଉତ୍କୃଷ୍ଟ ଫଳାଫଳ ପ୍ରଦର୍ଶନ କରିଥିବେ ତାଙ୍କୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ଦିଆଯିବ। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ ଘୋଷଣା ଯଦି ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ, ତେବେ ତାହାଦ୍ୱାରା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେବା ସହିତ ଶିକ୍ଷାର ମାନ ବୃଦ୍ଧି ପାଇବ।

ମହେନ୍ଦ୍ର ନାଥ ରାଉତ, ସହକାରୀ ଶିକ୍ଷକ, ବରିମୁଣ୍ଡେଇ, ନିଆଳି, କଟକ

### ନିଲମ୍ବନ ବଦଳରେ ବହିଷ୍କାର କରାଯାଉ

ପ୍ରତିଦିନ ଟିଭି ବା ଖବରକାଗଜ ଖୋଲିଲେ ଦେଖିବାକୁ ମିଳେ, କେଉଁ ପ୍ରଶାସନିକ ଅଧିକାରୀ ବା ପୋଲିସ ଅଫିସର କିମ୍ବା କେଉଁ ଦପ୍ତରର କର୍ମଚାରୀ ହଜାର ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡି ଜେଲ ଯାଉଛନ୍ତି। ସରକାର ସେମାନଙ୍କୁ ଯେତେ ଅର୍ଥ ଦରମା ଆକାରରେ ପ୍ରଦାନ କରୁଥିଲେ ବି ସେଥିରେ ସେମାନେ ସନ୍ତୁଷ୍ଟ ହେଉ ନାହାନ୍ତି। ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ପେଟକୁ ଦି ମୁଠା ଖାଇ ବଞ୍ଚି ରହିବାକୁ ସଂଘର୍ଷ କରୁଥିବା ବେଳେ ଏହି ସରକାରୀ ଅଫିସର ଏବଂ କର୍ମଚାରୀମାନେ ସେହି ଗରିବଙ୍କୁ ଲୁଟି ଖାଇବା ଅତ୍ୟନ୍ତ ପରିତାପର ବିଷୟ। ଅନେକ ଧରପଗଡ ପରେ ସରକାର ଏମାନଙ୍କୁ ନିଲମ୍ବନ କରିବା ବା ଅନ୍ୟତ୍ର ବଦଳି କରିବା କେବଳ ଲୋକଦେଖାଣିଆ ଦଣ୍ଡ ପରି ମନେହୁଏ। ଯଦି ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଉଥାନ୍ତା, ତେବେ ଅନ୍ୟ କର୍ମଚାରୀ ଓ ଅଫିସରଙ୍କ ଉପରେ ତା'ର ପ୍ରଭାବ ପଡୁଥାନ୍ତା। ସେମାନେ ଲାଞ୍ଚ ନେବାକୁ ସାହସ କରୁ ନ ଥାନ୍ତେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





PLEDGE 'PLASTIC-FREE' ODISHA

Ratikant Mohapatra
Odissi Artiste

#PlasticFreeOdisha
ଧରିତ୍ରୀ DHARITRI TEAM

## ସଂକ୍ଷେପରେ

### ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା ଶିବିର

**ମହାକାଳପଡା, ୯।୧୧ (ଡି.ଏନ.ଏ.):** ମହାକାଳପଡା ବ୍ଲକ ଅଧୀନ ସ୍ଥାନୀୟ ନାଞ୍ଜୁରା ପଞ୍ଚାୟତର ସ୍ଥାନୀୟ ଶାସନ ପେଟାସ୍ଥିତ ଗହୀରମଥା ରେଞ୍ଜ କାର୍ଯ୍ୟାଳୟ ପରିସରରେ ଲୁଣା ଜଙ୍ଗଲ ବନଖଣ୍ଡ (ବଣ୍ୟଜୀବ) ରାଜନଗର ପକ୍ଷରୁ ସାମୁଦ୍ରିକ କଇଁଛ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୁଜଙ୍ଗ ଏସିଏଫ ଜି. ଆନନ୍ଦ କୁମାର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ସାମୁଦ୍ରିକ କଇଁଛ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସାମୁଦ୍ରିକ ଗହୀରମଥା ନିଷିଦ୍ଧାଞ୍ଚଳ ଅଭୟାରଣ୍ୟରେ ସାମୁଦ୍ରିକ ବିରଳ ଜଳଜୀବ ମଧ୍ୟରେ ଥିବା ସାର୍କ, ଡଲଫିନ, ସାଂକୁଚ, ତିମି, ଗ୍ରେଟ ହ୍ୱାଇଟ ସାର୍କ, ଅଲିଭରିଡଲେ କଇଁଛ ସମେତ ଅନ୍ୟାନ୍ୟ ଜଳଚର ପ୍ରାଣୀଙ୍କ ସୁରକ୍ଷା ଦାୟିତ୍ୱ ବନବିଭାଗର ବୋଲି ସେ କହିଥିଲେ। ଏବେ ଗହୀରମଥା ନିଷିଦ୍ଧାଞ୍ଚଳ ସାମୁଦ୍ରିକ ଅଭୟାରଣ୍ୟରେ ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମୁଦ୍ର ମଧ୍ୟରେ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରୁଥିବା ଟ୍ରଲକୁ ଜବତ କରିବା ସହ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଉଛି ବୋଲି ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ନାଞ୍ଜୁରା ଗ୍ରାମର ଚାଷୀ ତୀର୍ଥାନନ୍ଦ ମହାନ୍ତି ସ୍ଥାନୀୟ ଅଞ୍ଚଳରେ ପାଚିଲା ଧାନ ଖାଇବାପାଇଁ ବାରହାପଲଙ୍କ ଉପଦ୍ରବ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରିଥିଲେ। ଏନେଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହ ଜଙ୍ଗଲ ପାର୍ଶ୍ୱରେ ତାରବାଡ ଦେବାପାଇଁ କେତେକ ଚାଷୀ ଦାବି କରିଥିଲେ। ଶିବରରେ ଅନ୍ୟଅତିଥିମାନଙ୍କ ମଧ୍ୟରେ ମହାକାଳପଡା ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ମନୋରଞ୍ଜନ ମହାପାତ୍ର, ଗହୀରମଥା ରେଞ୍ଜର ଅରବିନ୍ଦ ମିଶ୍ର, ଜମ୍ବୁ ରେଞ୍ଜର ବିଜୟ କୁମାର ପରିଡା, କୁଜଙ୍ଗ ରେଞ୍ଜର ପ୍ରଦୀପ ମହାନ୍ତି ଓ ପରିବେଶବିତ୍ ହେମନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ।

### ମିଳିତ ମଞ୍ଚର କଳା ଦିବସ ପାଳନ

**କେନ୍ଦ୍ରାପଡା ଅଫିସ,୯।୧୧:** ୨୦୧୬ ନଭେମ୍ବର ୮ରେ ଦେଶରେ ବିମୁଦ୍ରାୟନ ହୋଇଥିଲା । ଏହା ଦ୍ୱାରା ଗତ ୨ ବର୍ଷ ମଧ୍ୟରେ ଦେଶରେ ଅଭିବୃଦ୍ଧି ହାର କମିଥିବା ଦର୍ଶାଇ ଜିଲାର ମିଳିତ ବିରୋଧି ମଞ୍ଚ ପକ୍ଷରୁ ଶୁକ୍ରବାର କଳା ଦିବସ ପାଳନ କରାଯାଇଛି । ସହରର ପୁରୁଣା ବସଷ୍ଟାଣ୍ଡରେ ଏଥିପାଇଁ ଅନୁଷ୍ଠିତ ପ୍ରତିବାଦ ସଭାରେ ବାମପନ୍ଥି ନେତା ଉମେଶ ସିଂହ ଅଧକ୍ଷତା କରିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଂଗ୍ରେସର ଜିଲା ସଭାପତି ଚିନ୍ମୟ ପ୍ରସାଦ ବେହୁରା, ସିପିଆଇ (ଏମ)ର ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ମାଧବ ଦାସ, ବିକାଶ ଦାସ ଓ ଯୁବ କଂଗ୍ରେସ ନେତା ସଞ୍ଜୟ ରାଉତ, ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ । ସେମାନେ ଦର୍ଶାଇଥିଲେଯେ, ଦେଶରେ ବିମୁଦ୍ରାୟନ ଅର୍ଥନୀତିକୁ ନଷ୍ଟ କରିଛି । ଫଳରେ ଦରଦାମର ମୂଲ୍ୟ ବୃଦ୍ଧି ପାଇଛି ବୋଲି ସେମାନେ କହିଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ମହାକାଳପଡା, ୯।୧୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତର ସ୍ଥାନୀୟ ଅରୁଣନଗର ଗ୍ରାମରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ଖୁଣ୍ଟିଆଙ୍କ ୩ବଖରା ଜଳିଯାଇଥିଲା। ଏହି ବିପନ୍ନ ପରିବାରକୁ ଅଦ୍ୟାବଧି କୌଣସି ସରକାରୀ ସହାୟତା ମିଳି ନଥିବା ବେଳେ ଛପାଲିସ୍ଥିତ ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଅରୁଣନଗର ଗ୍ରାମରେ ପହଞ୍ଚି ନିରଞ୍ଜନଙ୍କ ପରିବାରକୁ ନୂତନ ବସ୍ତ୍ର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମଧ୍ୟରେ ନଙ୍କୁଳି ସାମଲ, ଦେବେନ୍ଦ୍ର ଓଝା, ଅଭିରାମ ବେହେରା, ଶିକ୍ଷାବିତ୍ ବିଜୟ କୁମାର ଜେନା, ବାବୁଲାଲ କର, କଳ୍ପତରୁ ସାମଲ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ରାଶନ କାର୍ଡରୁ ବଞ୍ଚିତ ପଞ୍ଚାୟତବାସୀଙ୍କ ଧାରଣା

**ପଟ୍ଟାମୁଣ୍ଡାଇ, ୯।୧୧ (ସ୍ୱ.ପ୍ର)**



ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

- ରାଶନ କାର୍ଡ ପ୍ରଦାନରେ ଅନିୟମିତତା ଅଭିଯୋଗ
- ୨୦୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଧାରଣାରେ ସାମିଲ

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଆବେଦନ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ପଞ୍ଚାୟତର ବହୁ ପଞ୍ଚାୟତବାସୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏନେଇ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶୁକ୍ରବାର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଏଥିସହ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଅନିୟମିତତା କାର୍ଯ୍ୟର ତଦନ୍ତ ପାଇଁ ଏକ ଦାବି ପତ୍ର ବିଡ଼ିଓ ପବିତ୍ର ମୋହନ କାନୁନଗୋଙ୍କୁ ପ୍ରଦାନ କରିଥିଲେ। ଏହାର ତଦନ୍ତ ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାଶନ କାର୍ଡ଼ ପାଇଁ ସର୍ଭେ କରୁଥିବା ବ୍ଲକ୍ କର୍ମଚାରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଜିଆରଏସ୍‌ମାନେ ମନୋମୁଖୀ ଭାବେ କାର୍ଯ୍ୟ କରି ପାତରଅନ୍ତର ନୀତି ଅବଲମ୍ବନ କରିଛନ୍ତି। ଫଳରେ ବହୁ ଯୋଗ୍ୟହିତାଧିକାରୀ ରାଶନ କାର୍ଡ଼ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅପରପକ୍ଷେ ଅଯୋଗ୍ୟ ହିତାଧିକାରୀଙ୍କୁ ଏକାଧିକ ରାଶନ କାର୍ଡ ଯୋଗାଇ ଦିଆଯାଇଛି । ପୂର୍ବରୁ କୋଠାଘର ଥିବା, ସରକାରୀ ପେନସନ ପାଉଥିବା ଓ ଧନୀକ ଶ୍ରେଣୀର ଲୋକଙ୍କୁ ଏହି କାର୍ଡ ପ୍ରଦାନ କରାଯାଇଛି ବୋଲି ଧାରଣା ଦେଇଥିବା ଲୋକେ ଅଭିଯୋଗ କରିଥିଲେ। ଏହାଛଡ଼ା ବିଭିନ୍ନ ଆବାସିକ ଯୋଜନାରେ ଧନୀକ ଶ୍ରେଣୀର ଲୋକଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ଗରିବ ଯୋଗ୍ୟ ହିତାଧିକାରୀଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ଅନ୍ତ୍ୟୋଦୟ ଯୋଜନାରେ ମଧ୍ୟ ଧନୀ ଲୋକଙ୍କୁ ସାମିଲ୍ କରାଯାଇଛି । ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ କାମ ମିଳୁ ନ ଥିବା ବେଳେ ମିଥ୍ୟା ବିଲ୍ କରାଯାଇ ଟଙ୍କା ଉଠାଣ କରାଯାଉଛି ବୋଲି ଧାରଣାକାରୀମାନେ ଅଭିଯୋଗ କରିଛନ୍ତି । ସେହିପରି ଶ୍ମଶାନ ଗୃହ ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ନଳକୂପ ପ୍ଲାଟଫର୍ମ ନିର୍ମାଣ ଓ ମରାମତି ଓ ହରିଶ୍ଚନ୍ଦ୍ର ଯୋଜନାରେ ଅନିୟମିତତା ହୋଇଥିବା ଧାରଣାରତ ଲୋକମାନେ କହିଥିଲେ । ଏଥିରେ ପଞ୍ଚାୟତର ସରପଞ୍ଚଙ୍କ ହାତ ରହିଛି ବୋଲି ଧାରଣା ଦେଇଥିବା ଲୋକମାନେ ଅଭିଯୋଗ କରିଥିଲେ । ମାତ୍ର ବିଲିକଣା ପଞ୍ଚାୟତର ସରପଞ୍ଚ ବିଜୟ କୁମାର ରାଉତ ଏହାକୁ ଖଣ୍ଡନ କରିଛନ୍ତି। ରାଶନ କାର୍ଡ ସମ୍ପର୍କରେ ସେ କହିଛନ୍ତି, ବ୍ଲକ୍ ପ୍ରଶାସନ, ପିଇଓ ଏବଂ ଜିଆରଏସ୍ ଏଥିପାଇଁ ତଦନ୍ତ କରୁଥିବା ବେଳେ ଏହାକୁ ସମ୍ପୂର୍ଣ୍ଣ ରାଜନୀତି କରଣ କରିବାକୁ ଉଦ୍ୟମ କରାଯାଉଛି। ଏଥିରେ ସରପଞ୍ଚଙ୍କ କୌଣସି ଭୂମିକା ନାହିଁ ବୋଲି ରାଉତ କହିଛନ୍ତି। ଏହି ଧାରଣାରେ ସମିତି ସଭ୍ୟ ପ୍ରଦୀପ ପଣ୍ଡା, ଗୌରାଙ୍ଗ ସୂତାର, ମହେଶ୍ୱର ମଲ୍ଲିକ, ଶରତ ପ୍ରଧାନ, ସୁବାସ ମଲ୍ଲିକ, କୈଳାସ ମଲିକ, ମମତା ଭୂୟାଁ, ଲୋପାମୁଦ୍ରା ପରିଡ଼ା ଓ ପୁଷ୍ପଲତା ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସାବିତ୍ରୀ ରାଉତ, ସନ୍ଧ୍ୟାରାଣୀ କୁଣ୍ଡ, ସାବିତ୍ରୀ ସାହୁ, ମଞ୍ଜୁଲତା ରାଉତ, ସୁଲୋଚନା ରାଉତ ଓ ସୌଦାମିନୀ ରାଉତ, ପ୍ରମୁଖ ବିଡ଼ିଓଙ୍କୁ ଭେଟି ରାଶନ କାର୍ଡ଼ ପ୍ରଦାନ ପାଇଁ ଦାବି କରିଥିଲେ ।

## ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭଲଲାଗେ



୫ଟି ପ୍ରଶ୍ନ

ଡେରାବିଶ ଥାନାଧିକାରୀ ସୁଧୀର କୁମାର ସାହୁ।

ଡେରାବିଶ ଥାନା ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି ଥାନା ଅଧିକାରୀ ସୁଧୀର କୁମାର ସାହୁ। ସେ ୨୦୧୭ ଡିସେମ୍ବର ୨୩ ତାରିଖରେ ଡେରାବିଶରେ ଥାନାଧିକାରୀ ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଞ୍ଚଳରୁ ଅପରାଧିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସଂକଳ୍ପବଦ୍ଧ ଭାବେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଥାନା ଅଧୀନ ୧୧ଟି ପଞ୍ଚାୟତରେ ଚୋରା ମଦ କାରବାର ଓ ଚୋରି ରାହାଜାନି ରୋକିବା ପାଇଁ ସେ ବ୍ୟାପକ ପଦକ୍ଷେପ ନେଉଥିବା ବେଳେ ଓ ୫ନଂ. (କ) ଜାତୀୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ସହ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିଛନ୍ତି। ତାଙ୍କ ଜୀବନଶୈଳୀକୁ ନେଇ ପଚରା ଯାଇଥିବା ୫ଟି ପ୍ରଶ୍ନ।

**କ'ଣ ଖାଇବାକୁ ପସନ୍ଦ କରନ୍ତି?**

■ ବିଶେଷକରି ଶାକାହାରୀ ଖାଦ୍ୟ ମୋର ପ୍ରିୟ। ତେବେ କୋଳଥ ଡାଲି ଓ କକାରୁ ଡ଼ଙ୍କ ରାଇ ମତେ ଖୁବ୍ ଭଲଲାଗେ।

**କାହା ହାତ ରନ୍ଧା ଖାଦ୍ୟ ଭଲ ଲାଗେ?**

■ମା'ଙ୍କ ହାତ ରନ୍ଧା ଖାଇବାକୁ ମୁଁ ଖୁବ୍ ଭଲପାଏ। ସ୍ତ୍ରୀ ମଧ୍ୟ ବହୁତ ଭଲ ରୋଷେଇ କରନ୍ତି।

**ଘରେ କିଏ କିଏ ଅଛନ୍ତି?**

■ ମା'ବାପା, ସ୍ତ୍ରୀ ଦମୟନ୍ତୀ ଓ ୭ ବର୍ଷର ପୁଅ। ବାପା ଜଣେ ସାମାଜିକ କର୍ମୀ। ପୋଲିସ ଚାକିରି ଯୋଗୁ ଅଧିକାଂଶ ସମୟ ଘରେ ରହି ପାରୁ ନ ଥିବାରୁ ସ୍ତ୍ରୀ ଘରର ସମସ୍ତ କାର୍ଯ୍ୟ କରନ୍ତି।

**ଡ୍ୟୁଟି ଛାଡ଼ିଲେ ଆଉ କ'ଣ କରିବାକୁ ଭଲଲାଗେ।**

■ପରିବାରକୁ ସମୟ ଦେଇ ହେଉ ନଥିବାରୁ ଅଧିକରୁ ଅଧିକ ସମୟ ଘର ଲୋକଙ୍କ ସହ କାଟିବାକୁ ଚେଷ୍ଟା କରେ। ପୁଅକୁ ବାହାରେ ବୁଲାବୁଲି କରାଏ। ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଖୁବ୍ ଭଲ ଲାଗୁଥିବାରୁ ବେଳେ ବେଳେ ସତ୍‌ସଙ୍ଗରେ ଯୋଗଦେଇଥାଏ।

**କେଉଁ ବହି ପଢ଼ିବାକୁ ଭଲ ଲାଗେ।**

■ ଧର୍ମଶାସ୍ତ୍ର ପଢ଼ିବାକୁ ଖୁବ୍ ଭଲ ଲାଗେ। ନ୍ୟୁଜ ପେପର ଓ ବିଜ୍ଞାନ ସମ୍ବନ୍ଧୀୟ ଖବର ପଢ଼ିବା ମୋର ଅଧିକ ପସନ୍ଦ।

ରିପୋର୍ଟ-ବେବର୍ତ୍ତା ଅଜୟ ଦାସ, ଡେରାବିଶ

## ଶ୍ୟାମାକାଳୀ ପୂଜା ଉଦ୍‌ଯାପିତ

**ଡେରାବିଶ, ୯।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଁଳାବାଙ୍କଠାରେ ଚାଲିଥିବା ଶ୍ୟାମାକାଳୀ ପୂଜା ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି। ମୁଖ୍ୟ ପୂଜକ ପଣ୍ଡିତ ରଶ୍ମିରଞ୍ଜନ ପାଣିଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ତପନ କୁମାର ପାଢ଼ୀ ଓ ପ୍ରସନ୍ନାଦିତ୍ୟ ପଣ୍ଡା ସହଯୋଗୀ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ୩ଦିନ ଧରି ଅନୁଷ୍ଠିତ ଏହି ପୂଜା ଅବସରରେ ମଣ୍ଡପ ପାର୍ଶ୍ୱରେ ପ୍ରବଚନ, ଭଜନ ପରିବେଷଣ କରାଯାଇଥିଲା। ଗୁରୁବାର ରାତିରେ ବିଶିଷ୍ଟ ଗାୟକ ଗଗନ ବିହାରୀ ସିଂ ପାଲା ପରିବେଷଣ କରିଥିଲେ। ଆଶ୍ରମ ମୁଖ୍ୟ କାଶୀ ଦାଶ ବାବାତ୍ୟାଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପୂଜୋତ୍ସବକୁ ଧରଣୀଧର ପରିଡ଼ା, ଦେବେନ୍ଦ୍ର ନାୟକ, ସାତ୍ତ୍ୱିକ ପରିଡ଼ା, ଆଦିକନ୍ଦ ପୃଷ୍ଟି, ତୀର୍ଥାନନ୍ଦ ଧଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୂଜା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ପରିଲକ୍ଷିତ କରି ସଦର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ମଣ୍ଡପରେ ପୂଜା ପାଉଛି।

## ସଦାନନ୍ଦପୁରରେ ଗିରିଗୋବର୍ଦ୍ଧନ ପୂଜା



ଗୌଡ଼ବିଶି ମଣ୍ଡପ।     ସଦାନନ୍ଦପୁର ମଣ୍ଡପ।

**ଡେରାବିଶ, ୯।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତର ସଦାନନ୍ଦପୁର ଓ ଚାନ୍ଦୋଳ ପଞ୍ଚାୟତ ଗୌଡବିଶି ଗ୍ରାମରେ ଚାଲିଥିବା ଗିରିଗୋବର୍ଦ୍ଧନ ପୂଜା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କାହିଁ କେଉଁ ଅମଳରୁ ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଲୋକ ଆସନ୍ତି। ସଦାନନ୍ଦପୁର ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହେଉଥିବା ବେଳେ ଏହା ୭ଦିନ ଧରି ଚାଲେ। ଶୁକ୍ରବାର ପୂଜାର ଦ୍ୱିତୀୟ ଦିନରେ ପୂଜା ମଣ୍ଡପ ପାର୍ଶ୍ୱରେ ପାଲା ଓ ଭଜନ ପରିବେଷଣ ହୋଇଥିଲା। ଏହି ପୂଜା ଦ୍ୱାରା ଗାଁର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବା ସହ ପରସ୍ପର ଭିତରେ ଭାଇଚାରା ସମ୍ପର୍କ ମଜଭୁତ ହୋଇଛି ବୋଲି ଗ୍ରାମର ପୁରୁଷୋତ୍ତମ ଘଡେଇ କହିଛନ୍ତି। ଗ୍ରାମର ଗୁରୁ ଚରଣ ଘଡେଇ କୁହନ୍ତି, ଭଗବାନ କୃଷ୍ଣଙ୍କ ଏହି ପୂଜାକୁ ଗ୍ରାମର ପ୍ରତ୍ୟେକ ବୁଣାକାର ପରିବାର ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଥାନ୍ତି। ଗୁରୁବାର ଗିରିଗୋବର୍ଦ୍ଧନଙ୍କ ମୃଣ୍ମୟ ମୂର୍ତ୍ତି ନିକଟରେ କଳସାଧିବାସ, ଘଟ ସ୍ଥାପନ, ବିଗ୍ରହଙ୍କ ଜୀବନ୍ୟାସ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ଶୋଡ଼ଷ ଉପଚାରରେ ପୂଜା କରାଯାଇଥିଲା। ପୂଜା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା କରାଯାଇଥିବା ପୂଜା କମିଟି ସଭାପତି ସୁନାକର ବେହେରା ଓ ସମ୍ପାଦକ ମଧୁସୂଦନ ଘଡେଇ କହିଛନ୍ତି।

DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ପ୍ରଦୀପ ମହାରଥୀ
ମାନ୍ୟବର ମନ୍ତ୍ରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ,
ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା

06014/13/0021/1819

## ସଂକ୍ଷେପରେ

### ଟ୍ରେନ୍‌ରୁ ପଡ଼ି ନାବାଳକ ଗୁରୁତର

**ଧର୍ମଶାଳା, ୯।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ହରିଦାସପୁର ରେଲଷ୍ଟେଶନ୍‌ରେ ଶୁକ୍ରବାର ଅପରାହ୍ନରେ ଟ୍ରେନ୍‌ରୁ ପଡି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ନାବାଳକଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରି ରେଲଷ୍ଟେଶନରେ ପ୍ରାଥମିକ ଚିକିତ୍ସା କରିଥିଲେ। ତେବେ ନାବାଳକ ଜଣଙ୍କ କିଛି କହିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ୯ ବର୍ଷରୁ ଊର୍ଦ୍ଧ୍ୱ ବୟସ ଅନୁମାନ କରାଯାଉଛି। ଖବର ପାଇ ଆରପିଏଫ୍ ନାବାଳକଙ୍କୁ ଉଦ୍ଧାର କରି ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରିବାକୁ ଉଦ୍ୟମ ଚଳାଇଛି।

### ମହାଗିରି ପର୍ବତରେ ଗିରିଗୋବର୍ଦ୍ଧନ ପୂଜା

**କାଳିଆପାଣି, ୯।୧୧(ଡି.ଏନ୍.ଏ.):** ଯୁବଯାଦବ ମହାସଭା ପକ୍ଷରୁ ଗୁରୁବାର ରାଜ୍ୟ କାର୍ଯ୍ୟକାରୀ ସଭାପତିଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏଥିସହ ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ଗ୍ରାମପଞ୍ଚାୟତରେ ଥିବା ମାତଙ୍ଗ ଋଷି ଗୁମ୍ଫା ଏବଂ ମହାଗିରି ପର୍ବତର ରାଙ୍କିଆଠାରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଥିଲା। ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବହୁ ଯାଦବ ସମାଜର ମହିଳା ଓ ପୁରୁଷ ଏକତ୍ରିତ ହୋଇ ଗିରିଗୋବର୍ଦ୍ଧନଙ୍କ ପୂଜାର୍ଚ୍ଚନା କରିଥିଲେ। ଯାଦବ ସଭାପତି ପରମାନନ୍ଦ ନାୟକଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସୁକିନ୍ଦା ରାଜା ଭୂଦେବଭୂପତି ହରିଚନ୍ଦନ ମହାପାତ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତଥିଲେ। ମୁଖ୍ୟବକ୍ତାଭାବେ କଟକ ଜିଲା ଯାଦବ ସମ୍ପାଦକ ପ୍ରଦୀପ ବେହେରା, ଅନ୍ୟତମ ଅତିଥିଭାବେ ଯାଜପୁର ଜିଲା ସଭାପତି ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ସୁକିନ୍ଦା ଯୁବଯାଦବଙ୍କ ପକ୍ଷରୁ କଳିଙ୍ଗନଗରସ୍ଥିତ ହନୁମାନ ମନ୍ଦିର ନିକଟରୁ ଅତିଥିମାନଙ୍କୁ ଏକ ମୋଟର ବାଇକ୍ ଶୋଭାଯାତ୍ରାରେ ସିଙ୍ଗାଡିଆ ଗ୍ରାମକୁ ଅଣାଯାଇଥିଲା। ଅଞ୍ଚଳର ଯୁବଯାଦବମାନଙ୍କ ପକ୍ଷରୁ ଲଉଡି କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ସୋରଜ ବାରିକ୍, ବଟକୃଷ୍ଣ ପଲେଇ, ରୋହିତ କୁମାର ଖୁଣ୍ଟିଆ, ବାଉରୀବନ୍ଧୁ ବାରିକ୍, ଅଶୋକ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଏମ୍‌ସିର ଜନଶୁଣାଣି: ମିଳିଲା ସର୍ତ୍ତମୂଳକ ସମର୍ଥନ

**ଯାଜପୁର ଅଫିସ/ କାଳିଆପାଣି(ଡି.ଏନ୍.ଏ.), ୯।୧୧(ଡି.ଏନ୍.ଏ.)**

ଯାଜପୁର ଜିଲା ସୁକିନ୍ଦା ତହସିଲ ସୁକୁରୁଙ୍ଗୀ କ୍ରୋମାଇଟ ଖଣିକୁ ଶୁକ୍ରବାର ଅନୁଷ୍ଠିତ ଜନଶୁଣାଣିରେ ସର୍ତ୍ତମୂଳକ ସମର୍ଥନ ମିଳିଛି। କାଳିଆପାଣି କମ୍ୟୁନିଟି ହଲଠାରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍) ସନ୍ତୋଷ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ୩୯ଜଣ ଅଧିବାସୀ ମତ ଉପସ୍ଥାପନ କରିଥିଲେ। ଏଥିରେ ସମସ୍ତେ ଜନଶୁଣାଣିକୁ ସମର୍ଥନ କରିବା ସହ ଖଣି ପ୍ରଭାବିତ ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶଗତ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସମସ୍ୟା ସମାଧାନ କରିବାକୁ ସେମାନେ ଦାବି କରିଥିଲେ। ଖଣି ପ୍ରଭାବିତ ଓସ୍ତପାଳ,


ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

ସାରୁଆବିଲ, ସୁକୁରୁଙ୍ଗୀ, ଡୈଳଙ୍ଗୀ, କମର୍ଦ୍ଧା ଆଦି ଅଞ୍ଚଳର ମହିଳା, ପୁରୁଷ ଶୁଣାଣିରେ ଯୋଗ ଦେଇଥିଲେ।

ବାର୍ଷିକ ୧.୩ ଲକ୍ଷ ଟନରୁ ୩ ଲକ୍ଷ ଟନ୍ ଉତ୍ପାଦନ ବୃଦ୍ଧି ପାଇଁ ପରିବେଶ ମଞ୍ଜୁରୀ ନିମନ୍ତେ ଏହି ଜନଶୁଣାଣି ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଜନଶୁଣାଣି ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଖଣି ନିଗମ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା ୨୦୧୫ରେ ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମଞ୍ଜୁରୀ ବିଷୟରେ କହିବା ସହ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ଜନସମର୍ଥନ ଲୋଡିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ୩୯ ଗ୍ରାମବାସୀ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ବିଶେଷ କରି ବେକାରି ନିଯୁକ୍ତି, ବିଦ୍ୟାଳୟ, କଲେଜ, ଖଣି ନିଗମ ଡାକ୍ତରଖାନରେ ଅଧିକ ସଂଖ୍ୟକ ଡ଼ାକ୍ତର ନିଯୁକ୍ତି, ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହଯୋଗ, ସ୍ଥାନୀୟ ଅଞ୍ଚଳର କ୍ରୀଡାବିତ୍‌ଙ୍କୁ ପ୍ରୋତ୍ସାହନ ଓ ପାନୀୟ ଜଳ ସମସ୍ୟା ଉପସ୍ଥାପନ କରିଥିଲେ। ଓଡ଼ିଶା ଖଣି ନିଗମର ୩୮୨.୭୦୯ ହେକ୍ଟର ମଧ୍ୟରୁ ୨୬୭.୨୧୦ ହେକ୍ଟର ଜଙ୍ଗଲ ଜମି ଏବଂ ୧୧୫ .୪୯୯ ହେକ୍ଟର ଅଣଜଙ୍ଗଲ ଜମି ଅନ୍ତର୍ଭୁକ୍ତ ରହିଛି। ଅଣଜଙ୍ଗଲ ଜମିକୁ ପରିବେଶ ମଞ୍ଜୁରୀ ମିଳିଥିଲେ ମଧ୍ୟ ଉତ୍ପାଦନ ବୃଦ୍ଧିପାଇଁ ଜନଶୁଣାଣିର ଆବଶ୍ୟକତା ରହିଥିଲା। ସରପଞ୍ଚ ରବୀନ୍ଦ୍ର ସାହୁ, କଳ୍ପନା ଜେନା, ବିଶ୍ୱଜିତ ମହାନ୍ତି, ଭଗବତୀ ମହାନ୍ତ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ଖଣି ନିଗମ ପର୍ସନାଲ ଡାଇରେକ୍ଟର ଶାନ୍ତନୁ କୁମାର ରଥ ପର୍ଯ୍ୟାୟକ୍ରମେ ସମସ୍ତ ଦାବି ପୂରଣ କରିବାକୁ ଖଣି ନିଗମ ପ୍ରୟାସ କରିବ। ତେବେ ଶିକ୍ଷା ଦୃଷ୍ଟିରୁ ଏକ କଲେଜ ନିର୍ମାଣ ନେଇ ଯୋଜନା କରାଯାଉଛି। ଏଥିସହ ସ୍ୱାସ୍ଥ୍ୟ ସେବା ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲେଇ ପଡ଼ିଲା ଅକଡ଼େ,**
**ମୂଷା ମାଇଲା ଚାପଡ଼େ ।**

ଶତ୍ରୁତା ସାଧି ପାରୁ ନ ଥିବା ବ୍ୟକ୍ତି ଶତ୍ରୁର ଅସୁବିଧା ସମୟକୁ ନିଜର ସୁଯୋଗ ମନେ କରିଥାଏ। ତା' ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବହିଗଲା ପାଣି ଯାଉ ତେଣିକି,**
**ବନ୍ଧାଇଲା ପାଣି ରହୁ ଏଣିକି ।**

ପାଣି ବା ଜଳ ସଦା ସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହି ଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଆରବିସି କେନ୍ଦ୍ର ପରିଦର୍ଶନ

**ଢୁବୁରୀ, ୯।୧୧(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଗୋବରଘାଟିଠାରେ ଥିବା ୨ଟି ଆରବିସି (ଆବାସିକ ସେତୁ ପାଠ୍ୟକ୍ରମ )କେନ୍ଦ୍ରକୁ ଶୁକ୍ରବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଓ ଶିଶୁ ମଙ୍ଗଳ କମିଟିର ସଭ୍ୟ ସୁବାସ ଚନ୍ଦ୍ର ଦେବତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଅଧିକାରୀମାନେ ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଟାଟାଷ୍ଟିଲ ସହାୟତାରେ ଆସ୍‌ପେୟାର ନାମକ ଏନ୍‌ଜିଓ ପକ୍ଷରୁ କଳିଙ୍ଗନଗର ଗୋବରଘାଟିଠାରେ ଏକ ବାଳିକା ଓ ବାଳକ ଆରବିସି (ଆବାସିକ ସେତୁ ପାଠ୍ୟକ୍ରମ ) ରହିଛି। ଅଧାରୁ ପାଠପଢାଛାଡିଥିବା ତଥା ଆଦୌ ବିଦ୍ୟାଳୟକୁ ଆସି ନ ଥିବା ପିଲାମାନଙ୍କୁ ସରକାରୀ ବିଦ୍ୟାଳୟଗୁଡିକରେ ନାମ ଲେଖାଯାଇ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ରସ୍ଥାପନ କରାଯାଇଛି। ବାଳିକା ଆରବିସି କେନ୍ଦ୍ରରେ ମୋଟ ୯୦ ଜଣ ରହୁଥିବାବେଳେ ବାଳକ ଆରବିସି କେନ୍ଦ୍ରରେ ମୋଟ ୧୨୧ ଜଣ ବାଳକ ରହୁଛନ୍ତି। ପରିଦର୍ଶନବେଳେ ଗୋବରଘାଟି ସରପଞ୍ଚ ସ୍ୱର୍ଣ୍ଣଲତା ବାନରା ମଧ୍ୟ ଉପସ୍ଥିତ ଥିଲେ।

## ଗୋଠପୂଜାରେ ଗଣ୍ଡଗୋଳ ଘଟଣା, ୨ କୋର୍ଟ ଚାଲାଣ

**କଳିଙ୍ଗନଗର, ୯।୧୧(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅନ୍ତର୍ଗତ ରଣାହୁଡି ପଞ୍ଚାୟତ ମହାନ୍ତି ସାହିରେ ମାଦଳ ବଜାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଚିତ୍ତରଞ୍ଜନ ମହାନ୍ତି(୨୫) ଓ ସୁବଳ ମହାନ୍ତି(୨୮)। ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମହାନ୍ତି ସାହିରେ କାଳୀ ପୂଜା ଅନୁଷ୍ଠିତ ହୋଇଛି। ବିଧି ଅନୁସାରେ ଗ୍ରାମରେ ଗୋଠପୂଜାରେ ମାଦଳ ବଜା ବଜାଯାଇଥାଏ। କିନ୍ତୁ ମାଦଳ ବଜା ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଥିବାରୁ ଚଳିତ ବର୍ଷ ଗୋଠ ପୂଜାରେ ମାଦଳ ବଜା ଯିବ ନାହିଁ ବୋଲି ଗ୍ରାମ କମିଟି ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଏହାକୁ ବେଖାତିର କରି ଗୁରୁବାର ଚିତ୍ତରଞ୍ଜନ ଓ ସୁବଳ ମାଦଳ ବାଜାଇଥିଲେ। ଲାଲବାହାଦୁର ମହାନ୍ତି(୩୫) ବିରୋଧ କରିବାରୁ ଉତ୍କ୍ଷିପ୍ତ ହୋଇ ଚିତ୍ତରଞ୍ଜନ ଓ ସୁବଳ ଲାଲବାହାଦୁରଙ୍କୁ ମାଡ଼ମାରିବା ସହ ସ୍ତ୍ରୀ ବିଲାସିନୀ ମହାନ୍ତି (୩୦)ଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ବିଲାସିନୀ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୫୬/୧୮) ରୁଜୁ କରିଥିଲା।

## ଜେନାପୁର ଥାନାରେ ଯୋଗ ଶିବିର


ଯୋଗ ଶିବିରରେ ଉପସ୍ଥିତ ଜନସାଧାରଣ ଓ ପ୍ରଶିକ୍ଷାର୍ଥୀ।

**ଜେନାପୁର/ଧର୍ମଶାଳା, ୯।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ପରିସରରେ ଶୁକ୍ରବାର ଏକ ଯୋଗଶିବିର ଅନୁଷ୍ଠିତ ହୋଇଛି। ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୁଇ ଘଣ୍ଟିଆ ଶିବିରକୁ ପାତଞ୍ଜଳି ରାଜ୍ୟ ଯୁବ ପ୍ରଭାରୀ ପୀତାମ୍ବର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜେନାପୁର ଓ ଆଖପାଖ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଯୋଗ ପ୍ରଶିକ୍ଷାର୍ଥୀଙ୍କୁ ଭସ୍ତ୍ରିକା, କପାଳ ଭାରତୀ, ମଣ୍ଡୁକା ଆସନ, ମକର ଆସନ, ଭୂଜାଙ୍ଗ ଆସନ, ସସ୍କା ଆସନ, ଉଜ୍ଜାଇ ପ୍ରାଣାୟମ ଆଦି ବିଭିନ୍ନ ପ୍ରକାରର ଯୋଗ ଓ ପ୍ରାଣାୟମ କରାଯାଇଥିଲା। ଯୋଗ ଶରୀର ଓ ମନ ଉଭୟକୁ ସୁସ୍ଥ ରଖିବା ସହ ପ୍ରତିଦିନ ଏହାକୁ ନିୟମିତଭାବେ କରାଗଲେ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳିପାରିବ ବୋଲି ସାହୁ କହିଥିଲେ। ତେବେ ଶିବିର ୩ଦିନ ଧରି ଚାଲିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବାଲେଶ୍ୱର ଆଲୟଜ୍ ସମ୍ପ୍ରସାରଣ ନିମନ୍ତେ ଜନଶୁଣାଣି

**ସୁକିନ୍ଦା, ୯।୧୧(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକିନ୍ଦାଠାରେ ଥିବା ବାଲେଶ୍ୱର ଆଲୟଜ କାରଖାନା ସମ୍ପ୍ରସାରଣ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଶୁକ୍ରବାର ସୁକିନ୍ଦା ଭବନଠାରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ସୁକିନ୍ଦା ଗ୍ରାମ ପଞ୍ଚାୟତର ସୁକିନ୍ଦା ନିଜଗଡ ଗ୍ରାମରେ ଅବସ୍ଥିତ ଉକ୍ତ କାରଖାନାର ସମ୍ପ୍ରସାରଣର ଆବଶ୍ୟକତା ଦୃଷ୍ଟିରୁ ଏହି ଜନଶୁଣାଣି କରାଯାଇଥିଲା। କାର୍ଯ୍ୟକ୍ରମରେ ସୁକିନ୍ଦା, ଦୁଧୁଯୋରୀ, ଆମ୍ଭୋଳବା ଆଦି ପଞ୍ଚାୟତର ମୋଟ ୫୩ ମହିଳା ଏବଂ ପୁରୁଷ ନିଜର ଦାବି ଏବଂ ମନ୍ତବ୍ୟ ରଖିଥିବାବେଳେ ସେଥିମଧ୍ୟରୁ ୪୨ ଜଣ ପୂର୍ଣ୍ଣ ସମର୍ଥନ କରିଥିଲେ। ଦାବିଗୁଡିକ ମଧ୍ୟରେ ମୁଖ୍ୟତ କମ୍ପାନୀର ବର୍ଜ୍ୟବସ୍ତୁର ଠିକ ପରିଚାଳନା, ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତିରେ ସହଯୋଗ, ସ୍ୱାସ୍ଥ୍ୟ ସେବା ଆଦି ବିଭିନ୍ନ ଦାବିମାନ ରହିଥିଲା। ଅପରପଟେ ଶୁଣାଣିରେ ୮୦ ଜଣ ଲିଖିତଭାବେ ସମର୍ଥନ, ୩ ଜଣ ବିରୋଧ, ୮ ଜଣ ସର୍ତ୍ତ ଭିତ୍ତିକ ସମର୍ଥନ କରିଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, ବାଲେଶ୍ୱର ଆଲୟଜ୍ କମ୍ପାନୀ ଉପସଭାପତି ଡ.ସ୍ୱରୂପ ପଣ୍ଡା, ସୁକିନ୍ଦା ଶିଳ୍ପ ପ୍ରକଳ୍ପ ମୁଖ୍ୟ ରଞ୍ଜୟ କୁମାର, କଳିଙ୍ଗ ନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ସୁକିନ୍ଦା ଥାନା ଭାରପ୍ରାପ୍ତ ଅଧିକାରୀ ସୌମ୍ୟଚିତ ମିଶ୍ର, ଯଖପୁରା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଆଲୟଜ୍ କମ୍ପାନିର ଉପସଭାପତି ଡ. ସ୍ୱରୂପ ପଣ୍ଡା ଜନ ଶୁଣାଣିରେ ଉପସ୍ଥାପିତ ସମସ୍ତ ଦାବି ଉପରେ କମ୍ପାନି ତର୍ଜମା କରି ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଉପଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଠିକାଦାର ସଂଘର ବୈଠକ

**କାଳିଆପାଣି, ୯।୧୧(ଡି.ଏନ୍.ଏ.):** ସୁକିନ୍ଦା ଠିକାଦାର ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଦସ୍ୟ ସୁକାନ୍ତ ଦେଓଙ୍କ ସଭାପତିତ୍ୱରେ ବୈଠକରେ ଠିକାଦାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଠିକାଦାର ଓ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ ସମୟରେ ସୃଷ୍ଟି ହେଉଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ସଂଘକୁ ସଦୃଢ଼ କରିବା ସହ ସାମାଜିକ କାର୍ଯ୍ୟକ୍ରମ ଓ ବିଭିନ୍ନ ବିଭାଗର ଠିକାଦାର ମାରଣ ନୀତିକୁ ବିରୋଧ କରାଯିବାକୁ ସହମତି ପ୍ରକାଶ ପାଇଛି। ସୁରେଶ ସାହୁ, ଅଶ୍ୱିନୀ ରାଉତ, ଲମ୍ବୋଦର ଦଳବେହେରା, ନବଜ୍ୟୋତି ସାହୁ, ଅଂଶୁମାନ ବେହୁରା, ହରେକୃଷ୍ଣ ସାହୁ, ପ୍ରତାପ ନାଥଙ୍କ ସମେତ ବହୁ ଠିକାଦାର ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର
ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ
୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ
ଦ୍ୱାରା ଓଜନ ବଢ଼ାନ୍ତୁ
ସବୁଦିନ କ୍ଲିନିକ୍
ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର,
ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ,
ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold,
Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ୍-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।

- ଜର୍ଜ ବର୍ଣ୍ଣାଡ ଶ



## ସଂକ୍ଷେପରେ

### ନବ ନିର୍ମାଣ କୃଷକ ସଂଗଠନ ବୈଠକ

**ବାଲିକୁଦା,୯।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅଳାବୋଳ ପଞ୍ଚାୟତର ବାଇଗଣି ଗ୍ରାମ ସ୍ଥିତ ଜାଗୁଳାଇଙ୍କ ପୀଠରେନବ ନିର୍ମାଣ କୃଷକ ସଂଗଠନ ଏକ ବୈଠକ ଶିକ୍ଷାବିତ୍ ନଟବର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। କୃଷକ ନେତା ଅଶୋକ ନାୟକ ଉପସ୍ଥିତ ରହି ଚାଷୀ ଭାଇମାନେ ସଂଗଠନର ଶୋଭାଯାତ୍ରାକୁ ପୂର୍ଣ୍ଣ ସମର୍ଥନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆହୁରି ଅଧିକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଥିଲା। ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ସହ ସଂଯୋଜକ ଅଶୋକ ସ୍ୱାଇଁ, ବାଲିକୁଦା ବ୍ଲକ ସଂଯୋଜକ ରଘୁନାଥ ନାୟକ, ଉପଦେଷ୍ଟା ଧର୍ମାନନ୍ଦ ଖଣ୍ଡୁଆଳ, ଜିଲା କମିଟି ସଦସ୍ୟ ବାବାଜି ଚରଣ ଜେନା, ମିଟୁ ଦାସ, ଭ୍ରମରବର ନାୟକ, ଗଙ୍ଗାଧର ଖଟୁଆ, ଭାଗ୍ୟଧର ବେହେର ପ୍ରମୁଖ ଯୋଗ ଦେଇଥିଲେ।

### ବଡ଼ଗାଁରେ ପ୍ରକଳ୍ପ ଶିଳାନ୍ୟାସ

**ବାଲିକୁଦା,୯।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ୨ ନମ୍ବର ଜିଲାପରିଷଦ ଜୋନ୍‌ର ବଡଗାଁ ପଞ୍ଚାୟତରେ ଶୁକ୍ରବାର ଆମ ଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଏମ୍‌ପି କୁଳମଣି ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଚରଣ ଦାସ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବଡଗାଁ ପଞ୍ଚାୟତ ବିଜେଡି ସଭାପତି ଉପେନ୍ଦ୍ର ବିଶ୍ୱାଳ, ସମ୍ପାଦକ ମନୋଜ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏହି ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ବଡକୂଳଠାରୁ ଏକ ବାଇକ ଶୋଭାଯାତ୍ରା ଈଶ୍ୱରପୁର ପର୍ଯ୍ୟନ୍ତ ଯାଇଥିଲା।

### ଜିଲା କଂଗ୍ରେସ ସମ୍ପାଦକଙ୍କୁ ଶୁଭେଚ୍ଛା

**କୁଜଙ୍ଗ,୯।୧୧(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସମ୍ପାଦକ ଭାବେ କୁଜଙ୍ଗ ବ୍ଲକ କାଠକୋଟ ପଞ୍ଚାୟତ ବାଣସରା ଗ୍ରାମର ଶ୍ରୀକାନ୍ତ ଦାସ (ମୁନା)ଙ୍କୁ ନିଯୁକ୍ତି ମିଳିଛି। ପ୍ରଦେଶ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଛାତ୍ର ଜୀବନରୁ ଜଣେ ଦକ୍ଷ ସଂଗଠକ ଭାବେ କାର୍ଯ୍ୟ କରୁଥିବା ଦାସ ପୂର୍ବରୁ କୁଜଙ୍ଗ ବ୍ଲକ ଯୁବ କଂଗ୍ରେସ ସଭାପତି ଭାବେ ୭ ବର୍ଷ ଧରି କାର୍ଯ୍ୟ କରିଥିଲେ। ଏବେ ଜିଲା ସମ୍ପାଦକ ଭାବେ ନିଯୁକ୍ତି ପାଇବା ପରେ ଦଳକୁ ଅଧିକ ମଜଭୁତ କରିବାକୁ ସେ ଉଦ୍ୟମ କରିବେ ବୋଲି କର୍ମୀମାନେ କହିଛନ୍ତି। ଏଥିପାଇଁ ହଂସୁରାର ପୂର୍ବତନ ସରପଞ୍ଚ ରବି ନାରାୟଣ ଦାସ, ରବୀନ୍ଦ୍ର ନାଥ ପଟ୍ଟନାୟକ, ପବିତ୍ର ମୋହନ ମହାପାତ୍ର, ସଚ୍ଚିଦାନନ୍ଦ ଦାସ, ରବୀନ୍ଦ୍ର ନାଥ ପଣ୍ଡା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ନିଯୁକ୍ତି ପାଇଁ ଦାସ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ, ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ନେତାଜୀ ସ୍ପୋର୍ଟିଂ କ୍ଲବର ରକ୍ତଦାନ ଶିବିର

**ନାଉଗାଁ,୯।୧୧(ସ୍ୱ.ପ୍ର.):** ନାଉଗାଁ ଡେରିକିସ୍ଥିତ ନେତାଜୀ ସ୍ପୋର୍ଟିଂ କ୍ଲବ ତରଫରୁ ଶୁକ୍ରବାର ମା ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଜିଲା ରକ୍ତ ଭଣ୍ଡାର କର୍ମଚାରୀ ନିରଞ୍ଜନ ରାଉତ, ପୂର୍ଣ୍ଣବାସିନୀ ସ୍ୱାଇଁ, ଜ୍ୟୋତିର୍ମୟୀ ଦାସ, ହିରଣ୍ୟ ଗୋଚ୍ଛାୟତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଜିଲା ଯୁବ ବିଜେଡି ସଭାପତି ଅମରେନ୍ଦ୍ର ଦାସ, ଜିଲା ଛାତ୍ର କଂଗ୍ରେସ ସଭାପତି ସୁନିଲ ମାଟିଆ, ନାଉଗାଁ ବ୍ଲକ ବିଜେଡି କାର୍ଯ୍ୟକାରିଣି ସଭାପତି ପ୍ରଭୁ ଚରଣ ଦାସ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ନିଗମାନନ୍ଦ ପରିଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ବିରଞ୍ଚି ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶିବିରରେ ୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ଅପରାହ୍ନରେ ସଂକୀର୍ତ୍ତନ ମହାମଣ୍ଡଳ ଜିଲା ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ବୈରାଗୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। କ୍ଲବ ତରଫରୁ ୧୦୦ ଜଣ ଗରିବ, ଅସହାୟ ବୃଦ୍ଧାବୃଦ୍ଧ ଓ ବିଧବାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

■ ବିଡିଓଙ୍କ ପକ୍ଷପାତିତାକୁ ନେଇ ବ୍ଲକରେ ଉତ୍ତେଜନା

# ଶାସକ-ବିରୋଧୀ ସରପଞ୍ଚ ସଭ୍ୟ ମୁହାଁମୁହିଁ

**ରଘୁନାଥପୁର, ୯।୧୧ (ଡି.ଏନ.ଏ.)**



ଶାସକ ଏବଂ ବିରୋଧୀ ଦଳ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ।

- ■ପୋଲିସ ଉପସ୍ଥିତିରେ ଆଲୋଚନା ବିଫଳ
- ■ଠୁଳ ହେଲେ ଉଭୟ ପକ୍ଷର ଶତାଧିକ ସମର୍ଥକ
- ■ଏକ ପ୍ଲାଟୁନ ଫୋର୍ସ ମୁତୟନ

ରଘୁନାଥପୁର ବ୍ଲକରେ ବିଡିଓଙ୍କ ପକ୍ଷପାତିତାକୁ ନେଇ ଶୁକ୍ରବାର ଉଭୟ ଶାସକ-ବିରୋଧୀ ସରପଞ୍ଚ, ସଭ୍ୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବ୍ଲକ ପରିସରରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ପୂର୍ବାହ୍ନରେ ବିରୋଧୀ ଗୋଷ୍ଠୀର ୧୭ ଜଣ ସରପଞ୍ଚ, ସଭ୍ୟ, ବିଡିଓ ପଞ୍ଚାନନ ପଟ୍ଟାୟତଙ୍କ ପାଖରେ ପହଞ୍ଚି ସେମାନଙ୍କୁ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ପକ୍ଷପାତିତା କରାଯାଉଥିବା ଅଭିଯୋଗ କରିଥିଲେ। ଏପରି କି ରାଶନ କାର୍ଡ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ଆମ ଗାଁ ଆମ ବିକାଶ କାର୍ଯ୍ୟ ପାଇଁ ଯାଇଥିବା ତାଲିକାକୁ ବଦଳାଇ ଦିଆଯାଇ ଶାସକ ଗୋଷ୍ଠୀଙ୍କ ଇଙ୍ଗିତରେ ବିଡିଓ ଚାଲୁଥିବା ଦୃଢ଼ ଅଭିଯୋଗ କରିଥିଲେ। ଆଲୋଚନା ସମୟରେ ଜଗନାଥପୁର ସମିତିସଭ୍ୟ ମେହବୁବ୍ ବେଗ୍‌ଙ୍କ ନେତୃତ୍ୱରେ ରଘୁନାଥପୁର ସରପଞ୍ଚ ପ୍ରମୋଦ କୁମାର ଜେନା, ତାରପୁର ସରପଞ୍ଚ ସରୋଜ କୁମାର ଦାସ, ଅଢେଇକୂଳ ସରପଞ୍ଚ ଶେଷଦେବ ସେଠୀ, ରେଡୁଆ ସରପଞ୍ଚ ଜ୍ୟୋତିର୍ମୟୀ ଜେନା, ଛପଡା ସମିତିସଭ୍ୟା କାଦମ୍ବିନୀ ସ୍ୱାଇଁ ସମେତ ୧୭ ଜଣ ବିଡିଓ ଏ ସମ୍ପର୍କରେ ଉତ୍ତର ରଖନ୍ତୁ ନଚେତ୍ ଏଠାରୁ ଯିବାକୁ ଦେବୁ ନାହୁଁ ବୋଲି ହୋହଲ୍ଲା କରିଥିଲେ। ଏପିରି କି ରେଡୁଆ ସରପଞ୍ଚଙ୍କ ସ୍ୱାମୀ ସୁନୀଲ ଜେନା ବିଡିଓ ଏକ୍ସ ମିଲିଟାରୀ ଲୋକ ଏବଂ ଗୁଳିର ଭୟ ଦେଖାଉଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଥିଲେ। ତେବେ ବିଡିଓ ପଟ୍ଟାୟତ ଏହା ସମ୍ପୂର୍ଣ୍ଣ ମିଛ ବୋଲି ପ୍ରକାଶ କରିଥିଲେ। ସବୁ କ୍ଷେତ୍ରରେ ଉକ୍ତ ୧୭ ଜଣ ସରପଞ୍ଚ, ସଭ୍ୟଙ୍କୁ ଅଣଦେଖା କରାଯାଉଛି ଏବଂ ବିଡିଓଙ୍କୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନି ବୋଲି ସରପଞ୍ଚ ସଭ୍ୟମାନେ ଉଚ୍ଚ ସ୍ୱରରେ ଯୁକ୍ତି ତର୍କ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ରଘୁନାଥପୁର ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ଉପର ମହଲାରେ ଥିବା ସଭା କକ୍ଷରେ ଆଲୋଚନା କରିବାକୁ ସମସ୍ତଙ୍କୁ ଡାକି ନେଇଥିଲେ। ଆଲୋଚନାରେ ୧୭ ଜଣ ସରପଞ୍ଚ ସଭ୍ୟ, ବିଡିଓ ପଟ୍ଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି, ଏଓ ବିଜୟ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ବୈଠକ ଶାନ୍ତିପୂର୍ଣ୍ଣ ବାତାବରଣରେ ଚାଲୁଥିଲା। ହଠାତ୍ ଶାସକ ଗୋଷ୍ଠୀ ପକ୍ଷରୁ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ତାରପୁର ସଭ୍ୟ ସରୋଜ କୁମାର ଦାଶ, ବରାଗୋଳ ସରପଞ୍ଚ ସୁଭ୍ରାନ୍ତ କୁମାର ସ୍ୱାଇଁ ଓ କେତେଜଣ ଦଳୀୟ କର୍ମୀ, ବିଡିଓଙ୍କୁ ଅପମାନ ତଥା ଆମକୁ ନ ଜଣାଇ କାହିଁକି ବୈଠକ କରାଗଲା ବୋଲି ଯୁକ୍ତିତର୍କ କରିଥିଲେ। ଫଳରେ ପୋଲିସ ଉପସ୍ଥିତିରେ କିଛି ସମୟ ପାଇଁ ଉଭୟ ଶାସକ ଓ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶାସକ ଗୋଷ୍ଠୀ ବିଡିଓଙ୍କୁ ସେଠାରୁ ନେଇ ଯାଇଥିଲେ। ପୋଲିସ ଉପସ୍ଥିତିରେ ଆଲୋଚନା ବିଫଳ ହେବାରୁ ଆମକୁ ଅପମାନ ଦିଆଗଲା ବୋଲି କହି ପୋଲିସକୁ ବିରୋଧୀ ଗୋଷ୍ଠୀର ସରପଞ୍ଚ ସଭ୍ୟମାନେ ଦାୟୀ କରିଥିଲେ। ଆଇଆଇସି ଆସି ଆମ ସାଙ୍ଗରେ ଆଲୋଚନା ନ କରିବା ଯାଏଁ ସଭାକକ୍ଷ ଛାଡିବୁ ନାହିଁ ବୋଲି କହି ବସି ରହିଥିଲେ। ଉଭୟପକ୍ଷରୁ ଶତାଧିକ ସମର୍ଥକ ବ୍ଲକ ସମ୍ମୁଖରେ ଠୁଳ ହେବାର ଦେଖି ଆଇଆଇସି ଏକ ପ୍ଲାଟୁନ ଫୋର୍ସ ମୁତୟନ କରିଥିଲେ। ବ୍ଲକରେ ଉତ୍ତେଜନା ଲାଗି ରହିଥିବାବେଳେ ଉଭୟଗୋଷ୍ଠୀର ସରପଞ୍ଚ, ସଭ୍ୟ ଉପସ୍ଥିତ ରହିଥିଲେ। ତେବେ ଦୀର୍ଘ ସମୟ ଅପେକ୍ଷା କରି କୌଣସି ଆଲୋଚନା ନ ହେବାରୁ ବିରୋଧୀ ଗୋଷ୍ଠୀ ଥାନାରେ ଅଭିଯୋଗ କରିବାକୁ ଥାନା ଯାଉଥିଲେ। ବାହାରେ ଉପସ୍ଥିତ ଥିବା ଶାସକ ଗୋଷ୍ଠୀରେ କେତେଜଣ ଦଳୀୟ କର୍ମୀ ବିରୋଧୀ ଗୋଷ୍ଠୀର ମହିଳା ସରପଞ୍ଚ ଓ ସଭ୍ୟାଙ୍କୁ କମେଣ୍ଟ୍ କରିଥିଲେ। ଫଳରେ ଉତ୍ତେଜନା କମିବା ପରିବର୍ତ୍ତେ ବଢ଼ିଥିଲା। ଉଭୟଗୋଷ୍ଠୀ ଛକାପଞ୍ଝା ଅବସ୍ଥାରେ ରହିଥିଲା। ପରବର୍ତ୍ତୀ ସମୟରେ ବିଡିଓ ପଟ୍ଟାୟତ ବିରୋଧୀ ଗୋଷ୍ଠୀଙ୍କ ନିକଟକୁ ଆସି ପିଡିଙ୍କ ସହ ଆଲୋଚନା କରି ସମାଧାନର ପନ୍ଥା ବାହାର କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ବିରୋଧୀ ଗୋଷ୍ଠୀ ବ୍ଲକ କାର୍ଯ୍ୟାଳୟ ଛାଡି ଚାଲି ଆସିଥିଲେ।



ଆଇନ ସେବା ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ପଙ୍କପାଳ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଜାତୀୟ ଆଇନ ସେବା ଦିବସରେ ସଚେତନତା

**କୁଜଙ୍ଗ,୯।୧୧(ସ୍ୱ.ପ୍ର)**

କୁଜଙ୍ଗ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ଜାତୀୟ ଆଇନ ସେବା ଦିବସରେ ପଙ୍କପାଳ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଓ ସଚେତନତା ଶୋଭାଯାତ୍ରା ହୋଇଛି। କୁଜଙ୍ଗ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ତଥା କୁଜଙ୍ଗ ସବ୍‌ଜଜ୍ ଅଭିଲାଷ ସେନାପତି ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କୁଜଙ୍ଗ ଜେଏମ୍ଏଫ୍‌ସି(ପି) ମାମୀ ବେହେରା, ସିଭିଲ ଜଜ୍ ଅମିତାଭ ପଣ୍ଡା ଓ କୁଜଙ୍ଗ ଓକିଲ ସଂଘ ସଭାପତି ଏଏନ୍‌ଡି ଯାବଦ ପ୍ରମୁଖ ଉପସ୍ଥିତ ରହି ଏହି ଦିବସର ବିଷୟରେ ସୂଚନା ଦେଇଥିଲେ। ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳ୍ପତରୁ ସ୍ୱାଇଁ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରସଂଶା କରିଥିଲେ। ଶିକ୍ଷୟିତ୍ରୀ ସୁଚିତ୍ରା ମହାନ୍ତି, ସୁଧାଂଶୁ ମହାପାତ୍ରଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ୯ମ ଦିନରେ କ୍ୟାମ୍ପ କୋର୍ଟ

**ଜଗତ୍‌ସିଂହପୁର ଅଫିସ,୯।୧୧**

ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ କ୍ୟାମ୍ପ କୋର୍ଟ କରାଯାଉଛି। ଏହି ଅନୁଯାୟୀ ଶୁକ୍ରବାର ଆଳିପିଙ୍ଗଳସ୍ଥିତ ଉପ କାରାଗାରରେ କୋର୍ଟ ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ରବିନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କୋର୍ଟଗୁଡିକରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଭଗବାନ ପ୍ରଧାନ, ଏସ୍‌ଡିଜେଏମ୍ ଶୁଭଶ୍ରୀ ପ୍ରଧାନ ଓ ଜେଏମ୍ଏଫ୍‌ସି ପ୍ରଜ୍ଞା ଲଳିତ ମିଶ୍ର ପ୍ରମୁଖ ଯୋଗ ଦେଇ ୧୫ ମାମଲାର ଶୁଣାଣି କରିଥିଲେ। ଶେଷରେ ୭ ଜଣ ମୁଦ୍ଦୁଲାଙ୍କ ଦରଖାସ୍ତ ମଞ୍ଜୁର ହେବା ସହ ସେମାନଙ୍କୁ କାରାଗାରରୁ ମୁକ୍ତ କରାଯାଇଛି। କ୍ୟାମ୍ପ କୋର୍ଟରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଗତ ମାସ ୨୮ ତାରିଖରୁ ଜଗତ୍‌ସିଂହପୁର ଜିଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜିଲା କୋର୍ଟର କୌଣସି ଶୁଣାଣି ହୋଇପାରି ନ ଥିଲା। ଏଥିପାଇଁ ଜଗତ୍‌ସିଂହପୁର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଅନେକ ଅଭିଯୁକ୍ତ ଜାମିନ ପାଇବାରୁ ବଞ୍ଚିତ ହୋଇଥିଲେ।

## ବିମୁଦ୍ରୀକରଣ ବିଫଳତା ପ୍ରତିବାଦରେ କଂଗ୍ରେସର ଧାରଣା





ଧାରଣାରେ ବସିଥିବା କଂଗ୍ରେସ ନେତା ଓ କର୍ମୀ।

**ଜଗତ୍‌ସିଂହପୁର ଅଫିସ, ୯।୧୧**

କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ବିଫଳତା ପ୍ରତିବାଦରେ ଜଗତ୍‌ସିଂହପୁର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଓ ପ୍ରତିବାଦ ସଭା କରାଯାଇଛି। ଏଥିରେ ପ୍ରଦେଶ କଂଗ୍ରେସ କୋର କମିଟି ସଭ୍ୟ ପ୍ରସନ୍ନ ସାମନ୍ତରାୟ, ଜଗତ୍‌ସିଂହପୁର ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀଚରଣ ରାଉତ, ଶିବବ୍ରତ ଦାସ, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ସୁନିଲ ମାଟିଆ, ଛାତ୍ର କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ସ୍ୱାଇଁ, ପ୍ରିୟନାଥ ରାୟ, ଜଗଦାନନ୍ଦ ବେହେରା, ଛାତ୍ରନେତା ମନୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିକୁଦା,୯।୧୧(ସ୍ୱ.ପ୍ର.)**

ବାଲିକୁଦା ଥାନା ଅଧୀନ ଆମ୍ବଶାଳ ଗ୍ରାମରେ ଗୁରୁବାର ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ କଳ୍ପନା ପଣ୍ଡା (୩୫)। ତାଙ୍କୁ ଶାଶୁଘର ଲୋକ ମାରିଦେଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କଳ୍ପନା ନିଜ ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ୧୫୧/୧୮ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ଓଡିନ୍ଦା ଗ୍ରାମର ସ୍ୱର୍ଗତ ଶିବ ଚରଣ ପଣ୍ଡାଙ୍କ ଝିଅ କଳ୍ପନା ୧୪ ବର୍ଷ ତଳେ ଆମ୍ବଶାଳ ଗାଁର ନିରଞ୍ଜନ ପଣ୍ଡାଙ୍କ ପୁଅ ଜିତନଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଜିତନ ଗତ ଜାନୁୟାରୀରେ ସୈନ୍ୟ ବାହିନୀରୁ ଅବସର ନେଇ ଘରକୁ ଫେରିଥିଲେ। ଏହା ପରେ ସେ କଳ୍ପନାଙ୍କୁ ଅତ୍ୟାଚାର ଦେଉଥିଲେ। ମଝିରେ ମଝିରେ କଳ୍ପନାଙ୍କ ଭାଇ ଆସି ବିବାଦର ସମାଧାନ କରୁଥିଲେ। ଗୁରୁବାର ରାତି ପ୍ରାୟ ୧ ଟାରେ କଳ୍ପନାଙ୍କ ମୃତ୍ୟୁ ଘଟିଥିବାବେଳେ ରାତି ସାଢେ ୩ଟାରେ ବାପଘର ଲୋକଙ୍କୁ ଖବର ଦିଆଯାଇଥିଲା। ତାଙ୍କ ଭାଇମାନେ ପହଞ୍ଚି ଉଭୟ ଆମ୍ବଶାଳ ଓ ମାଛଗାଁର ସରପଞ୍ଚ ତଥା ଗ୍ରାମର ମୁରବୀଙ୍କୁ ଡକାଇ ଆଲୋଚନା କରିବା ପରେ ଥାନାକୁ ଖବର ଦେଇଥିଲେ।

### ନାବାଳିକା ଅପହରଣ ଅଭିଯୋଗ

**ପାରାଦୀପ,୯।୧୧(ସ୍ୱ.ପ୍ର.)**

ପାରାଦୀପ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ଏ ନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ନଂ-୧୭୬/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପହରଣକାରୀ ଯୁବକଙ୍କ ନାମ ଗଣେଶ ଦାସ। ସୋସିଆଲ୍ ମିଡିଆ ମାଧ୍ୟମରେ ନାବାଳିକାଙ୍କ ସହ ସମ୍ପୃକ୍ତ ଯୁବକଙ୍କ ସମ୍ପର୍କ ହୋଇଥିଲା ବୋଲି ଏତଲାରେ ଦର୍ଶାଯାଇଛି।

## ଜାତୀୟ ଆଇନ ସେବା ଦିବସ

**ଜଗତ୍‌ସିଂହପୁର ଅଫିସ, ୯।୧୧**

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୁରୋହିତପୁର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସର ଭୂମିକା ଏବଂ ମହିଳାମାନଙ୍କୁ ମାଗଣାରେ କି ପ୍ରକାର ଆଇନଗତ ସହାୟତା ଦିଆଯାଇପାରେ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ମାଗଣାରେ କେଉଁମାନଙ୍କୁ କି ପ୍ରକାର ଆଇନଗତ ସହାୟତା ଦିଆଯାଇପାରେ ତା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ ପରିଚାଳନା କରିଥିଲେ। ଜି.ପି. ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ପୁରୋହିତପୁର ଉଚ୍ଚବିଦ୍ୟାଳୟରୁ ଚର୍ଚ୍ଚିକା ବଜାର ପର୍ଯ୍ୟନ୍ତ ଯାଇଥିଲା।

■ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

# ବିରିଡ଼ି ବ୍ଲକକୁ ୪ କୋଟି ୫୦ ଲକ୍ଷ

**ବିରିଡ଼ି,(ଡି.ଏନ.ଏ.)/ବାଲିଆ,୯।୧୧**



ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟିକା ଓ ଅନ୍ୟମାନେ।

ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରିଡ଼ି ବ୍ଲକ ପାଇଁ ଶୁକ୍ରବାର ୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସଚିବାଳୟଠାରେ ଭିଡିଓ କନ୍‌ଫରେନସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଏହି ବ୍ଲକରେ ହେବାକୁ ଥିବା ୨୩୮ ପ୍ରକଳ୍ପ ପାଇଁ ଉକ୍ତ ଅର୍ଥ ମଞ୍ଜୁର କରାଯାଇଥିବା କହିଥିଲେ। ଏହି ପରିପ୍ରେକ୍ଷୀରେ ୨୨ମୌଜର ମଇଁନ୍ଦିପୁର ବୈଦ୍ୟନାଥ କ୍ରୀଡା ସଂସଦ ଖେଳପଡିଆରେ ଏକ ଜନ ସମାବେଶ ହୋଇଥିଲା। ଏଥିରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ଏମପି ଡା. କୁଳମଣୀ ସାମଲ, ଜିଲାପାଳ ୟାମିନୀ ଷଡ଼ଙ୍ଗୀ, ପିଡି ବିଶ୍ୱଜିତ ପ୍ରକାଶ ଦାସ, ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟିକା ମଲ୍ଲିକ ଏହି ସମାବେଶ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସନୀୟତା ଓ କାର୍ଯ୍ୟଦକ୍ଷତା ଯୋଗୁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ୨୧ ପଞ୍ଚାୟତର ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଜନସାଧାରଣ ବଡ଼ ପରଦାରେ ପ୍ରକଳ୍ପ ଲୋକାର୍ପଣ ସମାରୋହ ସିଧାପ୍ରସାରଣକୁ ଉପଭୋଗ କରିଥିଲେ। ସମାରୋହରେ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ସହ କେତେକ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ କାର୍ଯ୍ୟକ୍ରମଠାରୁ ନିଜକୁ ଦୂରେଇ ରଖିଥିଲେ। ପୁରଣ ସରପଞ୍ଚ ସୁଭଦ୍ରା ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିରିଡ଼ି ବିଜୁ ଯୁବ ବାହିନୀ ସଭ୍ୟା ସଭ୍ୟମାନେ ସହଯୋଗ କରିଥିଲେ। ଜିଲା ପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ବେହେରା, ଜ୍ୟୋତି ଫେଡେରେଶନ ସଭାନେତ୍ରୀ ସବିତା ଦାସ, ସମ୍ପାଦିକା ମମତା ଦାସ, ମହିଳା ସଭାନେତ୍ରୀ ମାହେଶ୍ୱତା ଜେନା, ମିତାଞ୍ଜଳି ଭୋଇ, ରାସ ବିହାରୀ ଦାସ, ବ୍ଲକ ବିଜେଡି ସଭାପତି ରବିନ୍ଦ୍ର ନାଥ ରାଉଳ, ପୂର୍ବତନ ବିଜେଡି ବ୍ଲକ ସଭାପତି ବିଭୁଦତ୍ତ ସାହୁ, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ବରିଷ୍ଠ ନେତା ବିଦ୍ୟାଧର ଦାଶ, ବିଧାନ ଚନ୍ଦ୍ର ଜେନା, ପୁଷ୍ପ ପ୍ରକାଶ ପ୍ରଧାନ, ଅମିତ କୁମାର ରାଉଳ, ଧନଞ୍ଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜନ ପ୍ରତିନିଧିଙ୍କୁ ଉପେକ୍ଷାକୁ କଂଗ୍ରେସର ବିରୋଧ

**ବିରିଡ଼ି,(ଡି.ଏନ.ଏ.)/ବାଲିଆ,୯।୧୧**

ଶୁକ୍ରବାର ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିରିଡ଼ି ବ୍ଲକ ଅଧ୍ୟକ୍ଷ ଓ କେତେଜଣ ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା କରାଯିବାକୁ ବିରୋଧ କରିଛି କଂଗ୍ରେସ। ଜନ ପ୍ରତିନିଧିଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରା ନ ଯାଇ କେବଳ ବିଜେଡି କାର୍ଯ୍ୟକ୍ରମ ଭାବେ ରୂପାୟିତ କରାଯାଇଛି ବୋଲି ଦଳ ଅଭିଯୋଗ କରିଛି। ଏହାର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଓ ସିଡିପିଓ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ସୀତାଂଶୁ ଶେଖର ରାୟ, ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ରାଜ୍ୟ ସଭା ଏମପିଙ୍କ ପ୍ରତିନିଧି ଲିଙ୍ଗରାଜ ମଲ୍ଲ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ତଥା ସରପଞ୍ଚ ଅଶୋକ କୁମାର ଜେନା, ସମିତି ସଭ୍ୟ ଗୋପବନ୍ଧୁ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି। ସେହିପରି ଏହି କାର୍ଯ୍ୟକ୍ରମକୁ କୌଣସି ପ୍ରକାରେ ସଫଳ କରିବା ପାଇଁ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟା ସଭ୍ୟ ସହଯୋଗ କରିବେ ନାହିଁ ବୋଲି ଯୁବନେତା ଦେବୀ ପ୍ରସାଦ ତ୍ରିପାଠୀ, ଗୋପୀନାଥପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, ମଙ୍ଗୁଳି ସରପଞ୍ଚ ସ୍ମୃତିମଞ୍ଜରୀ ପରିଜା, ବାରଡିଆ ସରପଞ୍ଚ ରେଣୁବାଳା ପାଳ, ୨ନଂ ଜୋନ ବ୍ଲକ କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ଦାଶ, ବଡଖଣ୍ଡାୟତା ସରପଞ୍ଚ ବାବୁଲି ଚରଣ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବୁଢାପଡା ସମିତିସଭ୍ୟା ପ୍ରେମଲତା ସାହୁ, ମଙ୍ଗୁଳି ସମିତିସଭ୍ୟ ସୁଦର୍ଶନ ମହାନ୍ତି, ଉକୁନ୍ଦରା ସମିତିସଭ୍ୟ ବିଶ୍ୱରଞ୍ଜନ ପାତ୍ର, ଅଢଙ୍ଗ ମଜୁରାଇ ସମିତିସଭ୍ୟା ଚନ୍ଦନା ରାୟ, ସଢେଇଶାସନ ସମିତିସଭ୍ୟ ଅମୂଲ୍ୟ କୁମାର ମହାନ୍ତି, ବାଗଲପୁର ସମିତି ସଭ୍ୟା ବିଭାସିନୀ ପଟ୍ଟନାୟକ, କଂଗେସ ନେତା କିଶୋର ଚନ୍ଦ୍ର ପାଳ, ଗୋପୀନାଥପୁର ନାଏବ ସରପଞ୍ଚ ସାଗର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩ ଫେରାର ଅଭିଯୁକ୍ତ ଗିରଫ

ମାର୍ଶାଘାଇ, ୯।୧୧ (ଡି.ଏନ.ଏ.): ମାର୍ଶାଘାଇ ଥାନା ଅଞ୍ଚଳର ୨ ପୃଥକ୍ ମାମଲାରେ ଫେରାର ଥିବା ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାର୍ଶାଘାଇ ପୁରୁଷୋତ୍ତମପୁରର ଦୁର୍ଯ୍ୟୋଧନ ପାଇଟାଳଙ୍କ ସ୍ତ୍ରୀ ଅରୁଣି(୫୦) ଓ ଝିଅ ସିଲି(୨୧)ଙ୍କୁ କେସ୍ ନଂ ୧୨୬୩/୧୫ରେ ଗିରଫ କରାଯାଇଛି। ସେହିପରି ସାନଗାଁ ଗ୍ରାମର ଗଜେନ୍ଦ୍ର ଦାସଙ୍କ ପୁଅ ତ୍ରିଲୋଚନ(୨୪)ଙ୍କୁ କେସ୍ ନଂ. ୭୩୯/୧୬ରେ ପୋଲିସ ଗିରଫ କରିଛି।

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର, ୯।୧୧ (ଡି.ଏନ୍.ଏ.): ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀ ସଭାପତି ରାଜେନ୍ଦ୍ର ପଡିହାରୀଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟଅତିଥି, ସରପଞ୍ଚ ପ୍ରତିମା ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ ମୁଖ୍ୟବକ୍ତା ଓ ଗୋବର୍ଦ୍ଧନ ରାଉତ, ଅରୁଣ କୁମାର ସାହୁ, ଅଶୋକ କୁମାର ମହାନ୍ତି, ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମର ନମ୍ରଦା ଦାସ, ଅର୍ଚ୍ଚିତା ପ୍ରଧାନଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଜେନା, ପ୍ରକାଶ ତାଡୁ, ବିଜୁ ଯୁବବାହିନୀ ସଦସ୍ୟ ଅଶୋକ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ଗିରିଗୋବର୍ଦ୍ଧନ ପୂଜାର ୨ୟ ସନ୍ଧ୍ୟା



ପାଟକୁରା, ୯।୧୧ (ଡି.ଏନ୍.ଏ.) ଗରଦପୁର ବ୍ଲକ ବେତାରୀ ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଗିରିଗୋବର୍ଦ୍ଧନ ପୂଜା। ଶ୍ରୀକୃଷ୍ଣଙ୍କ ଗୋବର୍ଦ୍ଧନ ଧାରଣ ମୃଣ୍ମୟ ମୂର୍ତ୍ତି ବିଭିନ୍ନ ମଣ୍ଡପରେ ପୂଜା କରାଯାଉଛି। ଆଲୋକମାଳାରେ ମଣ୍ଡପ ସଜା ହୋଇଥିବା ବେଳେ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ମଣ୍ଡପ ପାର୍ଶ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଅଞ୍ଚଳବାସୀ ଏହାକୁ ଖୁବ୍ ଉପଭୋଗ କରୁଛନ୍ତି। ୭ଦିନ ଧରି ପୂଜା ଅନୁଷ୍ଠିତ ହେବାକୁଥିବା ବେଳେ ଗ୍ରାମ ମଧ୍ୟରେ ଆମିଷ ପ୍ରବେଶ ବାରଣ କରାଯାଇଛି। ଗ୍ରାମବାସୀ ଅତ୍ୟନ୍ତ ନିୟମ ନିଷ୍ଠାର ସହ ଏହି ପୂଜାକୁ ପାଳନ କରୁଛନ୍ତି।

### ସବୁଜ ଦୀପାବଳି ସଚେତନତା

ତିର୍ତ୍ତୋଲ, ୯।୧୧(ଡି.ଏନ.ଏ.): ତିର୍ତ୍ତୋଲ ସରଣୀ ଛକଠାରେ ଦିଶା ଆନୁକୂଲ୍ୟରେ ସବୁଜ ଦୀପାବଳି ପାଳନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଚୌଧୁରୀ ଶ୍ରୀକାନ୍ତ ଦାଶ ମୁଖ୍ୟଅତିଥି, ସୁଶ୍ରୀତା ଖୁଣ୍ଟିଆ ମୁଖ୍ୟବକ୍ତା, ଛାତ୍ରନେତା ରବିନାରାୟଣ କର, ବୈଶାଳୀ ଲେଙ୍କା, ପ୍ରଭାତି ମଞ୍ଜରୀ ରାୟ, ସୁଜାତା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଗୀତ ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ବୃକ୍ଷ ଚାରା ପ୍ରଦାନ କରାଯାଇଥିଲା।

### କ୍ୟାନସର ପୀଡ଼ିତଙ୍କୁ ସହାୟତା



ଡେରାବିଶ, ୯।୧୧ (ସ୍ୱ.ପ୍ର.): ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅଧୀନ ନିକିକଣା ଗ୍ରାମର ଶାନ୍ତନୁ ମଲିକ(୫୦) ଦୀର୍ଘ ଦିନ ହେବ କ୍ୟାନସରରେ ଆକ୍ରାନ୍ତ ହୋଇଛନ୍ତି। ପାରିବାରିକ ସ୍ୱଚ୍ଛଳତା ନ ଥିବାରୁ ତାଙ୍କ ଚିକିତ୍ସା କରାଇବା ସମ୍ଭବ ହେଉ ନ ଥିବା ବେଳେ ସାମାଜିକ କର୍ମୀ ତଥା କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ଅଜୟ କୁମାର ରାଉତ ତାଙ୍କୁ ଗୁରୁବାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

# ତଦନ୍ତ ଶିଥିଳତା ପ୍ରତିବାଦରେ ଅନଶନ

**ହତ୍ୟା ଅଭିଯୋଗ**



ଅନଶନସ୍ଥଳରେ ଗ୍ରାମବାସୀ।

କେନ୍ଦ୍ରାପଡା ଅଫିସ, ୯।୧୧

ପଟ୍ଟାମୁଣ୍ଡାଇ ଥାନାର ଏକ ହତ୍ୟା ମାମଲା ତଦନ୍ତରେ ଶିଥିଳତା ଅବଲମ୍ବନ କରାଯାଉଛି। ଏହିଭଳି ଅଭିଯୋଗ କରି ପ୍ରତିବାଦରେ ତନ୍ତିଆପାଳ ଥାନା ଅନ୍ତର୍ଗତ ବଢ଼ିହି ଗ୍ରାମର ଜଗବନ୍ଧୁ ନାୟକଙ୍କ ପରିବାର ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅନଶନ ଓ ଧାରଣାରେ ବସିଛନ୍ତି । ଏହାକୁ ବଢ଼ିହି ପଞ୍ଚାୟତବାସୀ ଓ ମହିଳା ମହାସଂଘ ପକ୍ଷରୁ ସମର୍ଥନ କରାଯାଇଛି। ସେମାନେ ମଧ୍ୟ ଅନଶନସ୍ଥଳରେ ସମବେତ ହୋଇଛନ୍ତି। ଜଗବନ୍ଧୁଙ୍କ ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧୯ରେ ତନ୍ତିଆପାଳ ଥାନା ରତନପାଳ ଗ୍ରାମର ଜଣେ ବ୍ୟକ୍ତି କୌଣସି ଏକ ଆଳ ଦେଖାଇ ପୁଅ ବସନ୍ତଙ୍କୁ ଡାକି ନେଇଥିଲେ । ରାତିରେ ବସନ୍ତ ଘରକୁ ଫେରି ନ ଥିବା ବେଳେ ପରଦିନ ପଟ୍ଟାମୁଣ୍ଡାଇ ଥାନାର ସଂକୃପା ରାସ୍ତାରେ ଥିବା ଏକ ପୋଲ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏନେଇ ଥାନାରେ ଅଭିଯୋଗ ହେବା ପରେ ୩୨୮/୧୮ରେ ମାମଲା ରୁଜୁ ହୋଇଛି । ମାତ୍ର ଅଦ୍ୟାବଧି ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏନେଇ ଜଗବନ୍ଧୁଙ୍କ ପରବାର ସଦସ୍ୟ ସେପ୍ଟେମ୍ବର ୨୮ରେ ଏସପିଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରେ ଖୁଲମ୍‌ଖୁଲା ବୁଲିବା ସହ ଆକ୍ଷେପମୂଳକ କଥା କହୁଛନ୍ତି । ଏହାର ପ୍ରତିବାଦରେ ଏହି ଧାରଣା ଦିଆଯାଇଛି ବୋଲି ଜଗବନ୍ଧୁ କହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନଯିବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ରିପୋର୍ଟ ଲେଖା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଅନଶନକାରୀଙ୍କ ସହ ଆଲୋଚନା କରି ନ ଥିବା ସୂଚନା ମିଳିଛି।

■ ବୋହୂଙ୍କୁ କିରୋସିନ୍ ଢ଼ାଳି ପୋଡ଼ି ଦେବାକୁ ଉଦ୍ୟମ ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବି କଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ, ୯।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଡ଼ିହାପଡ଼ା ପଞ୍ଚାୟତ ତେଲେଙ୍ଗା ବସନ୍ତ ଗ୍ରାମର ପ୍ରମିଳା ମହାନ୍ତି (୩୦)ଙ୍କୁ ଗତ ୨୬ରେ ତାଙ୍କ ଶାଶୁ ଓ ସ୍ୱାମୀ କିରୋସିନି ଢାଳି ନିଆଁରେ ପୋଡ଼ି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ମଙ୍ଗରାଜପୁର ଗ୍ରାମରେ ରହୁଥିବା ପ୍ରମିଳାଙ୍କ ସାନ ଭାଇ ଓ ବାପା ଶରତ ସ୍ୱାଇଁ ଥାନାରେ ୨ ଥର ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କୁ ଅଦ୍ୟାବଧି ଗିରଫ କରାଯାଇ ନ ଥିବାରୁ ମଙ୍ଗରାଜପୁର ଗ୍ରାମବାସୀ ଶୁକ୍ରବାର ଥାନା ଆଇଆଇସି ପ୍ରମୋଦ କୁମାର ମଲିକଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରମିଳା ଏବେ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ପରେ ସ୍ୱାମୀ ଓ ଶାଶୁ ଫେରାର ହୋଇଯାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ୪ ନଭେମ୍ବରରେ ମାମଲା (ନଂ–୩୬୬/୧୮)ରୁଜୁ ହୋଇଛି। ମାତ୍ର ଅଭିଯୁକ୍ତଙ୍କୁ ଧରବା ପାଇଁ ପୋଲିସ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇ ନଥିବା ଅଭିଯୋଗ ହୋଇଛି। ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଧରିବାରେ ବିଳମ୍ବ କରୁଛି ବୋଲି ଅଭିଯୋଗ କରି ଭାନୁମତି ରାଉତ, ସରସ୍ୱତୀ ସ୍ୱାଇଁ, ଛବିଲତା ଦେଇ, ଅମ୍ବିକା ସ୍ୱାଇଁ, ପଦ୍ମାବତୀ ରାଉତ, ଆଶାଲତା ଦାସ ଓ ସ୍ୱର୍ଣ୍ଣଲତା ସ୍ୱାଇଁ ପ୍ରମୁଖ ଆଇଆଇସିଙ୍କୁ ଭେଟିଥିଲେ। ଏନେଇ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ମଲିକ ପ୍ରତିଶ୍ରୁତି ଦେଇଛନ୍ତି।



ଥାନା ଆଗରେ ମଙ୍ଗରାଜପୁର ଗ୍ରାମବାସୀଙ୍କ ଧାରଣା।

# କାଳୀ ପୂଜା ପାଇଁ କଣ୍ଡିଆହାଟ ଉତ୍ସବମୁଖର

ରାଜକନିକା, ୯।୧୧ (ଡି.ଏନ୍.ଏ.)

ରାଜକନିକା ବ୍ଲକସ୍ଥିତ କଣ୍ଡିଆହାଟଠାରେ ଅନୁଷ୍ଠିତ ସାର୍ବଜନୀନ ଶ୍ୟାମାକାଳୀ ପୂଜା ପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଛି। କଣ୍ଡିଆହାଟ ସାର୍ବଜନୀନ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଗତ ୬ ତାରିଖରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଭଜନ କିର୍ତନରେ ସମଗ୍ର ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗତ ୨୪ବର୍ଷ ପୂର୍ବେ ଏଠାରେ ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହୋଇଥିବା ବେଳ ଏବେ ସ୍ଥାନୀୟ ଲୋକଙ୍କ ଉଦ୍ୟମକ୍ରମେ ଖୁବ୍ ଧୁମ୍‌ଧାମ୍‌ରେ ଏହାକୁ ପଳନ କରାଯାଉଛି।



କଣ୍ଡିଆହାଟ ମଣ୍ଡପରେ ଶ୍ୟାମାକାଳୀ ପୂଜା।

ଏହି ଅବସରରେ ଆସନ୍ତା ୧୧ ଓ ୧୨ରେ ଖରସ୍ରୋତା ନାଟ୍ୟ ପରିଷଦ ପକ୍ଷରୁ ନାଟକ ପରବେଷଣ କରାଯିବ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ବ୍ଲକର ଓଳାଭର, ଦେଉଳତରା, ହରିହରପୁର ଶାସନଠାରେ କାଳୀ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହେଉଛି।

## ଦକ୍ଷତା ବିକାଶ ତାଲିମ ଶିବିର

ବାଲିକୁଦା,୯।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ତିରିତା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାବାର୍ଡ ସହାୟତାରେ ଦକ୍ଷତା ବିକାଶ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବୀଣା'ର ପ୍ରତ୍ୟେକ୍ଷ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାବାର୍ଡ ଜିଏମ୍ ଶାନ୍ତି ପ୍ରକାଶ ମହାପାତ୍ର, ୟୁକୋ ବ୍ୟାଙ୍କ ବୋରିକିନା ଶାଖା ପରିଚାଳକ ଭାଗିରଥି ନାୟକ, ୟୁକୋ ବ୍ୟାଙ୍କ୍ ଜିଲ୍ଲା ଆର୍ଥିକ ସାକ୍ଷରତା ସଂଯୋଜକ ଅନାଦି ଚରଣ ଖୁଣ୍ଟିଆ, ଓଡିଶା ଜୀବିକା ମିଶନ ବ୍ଲକ ପରିଚାଳକ ପ୍ରତାପରୁଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଲୋକମାନେ କିପରି ସହଜରେ ବ୍ୟାଙ୍କରେ ଖାତା ଖୋଲି ସେବା ପାଇପାରିବେ ସେ ସମ୍ପର୍କରେ କହିଥିଲେ। ବୀଣାର ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ସାମଲ ଯୋଗଦେଇ ଲୋକେ କିପରି ସରକାରୀ ସୁବିଧା ପାଇପାରିବେ ସେ ସମ୍ପର୍କରେ କହିଥିଲେ।

■ ଅଲିଭ୍‌ରିଡଲେଙ୍କ ସୁରକ୍ଷା ସଚେତନତା

# କଇଁଛଙ୍କ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ

ରାଜନଗର, ୯।୧୧ (ଡି.ଏନ୍.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରିଆସିଥିବା ବିରଳ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ନିମନ୍ତେ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଶୁକ୍ରବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଗହୀରମଥା ଶାସନପେଟାଠାରେ ଆୟୋଜିତ ଏହି ଶିବିରରେ ମହାକାଳପଡା, ତନ୍ତିଆପାଳ, ଭୋପାଳ, ସୁନିତୀ, ଜମ୍ବୁ, ଖରନାସୀ, ରାଜନଗର ପ୍ରଭୃତି ଅଞ୍ଚଳର ମତ୍ସ୍ୟଜୀବୀମାନେ ଯୋଗଦେଇଥିଲେ। ଏଥିରେ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିବା



ବେଳେ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା କ୍ଷେତ୍ରରେ ବନବିଭାଗ ସହଯୋଗ କରିବାକୁ ମତ୍ସ୍ୟଜୀବୀମାନେ ପ୍ରସ୍ତାବ ଦେଇଥିଲେ। ଅତିରିକ୍ତ ବନ ସଂରକ୍ଷକ ଜି. ଆନନ୍ଦ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ପରିବେଶବିତ୍ ତଥା ହେମନ୍ତ କୁମାର ରାଉତ, ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଶ୍ରୀଅରବିନ୍ଦ ମିଶ୍ର, ହରେକୃଷ୍ଣ ମଲ୍ଲିକ, ବିଜୟ କୁମାର ପରିଡ଼ା, ଅଶୋକ କୁମାର ସ୍ୱାଇଁ, ମତ୍ସ୍ୟାଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବନବିଭାଗ ତରଫରୁ ପ୍ରକୃତ ମତ୍ସ୍ୟଜୀବୀଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସହାୟତା ରାଶି ପ୍ରଦାନ କରିବା ପାଇଁ ଦାବି ହୋଇଥିଲା। ଏହାଛଡ଼ା ଗହୀରମଥା ବନାଞ୍ଚଳ ପାର୍ଶ୍ୱବର୍ତ୍ତୀ ଗାଁଗୁଡିକରେ ବାରହା ଉପଦ୍ରବ ବଢୁଥିବାରୁ ଧାନଫସଲ ନଷ୍ଟ ହେବା ସହିତ ସାଧାରଣ ଜୀବନ ପ୍ରତି ମଧ୍ୟ ବିପଦ ଦେଖା ଦେଇଛି। ଫଳରେ ଏହାର ପ୍ରତିକାର ପାଇଁ ଭିତରକନିକା ଚତୁଃପାର୍ଶ୍ୱରେ ତାରବାଡ଼ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ।

# ଆଳି ଗାନ୍ଧୀ ସହଦେବ ଦାସଙ୍କ ୧୧୯ ତମ ଜୟନ୍ତୀ

ଆଳି, ୯।୧୧ (ଡି.ଏନ୍.ଏ.)

ଆଳି ଅଞ୍ଚଳର ଗାନ୍ଧୀ ଭାବେ ପରିଚିତ ପୂର୍ବତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ ସହଦେବ ଦାସଙ୍କର ୧୧୯ତମ ଜୟନ୍ତୀ ନମୌଜାସ୍ଥିତ ନୂଆଗାଁ ସିନିୟର ବେସିକ ସ୍କୁଲ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ନମୌଜା ପୁରାତନ ଛାତ୍ରସଂସଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସଂସଦ ସଭାପତି ବୀରେନ୍ଦ୍ର କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ମଧୁସୂଦନ ମହାନ୍ତି ମୁଖ୍ୟଅତିଥି ଓ ରିଜର୍ଭ ବ୍ୟାଙ୍କର ପୂର୍ବତନ ରିଜିଓନାଲ ମ୍ୟାନେଜର ଚକ୍ରଧର ଦାଶ, କଥିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋଜା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ଦେବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ପଣ୍ଡା, ମଧୁସୂଦନ ଦାସ, ତ୍ରୈଲକ୍ୟନାଥ ପଣ୍ଡା ଓ ବୃନ୍ଦାବନ ପଣ୍ଡା, ଅକ୍ଷୟ କୁମାର ଦାଶ ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମୀ ସହଦେବ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଆଳିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କାର୍ଯ୍ୟ ସ୍ୱର୍ଗତ ଦାସଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା। ତାଙ୍କ ନିଃସ୍ୱାର୍ଥପର କାର୍ଯ୍ୟ ପାଇଁ ଲୋକମାନେ ତାଙ୍କୁ ଆଳି ଗାନ୍ଧୀ ଭାବରେ ସମ୍ବୋଧିତ କରନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ଦ୍ୱିତୀୟରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ସମାଜରେ ନିଶାର ପ୍ରଭାବ ଓ ଏହାର ପ୍ରତିକାର'ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଚାରକ ଭାବରେ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଚକ୍ରଧର ଦାଶ ଯୋଗଦେଇଥିଲେ। ଏଥିସହ ସେହି ଅଞ୍ଚଳରେ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା, ପଠାଣି ସାମନ୍ତ ପରୀକ୍ଷାରେ ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର ସକାଳୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଭାତଫେରୀ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଓ ବଡାମ୍ବିଳା ସରପଞ୍ଚ ଭରତ ସେଠୀ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ସହଦେବ ଦାସଙ୍କ ପ୍ରତିମୂର୍ତ୍ତିଙ୍କ ମାଲ୍ୟାର୍ପଣ ବେଳେ ଉପସ୍ଥିତ ଅତିଥି

# ଭାଜପାର ବ୍ଲକ ଅଫିସ ଘେରାଉ



ଭାଜପା କର୍ମୀମାନେ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଜକନିକା, ୯।୧୧ (ଡି.ଏନ୍.ଏ.)

ବିଜେଡି ସରକାର ଅମଳରେ ରାଜ୍ୟରେ ହୋଇଥିବା ଦୁର୍ନୀତି, ଭ୍ରଷ୍ଟାଚାର, ପିସି କାରବାର ବଢ଼ିଥିବା ଅଭିଯୋଗ କରି ରାଜକନିକା ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଘେରାଉ ପୂର୍ବରୁ ସ୍ଥାନୀୟ ମେଲଣ ପଡିଆଠାରୁ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ ସୁନ୍ଦର ଭୂୟାଁ ଯୋଗଦେଇ ବହୁ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ନେତା ଦଶରଥ ସେନାପତି, ବିଶିକେଶନ ଦାସ, ଯୁବନେତା ସଞ୍ଜୟ ବେହୁରା, ସତ୍ୟନାରାୟଣ ଜେନା, ୩ ନଂ. ଜୋନ୍ ସଭାପତି ସହଦେବ ରାଉତ, କର୍ଣ୍ଣରାଜ ବାରିକ, କାର୍ତ୍ତିକ ଦାଶ, ନାରୀନେତ୍ରୀ ଜିତା ଦାସ, ମନୀଷା ଜେନା, ପ୍ରିୟଦର୍ଶନୀ ନନ୍ଦ, ସଂଘମିତ୍ରା ବିଶ୍ୱାଳ, ଅନୁରାଧା ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ସୁଶୀଳା ଦାସ, ସତ୍ୟଜିତ ସ୍ୱାଇଁ, ହୃଷୀକେଶ ବେହୁରା, କରୁଣାକର ତ୍ରିପାଠୀ, ଭକ୍ତବନ୍ଧୁ ମିଶ୍ର, ଶଶାଙ୍କ ଶେଖର ସେଠୀ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ରାଜକିଶୋର ପଣ୍ଡା, ବିଜୟ ସାହୁ, ଉତ୍କଳ କେଶରୀ ସାମଲ, ନୀହାର ସ୍ୱାଇଁ, ନୀହାର ନାୟକ, ମନୋଜ ସେନାପତି, ସ୍ମୃତିରଞ୍ଜନ ବିଶ୍ୱାଳ, ଅଶୋକ ସାମଲ, ନିତାଇ ଚାନ୍ଦ କର, ବେଣୁଧର ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ

ତିର୍ତ୍ତୋଲ,୯।୧୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ଜଡତିରା ପଞ୍ଚାୟତର ବନ୍ଧବାଟୀ ଓ ପଞ୍ଚେଇ ଗ୍ରାମରେ ଭାଜପାର ସାଙ୍ଗଠନିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଶିବପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିଫଳତା, ଦୁର୍ନୀତି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ଏଥିରେ କୁହାଯାଇଥିଲା। ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ଗତିକୃଷ୍ଣ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସତ୍ୟରଞ୍ଜନ ସାହୁ, ଅବିନାଶ ସିଂ, ପଞ୍ଚାୟତ ସଭାପତି ଭିକାରୀ ନାୟକ, ସୁବର୍ଣ୍ଣ ପଣ୍ଡା, ରାଜେଶ ନାୟକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ତିର୍ତ୍ତୋଲ ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଗର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ଅଫିସ ଆଗରେ ଭାଜପାର ବିକ୍ଷୋଭ

ରାଜନଗର, ୯।୧୧ (ଡି.ଏନ୍.ଏ.)

ରାଜନଗର ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସାନବଡ଼ ଗୋପାଳପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରୁ କର୍ମୀମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ଅଞ୍ଚଳରେ ପିସି କାରବାର, ଖାଦ୍ୟସୁରକ୍ଷା ଆଇନରେ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ନକରିବା ଓ ମାର୍କଫେଡ୍ ଦୁର୍ନୀତିରେ ବିଜେଡି, କଂଗ୍ରେସ ନେତାଙ୍କ ସମ୍ପୃକ୍ତି ଆଦି ଘଟଣାକୁ ନେଇ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ରାପଡା ଜିଲା ମିଡିଆ ପ୍ରଭାରୀ ବିଜୟ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ରାଜ୍ୟ ଭାଜପା ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଯୋଗଦେଇ ବିଭିନ୍ନ ଦୁର୍ନୀତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ନିର୍ବାଚନ ମଣ୍ଡଳୀ ନେତା ଜ୍ଞାନଦେବ ବେଉରା, ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଯୁବ ନେତୃତ୍ୱ ଅଜୟ କୁମାର ବେହେରା, ଜିଲା ଉପସଭାପତି ରଶ୍ମିରଞ୍ଜନ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ସମୀର କୁମାର ପାତ୍ର, ରାଜନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଗଗନ ବିହାରୀ ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନବାଳା ଦାସ, ଜୋନ ସଭାପତି ନଗେନ୍ଦ୍ର କୁମାର ପାତ୍ର, ଦେବଦତ୍ତ ରାଉଳ, ବସନ୍ତ କୁମାର ମିଶ୍ର, ଭାଜପା ନେତା କୈଳାସ ଚନ୍ଦ୍ର ପରିଡ଼ା, ଦିଲୀପ କୁମାର ପାତ୍ର, ଭାଗବତ ରଥ, ହିମାଂଶୁ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ୨୪ରେ ସରୁଛି ଭିଜା ଅବଧି: ଚିନ୍ତାରେ ଜିଲାର ୧୨ ଶ୍ରମିକ

■ ଟୁରିଷ୍ଟ ଭିଜାରେ ଦାଦନ ଖଟୁଛନ୍ତି ଶ୍ରମିକ

■ ଗତ ଅଗଷ୍ଟରେ କଲିକତାରୁ ଯାଇଥିଲେ ମାଲେସିଆ

■ ଅବଧି ସରିଥିବାରୁ ଏବେ ଜେଲରେ ଅଛନ୍ତି ଜଣେ ଶ୍ରମିକ

କେନ୍ଦ୍ରାପଡା ଅଫିସ/ ଡେରାବିଶ,(ସ୍ୱ.ପ୍ର.), ୯।୧୧–

କେନ୍ଦ୍ରାପଡା ଜିଲାର ବହୁ ଶ୍ରମିକ ଦାଦନ ଖଟିବା ପାଇଁ ଦଲାଲ ସହାୟତାରେ ବିଦେଶକୁ ଚାଲିଯାଉଛନ୍ତି। ମାତ୍ର ସେଠାକୁ ଯିବା ପରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କୁ ଟୁରିଷ୍ଟ ଭିଜାରେ ସେଠାକୁ କାମ କରିବାକୁ ନିଆଯାଉଥିବା ଜଣାପଡିଛି। ଫଳରେ ବହୁ ସମୟରେ ଭିଜା ଅବଧି ସରିବା ପରେ ଏହି ଶ୍ରମିକମାନେ ଅସୁବିଧାରେ ପଡୁଛନ୍ତି। ଟୁରିଷ୍ଟ ଭିଜାରେ ମାଲେସିଆ କାମ କରୁଥିବା ଆଳି ବ୍ଲକ ଅନ୍ତର୍ଗତ ବଡଆଙ୍କୋ ଗ୍ରାମର କୈଳାସ ମଲ୍ଲିକଙ୍କ ପୁଅ ଅଶୋକ ଏବେ ସେଠାକାର ଜେଲରେ ଥିବା ଗୁରୁବାର ସୂଚନା ମିଳିଛି। ଭିଜା ଅବଧି ସରିବା ପରେ ମଧ୍ୟ ସେ ମାଲେସିଆରେ ଥିବାରୁ ତାଙ୍କୁ ଜେଲ ଯିବାକୁ ପଡିଛି। ଏଥିଯୋଗୁ ଟୁରିଷ୍ଟ ଭିଜାରେ ଯାଇ ସେଠାରେ ଦାଦନ ଖଟୁଥିବା ଜିଲାର ୧୨ ଜଣ ଶ୍ରମିକ ଘରକୁ ଫେରିବା ନେଇ ପରିବାର ସଦସ୍ୟ ଚିନ୍ତିତ ହୋଇପଡିଛନ୍ତି । ୨୪ରେ ସେମାନଙ୍କ ଭିଜା ଅବଧି ସରୁଥିବା ଥିବା ବେଳେ ଘରକୁ ଫେରିବା ଅବା ଭିଜା ଅବଧି ବୃଦ୍ଧି କରିବା ଲାଗି କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ସମସ୍ୟା ସମ୍ପର୍କରେ ମାଲେସିଆରେ କାମ କରୁଥିବା ସଦର ଥାନା କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ବାବୁରାମପାଟଣା ଗ୍ରାମର କୁଳମଣି ସାହୁଙ୍କ ପୁଅ କ୍ଷେତ୍ରବାସୀ (୩୦) ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, କୋଲକାତା ଜଣେ ଶ୍ରମିକ ଦଲାଲ ମାଲେସିଆରେ କାମ ଯୋଗାଇ ଦେବାକୁ କହିଥିଲେ। ଏନେଇ ସେ ଓ ଜିଲାର ଅନ୍ୟ ୧୧ ଜଣ ଗତ ଅଗଷ୍ଟରେ କୋଲକାତାକୁ ଯାଇଥିଲେ। ସେଠାରୁ ସେମାନଙ୍କୁ ଭିଜା ଦିଆଯାଇ ମାଲେସିଆକୁ ପଠାଯାଇଥିଲା। ଏବେ ସେଗୁଡିକ ଟୁରିଷ୍ଟ ଭିଜା ଥିବା ଜଣାପଡିଛି। ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଅବଧି ଶେଷ ପରେ ଜେଲ ଯିବାକୁ ପଡିପାରେ ବୋଲି ସେ ଆଶଙ୍କାବ୍ୟକ୍ତ କରିଛନ୍ତି। ଏହା ଜାଣିବା ପରେ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଛି। ଅବଧି ସରିବା ପୂର୍ବରୁ ସେମାନଙ୍କୁ ଫେରାଇ ଆଣିବା ଲାଗି ସରପଞ୍ଚ ବଟକୃଷ୍ଣ ସେଠୀ ଓ ସାମାଜିକ କର୍ମୀ ପ୍ରଦୀପ୍ତ ସାହୁଙ୍କ ସମେତ ବାବୁରାମପାଟଣା ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

## ODISHA HYDRO POWER CORPORATION LTD.

Regd. Off.: Odisha State Police Housing & Welfare Corporation Building, Vanivihar Chouk, Janpath, Bhoinagar, Bhubaneswar - 22
Ph. : (0674) 2542983, 2542802, 2545526, Fax: (0674) 2542102.
E-mail: ohpc.co@gmail.com, Website: www.ohpcltd.com
CIN: U40101OR1995SGC003963

No. OHPC: TECH: C&P: 26 /2018-19/11243 Date: 08.11.2018

**NOTICE INVITING TENDER**

Sealed Tenders are invited in two part i.e. **(i)** Techno Commercial bid & **(ii)** Price bid in separate sealed envelopes from the reputed Firms/ Printers having minimum 03(three) years' experience of printing of Diaries & Calendars for PSUs/ Govt. Departments for the work as mentioned below :

| NIT No. | Description of Services | Cost of tender papers (Non-refundable) in ₹ | EMD in shape of DD / BG only (Refundable) in ₹ |
|---|---|---|---|
| 26/2018-19 | Printing & Supply of OHPC Diary – 2019. | 4720.00 ( ₹ 4000.00 + GST@18%) | 7,000.00 |
| 27/2018-19 | Printing & Supply of OHPC Wall Calendar – 2019. | 2360.00 ( ₹ 2000.00+ GST @18%) | 3,000.00 |

For details of the tender documents, terms & conditions please visit our website www.ohpcltd.com from dt. 12.11.2018.

AGM(C&P)

## DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER
### DRAINAGE DIVISION, BERHAMPUR

(e mail = ee.dd.bam@gmail.com )

No.728-A

**INVITATION FOR BIDS (IFB)**

**e- Procurement Notice No 01/2018-19 Dt 02.11.2018**

**Bid Identification No EE-DD-BER .01/2018-19**

Due to some technical problem the e-procurement notice No.1/2018-19 with Bid Identification No EE-DD-BER .01/2018-19 is hereby cancelled.

**Executive Engineer, Drainage Division, Berhampur(Ganjam)**

32225/11/0003/1819

## ପୌର ପରିଷଦ କାର୍ଯ୍ୟାଳୟ, ନବରଙ୍ଗପୁର

ପତ୍ର ସଂଖ୍ୟା: ୨୬୫୨/୨୦୧୮ ତା୦୯।୧୧।୧୮

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନବରଙ୍ଗପୁର ପୌରପାଳିକା ଅଧୀନସ୍ଥ ନିମ୍ନ ଭିତ୍ତିଭୂମି (ଗୃହ)ଗୁଡ଼ିକରେ ୩(ତିନି) ବର୍ଷ ସକାଶେ ଲିଜ୍ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଆସନ୍ତା ତା୧୯।୧୧।୨୦୧୮ ରିଖ ଦିବା ୧୨.୦୦ ଘଟିକା ମଧ୍ୟରେ ଜଉମୁଦ ଟେଣ୍ଡରଗୁଡ଼ିକ ପ୍ରଥମ ଅମାନତ ପଇଠ ରସିଦ ସଂଲଗ୍ନ କରି ଟେଣ୍ଡର ବାକ୍ସରେ ପକାଇବେ। ଟେଣ୍ଡରଗୁଡ଼ିକ ସେହି ଦିନ ଅର୍ଥାତ ତା୧୯।୧୧।୨୦୧୮ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପକାଇଥିବା ବ୍ୟକ୍ତି କିମ୍ବା ସେମାନଙ୍କ ମନୋନୀତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ। ଟେଣ୍ଡର କାଗଜ ପୌର ପରିଷଦ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ନିର୍ଦ୍ଧାରିତ ମୂଲ୍ୟରେ ଏହି ପ୍ରକାଶନ ଦିନଠାରୁ ତା୧୭।୧୧।୨୦୧୮ ରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଦିବସ ଏବଂ ସମୟ ମଧ୍ୟରେ ପାଇପାରିବେ। କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ବା ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି। କର୍ତ୍ତୃପକ୍ଷ କାରଣ ନ ଦର୍ଶାଇ ସମସ୍ତ ଟେଣ୍ଡରକୁ ରଦ୍ଦ ବା ନାକଚ କରିପାରିବେ। ଉକ୍ତ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଏବଂ ସର୍ତ୍ତାବଳୀ ଇତ୍ୟାଦି ପୌର ପରିଷଦ କାର୍ଯ୍ୟାଳୟରେ ପାଇପାରିବେ। ପୂର୍ବରୁ ଯେଉଁ ବ୍ୟକ୍ତିମାନେ ଏହି ଟେଣ୍ଡର ପାଇଁ ପ୍ରଥମ ଅମାନତ ଟଙ୍କା ପୌରପାଳିକାରେ ପଇଠ କରିଛନ୍ତି ତାହା ବର୍ତ୍ତମାନ ଟେଣ୍ଡର ପାଇଁ ପ୍ରଯୁଜ୍ୟ ଅଟେ। ଏହି ଟେଣ୍ଡର ସମ୍ବନ୍ଧୀୟ ପ୍ରମାଣପତ୍ର ପାଇଁ କୌଣସି ପ୍ରକାର କାର୍ଯ୍ୟଭାର (undertaking) ଗ୍ରହଣ କରାଯିବ ନାହିଁ।

| କ୍ର. ସଂଖ୍ୟା | ସଇରାତର ନାମ | ଲିଜ୍ ସମୟ କାଳ ତାରିଖ | ନିର୍ଦ୍ଧାରିତ ଦର | ପ୍ରଥମ ଅମାନତ ମୂଲ୍ୟ | ଟେଣ୍ଡର କାଗଜର ଦାମ | ଲିଜ୍ ସମୟ କାଳ | ଦ୍ରାବକତା | ମନ୍ତବ୍ୟ |
|---|---|---|---|---|---|---|---|---|
| ୦୧ | ଆଶୀର୍ବାଦ କଲ୍ୟାଣ ମଣ୍ଡପ | ୦୧।୧୨।୧୮ ଠାରୁ ୩୦।୧୧।୨୧ | ଟ. ୧,୪୪,୦୦୦/- (ଏକ ବର୍ଷ ପାଇଁ) | ୧୪୪୦୦ | ୨୦୦/- | ୩ ବର୍ଷ | ୧୦ (ଦଶ) ଲକ୍ଷ ଟଙ୍କାର ଦ୍ରାବକତା (upto date solvency) | ବିବାହ, ବ୍ରତ ପାଇଁ ଉଦ୍ଦିଷ୍ଟ ନୁହେଁ, କେବଳ ମିଟିଂ, ସ୍କୁଲ ଏବଂ ଅନ୍ୟ କୌଣସି ସାମାଜିକ କାର୍ଯ୍ୟ ପାଇଁ ନେଇପାରିବେ |
| ୦୨ | ପୁଷ୍ପାଞ୍ଜଳି କଲ୍ୟାଣ ମଣ୍ଡପ | ୦୧।୧୨।୧୮ ଠାରୁ ୩୦।୧୧।୨୧ | ଟ. ୧,୪୪,୦୦୦/- (ଏକ ବର୍ଷ ପାଇଁ) | ୧୪୪୦୦ | ୨୦୦/- | ୩ ବର୍ଷ | ୧୦ (ଦଶ) ଲକ୍ଷ ଟଙ୍କାର ଦ୍ରାବକତା (upto date solvency) | ବିବାହ, ବ୍ରତ ପାଇଁ ଉଦ୍ଦିଷ୍ଟ ନୁହେଁ କେବଳ ମିଟିଂ, ସ୍କୁଲ ଏବଂ ଅନ୍ୟ କୌଣସି ସାମାଜିକ କାର୍ଯ୍ୟ ପାଇଁ ନେଇପାରିବେ |
| ୦୩ | ନୂତନ କଲ୍ୟାଣ ମଣ୍ଡପ (ଟାପା କାରିଆଗୁଡା) | ୦୧।୧୨।୧୮ ଠାରୁ ୩୦।୧୧।୨୧ | ଟ. ୧,୮୦,୦୦୦/- (ଏକ ବର୍ଷ ପାଇଁ) | ୧୮୦୦୦ | ୨୦୦/- | ୩ ବର୍ଷ | ୧୦ (ଦଶ) ଲକ୍ଷ ଟଙ୍କାର ଦ୍ରାବକତା (upto date solvency) | ବିବାହ, ବ୍ରତ ଏବଂ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ |

**ସ୍ୱା./- ନିର୍ବାହୀ ଅଧିକାରୀ, ପୌରସଂସ୍ଥା, ନବରଙ୍ଗପୁର**

## INTEGRATED TRIBAL DEVELOPMENT AGENCY, NABARANGPUR

**No. 5930/2018 Date: 09.11.2018**

**CORRIGENDUM**

The Tender Call Notice No.03/18-19 of this office issued vide Letter No.5893 dated 06.11.2018 for execution of 12 Nos. of project instead of 13 Nos. of Project.

Hence, the Project No. 13 namely (Construction of Addl. Class Room Building in the First Floor of 40 and 41 Rooms of Nabarangpur College, Nabarangpur) may be read as Project No. 13 of the DTCN No. 03/2018-19.

The other terms and conditions of the above Notice will be remained unchanged.

**Sd./- Project Administrator**
**ITDA, Nabarangpur**

## ODISHA INDUSTRIAL INFRASTRUCTURE DEVELOPMENT CORPORATION

idco — Your power to grow | ODISHA NEW OPPORTUNITIES

(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR.

Tender Call Notice No. BBSR/ELECT/E-3992/18-19/ 5062 Dt. 05.11.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work :** Construction of 11/0.4KV, 100KVA Plinth Mounted Sub-station along with 11KV line DP, 11KV OH line and LT line for Power supply to newly Constructed Swimming Pool at Stadium ground, Sonepur.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-27/18-19 | 12.11.2018 at 17.00 hrs. | 19.11.2018 at 17.00 Hrs |

Further details can be seen from the e-procurement portal. **www.tendersorissa.gov.in** Corrigendum or Addendum if any will not be published in newspapers and can be seen in e-procurement portal as well as in **IDCO website.**

**Sd/-**
**Divisional Head ( Elect)**
**IDCO, Bhubaneswar**

## BERHAMPUR UNIVERSITY
### DEPARTMENT OF MARINE SCIENCES

**BHANJA BIHAR, BERHAMPUR-760007 (ODISHA)**

L. No. 21(2)/NCCR-PWQ/BU/18 Date:09/11/2018

**TENDER CALL NOTICE**

Sealed quotations are invited on or before **3 p.m. of November 24, 2018** from the reputed manufacturers/ authorized dealers only for supply of items as detailed in the tender paper (for details see: ***www.buodisha.edu.in***). The tender papers can be downloaded from the university website and duly filled in tender papers should be submitted along with bank draft of Rs 500(non refundable) towards cost of tender paper and Rs. 1000/- as EMD payable at Bhanja Bihar in favour of Principal Investigator, PWQ(CRS) Project, NCCR-MOES, Department of Marine Sciences, Berhampur University. The Principal Investigator reserves the right to accept or reject any or all quotations without assigning any reason thereof.

**Sd/- Principal Investigator, PWQ(CRS) Project**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

C.D.A

**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 6 ରେ Duplex House No - 9 ଟିକୁ ଶ୍ରୀମତୀ ନିବେଦିତା ଦାସ, ସ୍ୱା – ଏମ୍.ଆର୍.ଦାସ, ସା/ପୋ/ଥା – ବରହମପୁର, ଜିଲ୍ଲା – ଗଞ୍ଜାମ ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ନିବେଦିତା ଦାସ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ନିରୁପମା ମଲ୍ଲ, ସ୍ୱା – ଶ୍ରୀ ସମରେନ୍ଦ୍ର କୁମାର ମଲ୍ଲ, ସା – ବିଡାନାସୀ ନୂଆସାହି, ପୋ/ଥା – ବିଡାନାସୀ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସଚିବ**

## ODISHA HYDRO POWER CORPORATION LTD.
### OFFICE OF THE SENIOR GENERAL MANAGER (ELECTRICAL)
### UPPER KOLAB HYDRO ELETRIC PROJECT

**AT/PO BARINIPUT,DIST. KORAPUT – 764006 , ODISHA**

PHONE: - (06854)242001, FAX: - (06854)242038,
e-mail: sgmel_ukhep@ohpcltd.com CIN: U40101OR1995SGC003963

**TENDER CALL NOTICE NO UKHEP- 23 /2018-19, DATED 08.11.2018**

No.CAD-1003: Sealed tenders in duplicate are invited from Govt. registered Contractors / Agencies for the job mentioned below by Unskilled Workmen on Job Contract basis for a Calendar year (12 Months).

| Sl. No. | Description of work | Cost of tender paper in Rs. | EMD |
|---|---|---|---|
| 1 | Job work for upkeep sanitation of Bariniput Colony and Power House Colony, UKHEP, Bariniput for a period of 12 months. | 4720/- (Non refundable) (Rs.4000/-+18% GST) | Rs 8000/- |

The sale of Tender Paper will be from : 19.11.2018 to 13.00 Hrs of 03.12.2018
The last date & time of receipt of Tender : 16.00 Hrs of 03.12.2018
The date and time of opening of Tender : 16.30 Hrs of 03.12.2018
For details of tender documents, Terms & conditions, Eligibility criteria and downloading, please refer our website **www.ohpcltd.com**.

04002/11/0063/1819 **Unit Head, UKHEP, OHPC Ltd, Bariniput**

## ODISHA SPACE APPLICATIONS CENTRE

Dept. of Science & Technology, Govt. of Odisha
Plot No. 45/48(P), Jayadev Vihar, Near Gopabandhu
Academy of Administration, Unit-16, Bhubaneswar-751 023

### Tender for Designing of ORSAC Studio

**ORSAC Tender Notice No. 14/2018**

No. CAD-1006 : Sealed tenders are invited from established authorised dealers / designer for supply, installation & commissioning of Studio materials and submission of design for modification of Studio for Edusat Video Programme of Odisha Space Applications Centre, Bhubaneswar.

For details please visit Website http://www.odisha.gov. in and ORSAC website http//www.orsac.gov.in or in the above office for the tender papers.

| | | |
|---|---|---|
| Date of issue of Tender Paper | : | 13.11.18 to 4.30 PM of 29.11.18 |
| Last date of submission of Tender | : | 30.11.18 by 01 PM |
| Opening of Tender | : | 03.12.2018 03.30 PM |

ORSAC Reserves the right to accept / reject / modify & cancel the full tender or part thereof at any time wihtout assigning any reason thereof.

28007/11/0012/1819 **Chief Executive**

## OFFICE OF THE MUNICIPAL COUNCIL, NABARANGPUR

**NABARANGPUR (ODISHA), PIN - 764059**
**Tel./Fax No.- 06858-222031, E-mail: nabarangpurm.hud@ori.nic.in**

**No.: 2650/NM-2018** **Dated the 9th November, 2018**

**QUOTATION/TENDER CALL NOTICE**

Sealed quotations/tenders are invited from interested reputed Travel Agencies/Tour Operators or Private individuals for providing 1 (One) No. of Non-AC Diesel driven vehicles having sitting capacity not more than ten including driver, which shall confirm to the Terms and Conditions, which can be available in the Municipal Office during office hours for official use in Nabarangpur Municipality on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of uptodate Tax payment etc. which are mandatory for plying of vehicle.
2. The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5000/- (Rupees five thousand) only shall be deposited by the intending bidders in shape of Account Payee Bank Draft drawn in favour of the Executive Officer, Nabarangpur Municipality and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency per liter in Kms as per specification.
7. The details of the make and year of manufacture of the Vehicle, Registration No. mileage (Kms covered per liter) and name of the Dirver with Driving License No. and period of validity should be specifically provided in the general bid information to be furnished with the Quotation/Tender (Annexure - II).
8. The quotation completed in all respect should reach the undersigned on or before **19.11.2018 by 12.00 A.M.** and shall be opened on the same day at **4.00 P.M.** in presence of the bidders or their authorized representatives.
9. The application form of quotation/tender containing General Bid Information and Terms and conditions for hiring of vehicles etc. will be available with Municipal Office, Nabarangpur on payment of Rs.200/- from 12.11.2018 to 17.11.2018.

**Sd./- Executive Officer, Municipality, Nabarangpur**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## OFFICE OF THE EXECUTIVE ENGINEER
## RURAL WORKS DIVISION NO.-II, KEONJHAR

No. 972-O

**"e" Procurement Notice for Building Works**

**Identification No Online NCB - 04/2018-19**

1. Name of the Work : 02 Nos. Building Work / 04 Nos. Road Work
2. Total Number of work : 6 Nos.
3. Estimated Cost : Rs.8.93 Lakhs to 44.25 Lakhs
4. Class of Contractor : "D", "C", "B" & "A"
5. Period of Completion : 4 (Four Calendar Months), Sl. No. 1 to 6
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, R.W. Divn. No.-II, Keonjhar | Road & Building Works Online N.C.B 04/2018-19 | Dt.12.11.18 at 11.00 A.M. | Dt.22.11.2018 upto 3.00 P.M. | Dt.26.11.2018 at 11.00 A.M. |

Further details can be seen from the website **www.tenderorissa.gov.in**.

**Sd./- Executive Engineer**
**R.W. Divn. No.-II, Keonjhar**

**25093/11/0006/1819**

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, NIMAPARA

No. 977-O

**E-mail ID: ee_nimapara@yahoo.co.in**

**No.: Tender Online-Divn.NPR-03/2018-19** **Date: 03.11.2018**

**e-Procurement Notice**

1. Name of the Work : Road Work for the year 2018-19
2. Total No. of Projects : 01 (One) No. of Project
3. Estimated Cost of Project : Rs.35.00 Lakh
4. Class of Contractor :
   A) Estimated Cost more than Rs.40.00 Lakhs and upto Rs.300.00 Lakhs : "B" Class & "A" Class (Of Odisha PWD) or relevant Class of other licensing authorities.
   B) Estimated Cost more than Rs.20.00 Lakhs and upto Rs.40.00 Lakhs : "C" Class & "B" Class (Of Odisha PWD) or relevant Class of other licensing authorities.
   C) Estimated Cost more than Rs.20.00 Lakhs : "D" Class & "C" Class (Of Odisha PWD) or relevant Class of other licensing authorities.
5. Mode of submission of tender : Tender should be submitted online only in website **www.tendersorissa.gov.in**.
6. Period of Completion : As per TCN
7. Other Details :

| Procurement Officer | Bid Identification No. | Availability of Tender Online for Bidding | | Submission of Original Documents | Date & Place of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works, Division, Nimapara | Tender Online - Divn.- NPR-03/2018-19 | 12.11.2018 at 11.00 A.M. | 22.11.2018 upto 5.00 P.M. | During office hours of working day from Dt.23.11.2018 to 11.00 A.M. on 28.11.2018 in the Office of the Executive Engineer, R.W. Division, Nimapara (To be dropped in the sealed Box) | Dt.28.11.2018 at 3.00 P.M. in the Office Chamber of the Executive Engineer, R.W. Division, Nimapara |

Further details can be seen from the website **www.tendersorissa.gov.in**.

**25099/11/0004/1819** **Executive Engineer, Rural Works Division, Nimapara**

## କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

ପତ୍ରସଂଖ୍ୟା ୩୦୯୦୪/ ତା ୦୩.୧୧.୨୦୧୮ରିଖ

No.106-L

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଶ୍ରୀ ଶିଶିର କୁମାର ପାଢ଼ୀ, ପିତା ସ୍ୱର୍ଗତ ତ୍ରିନାଥ ପାଢ଼ୀ, ସତ୍ତ୍ୱାଧିକାରୀ S.K. Enterprisers, ବସ୍ ଷ୍ଟାଣ୍ଡ, ଉମରକୋଟ- ୭୬୪୦୭୩, ଜିଲ୍ଲା- ନବରଙ୍ଗପୁର, ଓଡ଼ିଶା ବର୍ତ୍ତମାନ ତାଙ୍କ ପିତାଙ୍କ ଦେହାନ୍ତ ପରେ S.K. Enterprisers ସଂସ୍ଥା ନାମରେ ପାଇବାକୁ ଥିବା ସରକାରୀ ଅନୁଦାନ ରାଶି ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ।

ଉକ୍ତ ଅର୍ଥ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ସୂଚନା ପ୍ରକାଶନର ୩୦ (ତିରିଶ) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଅନୁଦାନ ରାଶି ଶ୍ରୀ ଶିଶିର କୁମାର ପାଢୀ, ପିତା ସ୍ୱର୍ଗତ ତ୍ରିନାଥ ପାଢୀ, ସତ୍ତ୍ୱାଧିକାରୀ S.K. Enterprisersଙ୍କ ବ୍ୟାଙ୍କ ଜମା ଖାତାକୁ ଦେବା ନିମନ୍ତେ ପଦକ୍ଷେପ ନିଆଯିବ ।

ସ୍ୱା/-
(ମନୋଜ କୁମାର ଦାଶ)
ମୁଖ୍ୟଯନ୍ତ୍ରୀ (କୃଷି)

01034/11/0080/1819

## OFFICE OF THE MUNICIPAL COUNCIL, BALANGIR

**E-mail: bgrmc1972@gmail.com**

**No.: 4509/SWM** **Dt.08.11.2018**

**TENDER CALL NOTICE**

Sealed bid in conformity with Detailed Tender Call Notice are invited from intending registered Firms/NGOs/Private Companies/Contractors working within the jurisdiction of Odisha, having eligibility criteria as stipulated in DTCN, for execution of the under mentioned work, so as to reach by **Speed Post/Registered Post** only to the Executive Officer, Balangir Municipality by 4.00 P.M. on Dt.22.11.2018 and bid documents will be opened on Dt.24.11.2018 at 11.00 A.M. in presence of the bidder or their authorised representative who wish to remain present for the occasion. If the office happens to be closed due to subsequent declaration of holiday, the process of receipts and opening schedule will be on next working day at the specified time and venue without any further notice. The download of partially changed bid document shall start from Dt.12.11.2018 and close by 4.00 P.M. The intending bidders shall have to deposit the cost of tender paper (non-refundable) in shape of Demand Draft from any Nationalized Bank drawn in favour of Executive Officer, Balangir Municipality.

| Sl. No. | Name of the Work | Cost of Bid Document |
|---|---|---|
| 1 | Providing manpower, all equipment and ancillaries for SWM, cleaning and Sanitation Services (Door to Door Collection) in Ward No. 1, 2, 4, 5 & 21, Zone-1 as per DTCN. | Rs.10,000.00 |
| 2 | Providing manpower, all equipment and ancillaries for SWM, cleaning of Sanitation Services (Door to Door Collection) Ward No. 8, 9, 10, 12 & 14, Zone-II as per DTCN. | Rs.10,000.00 |
| 3 | Providing manpower, all equipment and ancillaries for SWM, cleaning of Sanitation Services (Door to Door Collection) Ward No. 15, 16, 17, 18 & 20, Zone-III as per DTCN. | Rs.10,000.00 |

Bid documents can only be purchased from Office of the Balangir Municipality against cost of bid document in the form of Demand Draft issued from any Scheduled Bank payable at Balangir in favour of Executive Officer, Balangir Municipality and Bank Draft should be prepared on or before the last date of sale of the Bid document.

Bid documents should be submitted through Regd. Post/Speed Post only, superscribing **"Tender for executing sanitation work under Balangir Municipality"** and addressed to **Executive Officer, Balangir Municipality, At/P.O./Dist.: Balangir, Odisha, PIN - 767001**. However Balangir Municipality will be no way responsible for postal delay to the receipts of bid documents beyond scheduled date and time. The bid must be accompanied with required E.M.D. @ 1% of the quoted value for three years in shape of Demand Draft/NSC/KVP/STDR/Bank Deposit receipts of any Nationalized Bank duly drawn/pledged in favour of Executive Officer, Balangir Municipality and payable at Balangir, failing which the bid will be rejected outrightly.

**Eligibility Criteria:**

The bid documents should be accompanied with Xerox copy of Registration Certificate/Licence, PAN Card, EPF Registration Certificate, ESI Registration Certificate, I.T. return for 03 A.Y. i.e. 2015-16, 2016-17 & 2017-18 GST Registration Certificate, Labour licence consisting of minimum 70 or above Nos. of Labour, Audit report & financial turnover for last 3 years.

The bidder must have experience on municipal solid waste management/sanitation work and sound track record with a minimum financial turnover of Rupees 40 lakhs (Fourty Lakhs) on Municipal Solid Waste Management/Sanitation work in any calendar year of last three financial years and the bidder should be agreed to adhere all terms and conditions of DTCN/Bid document.

Credibility and experienced certificate issued from the concerned authority/employer not below the rank of Executive Officer or Head of the Organization under whom the work is done and should be of similar in nature i.e. Street Sweeping, Drain Cleaning, Lifting of Garbage and other solid wastes from any Government Department/PSU/Municipality/NAC etc.

Preference will be given to such organization those have completed training on Municipal Solid Waste Management & Plastic Management and should have trained resource person with basic knowledge on community led approaches on total sanitation from a reputed institution and the bidder must have tie-up with reputed authorized industries (Co-Processing)/TSDF for safe disposal of Inorganic combustible waste.

Other terms and conditions can be seen from the DTCN.

In case of Association of Solid Waste Management workers, the sanitation committee is free to take suitable decision and consider relaxation in the overall eligibility criteria.

The authority reserves the right to reject any or all the bid without assigning any reason thereof.

**Sd./- Executive Officer, Balangir Municipality**

## Government of Odisha
## Office of the Superintending Engineer, Rural Works Circle, Sambalpur

**Tel-0663-2548268,E-mail Id serwcirclesbp@yahoo.com**

**Bid Identification No. Plan Road tender Online - RWCSBP- 54 No:3269 Dated: 02.11.2018**

**No.970-O:-** The Superintending Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 4 (four) no of Improvement of Road & CD works road under state plan in the district of Sambalpur & Bargarh for 2018-19 as per DTCN.

1. Name of work : Improvement of Road & CD works road under state plan in the district of Sambalpur & Bargarh for 2018-19 as per DTCN.
2. No of works : 4 (Four) nos details as per DTCN.
3. Estimated cost : Approximately varies from Rs 153.00 lakhs to Rs. 344.00 lakhs.
4. Class of Contractor. : As per OPWD codal Provision.
5. Cost of tender paper and mode of deposit. : Rs. 10,000/- per set.( to be deposited On-line) in favour of concerned Executive Engineer.
6. Mode of submission of tender : Tender should be submitted only On line in website www.tendersorissa.gov.in.(https// tendersodisha.gov.in)
7. EMD and mode of deposit : 1% of estimated cost appearing in DTCN (to be deposited On-line) in favour of concerned Executive Engineer.

8 Summary of key dates are provided below :

| Procurement Officer | Bid Identification No. | Availability of Tender online for bidding | | Last date& time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Plan Road Tender Online - RWCSBP-54 | 12.11.2018 at 11.00.A.M. | 26.11.2018 up to 3.00 P.M. | 24.11.2018 up to 4.00 P.M. | 26.11.2018 at 3.30 P.M. | 04.12.2018 at 11.00 A.M. |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

**25091/11/0035/1819** **Sd./- Superintending Engineer, Rural Works Circle, Sambalpur**

## STATE INSTITUTE FOR DEVELOPMENT OF ARTS & CRAFTS (SIDAC)
### Handlooms, Textiles & Handicrafts Department, Government of Odisha

**No. 1933** **Date:09.11.2018**

**TENDER CALL NOTICE**

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Departments, Govt. of Odisha is going to organise **13th TOSHALI NATIONAL CRAFTS MELA** from **28th December 2018** to **13th January 2019** at Janata Maidan, Bhubaneswar. Sealed Tenders in two bids-**"Technical Bid"** & **"Financial Bid"** are invited from reputed firms/decorators having past experience and expertise to execute similar nature of works like construction of **Stalls, Gates, P.H. Works, Electrification works.** Theme Pavilion & other services in accordance with detailed design, layout & other specifications laid down in the Tender Schedule.The tender documents can be had from the office at **SIDAC Handicrafts Complex, Gandamunda, Bhubaneswar. Ph: 0674- 2350298 on** on payment of Rs.10,000/- (Ten Thousand) only (non refundable) through DD favouring **SIDAC, Bhubaneswar** during office hours **(10:00 AM to 5:00 PM)** in working days till **Dt.01.12.2018** or can be downloaded from the websites **www.sidacodisha.org.in** and **www.odisha.gov.in/textiles**.

The tender should reach the office of **SIDAC, Handicrafts Complex, Gandamunda, Bhubaneswar** latest by **3:00 PM** on **Dt.03.12.2018.** The "Technical Bids" will be opened at **3:30 PM** on **Dt.03.12.2018** in presence of the bidders or their authorized representatives. The "Financial Bids" of qualified bidders will be opened at **4:30 PM** on **Dt.03.12.2018.** For further details and corrigenda, please visit the website mentioned above

**The authority reserves the right to accept or reject any or all tender without assigning any reason thereof.**

Sd/-
**Member Secretary, SIDAC**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ

**ସଚେତନତା ବାର୍ତ୍ତା**

୧. ଘରେ ପାଇଖାନା ତିଆରି କରନ୍ତୁ। ଝିଅ ବୋହୂଙ୍କ ସମ୍ମାନ ବଞ୍ଚାନ୍ତୁ।
୨. ବାହାରେ/ଖୋଲା ପଡ଼ିଆରେ ମଳତ୍ୟାଗ କରନ୍ତୁ ନାହିଁ।
୩. ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଓ ନୀରୋଗ ରୁହନ୍ତୁ।
୪. ଗଛଟିଏ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ।
୫. ସବୁଜ ସୁନ୍ଦର ବନ ଆମର, ଉତ୍ତରାଧିକାରୀଙ୍କ ଏ ଅଧିକାର।
୬. ବିଶୁଦ୍ଧ ପାନୀୟ ଜଳ ପିଅନ୍ତୁ, ନିଜକୁ, ନିଜ ପରିବାରକୁ ସୁସ୍ଥ ରଖନ୍ତୁ।
୭. ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଶୌଚାଳୟ ନିର୍ମାଣ କରିବା ପାଇଁ ଟ.୧୨,୦୦୦/-ର ସହାୟତା ରାଶି ପ୍ରଦାନ କରାଯାଉଅଛି। ଏହାର ସୁଯୋଗ ନିଅନ୍ତୁ।
୮. ଗ୍ରାମ ପଞ୍ଚାୟତ ଦ୍ୱାରା ଆହୂତ ସମସ୍ତ ପଲ୍ଲୀସଭା ଓ ଗ୍ରାମସଭାରେ ଯୋଗଦାନ କରି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ବିଷୟରେ ଜାଣନ୍ତୁ, ଆପଣଙ୍କ ହକ୍ ଏଥିରେ ଦରଜ କରନ୍ତୁ।
୯. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ପକ୍କା ଘରଟିଏ ଆପଣାନ୍ତୁ।
୧୦. ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି ଭାଗ୍ୟବାନ ଭୋଟର ହୁଅନ୍ତୁ। ମତଦାନ ସାବ୍ୟସ୍ତ କରାନ୍ତୁ ଓ ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରାନ୍ତୁ।
୧୧. ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଖୋଲାଯାଇଥିବା ଆଧାର ପଞ୍ଜୀକରଣ କେନ୍ଦ୍ରରେ ମାଗଣାରେ ଆପଣଙ୍କ ଆଧାର କାର୍ଡ଼ ପ୍ରସ୍ତୁତ ହେଉଅଛି। ଏହାର ସୁଯୋଗ ନିଅନ୍ତୁ।
୧୨. ବାର୍ଦ୍ଧକ୍ୟ/ବିଧବା/ଭିନ୍ନକ୍ଷମ ଭତ୍ତା ଓ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଦୀର୍ଘକାଳୀନ ତଥା ଏକକାଳୀନ ସହାୟତା ପାଇଁ ଗ୍ରାମପଞ୍ଚାୟତ ବା ବ୍ଲକ କାର୍ଯ୍ୟାଳୟରେ ଯୋଗାଯୋଗ କରି ହିତାଧିକାରୀ ହେବା ପାଇଁ ଚେଷ୍ଟିତ ହୁଅନ୍ତୁ।
୧୩. ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ମାଗଣା ଆଇନ ସହାୟତା ଯୋଗାଇ ଦିଆଯାଏ, ଏହାର ସୁଯୋଗ ନିଅନ୍ତୁ।
୧୪. ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଥା ବିଜୁ ପକ୍କାଘର ଯୋଜନାରେ ବିଲ୍ ଇତ୍ୟାଦି କରିବା ଲାଗି କାହାକୁ ଲାଞ୍ଚ ଦିଅନ୍ତୁ ନାହିଁ।

**ସ୍ୱା./– ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ**

## ସଂକ୍ଷେପରେ

### ୧୧ରୁ ଭାଜପାର ଯୁବ ଅଧିକାର ସଂଘର୍ଷ ଯାତ୍ରା

ଭୁବନେଶ୍ୱର, ୯।୧୧(ବ୍ୟୁରୋ): ବିଜେଡି ଦୀର୍ଘବର୍ଷ ଶାସନରେ ରହିବା ସତ୍ତ୍ୱେ ରାଜ୍ୟର ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରି ନାହିଁ। ବିଭିନ୍ନ ସରକାରୀ ବିଭାଗରେ ଖାଲିଥିବା ପଦବୀ ପୂରଣ ନ କରିବା, ନିଯୁକ୍ତି ମେଳା ନାଁରେ ଯୁବକମାନଙ୍କୁ ପ୍ରତାରିତ କରିବା, ବିଭିନ୍ନ ଶିଳ୍ପସଂସ୍ଥା ସହ ଏମଓୟୁ କରି ସ୍ଥାନୀୟ ଯୁବକମାନଙ୍କୁ ନିଯୁକ୍ତି ନ ଦେବା ଆଦି ଦାବିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟର ସମସ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ଗତ ୫ତାରିଖ ତାଲା ପକାଇ ବିକ୍ଷୋଭ କରିଥିଲା। ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ କେତେ ପିଲା ନାଁ ରେଜିଷ୍ଟ୍ରେସନ କରିଛନ୍ତି ବୋଲି ଯୁବମୋର୍ଚ୍ଚା ପଚାରିଥିବା ପ୍ରଶ୍ନର ଉତ୍ତର ସରକାର ଏ ପର୍ଯ୍ୟନ୍ତ ଦେଇନାହାଁନ୍ତି। ସରକାରଙ୍କ ଏଭଳି ନୀତିକୁ ବିରୋଧ କରିବା ଏବଂ ଓଡ଼ିଆ ଯୁବତୀ, ଯୁବକଙ୍କୁ ରୋଜଗାର ଯୋଗାଇ ଦେବା ନେଇ ଆସନ୍ତା ୧୧ରୁ ଭାଜପା ପକ୍ଷରୁ 'ଯୁବ ଅଧିକାର ସଂଘର୍ଷ ଯାତ୍ରା' ଆରମ୍ଭ କରିବ। ଏହା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ମଧୁବାବୁଙ୍କ ଜନ୍ମସ୍ଥାନ କଟକ ସତ୍ୟଭାମାପୁରରୁ ଆରମ୍ଭ ହେବ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି। ଭାଜପା ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି ଯେ, ସତ୍ୟଭାମାପୁରଠାରୁ ପଦଯାତ୍ରା ଆରମ୍ଭ ହୋଇ ୧୨ରେ ଭୁବନେଶ୍ୱରଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚିବ।

■ ବିମୁଦ୍ରୀକରଣର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ କଂଗ୍ରେସର ପ୍ରତିବାଦ

# ଦେଶବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି: ନିରଞ୍ଜନ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

ବିମୁଦ୍ରୀକରଣକୁ ଦୁଇବର୍ଷ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଘୋଷଣାର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସରକାର ଓ ବିରୋଧୀ ଦଳଗୁଡିକ ପରସ୍ପରକୁ କାଦୁଅ ଫିଙ୍ଗିବା ଆରମ୍ଭ କରିଦେଇଛନ୍ତି। ବିମୁଦ୍ରୀକରଣକୁ ବିରୋଧ କରି ଦେଶବ୍ୟାପୀ କଂଗ୍ରେସ କଳା ଦିବସ ପାଳନ କରିଛି। ସମାନଭାବେ ରାଜ୍ୟର ସବୁ ଜିଲାରେ ମଧ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପ୍ରତିବାଦ ସଭା ପାଳନ କରାଯାଇଛି।

ବିମୁଦ୍ରୀକରଣ ବିଫଳତାର ଦୁଇବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଏବଂ ପ୍ରତିବାଦ ସଭା କରାଯାଇଛି। ଜିଲା ସଭାପତି ମାନସ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ତୁଙ୍ଗନେତା ସାମିଲ ହୋଇଛନ୍ତି। ଶୁକ୍ରବାର ଅପରାହ୍ନ ୧୧ଟାରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ରାଲିରେ ଦଳର କାର୍ଯ୍ୟକର୍ତ୍ତାମାନେ ବାହାରି ଆର୍‌ବିଆଇ ସମ୍ମୁଖରେ ଧାରଣା ଓ ପ୍ରତିବାଦ କରିଛନ୍ତି। ଏହି ଅବସରରେ ନିରଞ୍ଜନ କେନ୍ଦ୍ର ସରକାରଙ୍କୁ କଡା ଭାଷାରେ ସମାଲୋଚନା କରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣକୁ ଦୁଇବର୍ଷ ପୂରଣ ହୋଇଥିଲେ ମଧ୍ୟ ଦେଶବାସୀଙ୍କୁ ଏବେ ମଧ୍ୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ନିଜର ପେଟ ପୋଷୁଥିବା ଦିନ ମଜୁରିଆ ନିଜର ରୋଜଗାର ହରାଇଛନ୍ତି। ବିମୁଦ୍ରୀକରଣ ଏନ୍‌ଡିଏ ସରକାରର ଏକ ସଙ୍ଗଠିତ ଓ ଯୋଜନାବଦ୍ଧ ଲୁଟ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଏନେଇ ଜବାବ୍ ରଖନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ନରେନ୍ଦ୍ର ମୋଦି ତାଙ୍କ ପାଗଳାମି ପାଇଁ କ୍ଷମା ମାଗିବା ଦରକାର। ବିମୁଦ୍ରୀକରଣ ଯୋଗୁ ଲୋକେ ବର୍ଷବର୍ଷ ଧରି ସଞ୍ଚିଥିବା ଧନ ହରାଇଛନ୍ତି। ବଡବଡ ଶିଳ୍ପପତିଙ୍କୁ ସୁବିଧା ଦେବା ପାଇଁ ବିମୁଦ୍ରୀକରଣ ନିଷ୍ପତ୍ତି ନିଆଯାଇଥିଲା। ଯେତିକି ନୋଟ୍ ଅକାମୀ ହୋଇଥିଲା ସବୁ ଫେରିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ସିବିଆଇ, ଇଡି ଭଳି ଆର୍‌ବିଆଇକୁ ମଧ୍ୟ ଭାଜପା ନିଜ ହାତରେ ରଖିବାକୁ ଚାହୁଁଛି ବୋଲି ଶ୍ରୀକାନ୍ତ କହିଛନ୍ତି। ଏହି ଅବସରରେ କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଆର୍‌ବିଆଇ କାର୍ଯ୍ୟାଳୟ ସମ୍ମୁଖରେ ୧୧ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଧାରଣା ଓ ପ୍ରତିବାଦ ସଭା କରିଥିଲେ। ଏପରିକି ଦଳ ପକ୍ଷରୁ ପଥପ୍ରାନ୍ତ ନାଟକ ମଧ୍ୟ କରାଯାଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତାମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ଏହି ଅବସରରେ କଂଗ୍ରେସ ପ୍ରଭାରୀ ରୁଦ୍ର ରାଜୁଙ୍କ ସମେତ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଶରତ ପଟ୍ଟନାୟକ, ଶରତ ରାଉତ ପ୍ରମୁଖ ଯୋଗଦେଇ ମୋଦି ସରକାର ବିମୁଦ୍ରୀକରଣ କରି ଦେଶକୁ ପଛକୁ ଠେଲି ଦେଇଛନ୍ତି ବୋଲି କହିଛନ୍ତି।



ଭୁବନେଶ୍ୱରସ୍ଥିତ ଆରବିଆଇ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର କଂଗ୍ରେସର ନେତା ଓ କର୍ମୀଙ୍କ ଧାରଣା।

### ଦେଶକୁ ବହୁତ ବଡ ଲାଭ ମିଳିଛି: ଅରୁଣ

କଂଗ୍ରେସ ଅଭିଯୋଗକୁ ନେଇ ଭାଜପା ପ୍ରଭାରୀ ଅରୁଣ ସିଂ ସମାଲୋଚନା କରି କହିଛନ୍ତି ଯେ, କଂଗ୍ରେସର ନେତା, ନେତୃତ୍ୱ ଓ ନିୟତ ନାହିଁ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସବୁଥିରେ ଫେଲ୍ ଏବଂ ଦ୍ୱନ୍ଦ୍ୱରେ ରୁହନ୍ତି। ଯେଉଁଠି ମୁଖିଆ ଦ୍ୱନ୍ଦ୍ୱରେ ରୁହନ୍ତି ସେଠାରେ ଦଳ ବୁଡିବ। ବିମୁଦ୍ରୀକରଣ ଯୋଗୁ ଦେଶର ବହୁତ ବଡ ଲାଭ ହୋଇଛି। ଇନ୍ କମ୍ ଟ୍ୟାକ୍ସ ଦୁଇଗୁଣା ବୃଦ୍ଧି ପାଇଛି ବୋଲି ଅରୁଣ କହିଛନ୍ତି।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

### ୫ ବ୍ଲକ ପାଇଁ ମଞ୍ଜୁର ହେଲା ୩୫.୯୩ କୋଟି

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୫ଟି ଜିଲାର ୫ ବ୍ଲକ ପାଇଁ ୩୫.୯୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସଚିବାଳୟରେ ଶୁକ୍ରବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ବ୍ଲକଗୁଡିକ ହେଉଛି- ନବରଙ୍ଗପୁରର ରାଇଘର, ଯାଜପୁରର ଦଶରଥପୁର, ବାଲେଶ୍ୱରର ବାଲିଆପାଳ, କଟକର ଟାଙ୍ଗୀ ଓ ଜଗତସିଂହପୁରର ବିରିଡି। ରାଇଘରର ୨୬ ପଞ୍ଚାୟତ ପାଇଁ ୭.୯୦୮ କୋଟି ଟଙ୍କାରେ ୩୪୯ ପ୍ରକଳ୍ପ, ଦଶରଥପୁରର ୩୫ ପଞ୍ଚାୟତ ପାଇଁ ୧୦.୫୦ କୋଟି ଟଙ୍କାରେ ୪୮୦ ପ୍ରକଳ୍ପ, ବାଲିଆପାଳର ୨୭ ପଞ୍ଚାୟତ ପାଇଁ ୭.୨୯ କୋଟିରେ ୩୦୫ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ସେହିପରି କଟକସ୍ଥିତ ଟାଙ୍ଗୀ-ଚୌଦ୍ୱାରର ୨୪ ପଞ୍ଚାୟତ ପାଇଁ ୫.୭୩ କୋଟିରେ ୩୫୦ ପ୍ରକଳ୍ପ ଏବଂ ବିରିଡି ବ୍ଲକର ୨୧ ପଞ୍ଚାୟତ ପାଇଁ ୪.୫୦ କୋଟିରେ ୨୩୮ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ପ୍ରକାଶ ଯେ, ଶୁକ୍ରବାରକୁ ମିଶାଇ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୨୪୨ ବ୍ଲକର ୫୨୬୭ ଗ୍ରାମପଞ୍ଚାୟତକୁ ୪୮,୭୩୩ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏଥିପାଇଁ ଏଯାବତ୍ ମୋଟ ୧୨୦୧.୦୪ କୋଟି ଟଙ୍କା ମଞ୍ଜୁର କରାଯାଇ ସାରିଛି।

# ଦନ୍ତା ମାରି ଦାନ୍ତ କାଟିନେଲେ



ମୃତ ଦନ୍ତା ହାତୀ।

ପାଲଲହଡ଼ା, ୯।୧୧(ଡି.ଏନ.ଏ.)

■ ହାତୀର ଗଳିତ ମୃତଦେହ ଉଦ୍ଧାର
■ ବିଦ୍ୟୁତ୍ ଫାଶରେ ମୃତ୍ୟୁ ସନ୍ଦେହ
■ ୨୫ ଦିନରେ ମଲେଣି ୨ ହାତୀ

ଦେବଗଡ ବନଖଣ୍ଡ ଅନ୍ତର୍ଗତ ଖମାର ବନାଞ୍ଚଳ ପାଉଁଶିଆ ବଡଗୁଣ୍ଡ ଜଙ୍ଗଲରୁ ଶୁକ୍ରବାର ଏକ ଦନ୍ତା ହାତୀର ଅର୍ଦ୍ଧଗଳିତ ମୃତଦେହ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ହାତୀ ଶିକାର କରି ଦୁଇଟି ଯାକ ଦାନ୍ତ କାଟି ନେଇଛନ୍ତି। ଖବରପାଇ ପାଲଲହଡ଼ା ଓ ଖମାର ବନଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟୁତ୍ ଫାଶରେ ପଡି ହାତୀଟିର ମୃତ୍ୟୁ ଘଟିଥିବା ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ବିଭାଗର ସୂଚନା ମୁତାବକ, ଉକ୍ତ ଜଙ୍ଗଲରେ ଦନ୍ତାର ମୃତଦେହ ପଡିଥିବା ଖବର ମିଳିବା ପରେ ଦେବଗଡ ଡିଏଫ୍‌ଓ କାର୍ତ୍ତିକ ସାମନ୍ତରାୟ ଓ ଆଞ୍ଚଳିକ ବନ ସଂରକ୍ଷକ ଲିଙ୍ଗରାଜ ହୋତା ସେଠାରେ ପହଞ୍ଚିଥିଲେ। ହାତୀଟିର ଦାନ୍ତ ଦୁଇଟି କେହି କାଟି ନେଇଥିବା ଦେଖିବାକୁ ମିଳିଥିଲା। ଦନ୍ତାର ବୟସ ୨୦ରୁ ୨୫ ବର୍ଷ ହେବ ବୋଲି ଜଣାପଡିଛି। ଡିଏଫ୍‌ଓ ସାମନ୍ତରାୟ କହିଛନ୍ତି, କେହି ହାତୀ ଶିକାର କରି ଦାନ୍ତ ନେଇଯାଇଛି। ଏହାର ତଦନ୍ତ କରାଯାଇ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରିବା ସହ ଦାନ୍ତ ଉଦ୍ଧାର କରାଯିବ। ସୂଚନାଯୋଗ୍ୟ, ଗତ ମାସ ୧୩ ତାରିଖରେ ହାତୀବିନ୍ଧା ଖସଡା ଜଙ୍ଗଲରେ ଏକ ଛୁଆ ହାତୀର ମୃତ୍ୟୁ ଘଟିଥିବାବେଳେ ଏବେ ଏହି ଦନ୍ତାକୁ ମିଶାଇ ୨୫ ଦିନରେ ୨ ହାତୀର ଜୀବନ ଗଲାଣି। ବିଗତ ୩ ବର୍ଷରେ ପାଲଲହଡ଼ାରେ ୪ ଟି ହାତୀଙ୍କ ମୃତ୍ୟୁ ଘଟିଲାଣି। ଏବେ ଉକ୍ତ ବନାଞ୍ଚଳରେ ୪୦ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ପରିବେଶବିତ୍‌ଙ୍କ ମହଲରେ ଚିନ୍ତା ପ୍ରକାଶ ପାଇଛି। ବନ ବିଭାଗର ଅବହେଳା ଯୋଗୁ ବନାଞ୍ଚଳରେ ହାତୀ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ ହୋଇଛି।

# ନଷ୍ଟ ହୋଇଛି ୪୬୦୦ ଏକର ଗଞ୍ଜେଇ ଚାଷ

ଭୁବନେଶ୍ୱର, ୯।୧୧(ବ୍ୟୁରୋ)

### ନିଶା କାରବାର ମାମଲାରେ ୬୬୦ ଗିରଫ

ରାଜ୍ୟରେ ବଢିଚାଲିଥିବା ଅବାଧ ନିଶା କାରବାର ଉପରେ ରୋକ ଲଗାଇବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଏସ୍‌ଟିଏଫ କାର୍ଯ୍ୟାଳୟରେ ଶୁକ୍ରବାର ଏକ କର୍ମଶାଳା ଏବଂ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ ଡିଜି ଡ. ଆର.ପି. ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଚଳିତବର୍ଷ ଆଦିବାସୀ ଅଧ୍ୟୁଷିତ କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ ଏବଂ ବୌଦ୍ଧ ସମେତ ଅନ୍ୟାନ୍ୟ ଜିଲାରେ ମୋଟ ୪୬୦୦ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୧୯୮୫ ଏନ୍‌ଡିପିଏସ୍(ନ୍ୟାଶନାଲ୍ ଡ୍ରଗ୍‌ସ ଆଣ୍ଡ ସାଇକୋଟ୍ରୋପିକ ସବଷ୍ଟାନ୍‌ସେସ୍) ଆକ୍ଟକୁ କଡାକାଡି କରାଯିବା ସହ ଏହାର ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଏସପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୬୭୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଚୋରା ଚାଲାଣରେ ସଂପୃକ୍ତ ୧୧୫ଟି ଗାଡିକୁ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୧୨ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୪୩୫ ମାମଲା ରୁଜୁ କରାଯାଇ ୬୬୮ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୨୪ ମହିଳା ରହିଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୯୧୫.୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଡିଜିପି ଆହୁରି କହିଥିଲେ, ସ୍ୱାଭିମାନ ଅଞ୍ଚଳ ମାଲକାନଗିରି ଜିଲାରେ ଅନେକ ଆଦିବାସୀ ଜୀବିକା ନିର୍ବାହ ପାଇଁ ଗଞ୍ଜେଇ ଚାଷ କରୁଛନ୍ତି। ତେଣୁ ସେମାନଙ୍କ ଜୀବିକା ନିର୍ବାହ ପାଇଁ ଖୁବ୍‌ଶୀଘ୍ର ବିକଳ୍ପ ବ୍ୟବସ୍ଥା କରିବା ଲାଗି ସରକାରଙ୍କୁ ଅବଗତ କରାଯାଇଛି। ଏସ୍‌ଟିଏଫ ଆଇଜିପି ଯତୀନ୍ଦ୍ର କୋଏଲ ଏବଂ ଇଓଡବ୍ଲୁର ଡିଆଇଜିପି ନିଖିଲ କୁମାର କନୋଡିଆ ଅତିଥିଭାବେ ଯୋଗଦେଇଥିଲେ। ଏଡିଜିପି ସନ୍ତୋଷ ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ରାଜସ୍ୱ ଓ ଅବକାରୀ ବିଭାଗ, ଜଙ୍ଗଲ ବିଭାଗ ଏବଂ ଓଡିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟରର ଅଧିକାରୀମାନେ ଯୋଗଦେଇ ଅବାଧ ନିଶା କାରବାରକୁ କିପରି ପ୍ରତିରୋଧ କରାଯିବ ସେନେଇ ଆଲୋଚନା କରିଥିଲେ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ହେଲେ ରାଜଶ୍ରୀ ସିଂ

ଭୁବନେଶ୍ୱର,୯।୧୧(ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଏବଂ ପରୀକ୍ଷା ନିୟନ୍ତ୍ରକଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ତ୍ତ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ରାଜଶ୍ରୀ ସିଂଙ୍କୁ ବିଶ୍ୱବିଦ୍ୟାଳୟର ନୂତନ କୁଳସଚିବ ଭାବେ ନିଯୁକ୍ତ କରାଯାଇଛି। ଶୁକ୍ରବାର ସେ ନିଜ ଦାୟିତ୍ୱ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ କୁଳସଚିବ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେହିଭଳି ଦୀର୍ଘଦିନ ଧରି ଏଠାରେ ଖାଲିପଡ଼ିଥିବା ପରୀକ୍ଷା ନିୟନ୍ତ୍ରକ ପଦବୀରେ ମଧ୍ୟ ନୂତନ ନିଯୁକ୍ତି ଦିଆଯାଇଛି। ରମାଦେବୀ ମହିଳା ଜୁନିୟର କଲେଜରେ ପ୍ରାଧ୍ୟାପକ ଭାବେ ଅବସ୍ଥାପିତ ଥିବା ମନୋଜ କୁମାର ଦାସଙ୍କୁ ସଂସ୍କୃତି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ ଦାୟିତ୍ୱ ଦିଆଯାଇଛି।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

Required for Travel Co in BBSR
SEO and SMO Executive: (2 Nos.)
Digital Marketing Executive: (2 Nos.)
Minimum 2 years experience required. Interested candidates may send their CV within 7 days to info@urbanyatra.com & may drop resume on: Plot: N4/244, (Near Hotel Crown), BBSR.
Call on: 9437534567

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଚେନ୍ନାଇରେ ଚାକିରି + ମାଗଣା ଘର। ହିନ୍ଦୀ କହିପାରୁଥିବେ।
ବେତନ: ୧୨୦୦୦ - ୧୫୦୦୦।
ହାଉସ୍ କିପିଂ ବଏ / ରୋଷେୟା। କାର ଡ୍ରାଇଭର / ମାଳିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ।
9884761210

**SWIGGY REQUIRES**
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on
011 30017619

**Walk-in-Interview**
A Leading BPO Company requires:-
Data Entry Operators-(500): Good typing speed on computer, experience of Telecom CAF entries would be preferred.
Team Leader/Supervisor-(30): 1 to 3 yrs experience of managing large team would be essential.
NSB BPO Solutions Pvt. Ltd. N/37 Chandaka Industrial Estate Patia Bhubaneswar-751024, Infront of SICC Collage, OTV Lane, Near KIIT Stadium.
Contact Nos :- 9776290599,7326842261 & 7381199522

**WANTED**
ଧରିତ୍ରୀ Oriya daily is looking for
ELECTRICIANS
- Having licence with ITI Certificate.
- 5 years experience in Printing Press Electrical Maintenance.

Apply immediately to : recruitment@dharitri.com
Attractive salary commensurate with experience

**PARADIP PORT TRUST**
PARADIP PORT-754 142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No.AD/RSC-II-21/11/2017(Pt.)/3918 Dated, the 01st Nov., 2018
ADVERTISEMENT
Applications are invited from Indian Nationals for filling up of 03(Three) posts of Assistant Traffic Manager Gr-II (UR-2/OBC-1) on direct recruitment basis in Paradip Port Trust.
For further details, refer to our website: www.paradipport.gov.in.
Secretary
PPT/PR/453/18-19, DT.05.11.2018

A Fast growing leading Real-Estate Company requires following personnel for its Business Expansion.
1. MARKETING MANAGER: 03 Posts (MBA/ Graduate having minimum 2-3 years of Exp. in same trade)
2. DEPUTY MANAGER: 04 Posts (MBA/Graduate having minimum 1-2 years of Exp. in same trade)
3. MARKETING EXECUTIVE: 10 Posts (Freshers can also apply.) Experienced preferable.
Company provides fix Salary, convenience and High Incentive.
Interested candidate may Walk-in-interview on 10.11.18 (Saturday), 11.11.18 (Sunday) and 14.11.18 (Wednesday), Rush to-
DIVINE INNOVATIONS PVT. LTD., Plot No.: M/17, Madhusudan Nagar, Unit-4, BBSR, Near Vivekananda Sikshya Kendra, Ph: 0674-2534989, Mob: 9338424304, 9337024304

**ସୁବର୍ଣ୍ଣ ଅବସର "ଭୁବନେଶ୍ୱର"**
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**URGENT REQUIRED**
- ରେଷ୍ଟୁରାଣ୍ଟ ୱେଟର : ୪ ଜଣ
- DRIVER : ୨ ଜଣ
- ହାଉସ୍ କିପର : ୨ ଜଣ
- ୱେଟର : ୨ ଜଣ

ଆକର୍ଷଣୀୟ ଦରମା, ଅଭିଜ୍ଞଙ୍କୁ ସୁଯୋଗ।
Contact: 9938329002

A Leading Distribution of Tiles & Marble Are Looking For
1. Sr SALES MANAGER
2. SALES EXECUTIVE
(MALE / FEMALE)
For its 4 showrooms in Bhubaneswar. Candidates must have 1-2 Yrs Exp..
SEND YOUR C.V TO EMAIL pralep.samal@rediffmail.com
Mob : 7894997519, 8763701801

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - (ସିଆର୍‌ପି ଏସ୍‌ପିଏଲ୍-VIII)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୧୮/ଜାନୁୟାରୀ ୨୦୧୯ରେ ଅନୁଷ୍ଠିତ ହେବାର ସମ୍ଭାବନା ଅଛି।

| କ୍ର.ସଂ. | ପଦବୀ |
|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-I) |
| ୦୨ | ଏଗ୍ରିକଲ୍ଚରାଲ୍ ଫିଲ୍ଡ ଅଫିସର୍ (ସ୍କେଲ୍-I) |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍-I) |
| ୦୪ | ଲ' ଅଫିସର୍ (ସ୍କେଲ୍-I) |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍-I) |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍-I) |

କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୬।୧୧।୨୦୧୮-୨୬।୧୧।୨୦୧୮ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୬।୧୧।୨୦୧୮-୨୬।୧୧।୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୧୮ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | ୨୯।୧୨।୨୦୧୮ ଓ ୩୦।୧୨।୨୦୧୮ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ ୨୦୧୯ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | ୨୭।୦୧।୨୦୧୯ |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୧୯ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୧୯ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ ୨୦୧୯ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୧୯ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୨୬।୧୦।୨୦୧୮ ନିର୍ଦ୍ଦେଶକ, ଆଇବିପିଏସ୍

See CAREER APPOINTMENT on every Wednesday & Saturday

**REQUIREMENT**
1. Operation Manager, 2. Depot Manager (Bus Depot), 3.Area Manager, 4. Field Officer, 5. Office In-Charge (M/F), 6.Lady Bus Guide (Conductor), 12th Pass (80 posts).
All are with the experience of Recruitment / Manpower Agency Age 30 to 45)
Walk-in-Interview: MAX DETECTIVES & SECURITY, SECURITY & MANAGEMENT SUPPORT SERVICE
BDA Commercial Complex, 1st Floor, Samanta Vihar, Chandrasekharpur near Nalco Square, Bhubaneswar-751023, Mob: 8114396262, 8114396396

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319945331

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା, ଜିଲ୍ଲା-କନ୍ଧମାଳ**
WALK-IN-INTERVIEW
ବିଜ୍ଞାପନ ସଂଖ୍ୟା: 2204 ତାରିଖ: 09.11.2018
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଦ୍ୱାରା ଆର୍ଥିକ ବର୍ଷ ୨୦୧୮-୧୯ ପାଇଁ କୋଟଗଡ଼, ତୁମୁଡ଼ିବନ୍ଧ, ବାଲିଗୁଡ଼ା, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି, ଦାରିଙ୍ଗବାଡ଼ି, ଚକାପାଦ ଏବଂ ଟିକାବାଲି ବ୍ଲକର ଅନୁସୂଚିତ ଜନଜାତି (ST) ବର୍ଗର ୧୮ ବର୍ଷରୁ ୩୭ ବର୍ଷ ବୟସର ଯୋଗ୍ୟ ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନଙ୍କୁ ମାଗଣା ଓ ଆବାସିକ ଭିତ୍ତିକ Pre-Recruitment Training ଯୋଗାଇଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ନିମ୍ନରେ ପ୍ରଦତ୍ତ ଦରଖାସ୍ତ ଫର୍ମ ସହିତ ସେମାନଙ୍କର ୩ ଗୋଟି ପାସ୍‌ପୋର୍ଟ ଫଟୋ, ଶିକ୍ଷାଗତ ଯୋଗ୍ୟତା, BPL Card (ପରିବାର କିମ୍ବା ନିଜର), ଜାତି ପ୍ରମାଣ ପତ୍ର (Caste Certificate), ବାସସ୍ଥାନ ପ୍ରମାଣ ପତ୍ର (Resident Certificate) ଏବଂ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର ସହିତ ତା୨୭।୧୧।୨୦୧୮ରିଖ ଦିବା ୧୦.୩୦ ଘଟିକା ସମୟରେ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ବାଲିଗୁଡ଼ାଙ୍କ କାର୍ଯ୍ୟାଳୟରେ ନିଜେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ସେମାନଙ୍କର ପ୍ରମାଣପତ୍ର ଇତ୍ୟାଦିର ଯାଞ୍ଚ କରାଇବା ପାଇଁ ଅନୁରୋଧ। ଯାଞ୍ଚ ପ୍ରକ୍ରିୟା ପରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ ପ୍ରାର୍ଥିନୀମାନଙ୍କୁ ଯଥାଶୀଘ୍ର ବିଭିନ୍ନ ତାଲିମ କେନ୍ଦ୍ରକୁ ପଠାଯିବ। ଦରଖାସ୍ତ ଫର୍ମ ଏବଂ ତାଲିମ ସମ୍ବନ୍ଧୀୟ ସବିଶେଷ ତଥ୍ୟାବଳୀ ଜିଲ୍ଲା website: www.kandhamal.nic.in ରୁ ପାଇପାରିବେ।
ସ୍ୱା./- ପ୍ରକଳ୍ପ ପ୍ରଶାସକ
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately Mob: 8763257042

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

> ଚାଇନା ଭଳି ଅନ୍ୟ କିଛି ବଜାରରେ ଲଗାତର ଭାବେ ବିଭିନ୍ନ ଚ୍ୟାଲେଞ୍ଜର ସାମ୍ନା କରୁଛୁ।
> – ଫେଲିକ୍ସ ବ୍ରଟିଗାମ୍, ମୁଖ୍ୟ କମର୍ସିଆଲ୍ ଅଧିକାରୀ, ଜାଗୁଆର୍ ଲ୍ୟାଣ୍ଡ ରୋଭର



> ବ୍ରାଣ୍ଡ ପୁନର୍ଗଠନ ଲାଗି ନିବେଶ ସହ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ପଦକ୍ଷେପ ବିଶେଷ ଭାବେ ଫଳପ୍ରଦ ହୋଇଛି।
> – ଭାସ୍କର ଭଟ୍ଟ, ଏମ୍‌ଡି, ଟାଇଟାନ୍ କମ୍ପାନୀ



## ସଂକ୍ଷେପରେ

### ଏଲ୍‌ପିଜି ସିଲିଣ୍ଡର ଦର ୨ଟଙ୍କା ବୃଦ୍ଧି



ନୂଆଦିଲ୍ଲୀ,୯-୧୧: କେନ୍ଦ୍ର ସରକାର ଚଳିତ ମାସରେ ଦ୍ୱିତୀୟଥର ଏଲ୍‌ପିଜି ଦର ବଢ଼ାଇଛନ୍ତି। ତୈଳ ବିପଣନ କମ୍ପାନୀମାନେ ଶୁକ୍ରବାର ଏଲ୍‌ପିଜି ଦର ୨ ଟଙ୍କା ବଢ଼ାଇଛନ୍ତି। ଡିଲର କମିଶନ ବାବଦରେ ଏହି ବୃଦ୍ଧି କରାଯାଇଛି ବୋଲି ନୋଟିଫିକେଶନ ଜାରି କରି କୁହାଯାଇଛି। ଫଳରେ ଦିଲ୍ଲୀରେ ଏଣିକି ଏଲ୍‌ପିଜି ସିଲିଣ୍ଡର ଦର ୫୦୭.୪୨ ଟଙ୍କା ହେବ। ପୂର୍ବରୁ ଏହା ୫୦୫.୩୪ ଟଙ୍କା ଥିଲା। ଏଥିପୂର୍ବରୁ ତୈଳ ମନ୍ତ୍ରଣାଳୟ ପକ୍ଷରୁ ତୈଳ ବିପଣନ କମ୍ପାନୀଙ୍କୁ ଡିଲର କମିଶନ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୪.୨ କେଜିର ସିଲିଣ୍ଡର ପିଛା ୪୮.୮୯ ଟଙ୍କା ଏବଂ ୫ କେଜିର ସିଲିଣ୍ଡର ପିଛା ୨୪.୨୦ ଟଙ୍କା ଡିଷ୍ଟ୍ରିବ୍ୟୁଟର କମିଶନ ପ୍ରଦାନ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଥାଉ କି, ଚଳିତ ମାସରେ ଦୁଇଥର ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ପାଇଛି। ପୂର୍ବଥର ସିଲିଣ୍ଡର ପିଛା ୨.୯୪ ଟଙ୍କା ବୃଦ୍ଧି କରାଯାଇଥିଲା। ଜିଏସ୍‌ଟି ଯୋଗୁ ଦରବୃଦ୍ଧି କାରଣରୁ ଇତିମଧ୍ୟରେ ଏଲ୍‌ପିଜି ଦର ୧୬.୨୧ ଟଙ୍କା ବୃଦ୍ଧି ପାଇଛି। ଏଣିକି ଏଷ୍ଟାବ୍ଲିଶମେଣ୍ଟ ଚାର୍ଜ ବାବଦରେ ୩୦.୦୮ ଟଙ୍କା ଏବଂ ଡେଲିଭରି ଚାର୍ଜ ବାବଦରେ ୨୦.୫୦ ଟଙ୍କା ନୂଆ ଡିଲର କମିଶନ ପ୍ରଦାନ କରାଯିବ।

### ଟ୍ରମ୍ପଙ୍କ ନୂଆ ନୀତି
### ଅତିକୁଶଳୀଙ୍କୁ ହିଁ ମିଳିବ ଏଚ୍-୧ବି ଭିଜା

ୱାଶିଂଟନ,୯-୧୧: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ଆମେରିକା ସରକାର ଏଚ୍-୧ବି ଭିଜା ନିୟମକୁ ଆହୁରି କଠୋର କରିବାକୁ ଚାହାନ୍ତି। ଆଉଟସୋର୍ସିଂ ବଦଳରେ ଅତ୍ୟନ୍ତ କୁଶଳୀ ବିଦେଶୀ ପେସାଦାରଙ୍କୁ ହିଁ ଏହି ଭିଜା ଦେବାକୁ ଟ୍ରମ୍ପ ବିଚାର କରୁଛନ୍ତି। ହ୍ୱାଇଟ୍ ହାଉସର ନୀତି ସମନ୍ୱୟନ(ପଲିସି କୋଅର୍ଡିନେଶନ)ର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ କ୍ରିସ୍ ଲିଡଲ କହିଛନ୍ତି ଯେ, ଟେକ୍ନୋଲୋଜି କ୍ଷେତ୍ରରେ ଶିକ୍ଷାପ୍ରାପ୍ତ ଅତ୍ୟନ୍ତ କୁଶଳୀ ବ୍ୟକ୍ତିଙ୍କୁ ହିଁ ଏଚ୍-୧ବି ଭିଜା ମିଳୁ ଏହା ରାଷ୍ଟ୍ରପତି ଟ୍ରମ୍ପ ଚାହୁଁଛନ୍ତି। ଯୋଗ୍ୟତା ଆଧାରରେ ଆମେରିକାରେ ପ୍ରବେଶ ଉପରେ ଟ୍ରମ୍ପ ଗୁରୁତ୍ୱ ଦେଉଛନ୍ତି ବୋଲି ଲିଡଲ କହିଛନ୍ତି।

## ଉର୍ଜିତଙ୍କୁ ନୋଟିସ ପ୍ରସଙ୍ଗ
# ସିଆଇସିରେ ଉଠିଲା ଝଡ଼

- ଇନଫରମେଶନ କମିଶନରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନବାଚୀ
- ୱିଲଫୁଲ ଡିଫଲ୍ଟରଙ୍କ ନାମ ପ୍ରକାଶ କରାଯାଇପାରିବନି
- ସିଆଇସି ଏ ସଂକ୍ରାନ୍ତରେ ଏକାଧିକ ନିର୍ଦ୍ଦେଶ ଜାରି କରିଥିଲେ



ନୂଆଦିଲ୍ଲୀ,୯–୧୧

ଆର୍‌ଟିଆଇ ଜରିଆରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲ ୱିଲ୍‌ଫୁଲ ଡିଫଲ୍ଟର ବା ଜାଣିଶୁଣି ଋଣଖିଲାପୀ ତାଲିକା ପ୍ରକାଶ କରୁ ନ ଥିବାରୁ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଇନଫରମେଶନ କମିଶନର ଏମ.ଶ୍ରୀଧର ଆଚାରିଲୁଙ୍କ ପକ୍ଷରୁ ଏହି ନୋଟିସ ଦିଆଯାଇଥିଲା। ଏହାକୁ ନେଇ ଏବେ ସିଆଇସିରେ ଝଡ଼ ସୃଷ୍ଟି ହୋଇଛି। ତାଙ୍କର ଏତାଦୃଶ କାର୍ଯ୍ୟକୁ ଅନ୍ୟ କମିଶନରମାନେ ବିରୋଧ କରିଛନ୍ତି।

ରିଜର୍ଭ ବ୍ୟାଙ୍କ ଋଣଖିଲାପୀଙ୍କ ତାଲିକା କାହିଁକି ପ୍ରକାଶ କରୁନାହିଁ ବୋଲି ଦର୍ଶାଇ ସିଆଇସି ପକ୍ଷରୁ ଇନଫରମେଶନ କମିଶନର ଆଚାରିଲୁ ଗତ ୨ ତାରିଖରେ ଗଭର୍ନର ଉର୍ଜିତ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଆସନ୍ତା ୧୬ ତାରିଖ ସୁଦ୍ଧା ଏହାର ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସିଆଇସି ଇତିହାସରେ ଏହା ଥିଲା ପ୍ରଥମ ଘଟଣା। କାରଣ ଏଥିପୂର୍ବରୁ ରିଜର୍ଭ ବ୍ୟାଙ୍କର କୌଣସି ଗଭର୍ନରଙ୍କୁ ସିଆଇସି ନୋଟିସ ଜାରି କରି ନ ଥିଲେ। ଅନ୍ୟପକ୍ଷରେ ଆଚାରିଲୁଙ୍କ ପଦକ୍ଷେପକୁ ନେଇ ଏବେ ଖୋଦ୍ ସିଆଇସିର ଅନ୍ୟ କମିଶନରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଏଥିପାଇଁ ନିଜକୁ ଅପ୍ରସ୍ତୁତ ମନେକରୁଛନ୍ତି। କାରଣ ୨୦୧୭ରେ ସିଆଇସିର ପୂର୍ଣ୍ଣକାଳୀନ ଖଣ୍ଡପୀଠର ନିର୍ଦ୍ଦେଶକୁ ଆଚାରିଲୁ ଅମାନ୍ୟ କରିଛନ୍ତି। ଏହାଛଡ଼ା ସିଆଇସି ପକ୍ଷରୁ ଏ ସଂକ୍ରାନ୍ତରେ ପ୍ରାୟ ୧୦ଟି ନିର୍ଦ୍ଦେଶନାମା ଜାରି କରାଯାଇସାରିଛି। ସେଥିରେ ଦର୍ଶାଯାଇଛି ଯେ, ସୁପ୍ରିମକୋର୍ଟରେ ଋଣଖିଲାପୀଙ୍କ ସମ୍ପର୍କରେ ମାମଲା ଚାଲିଥିବାରୁ ଏ ସମ୍ପର୍କରେ କୌଣସି ତଥ୍ୟ ବାହାରେ ପ୍ରକାଶ କରାଯାଇପାରିବନି। ରିଜର୍ଭ ବ୍ୟାଙ୍କ ଗଭର୍ନର ଏହାକୁ କେବଳ ପାଳନ କରିଛନ୍ତି। କେବଳ ଏତିକି ନୁହେଁ ଏତାଦୃଶ କାର୍ଯ୍ୟର ଆଇନଗତ ଦିଗକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସିଆଇସି ମୁଖ୍ୟ ଆର୍.କେ ମାଥୁର ଏ ପ୍ରସଙ୍ଗରେ ଆଲୋଚନା ପାଇଁ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ବୈଠକ ମଧ୍ୟ ଡାକିଥିଲେ। ତେବେ ପରେ ଏହାକୁ ବାତିଲ କରାଯାଇଥିଲା। କିନ୍ତୁ ଅନ୍ୟ ସଦସ୍ୟମାନେ ସେମାନଙ୍କ ଅସନ୍ତୋଷକୁ ମୁଖ୍ୟ ସିଆଇସିଙ୍କ ନିକଟରେ ବ୍ୟକ୍ତ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୭ ମେ ୨୪ରେ ଇନଫରମେଶନ କମିଶନର ସୁଧୀର ଭାର୍ଗବ ଏବଂ ମଞ୍ଜୁଳା ପ୍ରାସରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶାଇଥିଲେ ଯେ, ସର୍ବୋଚ୍ଚ ଅଦାଲତରେ ମାମଲାର ଶୁଣାଣି ଚାଲିଥିବାରୁ ୱିଲଫୁଲ ଡିଫଲ୍ଟରଙ୍କ ତାଲିକା ପ୍ରକାଶ କରାଯାଇପାରିବନି। ଏହାଛଡ଼ା ଆର୍‌ବିଆଇ ଦାୟିତ୍ୱରେ ଥିବା ଭାର୍ଗବ ଏ ସଂକ୍ରାନ୍ତରେ ଏକାଧିକ ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ନିଜ ଦାୟିତ୍ୱ ଛାଡ଼ି ଆଚାରିଲୁ ଗଭର୍ନରଙ୍କୁ ନୋଟିସ ଜାରି କରିଛନ୍ତି। ତାଙ୍କୁ ଷ୍ଟାଟିଷ୍ଟିକ୍ସ ଏବଂ ଯୋଜନା କ୍ରିୟାନ୍ୱୟନ, ଶ୍ରମ ଏବଂ ଅନ୍ୟ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଛି। ଅନ୍ୟପକ୍ଷରେ ମାଥୁର ପିଏମ୍‌ଓ ଦାୟିତ୍ୱ ପାଇଛନ୍ତି। ସେହିପରି ଭାର୍ଗବ ଆର୍‌ବିଆଇ ଓ ଅର୍ଥ ମନ୍ତ୍ରଣାଳୟର ମାମଲା ଶୁଣାଣି କରିନ୍ତି। ଆସନ୍ତା ୨୦ରେ ଆଚାରିଲୁ ଅବସର ନେବାକୁ ଯାଉଥିବା ବେଳେ ଏହାର ୧୮ ଦିନ ପୂର୍ବରୁ ସେ ନୋଟିସ ଜାରି କରିବାର ଯଥାର୍ଥତା ନେଇ ଜଣେ ଇନଫରମେଶନ କମିଶନର ପ୍ରଶ୍ନ ଉଠାଇଛନ୍ତି। ଟିଭି ଚ୍ୟାନେଲରେ କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ଆଲୋଚନାରେ ତାଙ୍କର ଭାଗ ନେବା ନେଇ ମଧ୍ୟ ସିଆଇସି ମୁଖ୍ୟଙ୍କ ନିକଟରେ ଅଭିଯୋଗ ହେଲାଣି। ଉଲ୍ଲେଖ କରାଯାଇପାରେ ଯେ, ସନ୍ଦିପ ସିଂ ଜାଦୁଓନ ଏକ ଆର୍‌ଟିଆଇ ଆବେଦନରେ ଆର୍‌ବିଆଇଠାରୁ ସମସ୍ତ ୱିଲଫୁଲ ଡିଫଲ୍ଟରଙ୍କ ତାଲିକା ଜାଣିବାକୁ ଚାହିଁଥିଲେ। ତେବେ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ଦେବାକୁ ମନା କରିବା ପରେ ଆବେଦନକାରୀ ଆଚାରିଲୁଙ୍କ ଇଜଲାସରେ ଆବେଦନ କରିଥିଲେ ଏବଂ ଏହାର ଏକାଧିକ ଥର ଶୁଣାଣି ହୋଇଥିଲା। ଶେଷରେ ସେ ଉର୍ଜିତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

### ଇସ୍ତଫା ଦେଇପାରନ୍ତି ଗଭର୍ନର

କେନ୍ଦ୍ର ସରକାରଙ୍କ ସହ ବିବାଦ ଆରମ୍ଭ ହେବା ଭିତରେ ଆସନ୍ତା ୧୯ରେ ରିଜର୍ଭ ବ୍ୟାଙ୍କ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ କେନ୍ଦ୍ର ସରକାର ବୋର୍ଡ ସଦସ୍ୟଙ୍କ ଜରିଆରେ ନିଜର ଦାବିଗୁଡ଼ିକ ପୂରଣ ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବେ। ବିବାଦ ଅଧିକ ଘନେଇଲେ ଗଭର୍ନର ଉର୍ଜିତ ପଟେଲ ସେହି ବୈଠକରେ ହିଁ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ତାଙ୍କ ଘନିଷ୍ଠତମ ସୂତ୍ରରୁ ପ୍ରକାଶ। ତେବେ ଏନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି। ଉକ୍ତ ସୂତ୍ର ଅନୁଯାୟୀ ସରକାରଙ୍କ ସହ ବିବାଦକୁ ନେଇ ପଟେଲ ଏବେ ବୀତସ୍ପୃହ ହୋଇପଡ଼ିଛନ୍ତି। ଏହା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ତେଣୁ ସ୍ୱାସ୍ଥ୍ୟଗତ କାରଣରୁ ସେ ନିଜ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ଏହାଛଡ଼ା ନିଜ ଅସୁସ୍ଥ ମା'ଙ୍କ ଦେଖାଶୁଣା ପାଇଁ ସରକାରୀ ବଙ୍ଗଲୋକୁ ଯାଇ ନ ଥିବା ଉର୍ଜିତ ପରିବାର ସହ ଅଧିକ ସମୟ ବିତାଇବାକୁ ଚାହୁଁଛନ୍ତି। ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତା ସମ୍ପର୍କରେ ମୁହଁ ଖୋଲିଥିବା ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଗଭର୍ନରଙ୍କ ଇସ୍ତଫା ଦେବା ନେଇ ସଙ୍କେତ ଦେଇଛନ୍ତି। ସେ ମଧ୍ୟ ପାରିବାରିକ କାରଣରୁ ଇସ୍ତଫା ଦେଇପାରନ୍ତି ବୋଲି ଶୁଣାଯାଉଛି।

### ଆର୍‌ବିଆଇରୁ ୩.୬ ଲକ୍ଷ କୋଟି ଦାବିକୁ ସରକାରଙ୍କ ଅସ୍ୱୀକାର



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ରୁ କେନ୍ଦ୍ର ସରକାର ୩.୬ ଲକ୍ଷ କୋଟି ଟଙ୍କା ଦାବି କରୁନାହିଁ। ବରଂ ଆର୍‌ବିଆଇର ଆର୍ଥିକ ପୁଞ୍ଜି ଢାଞ୍ଚା(ଇକୋନୋମିକ କ୍ୟାପିଟାଲ ଫ୍ରେମୱର୍କ) ନିର୍ଦ୍ଧାରିତ କରିବା ନେଇ ସରକାର ଆଲୋଚନା କରୁଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବିଭାଗ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଏକ ଟୁଇଟ୍ ଜରିଆରେ ସେ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ମିଡିଆରେ ପ୍ରକାଶିତ ରିପୋର୍ଟ ଭୁଲ୍ ତଥା ମିଥ୍ୟା। ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିଚାଳନା ଠିକ୍ ଦିଗରେ ଚାଲିଛି। ସରକାରଙ୍କୁ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିନି। ଏଥିପାଇଁ ରିଜର୍ଭ ବ୍ୟାଙ୍କରୁ ୩.୬ ଲକ୍ଷ କୋଟି ଟଙ୍କା ଦାବି କରାଯାଇନି। ସରକାର ୩.୩% ପ୍ରତିଶତର ବିତ୍ତୀୟ ନିଅଣ୍ଟ ପରିମାଣ ଲକ୍ଷ୍ୟକୁ ପୂରଣ କରିପାରିବେ ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଅରବିନ୍ଦ ସୁବ୍ରମଣ୍ୟନ ୨୦୧୬–୧୭ର ଅର୍ଥନୈତିକ ସର୍ଭେରେ କହିଥିଲେ ଯେ, ଆର୍‌ବିଆଇ ନିକଟରେ ଅତ୍ୟଧିକ ପୁଞ୍ଜି ରହିଛି। ପ୍ରାୟ ୪ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ବ୍ୟାଙ୍କ ସରକାରଙ୍କୁ ଦେଲେ ଏହାକୁ ପୁନରାୟ ବ୍ୟାଙ୍କଗୁଡ଼ିକୁ ସରକାର ପୁଞ୍ଜି ନିବେଶ ଭାବେ ଫେରାଇ ଦେବେ। ଫଳରେ ଅର୍ଥନୀତିର ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। କିନ୍ତୁ ଏହି ପ୍ରସ୍ତାବ ଆଜି ଯାଏ କାର୍ଯ୍ୟକାରୀ ହୋଇପାରିନାହିଁ।

## ଭାରତ ଆସିବାକୁ ଚୋକ୍‌ସୀଙ୍କୁ ଭୟ

### ଆଣ୍ଟିଗୁଆ ସରକାରଙ୍କ ବିରୋଧରେ ମାମଲା



ନୂଆଦିଲ୍ଲୀ,୯–୧୧

ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଦୁର୍ନୀତି ମାମଲାରେ ଆଣ୍ଟିଗୁଆରେ ଲୁଚିଥିବା ଅନ୍ୟତମ ଅଭିଯୁକ୍ତ ମେହୁଲ ଚୋକ୍‌ସୀ ଭାରତ ଆସିବାକୁ ଭୟ କରୁଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ କରାଯାଇପାରେ ବୋଲି ଆଶଙ୍କା କରି ଚୋକ୍‌ସୀ ଆଣ୍ଟିଗୁଆ ଓ ବାରବୁଡ଼ା ସରକାରଙ୍କ ବିରୋଧରେ ସ୍ଥାନୀୟ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଏହି ମାମଲାରେ ସେ ପ୍ରଧାନମନ୍ତ୍ରୀ ଅଥବା ତାଙ୍କର ସ୍ଥାୟୀ ସଚିବଙ୍କୁ ପକ୍ଷଭୁକ୍ତ କରିବାକୁ ନିବେଦନ କରିଛନ୍ତି। ଚୋକ୍‌ସୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଭାରତ ଓ ଆଣ୍ଟିଗୁଆ ମଧ୍ୟରେ କମନୱେଲ୍‌ଥ ଚୁକ୍ତି ହୋଇଥିଲେ ହେଁ ପ୍ରତ୍ୟର୍ପଣ ଚୁକ୍ତି ହୋଇନି। ଏହାସତ୍ତ୍ୱେ ସ୍ଥାନୀୟ ସରକାର ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଉଦ୍ୟମ କରୁଛନ୍ତି। ଉଲ୍ଲେଖଥାଉ କି, କମନୱେଲ୍‌ଥ ଚୁକ୍ତି ହେବା ପରେ ଆଣ୍ଟିଗୁଆ ସ୍ୱତଃସ୍ଫୂର୍ତ୍ତ ଭାବେ କୌଣସି ଅପରାଧୀଙ୍କୁ ପ୍ରତ୍ୟର୍ପଣ କରିବାକୁ ବାଧ ବୋଲି ଆଣ୍ଟିଗୁଆ ଆଟର୍ନି ଜେନେରାଲ ଅଫିସ ପକ୍ଷରୁ କୁହାଯାଇଛି। ଆସନ୍ତା ୧୪ରେ ଏହି ମାମଲାର ଶୁଣାଣି କରାଯିବ।

## ଓଜିବି ଅଫିସର ସଙ୍ଗଠନର ସମ୍ବର୍ଦ୍ଧନା ଦିବସ




ଭୁବନେଶ୍ୱର,୯–୧୧

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର ସଙ୍ଗଠନ (ଏଓଜିବିଓ)ପକ୍ଷରୁ ସମ୍ବର୍ଦ୍ଧନା ଦିବସ ପାଳିତ ହୋଇ ଯାଇଛି। ୨୦୦ରୁ ଅଧିକ ସଭ୍ୟ ସଙ୍ଗଠନର ଆଦର୍ଶ ଓ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଥିରେ ଯୋଗ ଦେଇଥିଲେ। ଜାତୀୟ ସଙ୍ଗଠନ ଏଆଇଆର୍‌ଆର୍‌ବିଇଏ ଏବଂ ଅଫିସର ସଙ୍ଗଠନ ଏନ୍‌ଏଫ୍‌ଆର୍‌ଆର୍‌ବିଓର ସାଧାରଣ ସମ୍ପାଦକ କମ୍ରେଡ ସୟଦ ଖାନ୍ ଏଥିରେ ଉପସ୍ଥିତ ରହିବା ସହ ପେନସନ ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଓଜିବି କର୍ମଚାରୀଙ୍କ ପାଇଁ ପେନସନ ଲାଗୁ କରାଇବା ଦିଗରେ ଏଆଇଆର୍‌ଆର୍‌ବିଇଏ କାର୍ଯ୍ୟ ଉପରେ ଓଜିବି ଅଫିସର ସଙ୍ଗଠନର ସଭାପତି ସ୍ୱରୂପ କୁମାର ବାସା ମତ ରଖିଥିଲେ। କାର୍ଯ୍ୟକ୍ରମରେ ଏଓଜିବିଓର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଭଞ୍ଜ, ସଙ୍ଗଠନର ସମ୍ପାଦକ ମହେଶ୍ୱର ମହାରଣା, କାର୍ଯ୍ୟକାରୀ ସଭାପତି ନୀଳକଣ୍ଠ ବିଶ୍ୱାଳ, ଆୟୋଜକ ସଚିବ ପ୍ରଭୁ ପ୍ରସାଦ ମିଶ୍ର, ଭୁବନେଶ୍ୱର କ୍ଷେତ୍ରୀୟ ସଚିବ ଅସିତ କୁମାର ଖଣ୍ଡାଇ, କେନ୍ଦ୍ରୀୟ ସମିତି ସଦସ୍ୟ ଦେବୀଦାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଏଲ୍ ଆଣ୍ଡ ଟି ଫାଇନାନ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୯–୧୧

ପ୍ରମୁଖ ଅଣ ବ୍ୟାଙ୍କିଂ ବିତ୍ତ ପ୍ରତିଷ୍ଠାନ ଏଲ୍ ଆଣ୍ଡ ଟି ଫାଇନାନ୍ସ ହୋଲଡିଙ୍ଗସ (ଏଲଟିଏଫ୍‌ଏଚ୍)ର ସହାୟକ ସଂସ୍ଥା ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ ପକ୍ଷରୁ ବଲାଙ୍ଗୀର ଜିଲାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସେହିଭଳି ରାଜ୍ୟର ବିଭିନ୍ନ ଜିଲାରେ କମ୍ପାନୀ ୩୨ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଭଳି ପଦକ୍ଷେପ ଦ୍ୱାରା ବଲାଙ୍ଗୀର, ବୌଦ୍ଧ, ସୋନପୁର ଏବଂ ବରଗଡ଼ ଭଳି ଜିଲାର ଅନେକ ଲୋକ ଲାଭବାନ ହୋଇଛନ୍ତି। ସ୍ୱାସ୍ଥ୍ୟ ଶିବିର ଜେନେରାଲ ଫିଜିସିଆନ୍, ଶିଶୁ ବିଶେଷଜ୍ଞ, କାଉନସେଲର, ଫାର୍ମାସିଷ୍ଟ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ମହିଳାଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା, ବୟସ୍କଙ୍କ ରକ୍ତଚାପ ପରୀକ୍ଷା, ଏଚ୍‌ଆଇଭି ପରୀକ୍ଷା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଭଳି ଅନ୍ୟାନ୍ୟ ପରୀକ୍ଷାମାନ ଶିବିରରେ ସମ୍ପାଦନ କରାଯାଇଥିଲା।

### ବିଓବିର ସତର୍କତା ସଚେତନତା ସପ୍ତାହ




ଭୁବନେଶ୍ୱର,୯–୧୧

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଙ୍କର ଉପମହାପ୍ରବନ୍ଧକ ଏନ୍. ବେହେରା, ଉପ କ୍ଷେତ୍ରୀୟ ପ୍ରବନ୍ଧକ ଭାରତ ଭୂଷଣଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ଦୁର୍ନୀତି ନିବାରଣ ଲାଗି ଶପଥ ପାଠ କରିଥିଲେ।

## ଇରାନରୁ ତେଲ କ୍ରୟ
# ଆମେରିକାର କଟକଣା କୋହଳକୁ ତର୍ଜମା କରୁଛି ଭାରତ

ନୂଆଦିଲ୍ଲୀ,୯–୧୧

ପରମାଣୁ ଚୁକ୍ତିରୁ ଓହରିବା ପରେ ଇରାନ ବିରୋଧରେ ଗତ ୫ ତାରିଖରୁ ଆମେରିକାର କଟକଣା ଲାଗୁ ହୋଇଛି। ତେବେ ଭାରତ ସମେତ ୮ଟି ଦେଶକୁ ଆମେରିକା ଏହି କଟକଣାରୁ ସାମୟିକ ବାଦ୍ ଦେଇଛି। ଫଳରେ ଏଣିକି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଇରାନରୁ ଅଶୋଧିତ ତେଲ କିଣିପାରିବ। ଅନ୍ୟପକ୍ଷରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି ଯେ, ଆମେରିକାର କଟକଣା କୋହଳ ସଂକ୍ରାନ୍ତରେ ଭାରତ ପରୀକ୍ଷାନିରୀକ୍ଷା କରି ଦେଖୁଛି। ମନ୍ତ୍ରଣାଳୟ ମୁଖପାତ୍ର ରବିଶ୍ କୁମାର କହିଛନ୍ତି ଯେ, ଭାରତ ପାଇଁ ଆମେରିକା କଟକଣା କୋହଳ କରିଥିବାରୁ ଆମେ ଏହାକୁ ସ୍ୱାଗତ କରୁଛୁ। କାରଣ ଭାରତ ତା'ର ଚାହିଦାର ପ୍ରାୟ ୮୦ ପ୍ରତିଶତ ଆମଦାନୀ ଉପରେ ନିର୍ଭରଶୀଳ। ଆମେରିକା ସରକାର ଭାରତର ଚାହିଦାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥିବାରୁ ପ୍ରଶଂସାଯୋଗ୍ୟ। ତେବେ ଆମେରିକା ସରକାର କେଉଁପ୍ରକାର ସର୍ତ୍ତାରୋପ କରିଛନ୍ତି ତାହାକୁ ପରୀକ୍ଷା କରିବା ପରେ ହିଁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

### ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ସ୍ୱଚ୍ଛତା ପଦକ୍ଷେପ

HYUNDAI

ନୂଆଦିଲ୍ଲୀ,୯–୧୧

ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ଧ୍ୟାନରେ ରଖି ନିଜର ପ୍ରତିବଦ୍ଧତା ସ୍ୱରୂପ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱଚ୍ଛ ଭାରତ ଏବଂ ସ୍ୱଚ୍ଛ ରାଜପଥ ବିଷୟକୁ ପ୍ରୋତ୍ସାହିତ କରିବାକୁ କମ୍ପାନୀ ନିକଟରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ରିଲିଜ୍ କରିଛି। ରାଜପଥକୁ ସଫାସୁତୁରା ଏବଂ ମଇଳାକୁ ଏଣେ ତେଣେ ନ ଫୋପାଡ଼ି ଠିକ୍ ଭାବେ ପରିଚାଳନା କରିବା ଉପରେ ଏହି କ୍ଷୁଦ୍ର ଫିଲ୍ମରେ ବର୍ଣ୍ଣନା କରାଯାଇଛି। ଏଭଳି ପଦକ୍ଷେପ ସ୍ୱଚ୍ଛତା ସଚେତନତା ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏମ୍‌ଡି ତଥା ସିଇଓ ୱାଇ.କେ. କୋ ସୂଚନା ଦେଇଛନ୍ତି।


**ଓଡ଼ିଶା ରାଜ୍ୟ ଅର୍ଥ ନିଗମ**
**ଓ.ଏମ.ପି. ଛକ, କଟକ-୭୫୩୦୦୩**

ବିଜ୍ଞାପନ ନଂ E-Auc/୦୧/୨୦୧୮-୧୯ | **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି** | ତା.୦୯.୧୧.୨୦୧୮

ଓଡ଼ିଶା ରାଜ୍ୟ ଅର୍ଥ ନିଗମ ଦ୍ୱାରା ଜବତ ହୋଇଥିବା (ଏସ. ଏଫ. ସି ଆକ୍ଟ – ୧୯୫୧ ଏବଂ ଧାରା- ୨୯ ଅନୁସାରେ) ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ –ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି
ଅମାନତ ରାଶି ଓ କାଗଜ ପତ୍ର (ଅନଲାଇନ୍) ଦାଖଲ କରିବାର ଅନ୍ତିମ ତାରିଖ: ୨୭/୧୧/୨୦୧୮ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ନିଗମର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତା ୨୯/୧୧/୨୦୧୮(ସମୟ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧.୦୦ ଘଟିକା ମଧ୍ୟରେ) ଅନଲାଇନ୍ ଇ- ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ଜବତ ସମ୍ପତ୍ତି ଗୁଡ଼ିକ "ଯେଉଠାରେ ଯେଉଁ ଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି

| | ଇ-ନିଲାମ ଜରିଆରେ ଜବତ ସମ୍ପତ୍ତି ବିକ୍ରୟ | |
|---|---|---|
| କ୍ରମାଙ୍କ | ଜବତ ସ୍ଥାବର/ଅସ୍ଥାବର ସମ୍ପତ୍ତି ର ବିବରଣୀ | ସଂରକ୍ଷିତ ମୂଲ୍ୟ<br>ଅମାନତ ଜମା<br>ବିଡ୍ ର କ୍ରମ ବର୍ଦ୍ଧନ ମୂଲ୍ୟ |
| ୦୧ | ମେସର୍ସ ରେଡିଏଣ୍ଟ ଟେଲିସିଷ୍ଟମ ଲିଃ, **IDCO Plot No. A/129,** ଶିଳ୍ପାଞ୍ଚଳ ମଞ୍ଚେଶ୍ୱର, ଭୁବନେଶ୍ୱର ଜମି – ଏ.୦.୭୬ ଡିସିମିଲ (୧୨୦'x ୨୭୫'), ଗୃହ, ଆସବାବପତ୍ର ଓ ଅନ୍ୟାନ୍ୟ (ଶାଖା ପରିଚାଳକ, ଭୁବନେଶ୍ୱର ଶାଖା, ମୋବାଇଲ ନମ୍ବର – ୯୪୩୭୧୭୨୧୨୫) | ଟ. ୪,୭୮,୧୩,୦୦୦/-<br>ଟ. ୨୩,୯୧,୦୦୦/-<br>ଟ. ୨୦,୦୦୦/- |
| ୦୨ | ମେସର୍ସ ଟ୍ରାୟୋ ମଲ୍ଟି ପର୍ପୋଜ ଇଣ୍ଡଷ୍ଟ୍ରି, ମୌ – ଖଇରା ଜଗତପୁର, କଟକ ଜମି – ଏ.୦.୨୭ ଡିସିମିଲ ଏବଂ ଗୃହ (ଶାଖା ପରିଚାଳକ, କଟକ ଶାଖା, ମୋବାଇଲ ନମ୍ବର – ୯୯୩୭୦୨୪୨୮୭) | ଟ. ୧,୮୮,୨୨,୦୦୦/-<br>ଟ. ୯,୪୧,୫୦୦/-<br>ଟ. ୨୦,୦୦୦/- |
| ୦୩ | ମେସର୍ସ ଶିବ ବାବା ପାଣ୍ଡାରଲୁମ ଇଣ୍ଡଷ୍ଟ୍ରି (ପ୍ରା) ଲିଃ, ଶିଳ୍ପାଞ୍ଚଳ ଜାରକା, ପ୍ଲଟ ନମ୍ବର – ୨୨ ଓ ୨୨/କ, ଧର୍ମଶାଳା, ଯାଜପୁର, ଜମି – ଏ.୦.୪୯୮ ଡିସିମିଲ, ଗୃହ ଏବଂ ଯନ୍ତ୍ରପାତି ସହିତ (ଶାଖା ପରିଚାଳକ, ପାରାଦୀପ ଶାଖା, ମୋବାଇଲ ନମ୍ବର – ୯୮୬୧୩୨୪୨୭୦) | ଟ. ୫୧,୯୨,୦୦୦/-<br>ଟ. ୨,୬୦,୦୦୦/-<br>ଟ. ୧୦,୦୦୦/- |

ସମ୍ପତ୍ତି ତନଖିର ତାରିଖ ଏବଂ ସମୟ : ତା ୧୦/୧୧/୨୦୧୮ ରୁ ୨୭/୧୧/୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ରାଶି (RTGS/NEFT ମାଧ୍ୟମରେ) ନିଗମର ଆକାଉଣ୍ଟର ବିବରଣୀ
ଆକାଉଣ୍ଟ ନମ୍ବର – 407102050000141, ବ୍ୟାଙ୍କର ନାମ – Union Bank of India, College Square Branch, Cuttack-3, IFSC Code:UBIN0540714

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :
(୧) ନିଲାମ ବିକ୍ରୟ ୱେବସାଇଟ **https://osfc.auctiontiger.net** ମାଧ୍ୟମରେ "ଅନଲାଇନ୍ ଇ-ନିଲାମ" ଦ୍ୱାରା ତା ୨୯/୧୧/୨୦୧୮ (ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧.୦୦ ଘଟିକା ସମୟରେ) ବର୍ଦ୍ଧିତ ୫ ମିନିଟ (ଅସୀମିତ ପ୍ରତ୍ୟେକ) ସହିତ ସମ୍ପନ୍ନ କରାଯିବ । (୨) ଇଚ୍ଛୁକ ଇ-ନିଲାମ ଧାରୀମାନେ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ । (୩) ଇଚ୍ଛୁକ ଇ-ନିଲାମଧାରୀ ମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଏବଂ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ ୱେବସାଇଟ **https://osfc.auctiontiger.net** ମାଧ୍ୟମରେ ନିଲାମର ନିୟମ ଓ ସର୍ତ୍ତାବଳୀ ର ସବିଶେଷ ବିବରଣୀ ଦେଖନ୍ତୁ । (୪) ଇଚ୍ଛୁକ ନିଲାମ ଧାରୀମାନେ ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ **(Auction Tiger) ଅହମ୍ମଦାବାଦ ଠାରୁ** ଇ-ନିଲାମ ତାଲିମ ପାଇପାରିବେ, ଯୋଗାଯୋଗ – ଶ୍ରୀ ରାମ ଶର୍ମା (ମୋବାଇଲ ନମ୍ବର – ୦୮୦୦୦୦୨୩୨୯୭) ଏବଂ ଶ୍ରୀ ରାକେଶ ନାୟକ (ମୋବାଇଲ ନମ୍ବର – ୯୯୩୭୨୨୦୩୧୯), ଫୋନ ନମ୍ବର – ୦୭୯୬୧-୨୦୦୫୯୮ ଏବଂ ୦୭୯୬୧-୨୦୦୫୨୦, ଇ-ମେଲ ଆଇଡି - **support@auctiontiger.net** ଓ **orissa@auctiontiger.net** (୫) ପ୍ରସ୍ତାବ ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ ସବିଶେଷ ତଥ୍ୟ ସହିତ ଅନଲାଇନ୍ **ମାଧ୍ୟମରେ ଦାଖଲ ହେବ । (୬)** ଅନଲାଇନ୍‌ରେ ପ୍ରସ୍ତାବ **ଦାଖଲର ଅନ୍ତିମ ତାରିଖ :** ତା ୨୭/୧୧/୨୦୧୮ ଅପରାହ୍ନ ୪.୦୦ ଘଟିକା (୭) ବିଡ୍ ଫର୍ମର ଏକ ନକଲ ସହିତ ଅନଲାଇନ୍‌ରେ **ଦାଖଲ ସଂଯୁକ୍ତ କାଗଜାତ (UTR** ନଂ ଦର୍ଶାଇବେ) ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ) ,ଓଡ଼ିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ କଟକ-୩ ଙ୍କୁ ଇ-ମେଲ (**rdhodosfc@yahoo.com**) ଦ୍ୱାରା ହସ୍ତାନ୍ତର କରିବେ । (୮) ସଂରକ୍ଷିତ ମୂଲ୍ୟ ଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ/ଅଧିକ ହେବା ଉଚିତ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତୀ ବର୍ଦ୍ଧିତ ପ୍ରସ୍ତାବ ଉପରେ ବର୍ଣ୍ଣିତ ପ୍ରତ୍ୟେକ ସମ୍ପତ୍ତିର ଅନୁସାରେ ବଢାଇବେ (୯) ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ଅନ୍ତର୍ଭୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫଟ/ ପେ ଅର୍ଡର/ ବ୍ୟାଙ୍କର ଚେକ୍/NEFT/RTGS ମାଧ୍ୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସ ସୁଧା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବାଜ୍ୟାପ୍ତି କରିପାରିବ। (୧୦) ଅସଫଳ ନିଲାମଧାରୀଙ୍କୁ ଅମାନତ ଜମା ଇ -ନିଲାମ ପ୍ରକ୍ରିୟା ସମାପ୍ତ ହେବାର ୭ କାର୍ଯ୍ୟଦିବସ ମଧ୍ୟେ ଫେରସ୍ତ କରାଯିବ । (୧୧) ନିଗମ ଦ୍ୱାରା ବିକ୍ରୟ ଚୂଡାନ୍ତ କରାଯିବ ଏବଂ ଯଦି ଋଣ ଗ୍ରହିତା /ଗ୍ୟାରେଣ୍ଟିଦାତା ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ। (୧୨) ସମ୍ପତ୍ତି ଗୁଡ଼ିକ ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ ବିକ୍ରୟ କରାଯିବ ଏବଂ ଇଚ୍ଛୁକ ନିଲାମଧାରୀମାନେ ସମ୍ପତ୍ତି ବିଷୟରେ ଅନୁସନ୍ଧାନ କରି ପ୍ରସ୍ତାବ ଦାଖଲ ପୂର୍ବରୁ ସମ୍ପତ୍ତିର ମାଲିକାନା , ପରିମାଣ, ଗୁଣ ଏବଂ ନିଗମ ଦେୟ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ସନ୍ତୁଷ୍ଟ ହେବା ଉଚିତ । ଅନଲାଇନ ପ୍ରସ୍ତାବ ଦାଖଲ କରିବା ପରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି ବିଷୟକ କୌଣସି ଦାବି , ଦେୟ ଇତ୍ୟାଦି ବିଷୟ ଗ୍ରହଣ ଯୋଗ୍ୟ ହେବ ନାହିଁ । (୧୩) ନିଗମର ପରିଚାଳନା ନିର୍ଦ୍ଦେଶକ କୌଣସି ପୂର୍ବ ନୋଟିସ ନ ଦେଇ ଏବଂ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରସ୍ତାବକୁ ବାତିଲ କିମ୍ବା ଗ୍ରହଣ କିମ୍ବା ବିକ୍ରୟକୁ ମୁଲତବୀ/ସ୍ଥଗିତ କିମ୍ବା ବିକ୍ରୟ ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି (୧୪) କ୍ରେତା ଷ୍ଟାମ୍ପଡ୍ୟୁଟି ସହିତ ବିକ୍ରୟ ପତ୍ର ରେଜିଷ୍ଟ୍ରେସନ ଦେୟ, ସରକାରଙ୍କୁ ପ୍ରଦାନ କରିବାକୁ ଥିବା ସମସ୍ତ ଆଇନଗତ ଦେୟ ସମ୍ପତ୍ତିର ବର୍ତ୍ତମାନ ଏବଂ ଭବିଷ୍ୟତ କର/ଦେୟ ଇତ୍ୟାଦି ବହନ କରିବେ । କେବଳ ସଫଳ କ୍ରେତାଙ୍କୁ ବିକ୍ରୟ ପତ୍ର ପ୍ରେରଣ କରାଯିବ । (୧୫) ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅମାନତ ରାଶି ଦାଖଲ କରିଥିବା ନିଲାମଧାରୀ କୌଣସି କାରଣରୁ ଉକ୍ତଦିନ ନିଲାମରେ ଅଂଶଗ୍ରହଣ କରି ନ ପାରିଲେ ଦାଖଲ କରିଥିବା ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ । (୧୬) ସମ୍ପତ୍ତିର ତନଖି ଏବଂ ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଶାଖା ମୁଖ୍ୟଙ୍କୁ ଉପରୋକ୍ତ ଫୋନ ନମ୍ବରରେ ଯୋଗାଯୋଗ କରିପାରିବେ । (୧୭) ଇ-ନିଲାମ ବିକ୍ରୟ ଗୁଡ଼ିକ ନିଗମର ବିକ୍ରୟ ସର୍ତ୍ତାବଳୀ ଦ୍ୱାରା ଆଧାରିତ । (୧୮) ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ। (୧୯) ଇ-ନିଲାମ ଅନ୍ତର୍ଗତ କୌଣସି ଆଇନଗତ ବିବାଦ ସ୍ଥଳେ ତାହା କଟକ, ଓଡ଼ିଶା ପରିଧି ମଧ୍ୟେ ଅନ୍ତର୍ଭୁକ୍ତ ହେବ ।

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ
ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ)

“ହଂକଂ ଓପନରେ ପ୍ରଭାବୀ ପ୍ରଦର୍ଶନ ସହ ଏସିଆନ ଟୁର୍ ଅର୍ଡର ଅଫ୍ ମେରିଟ୍ ଜିତିବା ଲାଗି ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବି ।
–ଶୁଭଙ୍କର ଶର୍ମା, ଭାରତୀୟ ଗଲ୍ଫ ଖେଳାଳି



“ବିଶ୍ୱକପ୍ ବର୍ଷ ଦୃଷ୍ଟିରୁ ଏଥର କ୍ରିଷ୍ଟିଆନୋ ରୋନାଲ୍ଡୋ କିମ୍ବା ଲିଓନେଲ ମେସିଙ୍କ ମଧ୍ୟରୁ କେହି ବାଲନ ଡି’ଅର ପୁରସ୍କାର ଜିତିବା ସମ୍ଭାବନା ମୁଁ ଦେଖିପାରୁନି ।
–କିଲିଆନ ଏମ୍‌ବାପେ, ଫ୍ରେଞ୍ଚ ଫୁଟ୍‌ବଲର



## ସଂକ୍ଷେପରେ

### ମୋହନ ବାଗାନକୁ ଭେଟିବ ଆରୋଜ

କଟକ ଅଫିସ,୯।୧୧: ବାରବାଟୀ ଷ୍ଟାଡିୟମରେ ଶନିବାର ସନ୍ଧ୍ୟାରେ ଚଳିତ ସଂସ୍କରଣ ଆଇ-ଲିଗ୍‌ର ମୋହନ ବାଗାନ ଓ ଇଣ୍ଡିଆନ ଆରୋଜ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଶୁକ୍ରବାର ପୂର୍ବାହ୍ନରେ ମୋହନ ବାଗନ ଓ ଅପରାହ୍ନରେ ଇଣ୍ଡିଆନ ଆରୋଜ ଦଳ ଅଭ୍ୟାସ ଶେଷ କରି ଫେରିଛନ୍ତି। ବାରବାଟୀକୁ ଘରୋଇ ଭେନ୍ୟୁ କରି ଟୁର୍ନାମେଣ୍ଟ ଖେଳୁଥିବା ଇଣ୍ଡିଆନ ଆରୋଜ ପ୍ରଥମ ମ୍ୟାଚ୍‌ରେ ଶିଲଂ ଲାଜଂକୁ ଗତ ୫ ତାରିଖରେ ପରାସ୍ତ କରିଛି। ବାରବାଟୀରେ ଏହା ଆରୋଜର ଦ୍ୱିତୀୟ ମୁକାବିଲା । ଆରୋଜ ୨ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ଥିବା ବେଳେ ମୋହନବାଗାନ ୨ଟି ମ୍ୟାଚ୍‌ରୁ ୨ଟି ଡ୍ର ସହ ମାତ୍ର ୨ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି । ଏଣୁ ଶନିବାର ଖେଳାଯିବାକୁ ଥିବା ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ ।

### ସାହାଣୀ କପ୍ ୧୮ରୁ

କଟକ ଅଫିସ,୯।୧୧- ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୮ରୁ ସମ୍ବଲପୁରଠାରେ ୫୯ତମ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍ ଅନୁଷ୍ଠିତ ହେବ । ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡ଼ିକ ନାକଟି ଦେଉଳ, କୁଚିଣ୍ଡା, ହୀରାକୁଦ ଓ ସମ୍ବଲପୁର ରେଲୱେ ଷ୍ଟାଡିୟମରେ ଖେଳାଯିବ ବୋଲି ଫାଓ ପକ୍ଷରୁ ଘୋଷଣା କରାଯାଇଛି ।

### ହାରିଲେ ସିନ୍ଧୁ

ଫୁଝୁ(ଚାଇନା),୯।୧୧- ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁ ପୁଣି ଥରେ ଚାଇନା ଖେଳାଳି ହେ ବିଙ୍ଗଜିଆଓଙ୍କୁ ହରାଇବାରେ ବିଫଳ ହୋଇଛନ୍ତି। ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ସୁପର ୭୫୦ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରେ ସିନ୍ଧୁଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଚଳିତ ସିଜନରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ସିନ୍ଧୁ ୧୭-୨୧, ୨୧-୧୭, ୧୫-୨୧ ଗେମ୍‌ରେ ୮ମ ସିଡ୍ ବିଙ୍ଗଜିଆଓଙ୍କଠାରୁ ହାରିଯାଇଛନ୍ତି। ଏହା ଭାରତୀୟ ଖେଳାଳିଙ୍କ ଲାଗି ଚାଇନିଜ ଖେଳାଳିଙ୍କ ବିପକ୍ଷରେ କ୍ରମାଗତ ୩ୟ ପରାଜୟ।





ଆଇ-ଲିଗ୍ ଫୁଟ୍‌ବଲ ମ୍ୟାଚ ପାଇଁ ଶୁକ୍ରବାର କଟକର ବାରବାଟୀ ଷ୍ଟାଡିୟମରେ ମୋହନ ବାଗାନ ଓ ଇଣ୍ଡିଆନ ଆରୋଜ ଦଳର ଅଭ୍ୟାସ ।

# ଜିଲା ସଂଘ ବୈଠକ ଡାକିଲେ ଆଶୀର୍ବାଦ

କଟକ ଅଫିସ,୯।୧୧

**ଓଡ଼ିଶା କ୍ରିକେଟ ଆସୋସିଏଶନ**
- ସମ୍ବିଧାନ ସଂଶୋଧନ ନେଇ ହେଲା ଆଲୋଚନା
- ବିରୋଧୀଙ୍କୁ ହାତେଇବାକୁ ପ୍ରଚେଷ୍ଟା
- ନିର୍ବାଚନ ପୂର୍ବରୁ ନେଟ୍ ପ୍ରାକ୍ଟିସ

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ହାଇକମାଣ୍ଡ ଭାବେ ପରିଚିତ ଆଶୀର୍ବାଦ ବେହେରା ଶୁକ୍ରବାର କଟକର ଏକ ହୋଟେଲରେ ରାଜ୍ୟର ସମସ୍ତ ଜିଲା କ୍ରିକେଟ ଆସୋସିଏଶନଗୁଡ଼ିକୁ ନେଇ ଏକ ବୈଠକ ଡାକିଥିଲେ । ଓସିଏର ସମ୍ବିଧାନ ସଂଶୋଧନ ନେଇ କ୍ଲବଗୁଡ଼ିକ ପୂର୍ବରୁ ବିରୋଧର ସ୍ୱର ଉଠାଇ ଏକ ପ୍ରକାର ବିପକ୍ଷ ଗୋଷ୍ଠୀ ଭାବେ ଗଣତି ହେଉଛନ୍ତି । ଆଶୀର୍ବାଦଙ୍କ ବିରୋଧରେ କଟକର ପ୍ରମୁଖ କ୍ଲବ ମାଲିକମାନେ ବିରୋଧୀ ହେବା ପରେ କିଛି ଜିଲା ସଂଘ ମଧ୍ୟ ଓସିଏର କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ । ଏଣୁ ଏହି ବିରୋଧାଭାସକୁ ନିଷ୍କ୍ରିୟ କରିବା ପାଇଁ ଆଶୀର୍ବାଦ ଏହି ବୈଠକର ଆୟୋଜନ କରିଥିଲେ ବୋଲି କିଛି କ୍ରୀଡ଼ା ସଙ୍ଗଠକ କହିଛନ୍ତି । ଅନ୍ୟପକ୍ଷରେ ଉକ୍ତ ବୈଠକରେ କେବଳ ସମ୍ବିଧାନ ସଂଶୋଧନ ସମ୍ପର୍କରେ ଆଲୋଚନା ହୋଇଛି ବୋଲି ଯୋଗ ଦେଇଥିବା ଏକ ଜିଲାର ସମ୍ପାଦକ ମତ ଦେଇଛନ୍ତି । ସମ୍ବିଧାନ ସଂଶୋଧନରେ କ୍ଲବଗୁଡ଼ିକୁ ବାଦ ଦିଆଯିବା ଓ ଲୋଧା କମିଟିର ସୁପାରିଶ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ବିଭିନ୍ନ ଜିଲା ସଂଘ କର୍ମକର୍ତ୍ତାଙ୍କ ଦ୍ୱନ୍ଦ ଦୂର କରିବା ପାଇଁ ଏହି ବୈଠକର ଆବଶ୍ୟକତା ଥିଲା ବୋଲି ଅନ୍ୟ ଏକ ଜିଲା ସଂଘର ସମ୍ପାଦକ କହିଥିଲେ । ତେବେ ଓସିଏର କୌଣସି ପଦ କିମ୍ବା ପଦବୀରେ ନ ଥାଇ ବି ଆଶୀର୍ବାଦ ଏହି ବୈଠକ ଡାକିବାକୁ ସହଜରେ ହଜମ କରିପାରିନାହାନ୍ତି କିଛି ପୂର୍ବତନ କ୍ରୀଡ଼ା ସଙ୍ଗଠକ ତଥା ଆଶୀର୍ବାଦଙ୍କ ପୂର୍ବତନ ସହଯୋଗୀମାନେ । ସମ୍ବିଧାନ ସଂଶୋଧନ ପୁଣି ଥରେ ହୋଇ ସିଓଏକୁ ରିପୋର୍ଟ ପଠାଇ ଦିଆଯିବା ପରେ ଓସିଏର ନିର୍ବାଚନ ହେବା ଥୟ । ଏଣୁ ନିର୍ବାଚନ ପୂର୍ବରୁ ସମସ୍ତ ଜିଲା ସଂଘକୁ ହାତେଇ ଆଶୀର୍ବାଦ ନିଜର ଗୋଟି ଚାଳନା ପୁଣି ଥରେ କରିବାକୁ ଇଚ୍ଛା ରଖିଲେଣି ବୋଲି ଉକ୍ତ ସଙ୍ଗଠକ ଜଣେ କହିଥିଲେ । ନିର୍ବାଚନ ପୂର୍ବରୁ ଆଶୀର୍ବାଦଙ୍କର ଏହା ନେଟ୍ ପ୍ରାକ୍ଟିସ ବୋଲି ମଧ୍ୟ କୁହାଯାଇପାରେ ।

୨୦୧୭ ଜାନୁୟାରୀ ୪ ତାରିଖରେ ଓସିଏର ସମସ୍ତ ପଦବୀ ଶୂନ୍ୟ ହୋଇଥିଲା । ଆଶୀର୍ବାଦ ପଦଚ୍ୟୁତ ହେବା ସହ ଅନ୍ୟ ୧୮ଜଣ ଯାକ କର୍ମକର୍ତ୍ତା ମଧ୍ୟ ଇସ୍ତଫା ଦେଇଥିଲେ । ଏହା ପରଠାରୁ ଓସିଏରେ କାର୍ଯ୍ୟକାରୀ କମିଟି ଗଠନ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ହେବା ସହ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ହୋଇ ସାରିଲାଣି । କାର୍ଯ୍ୟକାରୀ କମିଟିର ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହେଉଛି ବୋଲି କୁହାଯାଉଥିଲେ ମଧ୍ୟ ଏହା ପଛରେ ହାଇକମାଣ୍ଡ ଆଶୀର୍ବାଦଙ୍କ କଥା ଅନୁଯାୟୀ କାର୍ଯ୍ୟ ହୁଏ ବୋଲି କୁହାଯାଏ । ଏପରିକି ସମ୍ବିଧାନ ସଂଶୋଧନରେ କ୍ଲବଗୁଡ଼ିକୁ ବାଦ ଦେବା ପ୍ରସଙ୍ଗରେ ମଧ୍ୟ ଆଶୀର୍ବାଦଙ୍କ ମୁଣ୍ଡରେ ଦୋଷ ଲଦା ଯାଇଥିଲା । ହେଲେ ଆଶୀର୍ବାଦ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କହି ଦୋଷ ଛଡ଼ାଇଥିଲେ ସୁଦ୍ଧା କିଛି କ୍ଲବ ମାଲିକ ଆଶୀର୍ବାଦଙ୍କ ବିରୋଧୀ ହୋଇ ଯାଇଥିଲେ । ଗତ କିଛି ଦିନ ପୂର୍ବେ କମିଟି ଅଫ ଆଡମିନିଷ୍ଟ୍ରେଟର(ସିଓଏ)ରୁ ଓସିଏକୁ ଏକ ଚିଠି ଆସିବା ସହ କ୍ଲବ ଗୁଡ଼ିକୁ ସଦସ୍ୟତା ଦେବା ନେଇ ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଆସିଛି । ପୁଣି ଥରେ ସମ୍ବିଧାନ ସଂଶୋଧନ କରାଯାଇ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ରହିଛି । ଏଣୁ ଏବେ ସମ୍ବିଧାନ ସଂଶୋଧନ ପୁନର୍ବାର କରାଯାଇ କ୍ଲବଗୁଡ଼ିକୁ ସଦସ୍ୟତା ପ୍ରଦାନ କରିବା ପରେ କ୍ଲବ ମାଲିକମାନେ ପୁଣିଥରେ ଆଶୀର୍ବାଦଙ୍କ ଆନୁଗତ୍ୟ ହେବା ସହଜ କଥା ନୁହେଁ । ଆସନ୍ତା ଓସିଏ ନିର୍ବାଚନରେ ସମସ୍ତ ଜିଲା ସଂଘକୁ ଅସ୍ତ୍ର କରି ଆଶୀର୍ବାଦ ପୁଣି ଥରେ ଓସିଏରେ ରାଜୁତି କରିବାକୁ ଇଚ୍ଛା ରଖିଛନ୍ତି ବୋଲି ମଧ୍ୟ କ୍ରୀଡ଼ା ସଙ୍ଗଠକମାନେ କହିଛନ୍ତି ।

## ୨୦ କ୍ଲବର ନାମ ସୁପାରିସ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଦସ୍ୟତା ପ୍ରଦାନ କରିବା କ୍ଷେତ୍ରରେ ୨୦ଟି କ୍ଲବର ନାମ ଶୁକ୍ରବାର କମିଟି ଅଫ ଆଡ୍‌ମିନିଷ୍ଟ୍ରେଟର(ସିଓଏ)କୁ ପଠାଇଛି। ଗତ ରବିବାର ସିଓଏ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଚିଠି ଆସିବା ପରେ ଓସିଏ ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ ଯେଉଁ କ୍ଲବଗୁଡ଼ିକର ନାମ ସୁପାରିସ କରାଯାଇଛି ତାହା ପୂର୍ବରୁ ଓସିଏ ସହ ଅନୁବନ୍ଧିତ ଥିବା ବେଳେ ଗତ ସମ୍ବିଧାନ ସଂଶୋଧନ ବେଳେ ଏଗୁଡ଼ିକୁ ବାଦ ଦିଆଯାଇଥିଲା। କ୍ଲବଗୁଡ଼ିକ ହେଲା ଟାଉନ କ୍ଲବ, ରୋଭର୍ସ କ୍ଲବ, ଜୟଦୁର୍ଗା କ୍ଲବ, ସନରାଇଜ କ୍ଲବ, ସନସାଇନ କ୍ଲବ, କିଶୋର କ୍ଲବ, ରୟାଲ କ୍ଲବ, ବିସିୟୁ, ମଙ୍ଗଳା କ୍ଲବ, ସହିଦ ସ୍ପୋର୍ଟିଂ କ୍ଲବ, ଏଲଆଇସି ସ୍ପୋର୍ଟସ କ୍ଲବ, ରାଇଜିଂ ଷ୍ଟାର କ୍ଲବ, ଓଜିପି କ୍ଲବ, ଜଗତପୁର ଆଥ୍‌ଲେଟିକ ଆସୋସିଏଶନ, ଏସିସି, ଏସ୍‌ବିଆଇ ସ୍ପୋର୍ଟ୍ସ କ୍ଲବ, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ୟୁନିୟନ ସ୍ପୋର୍ଟିଂ କ୍ଲବ, ବିଶ୍ୱଭାରତୀ କ୍ଲବ ଓ ଜୁଭେନାଇଲ କ୍ଲବ। ଅନ୍ୟପକ୍ଷରେ ଏହି ୨୦ଟି କ୍ଲବର ନାମ ପଠାଯିବା ପରେ ଏବେ ରାଜ୍ୟର ଅନ୍ୟ କ୍ରିକେଟ କ୍ଲବଗୁଡ଼ିକ ବିବାଦ ଉପୁଜାଇପାରନ୍ତି ବୋଲି ଆଶଙ୍କା କରାଯାଉଛି ।

## ରାଜ୍ୟ ସ୍ନୁକର: ସୁଜିତ ଶ୍ରେଷ୍ଠ ଖେଳାଳି



କଟକ ଅଫିସ,୯।୧୧

ଦି ବିଲିୟାର୍ଡସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶା(ବିଏସ୍‌ଏଓ) ଆନୁକୂଲ୍ୟରେ କଟକ କ୍ଲବରେ ଚାଲିଥିବା ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ଶୁକ୍ରବାରର ଖେଳ ଶେଷ ହୋଇଛି । ଏଥିରେ ଡ ରାକେଶ ପ୍ରଧାନ ୩-୦ ଫ୍ରେମରେ ଜେ.ପି ବିଶ୍ୱାଳଙ୍କୁ, ଜିତେନ ଷଡ଼ଙ୍ଗୀ ୩-୦ ଫ୍ରେମରେ ସମୀର ଅଲ୍ଲୀଙ୍କୁ, ଅବିନାଶ ମହାପାତ୍ର ୩-୧ ଫ୍ରେମରେ ଅମିୟ ରଞ୍ଜନ ନାୟକଙ୍କୁ, ସୁଦୀପ୍ତ ଦାସ ୩-୧ ଫ୍ରେମରେ ବିଶ୍ୱ ପ୍ରକାଶ ସାହୁଙ୍କୁ, ରୁମିତ ଗୁପ୍ତା ୩-୦ ଫ୍ରେମରେ ବରୁଣ କୁମାର ନାୟକଙ୍କୁ, ସୁଜିତ ଅଗ୍ରୱାଲ ୩-୦ ଫ୍ରେମରେ ସେକ୍ ନସିମୁଦ୍ଦିନଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସୁଜିତ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

# ହେରାଥଙ୍କ ଅନ୍ତିମ ଟେଷ୍ଟରେ ଶ୍ରୀଲଙ୍କା ପରାସ୍ତ



ରଙ୍ଗନା ହେରାଥଙ୍କୁ ଶ୍ରୀଲଙ୍କା ଖେଳାଳିମାନେ କାନ୍ଧରେ ଟେକିଧରି ସମ୍ମାନ ଜଣାଉଛନ୍ତି।

ଗାଲେ (ଶ୍ରୀଲଙ୍କା), ୯।୧୧ (ଏଏଫ୍‌ପି)

ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ୨୧୧ରନରେ ଜିତିନେଇଛି। ବିଦେଶରେ ୧୩ଟି ମ୍ୟାଚ ପରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଅବସର ପୂର୍ବରୁ କ୍ରିକେଟର ସବୁଠାରୁ ସଫଳ ବାମହାତୀ ସ୍ପିନର ରଙ୍ଗନା ହେରାଥଙ୍କର ଏହା ଥିଲା ଅନ୍ତିମ ମ୍ୟାଚ। ସେ ଶେଷ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ଘରୋଇ ଦଳ କଷ୍ଟସାଧ୍ୟ ୪୬୨ରନର ବିଜୟ ଲକ୍ଷ୍ୟ ପିଛା କରୁଥିବାବେଳେ ଚତୁର୍ଥ ଦିବସରେ ୨୫୦ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ଇଂଲଣ୍ଡ ତରଫରୁ ମୋଇନ ଅଲି ୪ ଏବଂ ଜ୍ୟାକ୍ ଲିଚ୍ ତିନୋଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ ଇଂଲଣ୍ଡ ୧୩୯ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଗୁରୁବାର କିଟନ ଜେନିଙ୍ଗ୍‌ଙ୍କ ଆକର୍ଷଣୀୟ ଅପରାଜିତ ଶତକ ଦ୍ୱାରା ରୁଟ୍ ୩୨୨/୬ ସ୍କୋରରେ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବଦିନର ଅସମାପ୍ତ ସ୍କୋର ୧୫/୦ ସ୍କୋରରୁ ଖେଳ ଆରମ୍ଭ କରିଥିଲା ଶ୍ରୀଲଙ୍କା। ଅପରାଜିତ ରହିଥିବା ଓପନର କୌଶଲ ସିଲ୍‌ଭା ଓ ଦିମୁଥ କରୁଣାରତ୍ନେ ପ୍ରଥମ ସେସନରେ ଇଂଲଣ୍ଡ ବୋଲିଂ ଆକ୍ରମଣର ଉଚିତ୍ ମୁକାବିଲା କରି ନ ପାରି ଚାପର ଶିକାର ହୋଇଥିଲେ। କୌଶଲ ଲିଚ୍‌ଙ୍କ ବଲ୍‌ରେ ସୁଇପ୍ ଶଟ୍ ଖେଳିବାକୁ ଚେଷ୍ଟା କରି ଲେଗ୍ ବିଫୋର ଉଇକେଟ ହୋଇ ପ୍ୟାଭିଲିୟନ ଫେରିଥିଲେ। କରୁଣାରତ୍ନେ ୨୬ ରନ ସ୍କୋରରେ ଅଲିଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଧନଞ୍ଜୟ ଡି’ସିଲ୍‌ଭା ଦୃଢ ଆତ୍ମବିଶ୍ୱାସର ସହିତ ଖେଳ ଆରମ୍ଭ କରିଥିଲେ। ମାତ୍ର ସକାଳ ସେସନର ଅନ୍ତିମ ଓଭରରେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍ ଅଞ୍ଚଳରେ ଅଧିନାୟକ ଜୋ ରୁଟ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ।

ଫାଇନାଲ ସେସନରେ ଘରୋଇ ଦଳର ଆରମ୍ଭ ନୈରାଶ୍ୟଜନକ ଥିଲା। ଚା’ପାନ ବିରତି ପରେ ପ୍ରଥମ ବଲ୍‌ରେ ଆଉଟ ହୋଇଥିଲେ ନିରୋଶାନ ଡିକ୍‌ୱେଲା। ସେ ୧୬ରନ କରିଥିବାବେଳେ ଅଲିଙ୍କ ବଲ୍‌ରେ ଷ୍ଟୋକ୍ସଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ପରେ ଆଞ୍ଜେଲୋ ମାଥ୍ୟୁସ ବ୍ୟକ୍ତିଗତ ୧୮ରନ କରି ଖେଳୁଥିବା ବେଳେ ଜେମ୍ସ ଆଣ୍ଡରସନ ତାଙ୍କର ଏକ କ୍ୟାଚ ହାତଛଡ଼ା କରିଥିଲେ। ଯାହାଫଳରେ ସେ ୫୩ ରନ କରିପାରିଥିଲେ। ସେ ଅଲିଙ୍କ ବଲ୍‌ରେ ମିଡ୍‌ଉଇକେଟ ଅଞ୍ଚଳରେ ଜୋସ୍ ବଟଲରଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ତାଙ୍କ ପଛକୁ ପଛ ଅକିଲା ଦନଞ୍ଜୟ ୮ ରନ କରି ପ୍ୟାଭିଲିୟନ ଫେରିଥିବାବେଳେ ହେରାଥ ୫ ରନ କରି ରନ ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ:** ୩୪୨
**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୨୦୩
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୩୨୨/୬, ଘୋଷଣା। **ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ:** ୮୫.୧ ଓ ୨୫୦/ଅଲଆଉଟ (ମାଥ୍ୟୁସ-୫୩, ମେଣ୍ଡିସ-୪୫, ଅଲି-୪/୭୧, ଲିଚ୍-୩/୬୦)।

■ ଏସିଆନ ଏୟାରଗନ୍ ଚାମ୍ପିୟନଶିପ୍

# ମନୁ-ସୌରଭ ଯୋଡ଼ିଙ୍କୁ ସ୍ୱର୍ଣ୍ଣ

କୁଏତ୍ ସିଟି,୯।୧୧(ପି.ଟି.)

ସ୍ୱଳ୍ପବୟସ୍କା ଶୁଟିଂ ପ୍ରତିଭା ମନୁ ଭାକର ଏବଂ ସୌରଭ ଚୌଧାରୀ ଜୁନିୟର ବିଶ୍ୱ ରେକର୍ଡ ଭଙ୍ଗ କରିବା ସହ ଏଠାରେ ଚାଲିଥିବା ୧୧ଶ ଏସିଆନ ଏୟାରଗନ୍ ଚାମ୍ପିୟନଶିପର୍ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଶୁକ୍ରବାର ଥିଲା ଟୁର୍ନାମେଣ୍ଟର ଅନ୍ତିମ ଦିବସ। ଭାରତୀୟ ଯୋଡ଼ି ଫାଇନାଲରେ ଚାଇନାର ୱାଙ୍ଗ ଜିଆଓୟୁ ଏବଂ ହଙ୍ଗ ଶୁକି ଯୋଡ଼ିଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ଜୁନିୟର ଶୁଟିଂ ଦଳ ଏହି ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ସହ ୧୧ ପଦକ ହାସଲ କରିପାରିଛି। ୟୁଥ୍ ଅଲିମ୍ପିକ ଗେମ୍ସ ଚାମ୍ପିୟନ ମନୁ ଓ ସୌରଭ ଫାଇନାଲରେ ୪୮୫.୪ ପଏଣ୍ଟ ସ୍କୋର କରିଥିବାବେଳେ ଚାଇନିଜ ଯୋଡ଼ି ୪୭୭.୯ ପଏଣ୍ଟ ସ୍କୋର କରିଥିଲେ। ଚାଇନାର ଦ୍ୱିତୀୟ ଯୋଡ଼ି ବ୍ରୋଞ୍ଜ ପଦକ ପାଇଥିବାବେଳେ ଅଭିଦନ୍ୟ ପାଟିଲ ଓ ଅନମୋଲ ଜୈନ ଚତୁର୍ଥ ହୋଇଥିଲେ।

# ଉମେଶ, ବୁମ୍‌ରା, କୁଲଦୀପଙ୍କୁ ବିଶ୍ରାମ

ନୂଆଦିଲ୍ଲୀ,୯।୧୧

ଚେନ୍ନାଇଠାରେ ଖେଳାଯିବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଲାଗି ଘୋଷିତ ଭାରତୀୟ ଦଳରୁ ଉମେଶ ଯାଦବ, କୁଲଦୀପ ଯାଦବ ଓ ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତୀୟ ଦଳ ୨-୦ ବ୍ୟବଧାନରେ ଆଗୁଆ ରହିଛି। ଫଳରେ ୩ୟ ମ୍ୟାଚ୍ କେବଳ ଔପଚାରିକ ହୋଇ ରହିଯାଇଛି। ମଧ୍ୟମଗତିର ବୋଲର ସିଦ୍ଧାର୍ଥ କଲଙ୍କୁ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଡାକରା ଦିଆଯାଇଛି। ସିଦ୍ଧାର୍ଥ ଏପର୍ଯ୍ୟନ୍ତ ଦୁଇ ଟି୨୦ ମ୍ୟାଚ୍ ଓ ୩ ଦିନିକିଆ ଖେଳି ସାରିଛନ୍ତି। “ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଉମେଶ, ବୁମରା ଓ କୁଲଦୀପଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ରହିବା ଲାଗି ଏହି ନିଷ୍ପତ୍ତି ନିଆଯାଇଛି” ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଦୀନେଶ କାର୍ତ୍ତିକ(ଉଇକେଟକିପର), ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଶଭ ପନ୍ତ, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଖଲୀଲ ଅହମ୍ମଦ, ଶାହବାଜ ନଦିମ ଓ ସିଦ୍ଧାର୍ଥ କଲ।

■ ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି୨୦

# ମର୍ନିଂଷ୍ଟାର, ବାବା ବାଣେଶ୍ୱର ବିଜୟୀ

ବାଲେଶ୍ୱର ଅଫିସ,୯।୧୧

ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ ‘ୟୁ ଆଣ୍ଡ ମି’ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ରୌପ୍ୟଜୟନ୍ତୀ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଏହାର ଆକର୍ଷଣ ବଢ଼ିଛି। ୯ତାରିଖରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ମ୍ୟାଚ୍‌ରେ ତାମିଲନାଡ୍ଡୁ, କର୍ଣ୍ଣାଟକ, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଅଞ୍ଚଳରୁ ୨୦ଟି ଟିମ୍ ଭାଗ ନେଇଛନ୍ତି। ୧୮ ତାରିଖରେ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ‘ମହିଳା କ୍ରିକେଟ୍ ଦିବାରାତ୍ର ପ୍ରଦର୍ଶନୀ ମ୍ୟାଚ’ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାରଏବଂ ବାଲେଶ୍ୱର ସମ୍ରାଟ କ୍ଲବ ମଧ୍ୟରେ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ବାଲେଶ୍ୱର ଅଲ୍‌ରାଉଣ୍ଡର କ୍ଲବ ଏବଂ ବାବା ବାଣେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ବାଲେଶ୍ୱର ମର୍ନିଂଷ୍ଟାରଏବଂ ବାବା ବାଣେଶ୍ୱର କ୍ରିକେଟ କ୍ଲବ ବିଜୟୀ ହୋଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାପରିଷଦ ଅଧକ୍ଷା ନିବେଦିତା ମହାନ୍ତି, ସମ୍ମାନନୀୟ ଅତିଥି ଭାବେ କ୍ଲବ ‘ୟୁ ଆଣ୍ଡ ମି’ର ସଭାପତି ସତ୍ୟପଦ କର, କାର୍ଯ୍ୟକାରୀ ସଭାପତି ଫାଲଗୁନୀ ମହାପାତ୍ର, ସମ୍ପାଦକ ବିଶ୍ୱଜିତ୍ ଦାସ, ଉପଦେଷ୍ଟା ସଞ୍ଜୀବ ସେନାପତି, କ୍ଲବର ସ୍ୱର୍ଗତ ଖେଳାଳି ମଳୟ ମୁର୍ମୁଙ୍କ ମା’ ଅନୀତା ମୁର୍ମୁ, ଲକ୍ଷ୍ମୀରେଖା ଅଟୋମୋବାଇଲ୍ସର ମୁଖ୍ୟ ମନୋଜ କୁମାର ଜେନା ଯୋଗ ଦେଇ ଖେଳାଳିମାନଙ୍କୁ ସ୍ୱାଗତ କରି ଉତ୍ସାହିତ କରିଥିଲେ।



ମୁଖ୍ୟଅତିଥି ଜିଲା ପରିଷଦ ଅଧକ୍ଷା ନିବେଦିତା ମହାନ୍ତି ଉଦ୍‌ଘାଟନୀ ମ୍ୟାଚ୍‌ରେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ବାଲେଶ୍ୱର ମର୍ନିଂଷ୍ଟାରଏବଂ ବାଲେଶ୍ୱର ସମ୍ରାଟ କ୍ଲବ ମଧ୍ୟରେ ପ୍ରାରମ୍ଭିକ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ସମ୍ରାଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଦଳ ତରଫରୁ ପ୍ରକାଶ ରାଉତ ୨୬, ହାପି ମହାପାତ୍ର ୨୦ ରନ୍ କରିଥିବା ବେଳେ ମର୍ନିଂଷ୍ଟାର ପକ୍ଷରୁ ଉମେଶ ବେହେରା ୩ଟି ଏବଂ ଅହିତୋଷ ଦାସ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ମର୍ନିଂଷ୍ଟାର ୧୭.୫ ଓଭରରେ ୭ ଉଇକେଟ୍ ହରାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଯଶୋବନ୍ତ ବେହେରା ସର୍ବାଧିକ ୨୫ ବଲ୍‌ରୁ ୪୫ ରନ୍, ଉମେଶ ବେହେରା ଅପରାଜିତ ୨୧ ରନ୍ କରିଥିବାବେଳେ ସମ୍ରାଟ କ୍ଲବ ପକ୍ଷରୁ ଅଶୋକ ବାରିକ ୩ଟି ଉଇକେଟ୍ ନେଇଥିଲେ। ଉମେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ବାଲେଶ୍ୱର ଅଲରାଉଣ୍ଡର କ୍ଲବ ଏବଂ ବାବା ବାଣେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅଲରାଉଣ୍ଡର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ କରିଥିଲା। ଦଳ ତରଫରୁ ଚିନ୍ମୟ ପତି ଓ ଅଭିଷେକ ଦାସ ୨୪ ରନ୍ ଲେଖାଏ ସଂଗ୍ରହ କରିଥିଲେ। ବାଣେଶ୍ୱର ତରଫରୁ କାର୍ତ୍ତିକ ସେଠୀ, ଏ.କେ. ମିନାଜ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବାଣେଶ୍ୱର ୧୧.୨ ଓଭରରେ ୪ଟି ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ତରଫରୁ ଏସ୍.କେ. ସାଏବ ୪୪ ରନ୍ କରିଥିଲେ। କାର୍ତ୍ତିକ ସେଠୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମିତ ଅମିତାଭ ମହାକୁଡ଼, ରାଜେଶ ମହାପାତ୍ର, ରବୀନ୍ଦ୍ର ମାଝୀ, ଅଶ୍ୱିନୀ ସାମଲ, ପ୍ରୀତିରଞ୍ଜନ ବିଜୟ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଳୟ ସେନାପତି ଓ ରଶ୍ମି ପ୍ରଧାନ ସ୍କୋରର ଦାୟିତ୍ୱରେ ଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଉମେଶ ଓ କାର୍ତ୍ତିକ ସେଠୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

ଧରିତ୍ରୀ
DHARITRI
ଶନିବାର, ୧୦ ନଭେମ୍ବର, ୨୦୧୮





❝ ପାକିସ୍ତାନ କ୍ରିକେଟ ଦଳ ସନ୍ତୋଷଜନକ ପ୍ରଦର୍ଶନ କରୁଥିଲା ପର୍ଯ୍ୟନ୍ତ ସର୍ଫରାଜ ଅହମ୍ମଦଙ୍କୁ ଅଧିନାୟକ ପଦବୀରୁ ହଟାଯିବ ନାହିଁ ।

–ଏହେସାନ ମନି, ପିସିବି ଚେୟାରମ୍ୟାନ



❝ ବଲ୍ ଟ୍ୟାମ୍ପରିଂ ପ୍ରସଙ୍ଗକୁ ନେଇ କ୍ରିକେଟ ଅଷ୍ଟ୍ରେଲିଆରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ପୂର୍ବତନ ଖେଳାଳିଙ୍କ ସହାୟତା ନିଆଯାଇପାରେ ।

–ଶେନ ୱର୍ନ, ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ

## ସଂକ୍ଷେପରେ

### ଅଷ୍ଟ୍ରେଲିଆର ପ୍ରଥମ ବିଜୟ

ଆଡିଲେଡ୍,୯।୧୧- ଆଡିଲେଡ୍ ଓଭାଲଠାରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଦଳ ୭ ରନ୍‌ରେ ଜିତିନେଇଛି। କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜୟ ପରେ ଏହା ଅଷ୍ଟ୍ରେଲିଆ ଦଳର ପ୍ରଥମ ବିଜୟ। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ଦଳ ୧-୧ ବରାବର ସ୍ଥିତି ଆଣିଛି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୧୧ ତାରିଖରେ ବେଲେରିଭେ ଓଭାଲଠାରେ ଖେଳାଯିବ। ୨୩୧ ରନ୍ ଟାର୍ଗେଟର ପିଛା କରୁଥିବା ଦ. ଆଫ୍ରିକା ଅଧିନାୟକ ଫାପ ଡୁ'ପ୍ଲେସି ୪୭ ଓ ଡେଭିଡ ମିଲରଙ୍କ ୫୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ୮ ରନ୍ ପଛରେ ରହିଯାଇଥିଲା। ଦଳ ଧାର୍ଯ୍ୟ ୫୦ ଓଭର ପର୍ଯ୍ୟନ୍ତ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୨୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମାର୍କସ ଷ୍ଟୋଇନିସ୍ ୩ ଉଇକେଟ ନେଇଥିବାବେଳେ ମିଚେଲ ଷ୍ଟାର୍କ ଓ ଜୋସ ହାଜେଲଉଡ୍ ୨ଟି ଉଇକେଟ ହାସଲ କରିଥିଲେ। ଏଥିପୂର୍ବରୁ ଆରୋନ ଫିଞ୍ଚ୍‌ଙ୍କ ୪୧, କ୍ରିସ୍ ଲିନ୍‌ଙ୍କ ୪୪ ଓ ଆଲେକ୍ସ କାରେଙ୍କ ୪୭ ରନ୍ ବଳରେ ଅଷ୍ଟ୍ରେଲିଆ ୪୮.୩ ଓଭରରେ ୨୩୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ କାଗିସୋ ରାବାଡା ୪, ଡ୍ୱାଇନ ପ୍ରିଟୋରିଅସ ୩ ଓ ଡେଲ ଷ୍ଟେଇନ ୨ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର: ଅଷ୍ଟ୍ରେଲିଆ- ୪୮.୩ ଓଭରରେ ୨୩୧/ ଅଲଆଉଟ୍ (ଆଲେକ୍ସ କାରେ ୪୭, କ୍ରିସ୍ ଲିନ୍ ୪୪, ଆରୋନ ଫିଞ୍ଚ୍ ୪୧, କାଗିସୋ ରାବାଡା ୪/୫୪, ଡ୍ୱାଇନ ପ୍ରେଟୋରିଅସ ୩/୩୨)।

ଦକ୍ଷିଣ ଆଫ୍ରିକା- ୫୦ ଓଭରରେ ୨୨୪/୯ (ଡିଭିଡ ମିଲର ୫୧, ଫାଫ ଡୁ'ପ୍ଲେସି ୪୭, ମାର୍କସ ଷ୍ଟୋଇନିସ ୩/୩୫, ଜୋସ ହାଜେଲଉଡ ୨/୪୨)।

■ ଜାତୀୟ ଜୁନିୟର ହକି ପ୍ରଶିକ୍ଷଣ ଶିବିରରେ ୩୪

## ଓଡ଼ିଶାର ୪ ଖେଳାଳି ସାମିଲ

ନୂଆଦିଲ୍ଲୀ, ୯।୧୧(ପି.ଟି.)

ଆସନ୍ତା ୧୧ ତାରିଖରୁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ଜୁନିୟର ନ୍ୟାଶନାଲ କୋଚିଂ କ୍ୟାମ୍ପ ପାଇଁ ହକି ଇଣ୍ଡିଆ ଏକ ୩୪ ଜଣିଆ ଖେଳାଳି ତାଲିକା ଘୋଷଣା କରିଛି। ବିଶ୍ୱକପ୍ ପାଇଁ ଭୁବନେଶ୍ୱରରେ ଚାଲିଥିବା ସିନିୟର କ୍ୟାମ୍ପର ୬ ଜଣ ଖେଳାଳିଙ୍କୁ ମଧ୍ୟ ଏହି ଶିବିରରେ ଯୋଗଦେବାକୁ କୁହାଯାଇଛି। ସେମାନେ ହେଲେ ସୁମନ ବେକ୍, ମନଦୀପ ମୋର, ୟଶଦୀପ ସିଂ, ବିଶାଲ ଆଣ୍ଟିଲ, ଗୁରସାହିମଜିତ୍ ସିଂ ଓ ଓଡ଼ିଶାର ଶିଳାନନ୍ଦ ଲାକ୍ରା। ସେହିପରି କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ସୁଲତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନଙ୍କ ମଧ୍ୟରୁ କେତେଜଣଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଭାରତ ଆୟୋଜକ ମାଲେସିଆକୁ ୨-୧, ନ୍ୟୁଜିଲାଣ୍ଡକୁ ୭-୧, ଜାପାନକୁ ୧-୦, ଅଷ୍ଟ୍ରେଲିଆକୁ ୫-୪ ଗୋଲରେ ପରାସ୍ତ କରିଥିଲା। ତେବେ ଭାରତ ରାଉଣ୍ଡ ରବିନ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ପରାସ୍ତ ହୋଇଥିଲା। ସେହିପରି ଫାଇନାଲରେ ମଧ୍ୟ ଭାରତ ଗ୍ରେଟ୍ ବ୍ରିଟେନଠାରୁ ହାରିଥିଲା। ଏହି କ୍ୟାମ୍ପରେ ସାମିଲ ହୋଇ ଖେଳାଳିମାନେ ବହୁତ କିଛି ଶିକ୍ଷା କରିପାରିବେ ବୋଲି କୋଚ ଜୁଡେ ଫେଲିକ୍ସ କହିଛନ୍ତି। ଏହି ଶିବିରରେ ୪ ଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଶିଳାନନ୍ଦ ଲାକ୍ରା, ପଙ୍କଜ କୁମାର ରଜାକ, ସୁମନ ବେକ୍ ଓ ଲୁଗୁନ ସିରିଲ।

**ଖେଳାଳିଙ୍କ ନାମ:**

**ଗୋଲ କିପର–** ପଙ୍କଜ କୁମାର ରଜାକ, ପଓ୍ୱନ, କମଲବୀର ସିଂ।

**ଡିଫେଣ୍ଡର–** ସୁମନ ବେକ, ମହମ୍ମଦ ଫରାଜ, ସଞ୍ଜୟ, ସୋମଜିତ୍, ମନଦୀପ ମୋର, ପରମପ୍ରୀତ ସିଂ, ଦୀନଚନ୍ଦ୍ର ସି ମେଇରାଙ୍ଗଥେମ୍, ପ୍ରିନ୍ସ, ବରିନ୍ଦର ସିଂ, ଲୁଗୁନ ସିରିଲ।

**ମିଡ୍‌ଫିଲ୍ଡରର–** ଅକ୍ଷୟ ଅବସ୍ଥି, ଖେସ ଗ୍ରେଗୋରୀ, ୟଶଦୀପ ସିୱାଚ୍, ହରମନଜିତ୍ ସିଂ, ବିଷ୍ଣୁକାନ୍ତ ସିଂ, ଗୋପୀ କୁମାର ସେନକାର, ବିଶାଲ ଆଣ୍ଟିଲ, ନୀରଜ କୁମାର ୱାରିବାମ, ରବିଚନ୍ଦ୍ରନ ସିଂ ମୋଇରଙ୍ଗଥେମ୍, ହସପ୍ରୀତ୍ ସିଂ।

**ଫରୱାର୍ଡ୍–** ସୁଦୀପ ଚିର୍ମାକୋ, ମନୀନ୍ଦର ସିଂ, ଗୁରସାହାବଜିତ୍ ସିଂ, ଅମନଦୀପ ସିଂ, ଅଭିଳାଷ ଷ୍ଟାଲିନ ସି, ଅଭିଷେକ, ଏଚ୍. ମାନୀ ସିଂ, ପ୍ରଭଜୋତ୍ ସିଂ, ଶିବମ୍ ଆନନ୍ଦ, ଶିଳାନନ୍ଦ ଲାକ୍ରା ଓ ରାହୁଲ କୁମାର ରାଜଭର।

## ୧୧ରେ କଟକ ଆସିବ ମାସ୍କଟ ଓଲି

କଟକ ଅଫିସ,୯।୧୧

ଆସନ୍ତା ପୁରୁଷ ହକି ବିଶ୍ୱକପ୍ ନିମନ୍ତେ ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ମାସ୍କଟ ଓଲି ୧୧ ତାରିଖରେ କଟକ ଆସିବ । ୧୧ ତାରିଖ ଅପରାହ୍ନରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରହିବା ପରେ ୧୨ ତାରିଖ ପୂର୍ବାହ୍ନରେ ସତ୍ୟବ୍ରତ ଷ୍ଟାଡିୟମରେ ପ୍ରଦର୍ଶନୀ ନିମନ୍ତେ ରଖାଯିବ। ପରେ ତୁଳସୀପୁର ପୋଲିସ ହାଇସ୍କୁଲ ଓ ସିଡିଏ ଡିଏଭି ସ୍କୁଲରେ ପ୍ରଦର୍ଶନୀ ହୋଇ ମାସ୍କଟ ଓଲି ଫେରିଯିବ।

# ଓଡ଼ିଶା ବନାମ ଉତ୍ତର ପ୍ରଦେଶ

ଭୁବନେଶ୍ୱର, ୯।୧୧(କ୍ରୀଡ଼ା ପ୍ରତିନିଧି)



ଅଭ୍ୟାସ ଅବସରରେ ଓଡ଼ିଶା ଦଳର ଖେଳାଳିମାନେ।

**ରଣଜୀ ଟ୍ରଫି**
- ସୋମବାର ମ୍ୟାଚ ଆରମ୍ଭ
- ଶନିବାର ଦୁଇ ଦଳର ନେଟ୍ ପ୍ରାକ୍ଟିସ
- ମ୍ୟାଚ ରେଫରି: ରାଜୀବ ଦେବବର୍ମା
- ଅମ୍ପାୟର: ଅକ୍ଷୟ ଟୋଟ୍ରେ ଓ ବି.କେ.ରବି

ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଉତ୍ତର ପ୍ରଦେଶ ସହିତ ଖେଳିବ। କିଟ୍ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ ଆଗାମୀ ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ପାଇଁ ଘରୋଇ ଓଡ଼ିଶା କିଟ୍ ଗ୍ରାଉଣ୍ଡରେ ଅଭ୍ୟାସ ଚଳାଇଥିବାବେଳେ ଉତ୍ତର ପ୍ରଦେଶ ଦଳ ଶୁକ୍ରବାର ପର୍ଯ୍ୟାୟକ୍ରମେ ଭୁବନେଶ୍ୱରରେ ପହଞ୍ଚିଛି। ଶନିବାର ଉଭୟ ଦଳ ନେଟ୍ସରେ ଯୋଗଦେବେ। କାର୍ଯ୍ୟସୂଚୀ ଅନୁସାରେ ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶ ଏବଂ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଓଡ଼ିଶା ଅଭ୍ୟାସ କରିବ। ଏହି ଗେମ୍ ପାଇଁ ରାଜୀବ ଦେବବର୍ମା ମ୍ୟାଚ ରେଫରି ନିଯୁକ୍ତ ହୋଇଛନ୍ତି। ଅକ୍ଷୟ ଟୋଟ୍ରେ ଓ ବି.କେ. ରବି ଫିଲ୍ଡ ଅମ୍ପାୟର, ବିରାଜ ଦାସ ଅନ୍‌ଲାଇନ୍ ସ୍କୋରର, ସନ୍ଦୀପ କୁମାର ଜୀ ମାନୁଆଲ ସ୍କୋରର, ତାପସ କୁମାର ନାୟକ ଭିଡିଓ ବିଶ୍ଳେଷକ ଏବଂ ଗଣେଶ କରଙ୍କୁ ତାଙ୍କ ସହକାରୀଭାବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ନିଯୁକ୍ତ କରାଯାଇଛି। ଇଷ୍ଟ ଜୋନ୍ କ୍ୟୁରେଟର ଆଶିଷ ଭୌମିକ, କ୍ୟୁରେଟର ପଙ୍କଜ ପଟ୍ଟନାୟକ ଏବଂ ଗ୍ରାଉଣ୍ଡସ୍‌ମ୍ୟାନ ହୃଷୀକେଶ ସିଂ ଓ ସମୀରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଚ୍ ପ୍ରସ୍ତୁତ କରାଯାଇଛି। ମ୍ୟାଚ ୧୨ ତାରିଖ ସକାଳ ୯ଟାରେ ଆରମ୍ଭ ହେବ।

କିଟ୍ ଗ୍ରାଉଣ୍ଡରେ ଓଡ଼ିଶା ଚଳିତ ସିଜନରେ ଏହାର ପ୍ରଥମ ମ୍ୟାଚ ହରିୟାଣା ବିପକ୍ଷରେ ଖେଳିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଓପନର ଅନୁରାଗ ଷଡ଼ଙ୍ଗୀ(୧୧୪ ରନ)ଙ୍କ ଶତକ ଏବଂ ଶାନ୍ତନୁ ମିଶ୍ରଙ୍କ ୭୧ ରନ ସହାୟତାରେ ପ୍ରଥମ ଇନିଂସରେ ୩୨୪ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ହରିୟାଣା ହିମାଂଶୁ ରଣାଙ୍କ ୧୬୪ ରନର ଇନିଂସ ବଳରେ ୪୪୨ ରନ ସଂଗ୍ରହ କରି ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ(୧୦୩)ଙ୍କ ଅପରାଜିତ ଶତକ ସହାୟତାରେ ୭ ଉଇକେଟରେ ୨୬୭ ରନ କରିଥିବାବେଳେ ଖେଳ ଶେଷ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ହରିୟାଣା ୩ ପଏଣ୍ଟ ପାଇଥିବାବେଳେ ଓଡ଼ିଶାକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦ୍ୱିତୀୟ ମ୍ୟାଚରେ ଉତ୍ତର ପ୍ରଦେଶକୁ କଡ଼ା ଟକ୍କର ଦେବାକୁ ହେଲେ ଓଡ଼ିଶା ପାଇଁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର, ଓପନର ସନ୍ଦୀପ ପଟ୍ଟନାୟକ ଏବଂ ମିଡିଲ ଅର୍ଡରରେ ଶୁଭ୍ରାଂଶୁ ସେନାପତିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ସେହିପରି ବୋଲରଙ୍କ ମଧ୍ୟରେ ଅଭିଜ୍ଞ ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ହେଁ ଯୁବ ବୋଲର ପପୁ ରାୟଙ୍କ ଉପରେ ନଜର ରହିବ।

ଉତ୍ତର ପ୍ରଦେଶ ଏହାର ପ୍ରଥମ ମ୍ୟାଚରେ ଗୋଆକୁ ଏକ ଇନିଂସ ୨୪୭ ରନରେ ହରାଇ ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ଆକାଶଦୀପ ନାଥ ୧୯୪ ରନର ଇନିଂସ ଖେଳି ଜବରଦସ୍ତ ଫର୍ମର ସୂଚନା ଦେଇଛନ୍ତି। ଏହା ବ୍ୟତୀତ ମହମ୍ମଦ ସୈଫ(୧୨୬) ଓ ପ୍ରିୟମ ଗର୍ଗ(୧୧୭*) ମଧ୍ୟ ଶତକ ଅର୍ଜନ କରିଛନ୍ତି। ମାଧବ କୌଶିକ ୯୨ ରନରେ ଆଉଟ ହୋଇ ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ତେଣୁ ଉତ୍ତର ପ୍ରଦେଶର ଟପ୍ ଓ ମିଡିଲ ଅର୍ଡର ବଢ଼ିଆ ଫର୍ମରେ ଥିବା ପରିଲକ୍ଷିତ ହୋଇଛି। ଗୋଆର ପ୍ରଥମ ଇନିଂସ ୧୫୨ ରନ ଜବାବରେ ଉତ୍ତର ପ୍ରଦେଶ ୫୬୪/୪ ରନ କରି ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ପରେ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଗୋଆ ଦ୍ୱିତୀୟ ଇନିଂସକୁ ୧୬୫ ରନରେ ସୀମିତ ରଖି ଦେଇଥିଲେ। ଡାହାଣହାତୀ ମିଡିୟମ ପେସର ଅଙ୍କିତ ରାଜପୁତ ପ୍ରଥମ ଇନିଂସରେ ୨ଟି ଓ ଦ୍ୱିତୀୟ ଇନିଂସରେ ୫ ଉଇକେଟ ସଫଳତା ପାଇଥିବାବେଳେ ସ୍ଲୋ ବାମହାତୀ ଅର୍ଥୋଡକ୍ସ ସୌରଭ କୁମାର ପ୍ରଥମ ଇନିଂସରେ ୨ଟି, ଦ୍ୱିତୀୟ ଇନିଂସରେ ୪ଟି, ଶିଭମ୍ ମାଭି ଉଭୟ ଇନିଂସରେ ଯଥାକ୍ରମେ ୪ ଓ ୧ ଉଇକେଟ ନେଇ ଫର୍ମର ପରିଚୟ ଦେଇଛନ୍ତି।

ତେଣୁ ଘରୋଇ ପରିବେଶକୁ ଖେଳିବାକୁ ଯାଉଥିଲେ ହେଁ ଓଡ଼ିଶା ପାଇଁ ଏହି ମ୍ୟାଚ ସହଜ ହେବନାହିଁ ନିଶ୍ଚିତ। ବିଶେଷକରି ଫର୍ମରେଥିବା ବ୍ୟାଟ୍ସମ୍ୟାନଙ୍କ ବିପକ୍ଷରେ ଓଡ଼ିଶା ବୋଲରଙ୍କ ପାଇଁ ଏହି ମ୍ୟାଚ ପରୀକ୍ଷା ସଦୃଶ ହେବ।

# ମନପ୍ରୀତ ବାହିନୀ

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ପାଇଁ ଘୋଷିତ ଭାରତୀୟ ଦଳର ଦୁଇ ପ୍ରମୁଖ ସଦସ୍ୟ ହେଲେ ଗୋଲକିପର ପି.ଆର. ଶ୍ରୀଜେଶ ଓ କ୍ରିଷନ ବାହାଦୁର ପାଠକ। ମନପ୍ରୀତଙ୍କ ଭାରତୀୟ ବାହିନୀ ବିଶ୍ୱକପରେ ଚମତ୍କାରିତା ଦେଖାଇବାକୁ ହେଲେ ଏହି ଦୁଇ ଖେଳାଳିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ପଡ଼ିବ।

## ପି.ଆର. ଶ୍ରୀଜେଶ୍



ଆଗାମୀ ହକି ବିଶ୍ୱକପ୍‌ରେ ଅଭିଜ୍ଞ ଗୋଲକିପର ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶ୍ ଭାରତୀୟ ଅଭିଯାନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ବିଶ୍ୱକପ୍ ପାଇଁ ଘୋଷିତ ଦଳରେ ଶ୍ରୀଜେଶଙ୍କ ସମେତ ଯୁବ ଗୋଲକିପର କ୍ରିଷ୍ଣନ ବାହାଦୂର ପାଠକ ମଧ୍ୟ ସାମିଲ ହୋଇଛନ୍ତି। ଭାରତ ପାଇଁ ପୂର୍ବରୁ ଅଧିନାୟକ ଦାୟିତ୍ୱ ସଫଳତାର ସହ ତୁଲାଇଥିବା ଶ୍ରୀଜେଶ୍‌ଙ୍କ ଏଥର କେବଳ ଗୋଲ କିପିଙ୍ଗ ଉପରେ ଧ୍ୟାନ ଦେବାକୁ ହେବ।

୧୯୮୬ ମେ' ୮ ତାରିଖରେ କେରଳର ଏର୍ନାକୁଲମ ଜିଲାର କିଝାକାମ୍ବାଲାମ୍ ଗାଁରେ ଜନ୍ମଗ୍ରହଣ କରିଥିବା ଶ୍ରୀଜେଶ୍ ଆନ୍ତର୍ଜାତିକ ହକିରେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ୨୦୦୪ରେ ଭାରତୀୟ ଜୁନିୟର ଜାତୀୟ ଦଳ ପକ୍ଷରୁ ସେ ଆନ୍ତର୍ଜାତିକ ପଦାର୍ପଣ କରିଥିଲେ। ପର୍ଥରେ ଅଷ୍ଟ୍ରେଲିଆ ବିପକ୍ଷରେ ସେ କ୍ୟାରିୟରର ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏହାପରଠାରୁ ସେ ପଛକୁ ଫେରିଚାହିଁନାହାନ୍ତି। ଏପର୍ଯ୍ୟନ୍ତ ଭାରତ ପାଇଁ ସେ ୨୦୧ଟି ମ୍ୟାଚ ଖେଳିଛନ୍ତି। ଏହାର ଠିକ୍ ଦୁଇ ବର୍ଷ ପରେ ୨୦୦୬ରେ କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସ ପାଇଁ ସିନିୟର ଦଳ ପାଇଁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ଏହାପରେ ୨୦୦୮ରେ ଅନୁଷ୍ଠିତ ଜୁନିୟର ଏସିଆ କପ୍‌ରେ ଭାରତକୁ ଚାମ୍ପିୟନ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ଏହା ପରେ ସେ ଦୀର୍ଘ ୬ ବର୍ଷଧରି ଭାରତୀୟ ଗୋଲ କିପର ଭାବେ ଖେଳିଆସିଥିଲେ। ତେବେ ସିନିୟର ଗୋଲ କିପର ଆଡ୍ରିଆନ ଡି'ସୌଜା ଓ ଭାରତ ଛେତ୍ରୀ ଖେଳିବା କାରଣରୁ ସେ ଦଳରୁ ସ୍ଥାନ ହରାଇଥିଲେ। ୨୦୧୧ ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟ ରହି ଆସିଛନ୍ତି। ୨୦୧୪ରେ ଚାଇନାରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମ୍ୟାଚରେ ଦୁଇଟି ପେନାଲ୍ଟି ଷ୍ଟ୍ରୋକ ଅଟକାଇ ଭାରତକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୧୩ ଏସିଆ କପ୍‌ରେ ସେ ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ ହୋଇଥିଲେ। ଅବଶ୍ୟ ଏହି ଟୁର୍ନାମେଣ୍ଟରେ ଭାରତ ରନର୍ସଅପ୍ ବିବେଚିତ ହୋଇଥିଲା। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ।

୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତୀୟ ଦଳର ସଦସ୍ୟ ଥିଲେ। ଏହାପରେ ୨୦୧୪ ବିଶ୍ୱକପ୍ ମଧ୍ୟ ଖେଳିଥିଲେ। ୨୦୧୪ରେ ଦକ୍ଷିଣ କୋରିଆର ଇଞ୍ଚିଅନ୍‌ରେ ଖେଳାଯାଇଥିବା ଏସିଆନ୍ ଗେମ୍ସରେ ଭାରତର ସ୍ୱର୍ଣ୍ଣ ପଦକ ବିଜୟରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ଶ୍ରୀଜେଶ୍ ଗୋଲ କିପର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୨୦୧୪ରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ତାଙ୍କୁ ଶ୍ରେଷ୍ଠ ପୁରୁଷ ଗୋଲକିପର ପୁରସ୍କାର ପାଇଁ ନୋମିନେଟ୍ କରାଯାଇଥିଲା। ତେବେ ନେଦରଲାଣ୍ଡର ଜାପ୍ସ ଷ୍ଟକ୍‌ମ୍ୟାନ ଶେଷରେ ଏହି ପୁରସ୍କାର ହାସଲ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୧୬ରେ ଲଣ୍ଡନରେ ଅନୁଷ୍ଠିତ ପୁରୁଷ ହକି ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲା। ୨୦୧୬ରେ ସର୍ଦ୍ଦାର ସିଂଙ୍କ ପରେ ଶ୍ରୀଜେସଙ୍କୁ ଭାରତୀୟ ଦଳର ଅଧିନାୟକ ଭାବେ ନିଯୁକ୍ତ ହୋଇଥିଲେ। ଶ୍ରୀଜେଶ୍‌ଙ୍କ ନେତୃତ୍ୱରେ ଭାରତ ୨୦୧୬ ରିଓ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ଲବ ହକିରେ ମଧ୍ୟ ଶ୍ରୀଜେଶ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ପିଲାବେଳେ ଶ୍ରୀଜେଶ୍ ଜଣେ ସ୍ପ୍ରିଣ୍ଟର ହେବା ପାଇଁ ପ୍ରଶିକ୍ଷଣ ପାଇଥିଲେ। ଏହାପରେ ଲଙ୍ଗ ଜମ୍ପ ଓ ଭଲିବଲ୍ ଖେଳାଳି ହେବା ପାଇଁ ପ୍ରୟାସ କରିଥିଲେ। ତେବେ ନିୟତିର ନିର୍ଦ୍ଦେଶ ଅଲଗା ଥିଲା। ୧୨ ବର୍ଷ ବୟସରେ କୋଚ୍ ଗୋଲକିପିଙ୍ଗ୍ ପାଇଁ ପରାମର୍ଶ ଦେଇଥିଲେ। ସ୍କୁଲରେ ହକି କୋଚ୍ ଜୟକୁମାର, ରମେଶ କଲାପ୍ପା ତାଙ୍କୁ ଚିହ୍ନଟ କରିବା ପରେ ସେ ପେସାଦାର ହକିରେ ପାଦ ଥାପିଥିଲେ।

ଶ୍ରୀଜେଶ୍‌ଙ୍କ ପତ୍ନୀ ଜଣେ ପୂର୍ବତନ ଲଙ୍ଗ ଜମ୍ପର ଓ ଆୟୁର୍ବେଦ ଡାକ୍ତର। ପୁଅ ଶ୍ରୀୟାଂଶ ଓ ଝିଅ ଅନୁଶ୍ରୀଙ୍କୁ ନେଇ ତାଙ୍କ ସଂସାର ପରିପୂର୍ଣ୍ଣ। ଏବେ ଶ୍ରୀଜେଶ କେରଳ ସରକାରଙ୍କ ଶିକ୍ଷା ବିଭାଗରେ ଚିଫ୍ ସ୍ପୋର୍ଟ୍ସ ଅର୍ଗାନାଇଜର ଭାବେ କାର୍ଯ୍ୟ କରୁଛନ୍ତି। ୩୨ ବର୍ଷରେ ପଦାର୍ପଣ କରିଥିବାରୁ ଶ୍ରୀଜେଶ୍ ଶେଷ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି ବୋଲି ଅନୁମାନ କରାଯାଉଛି। ତେବେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ ସେ କମାଲ କରି ଭାରତକୁ ପଦକ ବିଜୟୀ କରାଇ ପୁଣି ଥରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।




## କ୍ରିଷନ ବାହାଦୁର ପାଠକ

ଅଭିଜ୍ଞ ପି.ଆର. ଶ୍ରୀଜେଶ୍‌ଙ୍କ ସମେତ ୨୧ ବର୍ଷୀୟ ପଞ୍ଜାବ ଗୋଲ କିପର କ୍ରିଷନ ବାହାଦୁର ପାଠକ ମଧ୍ୟ ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ପଞ୍ଜାବର କପୁରଥାଲାରେ ଜନ୍ମଗ୍ରହଣ କରିଥିବା ପାଠକ ମାତ୍ର ୧୨ ବର୍ଷ ବୟସରେ ମା'ଙ୍କୁ ହରାଇଥିଲେ। ଜଣେ କ୍ରେନ୍ ଅପରେଟର ଭାବେ କାର୍ଯ୍ୟ କରୁଥିବା ତାଙ୍କ ପିତା ଟେକ୍ ବାହାଦୁର ୨୦୧୬ରେ ହାର୍ଟ ଆଟାକରେ ମୃତ୍ୟୁବରଣ କରିଥିଲେ। ଅନ୍ୟ କ୍ରୀଡ଼ା ପ୍ରତି ତାଙ୍କର ଆଗ୍ରହ ନ ଥିଲା। ତେଣୁ ସେ ହକି ପ୍ରତି ମନ ବଳାଇଥିଲେ। ତାଙ୍କୁ ୧୨ ବର୍ଷ ହୋଇଥିବା ବେଳେ ପିତା ତାଙ୍କୁ ଜଳନ୍ଧରସ୍ଥିତ ସୁରଜିତ ହକି ଏକାଡେମୀରେ ଭର୍ତ୍ତି କରାଇଥିଲେ।

ମାତାପିତାଙ୍କୁ ଅସମୟରେ ହରାଇଥିବା ପାଠକ କ୍ୟାରିୟର ତଥା ଜୀବନରେ ବେଶ୍ ସଂଘର୍ଷର ସମ୍ମୁଖୀନ ହୋଇଥିଲେ। ତାଙ୍କ ପାଖରେ ଘର ନ ଥିଲା କି ତାଙ୍କର କେହି ନିଜର ନ ଥିଲେ। ଦାଦାଙ୍କ ଘରେ ସେ କିଛି ଦିନ ରହିବା ପରେ ଗତ ୯ ବର୍ଷ ହେବ ଜଳନ୍ଧରସ୍ଥିତ ସ୍ପୋର୍ଟ୍ସ ହଷ୍ଟେଲରେ ରହି ଆସୁଛନ୍ତି। ଖୁବ୍ କମ୍ ବୟସରେ ପାଠକ ଗୋଟିଏ ପରେ ଗୋଟିଏ ଦୁଃଖଦ ବିପଦର ସାମ୍ନା କରିଛନ୍ତି। ତେବେ ସବୁ ବିପଦକୁ ସେ ସାହସର ସହିତ ସାମ୍ନା କରିଛନ୍ତି। ମୂଳତଃ ପାଠକଙ୍କ ପରିବାର ନେପାଳରେ ପୂର୍ବରୁ ରହୁଥିଲେ। ତେବେ ୧୯୯୦ରେ ତାଙ୍କ ପରିବାର ପଞ୍ଜାବ ଚାଲିଆସିଥିଲେ। ତାଙ୍କର ଦୁଇ ବଡ଼ ଭଉଣୀ ନେପାଳରେ ରହୁଛନ୍ତି। ବଡ଼ ଭାଇ ତାଙ୍କଠାରୁ ୨୦ ବର୍ଷ ବଡ଼। ସେ ମାଲେସିଆରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ମାତାପିତା ଚାଲିଯାଇଥିବା ବେଳେ ପରିବାରର ବାକି ସଦସ୍ୟଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ।

ଭାରତୀୟ ଜୁନିୟର ଦଳ ସହ ସେ ଇଂଲଣ୍ଡ ଗସ୍ତରେ ଯାଇଥିଲେ। ଫଳରେ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସେ ସାମିଲ ହୋଇପାରି ନ ଥିଲେ। ତେବେ ପୂର୍ବରୁ ସଚିନ ତେନ୍ଦୁଲକର ଓ ବିରାଟ କୋହଲି ମଧ୍ୟ ସେମାନଙ୍କ ପିତାଙ୍କୁ ଅସମୟରେ ହରାଇଥିଲେ। ତେଣୁ ମୁଁ ମଧ୍ୟ ପରିସ୍ଥିତି ଆଗରେ ହାର ନ ମାନିବାକୁ ନିଷ୍ପତ୍ତି ନେଇଥିଲି। ମୁଁ ଭାରତୀୟ ଜୁନିୟର ଦଳରେ ସ୍ଥାନ ପାଇଛି ବୋଲି ପିତାଙ୍କୁ ମୃତ୍ୟୁ ପୂର୍ବରୁ ଜଣାଥିଲା। ଏହା ସବୁଠାରୁ ଖୁସିର କଥା ବୋଲି ପାଠକ କହିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ଦେଶ ପାଇଁ କିଛି ଦମ୍‌ଦାର ପ୍ରଦର୍ଶନ କରିପାରିଲେ ପିତାଙ୍କ ଆତ୍ମାକୁ ସନ୍ତୋଷ ମିଳିପାରିବ ବୋଲି ପାଠକ କହିଛନ୍ତି।

ମାନସିକ ଭାବେ ପାଠକ ଭାରି ଦୃଢ ବୋଲି କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ତାଙ୍କର ରିଫ୍ଲେକ୍ସ ଓ ଆଣ୍ଟିସିପେଶନ ବହୁତ ବଢିଆ ବୋଲି ସେ କହିଛନ୍ତି। ଲକ୍ଷ୍ନୌରେ ଅନୁଷ୍ଠିତ ୨୦୧୬ ପୁରୁଷ ହକି ଜୁନିୟର ବିଶ୍ୱକପ୍‌ରେ ମଧ୍ୟ ପାଠକ ଅଂଶଗ୍ରହଣ କରିଥିଲେ। ଭାରତ ଏହି ମେଗା ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହାପରେ ସେ ଭାରତ ଏ' ଦଳରେ ସାମିଲ ହୋଇଥିଲେ ଓ ୨୦୧୭ରେ ପୁରୁଷ ଅଷ୍ଟ୍ରେଲିଆନ ହକି ଲିଗ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ୨୦୧୮ ଜାନୁୟାରୀରେ ସେ ଭାରତୀୟ ସିନିୟର ଦଳରେ ସାମିଲ ହୋଇଥିଲେ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଆମନ୍ତ୍ରଣୀୟ ହକି ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ହାସଲ କରିଥିଲେ। ୨୦୧୮ ସୁଲତାନ ଆଜଲାନ ଶାହ କପ୍ ହକିରେ ଶ୍ରୀଜେଶ୍‌ଙ୍କୁ ବିଶ୍ରାମ ଦିଆଯିବା ଫଳରେ ତାଙ୍କୁ ଏହି ମେଗା ଟୁର୍ନାମେଣ୍ଟରେ ଖେଳିବାର ସୁଯୋଗ ମିଳିଥିଲା। ଏହାପରେ ୨୦୧୮ରେ ଅନୁଷ୍ଠିତ ପୁରୁଷ ହକି ଚାମ୍ପିୟନ୍ସ ଟ୍ରଫିରେ ସେ ରିଜର୍ଭ ଗୋଲ୍ କିପର ଭାବେ ଦଳରେ ସାମିଲ ହୋଇଥିଲେ। ଭାରତ ଏହି ଟୁର୍ନାମେଣ୍ଟରେ ରୌପ୍ୟ ପଦକ ଜିତିଥିଲା। ସେହିପରି ସେ ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ଦଳରେ ସାମିଲ ହୋଇଥିଲେ ଓ ଭାରତ ଏଥିରେ ରୌପ୍ୟ ପଦକ ଜିତିଥିଲା। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ରେ ସୁଯୋଗ ମିଳିଲେ ପାଠକ ନିଜର ପ୍ରତିଭା ଦେଖାଇବାର ମଉକା ପାଇବେ ଓ ଦଳର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଶ୍ରୀଜେଶ୍‌ଙ୍କ ପରେ ପାଠକ ଭାରତର ମୁଖ୍ୟ ଗୋଲକିପର ଭାବେ ଉଭା ହେବେ ବୋଲି ଆଶା କରାଯାଉଛି। ତେବେ ଏଥିପାଇଁ ଆଗକୁ ବହୁତ ବାଟ ଯିବାକୁ ପଡିବ ବୋଲି ସେ ଭଲ ଭାବେ ଜାଣିଛନ୍ତି। ପିଲାଟିବେଳୁ କଡ଼ା ସଂଘର୍ଷର ସମ୍ମୁଖୀନ ହୋଇ ଆସିଥିବା ପାଠକ ଅବଶ୍ୟ ଏଥିରେ ସଫଳ ହେବେ ବୋଲି ଆଶା କରାଯାଉଛି। କୋଚ୍ ହରେନ୍ଦ୍ର ମଧ୍ୟ ତାଙ୍କୁ ସବୁବେଳେ ସମର୍ଥନ ଦେଇ ଆସିଛନ୍ତି। ତେବେ ସେ ଆନ୍ତର୍ଜାତିକ ହକିରେ କେତେ ବାଟ ଅତିକ୍ରମ କରିବେ ତାହା ସମୟ କହିବ।



# ଏସାର ଷ୍ଟିଲ୍ ଆଗରେ ଶ୍ରମିକଙ୍କ ଧାରଣା

**ପାରାଦୀପ, ୯।୧୧ (ସ୍ୱ.ପ୍ର.)**


ଏସାର ଷ୍ଟିଲ ମୁଖ୍ୟ ଫାଟକ ଆଗରେ ଧାରଣାରତ ଶ୍ରମିକ।

■ କାରଖାନା ବନ୍ଦ କଲା ଏସାର ଷ୍ଟିଲ ଇଣ୍ଡିଆ ୱାର୍କର୍ସ ୟୁନିୟନ
■ ଶ୍ରମିକ ସଂଘକୁ ମାନ୍ୟତା ସହ ୧୫ ଦଫା ଦାବି

ପାରାଦୀପର ଏସାର ଷ୍ଟିଲ କାରଖାନା ମୁଖ୍ୟ ଫାଟକ ଆଗରେ ଶୁକ୍ରବାର ଶ୍ରମିକମାନେ କାର୍ଯ୍ୟ ବନ୍ଦକରି ଧାରଣା ଦେଇଛନ୍ତି। ଏସାର ଷ୍ଟିଲ ଇଣ୍ଡିଆ ୱାର୍କର୍ସ ୟୁନିୟନ୍ ପକ୍ଷରୁ ଏହି ଧାରଣା ଦିଆଯାଇଛି। ଉକ୍ତ ଶ୍ରମିକ ସଂଗଠନକୁ ମାନ୍ୟତା ଦେବା ସହ ୧୫ ଦଫା ଦାବି ନେଇ ଶ୍ରମିକମାନେ ଏପରି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଶ୍ରମିକ ସଂଘର ବୃନ୍ଦାବନ ନାୟକ, ସନାତନ ବେହେରାଙ୍କ କହିବା ଅନୁଯାୟୀ, ସଂଘର ଦାବି ସମ୍ପର୍କରେ ଗତ ବର୍ଷେ ହେଲା କମ୍ପାନୀକୁ ଚିଠି ଲେଖାଯାଇଛି। ଏପରି କି ଗତ ମେ ୨୬ରେ ଧାରଣା ଦେବା ପାଇଁ ଚିଠି କରିଥିଲା ସଂଘ। ଧାର୍ଯ୍ୟ ସମୟର ୨ ଘଣ୍ଟା ପୂର୍ବରୁ ପ୍ରଶାସନ କମ୍ପାନୀ ଆଗରେ ୧୪୪ ଧାରା ଲଗାଇ ଧାରଣା ଭଣ୍ଡୁର କରିଥିଲା। ଉକ୍ତ ଘଟଣା ପରେ ସ୍ଥାନୀୟ ଏଡିଏମ୍‌ଙ୍କ ଜରିଆରେ ୩ ଥର ଆଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହା ସତ୍ତ୍ୱେ କମ୍ପାନୀର କୌଣସି କର୍ମଚାରୀ ସେହି ବୈଠକକୁ ଆସିଲେ ନାହିଁ। ତେଣୁ ବାଧହୋଇ ଧାରଣା ଦେଲୁ ବୋଲି ଶ୍ରମିକମାନେ କହିଛନ୍ତି। ଇପିଏଫ୍, ଇଏସ୍ଆଇ, ସର୍ବନିମ୍ନ ମଜୁରି, ଶ୍ରମିକଙ୍କୁ ବୋନସ୍ ଆଦି ପ୍ରଦାନ ପାଇଁ ମଧ୍ୟ ସେମାନେ ଦାବି କରିଛନ୍ତି। ଏଥିସହ ୬ଜଣ ଶ୍ରମିକଙ୍କୁ ବିନା କାରଣରେ ଛଟେଇ କରାଯାଇଥିବା ଅଭିଯୋଗ କରାଯାଇଛି। ଶ୍ରମିକଙ୍କ ଧାରଣା ଯୋଗୁ କାରଖାନାକୁ ଯାତାୟାତ ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ମିଥିଳେଶ କୁମାର ଠାକୁର କହିଛନ୍ତି ଯେ, ଶ୍ରମିକମାନେ ଅଚାନକ ଧାରଣାରେ ବସିବା ଯୋଗୁ କମ୍ପାନୀର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ତେଣୁ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ପାଇଁ ଆମେ ଚାହୁଁଛୁ। ପାରାଦୀପ ଏଡିଏମ୍ କାହ୍ନୁ ଚରଣ ଧିର୍ କହିଛନ୍ତି ଯେ ଶ୍ରମିକମାନଙ୍କ ଦାବି ସମ୍ପର୍କରେ ୩ ଥର ଆଲୋଚନା ପାଇଁ ଡକାଯାଇଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଗଲାନାହିଁ। କିନ୍ତୁ ଆଜି ହଠାତ୍ ଶ୍ରମିକମାନେ ଆନ୍ଦୋଳନ କରିବାରୁ କମ୍ପାନୀ ପ୍ରଶାସନର ସହଯୋଗ ଲୋଡ଼ିଛି। ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କ ସହ ଆଲୋଚନା କରି ଏହାର ଆପୋସ ସମାଧାନ କରନ୍ତୁ ବୋଲି ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି। ନଚେତ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ତେବେ ସେଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଧିର କହିଛନ୍ତି। ଅନ୍ୟପକ୍ଷରେ ରିପୋର୍ଟ ଲେଖାଯିବା ସୁଦ୍ଧା ଶ୍ରମିକମାନଙ୍କ ଧାରଣା ଜାରି ରହିଛି।




## ଆକ୍ରମଣ ମାମଲାରେ ମହିଳା ଗିରଫ

**ତିର୍ତ୍ତୋଲ, ୯।୧୧(ଡି.ଏନ.ଏ.)**– ତିର୍ତ୍ତୋଲ ଥାନା ଅନ୍ତର୍ଗତ ବିରିତୋଳ ପଞ୍ଚାୟତ ରସୁଲପୁର ଗ୍ରାମର ଅନୱାରୀ ବେଗମଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେହି ଗ୍ରାମର ରେଶମା ଖାତୁନ ନାମକ ମହିଳାଙ୍କୁ ସେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ମାମଲା ନଂ. ୨୧୧/୧୮ ରୁଜୁ ହୋଇଥିଲା। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୪ରେ ରେଶମାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ଅନୱାରୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ପୋଲିସ ପୂର୍ବରୁ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନୱାରୀ ଫେରାର ଥିବା ଦର୍ଶାଇ ପୋଲିସ ତାଙ୍କୁ ଗିରଫ କରୁନଥିବା ଏସପିଙ୍କ ନିକଟରେ ଅଭିଯୋଗ ହୋଇଥିଲା।

**ସଂକ୍ଷେପରେ**

### ଦୁର୍ଘଟଣାରେ ୨ ଶ୍ରମିକ ଗୁରୁତର



ପାରାଦୀପ,୯।୧୧(ସ୍ୱ.ପ୍ର.): ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀ ୨ନଂ ଗେଟ୍ ଛକରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବାଉରିଆ ପାଳନ୍ଦା ଅଞ୍ଚଳର ଦେବ ପୃଷ୍ଟି। ସାଇକେଲରେ ସେ ବାଲିପ୍ଲଟକୁ ଯାଉଥିବାବେଳେ ଏକ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଦେବଙ୍କ ଅଣ୍ଟାଠାରୁ ଗୋଡ଼ ପର୍ଯ୍ୟନ୍ତ ଗାଡି ଚକାତଳେ ଚାପି ହୋଇଯିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଅଠରବାଙ୍କୀରେ କଳାଗୁଣ୍ଡ ଆସ୍ତରଣ ଯୋଗୁ ରାସ୍ତା ସ୍ପଷ୍ଟ ଭାବେ ଦେଖିହେଉନାହିଁ। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ପରେ ଶତାଧିକ ଲୋକ ଅଠରବାଙ୍କୀରେ ରାସ୍ତା ଅବରୋଧ କରିଥିଲେ। ପାରାଦୀପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଗାଡିକୁ ଜବତ କରିଛି। ସେହିପରି ବନ୍ଦର ନିଷିଦ୍ଧାଞ୍ଚଳରେ ଏକ ଦୁର୍ଘଟଣା ଘଟିଛି। ସେଥିରେ ମଣ୍ଟୁ ନାମକ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

■ ପିକ୍ଅପ ଭ୍ୟାନ୍‌ରେ ପିଟି ହେଲା ୨ ବାଇକ୍

## ଜଣେ ଶିଶୁ ସମେତ ୪ ଗୁରୁତର

**ରଘୁନାଥପୁର, ୯।୧୧(ଡି.ଏନ.ଏ.):**

ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ୍‌ଠାରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ପିକ୍ଅପ ଭ୍ୟାନରେ ଦୁଇଟି ବାଇକ୍ ପିଟି ହୋଇ ଜଣେ ଶିଶୁ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ ଓଆର ୨୧ ଇ ୩୫୮୬ ପିକ୍ଅପ ଭ୍ୟାନଟି କଟକ-ପାରାଦୀପ ରାସ୍ତା ଉପରେ ଆଗପଛ କରି ବୁଲାଉଥିଲା। ବିପରୀତ ପଟୁ ଆସୁଥିବା ୨ ବାଇକ୍ ଉକ୍ତ ୪ ଚକିଆରେ ପିଟି ହୋଇ ରାସ୍ତା ଉପରେ ଛିଟିକି ପଡିଥିଲା। ଫଳରେ ଗୋଟିଏ ବାଇକ୍‌ର ଚାଳକଙ୍କ ସମେତ ବସିଥିବା ମହିଳା ଓ ଶିଶୁଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗି ରକ୍ତାକ୍ତ ହୋଇପଡିଥିଲେ। ଉକ୍ତ ୩ ଜଣ ସଂଜ୍ଞାହୀନ ଅବସ୍ଥାରେ ରାସ୍ତା ଉପରେ ପଡି ରହିଥିଲେ। ଆଉ ଏକ ବାଇକ୍‌ରେ ଥିବା ଚାଳକ ଜଣଙ୍କ ମଧ୍ୟ ରାସ୍ତା ଉପରେ କ୍ଷତାକ୍ତ ଅବସ୍ଥାରେ ପଡି ରହିଥିଲେ। ସ୍ଥାନୀୟ ଲୋକେ ୪ ଜଣଙ୍କୁ ଏକ କାର ଏବଂ ୧୦୮ ଆମ୍ବୁଲାନ୍ସ ଯୋଗ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଥାନା ଏଏସ୍ଆଇ ପ୍ରମୋଦ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ପିକ୍ଅପ ଭ୍ୟାନ୍‌ଟିକୁ ଜବତ କରିବା ସହ କ୍ଷତିଗ୍ରସ୍ତ ୨ ବାଇକ୍‌କୁ ଥାନାକୁ ନେଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଏକୁଟିଆ ଥିବା ବାଇକ୍ ଚାଳକ ନିଜ ନାମ ତପନ ସ୍ୱାଇଁ ଘର ତିର୍ତ୍ତୋଲ ଥାନା ରାହାମା ଅଞ୍ଚଳର ସରଳି ବୋଲି କହୁଥିବାବେଳେ ସଂଜ୍ଞାହୀନ ଅବସ୍ଥାରେ ଥିବା ୩ ଜଣଙ୍କ କୌଣସି ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପାଇଁ ପିକ୍ଅପ ଭ୍ୟାଟି ସମ୍ପୂର୍ଣ୍ଣ ରୂପେ ଦାୟୀ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହୁଛନ୍ତି।


ଦୁର୍ଘଟଣାରେ ଆହତଙ୍କୁ ଆମ୍ବୁଲାନ୍ସରେ ନିଆଯାଉଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଏରସମା,୯।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନ ଓ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ଦିବ୍ୟାଙ୍ଗମାନେ ସମାଜ ପାଇଁ ବୋଝ ନୁହନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ସହାୟତାରେ ସେମାନେ ଆତ୍ମନିର୍ଭରଶୀଳ ହେଲେଣି। ଏହି ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଡିଓ କୈଳାସ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏ.ଡବ୍ଲ୍ୟୁ. ଖାନ, ଏରସମା ଥାନା ଆଇଆଇସି ପ୍ରଦ୍ୟୁମ୍ନ କିଶୋର ବେହେରା, ଇତିଶ୍ରୀ ଭୂୟାଁ, ନଳିନୀ ରଞ୍ଜନ ମନ୍ତ୍ରୀ, ହୃଷୀକେଶ ରାଉତରାୟ ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏଥିରେ ମୋଟ ୪୪୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ଚକ୍ଷୁ ବିଭାଗର ଡା. ଅଶୋକ କୁମାର ମିଶ୍ର, ଅସ୍ଥିଶଲ୍ୟ ବିଭାଗର ଡା. ପ୍ରଭାତ ରାଉତ, ମାନସିକ ବିଭାଗର ଡା.ସର୍ଦ୍ଦାର ଜୟଦେବ, କର୍ଣ୍ଣ ନାଶାର ଡା.ସନ୍ତୋଷ କୁମାର ପାଲ, ଥାଲାସେମିଆର ଡା. ଚିତ୍ତରଞ୍ଜନ କର, ଡା. ପି ସି ଦୀକ୍ଷିତ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅର୍ଥପେଡିକ ୧୯୯, ମାନସିକ ଅନଗ୍ରସର ୮୫, ଚକ୍ଷୁ ବାଧିତ ୬୭, ଶ୍ରବଣ ବାଧିତ ୯୪ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା।

## ୭ଦିନ ହେବ ଚେଳିତୋଳ ବାଲିଯାତ୍ରା

**ତିର୍ତ୍ତୋଲ,୯।୧୧(ଡି.ଏନ.ଏ.)**

ଓଡିଆ ସଂସ୍କୃତି ଓ ନୌବାଣିଜ୍ୟର ପରମ୍ପରାର ସ୍ମୃତିକୁ ଉଜ୍ଜୀବୀତ କରୁଥିବା ତିର୍ତ୍ତୋଲର ଚେଳିତୋଳ ବୋଇତ ବନ୍ଦାଣ ଓ ବାଲିଯାତ୍ରା ମହୋତ୍ସବ ନିମନ୍ତେ ଶୁକ୍ରବାର ସ୍ଥାନୀୟ ଆନନ୍ଦ ମଣ୍ଡପ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚେଳିତୋଳ ବୋଇତ ବନ୍ଦାଣ ପରିଷଦ ସଭାପତି ତଥା ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରୀୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରବୀର ରାୟ, ସନାତନ ଦଳାଇ, ଲିପାଲି ରାଉଳ, ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପରିଷଦ ଉପସଭାପତି ଗଙ୍ଗାଧର ବିଶ୍ୱାଳ, ସମ୍ପାଦକ ଚିତ୍ତରଞ୍ଜନ ରଥ, ତପନ ମହାନ୍ତି, ଦେବବ୍ରତ ମହାନ୍ତି, ଅଶ୍ୱିନୀ ଦାସ, ସୁବ୍ରତ ଦାଶ, ଅମରଜ୍ୟୋତି ସାହୁ ପ୍ରମୁଖ ଯୋଗଦେଇ ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ନିଜସ୍ୱ ମତ ପୋଷଣ କରିଥିଲେ। ଆସନ୍ତା ୨୩ରୁ ଏହି ମହୋତ୍ସବ ୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା।

**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା**

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା ୨୧.୧୦.୨୦୧୮ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୧୨.୧୧.୨୦୧୮, ୧୩.୧୧.୨୦୧୮, ୧୪.୧୧.୨୦୧୮, ୧୫.୧୧.୨୦୧୮, ୧୬.୧୧.୨୦୧୮ ଏବଂ ୧୭.୧୧.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା । ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଆବେଦନକାରୀ ଗାଡି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ ।

ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା୨୦.୧୧.୨୦୧୮ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ ରୁ ୬୦ | ୧୨.୧୧.୨୦୧୮ | ୨୬.୧୧.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୧୩.୧୧.୨୦୧୮ | ୨୭.୧୧.୨୦୧୮ | |
| ୧୨୧ ରୁ ୧୮୦ | ୧୪.୧୧.୨୦୧୮ | ୨୮.୧୧.୨୦୧୮ | |
| ୧୮୧ ରୁ ୨୪୦ | ୧୫.୧୧.୨୦୧୮ | ୨୯.୧୧.୨୦୧୮ | |
| ୨୪୧ ରୁ ୩୦୦ | ୧୬.୧୧.୨୦୧୮ | ୩୦.୧୧.୨୦୧୮ | |
| ୩୦୧ ରୁ ୩୪୬ | ୧୭.୧୧.୨୦୧୮ | ୦୧.୧୨.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ





## ସଂକ୍ଷେପରେ

### ଛାତରୁ ପଡ଼ି ଶିଶୁ କନ୍ୟା ଗୁରୁତର

କୋରେଇ,୯।୧୧(ସ୍ୱ.ପ୍ର.)- ପାଣିକୋଇଲିର ପଥରପଦା ପଞ୍ଚାୟତସ୍ଥିତ ଓରିନ୍ଦା ରୋଡରେ ଥିବା ଏକ ଶୋ'ରୁମ୍‌ରେ ଶୁକ୍ରବାର କାମ କରୁଥିବା ଜଣେ ମହିଳା ଶ୍ରମିକଙ୍କ ଅସାବଧାନତା ହେତୁ ତାଙ୍କ ଶିଶୁ କନ୍ୟା ଛାତରୁ ପଡ଼ି ଗୁରୁତର ହୋଇଛନ୍ତି । ଖବରପାଇ ଆମେ ବିପଦର ସାଥୀ ପକ୍ଷରୁ ମନମୋହନ ବାରିକ, ତାରିଣୀ ପଟ୍ଟନାୟକ ଓ ଅଶୋକ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାଣିକୋଇଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେ ହେଲେ ନିକଟସ୍ଥ ବେଙ୍ଗା ଆଦିବାସୀ ସାହିର ପାର୍ବତୀ ବାଲମୁଖୀଙ୍କ ଝିଅ ଗୁରୁବାରୀ(୫)। ପ୍ରକାଶ ଯେ, ପାର୍ବତୀ ସବୁଦିନ ଝିଅକୁ ନେଇ କାମକୁ ଯାଏ। ହେଲେ ଶୁକ୍ରବାର ଶୋ'ରୁମର ଉପର ତାଲାରେ କାମ ଚାଲୁଥିବା ବେଳେ ଝିଅ ପ୍ରତି ନଜର ନ ଥିଲା। ଫଳରେ ଗୁରୁବାରୀ ଖେଳୁଥିବା ବେଳେ ଛାତରୁ ଖସି ପଡ଼ିଥିଲେ।

### ତହସିଲ ଅଫିସ ଘେରାଉ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁରରୋଡ,୯।୧୧(ନି.ପ୍ର.)- ରାଜ୍ୟ ସରକାରଙ୍କ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା, ଭତ୍ତା ବଣ୍ଟନ, ଚାଷୀ ମାରରନୀତି, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଟଙ୍କା ଫେରସ୍ତ, ଖଣି ଦୁର୍ନୀତି, ଯୁବତୀ ଯୁବକଙ୍କ ନିଯୁକ୍ତି ଦାବିରେ ଆସନ୍ତା ୧୨ତାରିଖରେ ଭାଜପା ପକ୍ଷରୁ ବ୍ୟାସନଗର ତହସିଲ ଅଫିସ ଘେରାଉ କରାଯିବ। ଏ ନେଇ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟିକା ତଥା ଭାଜପା ବରିଷ୍ଠ ନେତ୍ରୀ ସଞ୍ଚିତା ମହାନ୍ତି ଅଧକ୍ଷତା କରିଥିଲେ। କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଭାଜପା କର୍ମୀମାନେ ବୈଠକରେ ଯୋଗ ଦେଇଥିଲେ। ବିଜେଡି ଶାସନ ବିରୋଧରେ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ୨୦୧୯ ନିର୍ବାଚନରେ କୋରେଇ ନିର୍ବାଚନମଣ୍ଡଳୀ ଦଖଲ କରିବା ପାଇଁ ଭାଜପା କର୍ମୀ ବୈଠକରେ ଶପଥ ନେଇଥିଲେ। ଜିଲା ଉପସଭାପତି ଉଦୟ କୁମାର ସାହୁ, ଜିଲା ଯୁବମୋର୍ଚ୍ଚା ସଭାପତି ଆଲେକ୍‌ଜାଣ୍ଡର ଦାସ, ବ୍ରାହ୍ମଣୀ ଦେବୀ ପ୍ରଭାରୀ ପ୍ରଶାନ୍ତ କୁମାର ମଲିକ, କାଳନ୍ଦୀ ଜେନା, ମଦନ ପଲେଇ, ପ୍ରଫୁଲ୍ଲ ଦାସ, ଅର୍ଜୁନି ସାହୁ, କଳ୍ପତରୁ ସାହୁ, ବାଇଧର ମାଝି, ସୁରେନ୍ଦ୍ର ସାହୁ, କୃଷ୍ଣ ଖଣ୍ଡାଇ, ନୀଳମଣି ସିଂ ପ୍ରମୁଖ ବହୁ ଭାଜପା କର୍ମୀ ବୈଠକରେ ଉପସ୍ଥିତ ଥିଲେ।

### ଭାଜପାର ମିଶ୍ରଣ ପର୍ବ

ସିଂହପୁର,୯।୧୧(ଡି.ଏନ୍.ଏ)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ପୁରୁଷୋତ୍ତମ ବେହେରା ସଭାପତିତ୍ୱ କରିଥିଲେ। ଜୋନ ସଭାପତି ଦିଗମ୍ବର ପାତ୍ର, ଭାଜପା ନେତା ନିରଞ୍ଜନ ବେଉରିଆ ପ୍ରମୁଖ ଯୋଗ ଦେଇଥିଲେ। ଗୋବିନ୍ଦ ନାୟକ, ପ୍ରଫୁଲ ନାୟକ, କୈଳାସ ମଲିକ, ଉପେନ୍ଦ୍ର ପତି, ରମାକାନ୍ତ ଧଳ, ଅଞ୍ଜୁ ମଲିକ, ସୁଶାନ୍ତ ମଲିକ, ପ୍ରହଲ୍ଲାଦ ଧଳ, ପ୍ରଫୁଲ ନାୟକ, ନକୁଳ ଜେନା, ଜଡା ମଲିକ, ମଙ୍ଗୁଲି ସେଠୀ ପ୍ରମୁଖ ବିଜେଡି କର୍ମୀ ଭାଜପାରେ ମିଶିଥିଲେ।

## ■ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୪୮୦ ପ୍ରକଳ୍ପ ପାଇଁ ୧୦.୫୦ କୋଟି ଟଙ୍କା ମଞ୍ଜୁର

ଦଶରଥପୁର,୯।୧୧(ଡି.ଏନ.ଏ.)

ଦଶରଥପୁର ବ୍ଲକ ଝୁମ୍ପୁରି ବଜାରସ୍ଥିତ ସାଇ ପ୍ୟାଲେସ୍‌ଠାରେ ଶୁକ୍ରବାର ପୂର୍ବାହ୍ନରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଗାଁ ଆମ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ବ୍ଲକ୍‌ର ୩୫ ପଞ୍ଚାୟତର ୪୮୦ ପ୍ରକଳ୍ପ ପାଇଁ ୧୦ କୋଟି ୫୦ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ଲକର ୩ ଜଣ ବ୍ୟକ୍ତିଙ୍କ ସହ ସିଧାସଳଖ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କଥାବାର୍ତ୍ତା ହୋଇଥିଲେ। ପ୍ରଥମେ ଜିଲାପାଳ ରଞ୍ଜନ କୁମାର ଦାସ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜେଡି ସଭାପତି ସୁବାସ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଏମ୍‌ପି ରୀତା ତରାଇ, ପ୍ରଣବ ପ୍ରକାଶ ଦାସ, ପ୍ରମିଳା ମଲ୍ଲିକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ବିଡିଓ ନାରାୟଣ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ତହସିଲଦାର ଜ୍ୟୋତି ପ୍ରକାଶ ମହାନ୍ତି, ମଙ୍ଗଳପୁର ଥାନାଧିକାରୀ ବାମଦେବ ନନ୍ଦ, ଏପିଓ ଅମ୍ରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୁକ୍ତା ମହାନ୍ତି, ସରୋଜ ମହାପାତ୍ର, କର୍ଣ୍ଣାଟକେଶରୀ ଦାସ, ଆଦିକନ୍ଦ ସନ୍ଧିବିଗ୍ରହ, ମଞ୍ଜୁଲତା ବେହେରା, ମନୀଷ ସାହୁ, ବିଷ୍ଣୁ ଚରଣ ମହାପାତ୍ର, ପ୍ରତିଭା ମଲ୍ଲିକ, ବିଜୟ ନାୟକ, ମହେଶ୍ୱର ସାହୁ, ସତ୍ୟଭାମା ମଲ୍ଲିକ, ମାତନ ଜେନା, ଗୀତାଞ୍ଜଳି ସାହୁ, ଦିଲୀପ ମହାନ୍ତି, ପ୍ରତାପ ଜେନା, ବିରଜା ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ଗୌରାଙ୍ଗ ଚରଣ ଜେନା, ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୩୫ ପଞ୍ଚାୟତରୁ ଅଙ୍ଗନାୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ବିଜୁ ଯୁବବାହିନୀ ସଭ୍ୟାସଭ୍ୟଙ୍କ ସହ ବହୁ ଜନସାଧାରଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିବା ବେଳେ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସାଇ ପ୍ୟାଲେସଠାରେ ଆୟୋଜିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ।

# ଭାଜପା ପକ୍ଷରୁ ବରୀ ତହସିଲ ଘେରାଉ


ତହସିଲ ଘେରାଉରେ ଶତାଧିକ ଭାଜପା କର୍ମୀ ସାମିଲ ହୋଇଛନ୍ତି ।

ବରୀ,୯।୧୧(ସ୍ୱ.ପ୍ର.)

ରାଜ୍ୟ ଭାଜପା ନିର୍ଦ୍ଦେଶକ୍ରମେ ବରୀ ଭାଜପା ପକ୍ଷରୁ ଶୁକ୍ରବାର ବରୀ ତହସିଲ ଘେରାଉ କରାଯାଇଛି । ରାଜ୍ୟ ସରକାରଙ୍କ ଦୁର୍ନୀତି, କୃଷିଋଣ ଛାଡ ଆଦି ଦାବି ନେଇ ଭାଜପା ତହସିଲ ଘେରାଉ କରିଥିଲା। ବରୀ ମଣ୍ଡଳ ସଭାପତି ଶିବ ପ୍ରସାଦ ନାୟକ, ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ, ଦେବେନ୍ଦ୍ର ଦାସ, ରମ୍ଭା ସରପଞ୍ଚ ବିଜୟ କିଶୋର ସାହାଣୀ, ଉଦୟନାଥପୁର ସରପଞ୍ଚ ସବିତା ସାମଲ, ଯୁବନେତା ପ୍ରସନ୍ନ ସାମଲ, ରମାକାନ୍ତ ମଲ୍ଲିକ, ନନ୍ଦକିଶୋର ବାରିକ, ସୁନନ୍ଦା ଦାସ, ମହିଳା ଭାଜପା ମୋର୍ଚ୍ଚା ସମ୍ପାଦିକା ମମତା ସାମଲ, ରଞ୍ଜିତା ସାମଲ, ରବି ଧଳ, ସୁବୋଧ ଜେନା ପ୍ରମୁଖ ଶତାଧିକ କର୍ମୀ ଘେରାଉରେ ସାମିଲ ଥିଲେ। ଏ ନେଇ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

# ଫେରୋକ୍ରୋମ୍ ୱାର୍କର୍ସ ୟୁନିୟନରେ ଯୋଗଦାନ

ଯାଜପୁରରୋଡ,୯।୧୧(ନି.ପ୍ର.)

ଯାଜପୁରରୋଡସ୍ଥିତ ଫେରୋକ୍ରୋମ ଆଲୟଜ କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ୩୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଶୁକ୍ରବାର ଫେରୋକ୍ରୋମ ୱାର୍କର୍ସ ୟୁନିୟନରରେ ଯୋଗଦେଇଛନ୍ତି। ୟୁନିୟନ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ବିଦ୍ୟାଧର ମହାନ୍ତି ଓ ଜିଲା ସାଧାରଣ ସମ୍ପାଦକ ନୃସିଂହ ଚରଣ ପହି ପ୍ରମୁଖ ଉପସ୍ଥିତ ଥିଲେ। ଗତ ୩ ତାରିଖରେ ଦୀର୍ଘ ୪୦ବର୍ଷ ଧରି ବୋନସ୍, ପୂଜା ଉପହାର, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଓ ରାଜ୍ୟ କର୍ମଚାରୀ ସ୍ୱାସ୍ଥ୍ୟ ବୀମା କମ୍ପାନୀ କର୍ତ୍ତୃପକ୍ଷଙ୍କ ଖାତାରେ ଦାଖଲ ହୋଇ ଆସୁଥିଲେ ହେଁ କେତେଜଣ ଅସାଧୁ କର୍ମକର୍ତ୍ତା ଓ ଠିକାଦାରଙ୍କ ସଲାସୁତରା ଯୋଗୁ କମ୍ପାନୀ କର୍ତ୍ତୃପକ୍ଷ ଟେଣ୍ଡର ଘୋଷଣା କରିବା ଏବଂ ସମସ୍ତ ଅର୍ଥକୁ ଠିକାଦାରଙ୍କ ଜରିଆରେ ଦାଖଲ କରିବା ପ୍ରୟାସକୁ ବିରୋଧ କରି ୩୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ବିଜୁ ପଟ୍ଟନାୟକ ଠିକା ଶ୍ରମିକ ସଂଘରୁ ଇସ୍ତଫା ଦେଇଥିଲେ। ଏତଦ୍‌ବ୍ୟତୀତ ବିଜୁ ପଟ୍ଟନାୟକ ଠିକା ଶ୍ରମିକ ସଂଘ କାର୍ଯ୍ୟକାରୀ କମିଟିରୁ ସର୍ବଶ୍ରୀ କାର୍ତ୍ତିକ ଦାସ, ଭଗବାନ ଦାସ, ରମାକାନ୍ତ ଦାସ, ନାଗରୀ ଦେଇଙ୍କ ସମେତ ୨୩ଜଣ ଇସ୍ତଫା ଦେଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏତାଦୃଶ ଶ୍ରମିକ ବିରୋଧୀ କାର୍ଯ୍ୟ ପ୍ରତିବାଦରେ ଠିକା ଶ୍ରମିକମାନେ ପ୍ରତିଦିନ ଗେଟ୍ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜିତ କରିବାକୁ ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି । ୟୁନିୟନ ସଭାପତି ରାମଚନ୍ଦ୍ର ଖୁଣ୍ଟିଆ ଶ୍ରମିକଙ୍କ ସଭ୍ୟ ପଦକୁ ଗ୍ରହଣ କରି ସେମାନଙ୍କ ସମସ୍ୟାର ସମାଧାନ କରିବା ନିମେନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦାବି କରିଛନ୍ତି।

# ସଞ୍ଜ୍ଞାହୀନ ଅବସ୍ଥାରେ ଅଜଣା ବ୍ୟକ୍ତି ଉଦ୍ଧାର

କୋରେଇ,୯।୧୧(ସ୍ୱ.ପ୍ର.)

ପଥରପଦା ପଞ୍ଚାୟତର ମୁଲରୀ ଖେଳ ପଡିଆରୁ ଶୁକ୍ରବାର ମନମୋହନ ବାରିକଙ୍କ ନେତୃତ୍ୱରେ ଆମେ ବିପଦର ସାଥୀ ପକ୍ଷରୁ ସଞ୍ଜ୍ଞାହୀନ ଅବସ୍ଥାରେ ଜଣେ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବଙ୍ଗଳୀ ଭାଷାରେ କିଛି କହୁଥିବା ବେଳେ ତାଙ୍କ ମୁଣ୍ଡରେ କ୍ଷତ ହୋଇଥିବା ଦେଖାଯାଇଛି। ତାଙ୍କ ବୟସ ୩୫ରୁ ୪୦ ମଧ୍ୟରେ ହୋଇପାରେ ବୋଲି ଅନୁମାନ କରାଯାଉଛି।

# ଶିଶୁଙ୍କୁ ନିମ୍ନମାନର ଛତୁଆ ଯୋଗାଣ ନେଇ ସିଡିପିଓଙ୍କୁ ଦାବିପତ୍ର

ବାଲିଚନ୍ଦ୍ରପୁର,୯।୧୧(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଅଧୀନ ୧୧, ୧୨ ଓ ୧୩ ନଂ. ୱାର୍ଡରେ ଅଙ୍ଗନୱାଡ଼ି ଶିଶୁଙ୍କୁ ନିମ୍ନମାନର ଛତୁଆ ଦିଆଯାଉଥିବା ନେଇ ଶୁକ୍ରବାର ଗ୍ରାମବାସୀ ସିଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ହେବ ଉକ୍ତ କେନ୍ଦ୍ରକୁ ଯୋଗାଣ ହେଉଥିବା ଛତୁଆ ଅତି ନିମ୍ନମାନର ହୋଇଥିଲା ବେଳେ ସେଥିରେ କୁଣ୍ଡା ଓ ଚୋକଡ଼ ମିଶାଯାଇଛି। ୨୦ ଦିନ ତଳେ ଦିଆଯାଇଥିବା ଛତୁଆରୁ ପୋକ ବାହାରିଥିଲା।ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ନିମ୍ନମାନର ଛତୁଆ ଯୋଗାଣକାରୀ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଛତୁଆର ଉପଯୁକ୍ତମାନ ପରୀକ୍ଷଣ ପାଇଁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଡିପିଓ କୁସୁମ ମହାରଣାଙ୍କୁ ପଚାରିବାରେ, ଲୋକଙ୍କ ଅଭିଯୋଗ ପାଇଛନ୍ତି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

# ୨ ମାଙ୍କଡା ପଥର ବୋଝେଇ ଟ୍ରକ୍ ଜବତ

ଛତିଆ,୯।୧୧(ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ଶାଳପଡା ଛକରୁ ଗୁରୁବାର ବିଳମ୍ବିତ ରାତିରେ ୨ ମାଙ୍କଡା ପଥର ବୋଝେଇ ଟ୍ରକ୍(ଓଆର୍-୦୪-ପି-୧୫୪୯ ଓ ଆର-୦୯-ଇ-୭୫୪୭) ଜବତ ହୋଇଛି। ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ଅଞ୍ଚଳରୁ ମାଙ୍କଡା ବୋଝେଇ କରି ଆଣୁଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଚଢାଉ କରି ଗାଡ଼ି ଜବତ କରିଥିଲେ। ବୈରୀ ଥାନା ଏଏସ୍‌ଆଇ ଅନିଲ କୁମାର ସାହୁ, ବ୍ରହ୍ମାନନ୍ଦ ସ୍ୱାଇଁ, ପୀତାମ୍ବର ମହାନ୍ତି, ମୁରଲୀଧର ନାୟକ ପ୍ରମୁଖ ଚଢାଉରେ ସାମିଲ ଥିଲେ। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡ଼ି ଜବତ କରି ଥାନାକୁ ଆଣିଛି।

# ଭୂମିହୀନ, ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ଗଣଧାରଣା

ଚଣ୍ଡିଖୋଲ/ଛତିଆ, ୯।୧୧ (ଡି.ଏନ.ଏ.)

ଜଙ୍ଗଲ ଜମି ଉପରେ ବସବାସ କରୁଥିବା ଆଦିମ ଅଧିବାସୀ ଓ ଜନ ଜାତି ପରିବାରଙ୍କୁ ଜମିପଟ୍ଟା ପ୍ରଦାନ ଓ ଭୂମିହୀନଙ୍କୁ ଭୂମି ପ୍ରଦାନ ଦାବିରେ ଶୁକ୍ରବାର ସ୍ଥାନୀୟ ଅଧିବାସୀ ଓ ଭାଜପା ପକ୍ଷରୁ ଦର୍ପଣ ତହସିଲ ଅନ୍ତର୍ଗତ ବୈରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୂର୍ବତନ ମହାବିନାୟକ ମଣ୍ଡଳ ସଭାପତି ରମାକାନ୍ତ ଖୁଣ୍ଟିଆ ଧାରଣାର ନେତୃତ୍ୱ ନେଇଥିଲେ। ଭାଜପା ମହିଳା ନେତ୍ରୀ ସୀମନ୍ତିନୀ ଜେନା ଓ ରାଜ୍ୟପରିଷଦ ସଭ୍ୟ ଉଦୟନାଥ ସାହୁ ଯୋଗ ଦେଇଥିଲେ। ୨୦୦୬ରୁ ଜଙ୍ଗଲ ଅଧିକାରୀ ଆଇନ ଲାଗୁ ହୋଇଥିଲେ ମଧ୍ୟ ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିମ ଅଧିବାସୀଙ୍କୁ ଅଦ୍ୟାବଧି ଜମିପଟ୍ଟା ପ୍ରଦାନ କରାଯାଇନାହିଁ। ସେହିପରି ରାଜସ୍ୱ ଆଇନ୍ ବଳରେ ବସୁନ୍ଧରା କିମ୍ବା ମୋ ଘର ମୋ ଡିହ ଯୋଜନାରେ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇ ନ ଥିବାରୁ ଶତାଧିକ ପରିବାର ଭୂମିହୀନ ହୋଇ ରହିଆସୁଛନ୍ତି। କିଶୋର ବାରିକ, ପ୍ରଦ୍ୟୁମ୍ନ ଓଝା, ଅମିତ ମହାନ୍ତି, ନାରାୟଣ ସାମଲ, ସ୍ୱପ୍ନାରାଣୀ ସ୍ୱାଇଁ, ନିରଞ୍ଜନ ମହାନ୍ତି ପ୍ରମୁଖ ଧାରଣାରେ ସାମିଲ ଥିଲେ। ଅତିରିକ୍ତ ତହସିଲଦାର ରତ୍ନାକର ନାୟକ, ଡାଳିଯୋଡ଼ା ବନଖଣ୍ଡ ଅଧିକାରୀ ମନୋରଞ୍ଜନ ସ୍ୱାଇଁ ଧାରଣା ସ୍ଥଳରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ଗ୍ରହଣ କରିଥିଲେ।



ସ୍ଥାନୀୟ ଅଧିବାସୀ ଓ ଭାଜପା ପକ୍ଷରୁ ଗଣଧାରଣା ।


DSPL-231



ଓଡ଼ିଶା ଶାସନ

## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

**ପ୍ରଦୀପ ମହାରଥୀ**
**ମାନ୍ୟବର ମନ୍ତ୍ରୀ**
**ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ,**
**ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା**

06014/13/0021/1819



"ଗେରୁଆ ବସ୍ତ୍ର ପିନ୍ଧି, ମୁଣ୍ଡ ଲଣ୍ଡା କରି କେହି ସନ୍ନ୍ୟାସୀ ହୋଇଯାଏ ନାହିଁ। ଯେଉଁ ବ୍ୟକ୍ତି ସକଳ କାମନା ପରିତ୍ୟାଗ କରି ପାରିଛି ସେ ହିଁ କେବଳ ସନ୍ନ୍ୟାସୀ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଚଟୁମାରୀ-ବନ୍ଧମୁଣ୍ଡା ସେତୁର ଭିତ୍ତିପ୍ରସ୍ତର

ବିରଜାକ୍ଷେତ୍ର/ବରୀ,୯।୧୧ (ଡି.ଏନ୍.ଏ/ସ୍ୱ.ପ୍ର.): ଯାଜପୁର ବ୍ଲକ ବଡ଼ସୁଆର ପଞ୍ଚାୟତ ବନ୍ଧମୁଣ୍ଡାଠାରେ ଚଟୁମାରୀ- ବନ୍ଧମୁଣ୍ଡା ସେତୁ ନିର୍ମାଣ ପାଇଁ ସେତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ବର୍ଷ ତଳୁ ଦାବି ହୋଇଆସୁଥିଲା। ଏହି ଦାବି ଶୁକ୍ରବାର ପୂରଣ ହୋଇଛି। ବରୀ ବିଧାୟକ ଦେବାଶିଷ ନାୟକ ଶୁକ୍ରବାର ଅପରାହ୍ନରେ ଖରସ୍ରୋତା ନଦୀ ଉପରେ ଚଟୁମାରୀଠାରୁ ବନ୍ଧମୁଣ୍ଡା ପର୍ଯ୍ୟନ୍ତ ଏକ ସେତୁର ଭିତ୍ତିପ୍ରସ୍ତର ୨୪କୋଟି ୯୪ଲକ୍ଷ ଟଙ୍କା ବ୍ୟୟରେ କରିଛନ୍ତି। ଏହି ସେତୁ ନିର୍ମାଣ ହେଲେ ଦୀପାଞ୍ଚଳବାସୀ ଯାଜପୁର ସଦର ମହକୁମା ସହିତ ଗମନାଗମନର ସଂଯୋଗ ସ୍ଥାପନ ହୋଇପାରିବ। ଯଦ୍ୱାରା ଦୀପାଞ୍ଚଳବାସୀ ସ୍ୱାସ୍ଥ୍ୟସେବା ଓ ପ୍ରଶାସନିକ ସୁବିଧା ପାଇ ପାରିବେ ବୋଲି ବିଧାୟକ ନାୟକ ଅନୁଷ୍ଠିତ ଜନସଭାରେ ପ୍ରକାଶ କରିଥିଲେ। ବରୀ ବ୍ଲକ୍ ସହିତ ଦୀପାଞ୍ଚଳବାସୀଙ୍କ ଗମନାଗମନର ସୁବିଧା କରିବା ପାଇଁ ତନ୍ତୀଘାଇ ନଦୀ ଉପରେ ଖୁବ୍ ଶୀଘ୍ର ଅନ୍ୟ ଏକ ସେତୁ ନିର୍ମାଣ କରାଯିବ ବୋଲି ନାୟକ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମନୋରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭିତ୍ତିପ୍ରସ୍ତର ଉତ୍ସବରେ ଯାଜପୁର ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ ନାୟକ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ତାରାପ୍ରସାଦ ମିଶ୍ର, ବରୀ ବିଧାୟକଙ୍କ ପ୍ରତିନିଧି ସେକ୍ ସଫିଉଦ୍ଦିନ, ଗଣେଶ ମହାକୁଳ, ଭାରତୀ ବେହେରା, ସତ୍ୟଜିତ୍ ପରିଡ଼ା, ଧନେଶ୍ୱର ସାହୁ, ଉତ୍କଳ ଦାସ, ମହେନ୍ଦ୍ର ମିଶ୍ର, ବିକ୍ରମ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେତୁ ନିର୍ମାଣ ଦାୟିତ୍ୱ ଠିକାଦାର ଉପେନ୍ଦ୍ର ପାତ୍ରଙ୍କୁ ଦିଆଯାଇଛି। ଦୁଇ ବର୍ଷ ମଧ୍ୟରେ ଏହି ସେତୁର ନିର୍ମାଣ କାର୍ଯ୍ୟ ସରିବ ବୋଲି ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

### ମା' କାଳୀ ପୀଠରେ କବିତା ପାଠୋତ୍ସବ

ରସୁଲପୁର,୯।୧୧(ଡିଏନଏ): କୋରେଇ ବ୍ଲକ କତରାପୁର ଗାଁସ୍ଥିତ ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ଯୁଗଜ୍ୟୋତି ପକ୍ଷରୁ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଦକ୍ଷିଣେଶ୍ୱରୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ୨୩ତମ କବିତା ପାଠୋତ୍ସବ ସିଆରସିସି ପ୍ରତାପ ରୁଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁଗଜ୍ୟୋତି ପ୍ରତିଷ୍ଠାତା ଯୋଗାଚାର୍ଯ୍ୟ ବିଜୟ କୁମାର ଦାସ, ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସାହିତ୍ୟିକ କୁମରବର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାମଲ, ବୈଦ୍ୟନାଥ ସାହୁ ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ସଂକଟ ଉପୁଜୁଛି। ନିଜର ମାତୃଭାଷାର ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର ଅଭାବରୁ ଏଭଳି ସ୍ଥିତି ଉପୁଜୁଛି ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ପରମାନନ୍ଦ ଜ୍ୟୋତିଷ ସ୍ୱାଗତ ଭାଷଣ, ସ୍ମୃତିଲିପି ସମ୍ପାଦକ ଭୂବନମୋହନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦକ୍ଷିଣେଶ୍ୱରୀ ସାହିତ୍ୟ ସଂସଦର ସମ୍ପାଦକ ବିବରଣୀ ପାଠ କରିଥିଲେ। କବି ଚନ୍ଦ୍ରମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କବି ବ୍ରଜେଶ୍ୱରୀ ସିଂ, ଶରତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଅଧିଗ୍ରହଣ ଜମି ଅବ୍ୟବହୃତ, ଦୁର୍ଦ୍ଦିନରେ କ୍ଷତିଗ୍ରସ୍ତ

ଯାଜପୁର ଅଫିସ,୯।୧୧

ଯାଜପୁରର କଳିଙ୍ଗନଗରରେ ଶିଳ୍ପ ବିକାଶ ପାଇଁ ଜମି ଅଧିଗ୍ରହଣ କରାଯାଇଛି। କିନ୍ତୁ ବର୍ଷ ବର୍ଷ ଧରି ସେହି ଜମିକୁ ସମ୍ପୃକ୍ତ ଶିଳ୍ପ କମ୍ପାନୀ ବ୍ୟବହାର କରୁନାହିଁ । ଏଥିଯୋଗୁ ଜମି ହରାଉଥିବା ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଭଳି ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦକ୍ଷେପ ଗ୍ରହଣ କରିଛନ୍ତି । କୋଲ ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଲଫିଲ୍ଡ ଲିମିଟେଡ(ଏମସିଏଲ)ର ଅବ୍ୟବହୃତ ଜମିର ବିଜ୍ଞପ୍ତି ରଦ୍ଦ କରିବାକୁ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି। ତେବେ ଏମ୍‌ସିଏଲ୍ କ୍ଷେତ୍ରରେ ଏହା ଲାଗୁ ହୋଇଥିବାବେଳେ କଳିଙ୍ଗନଗର ମେସ୍କୋ କଳିଙ୍ଗ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉନାହିଁ। ଫଳରେ ଦୀର୍ଘ ୨୨ବର୍ଷ ହେଲା ଜମିହରାମାନେ ଥଇଥାନ ଓ ପୁନର୍ବାସ ପାଇଁ ଅପେକ୍ଷା କରିବାକୁ ବାଧ ହୋଇଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପୁନର୍ବାସ ଥଇଥାନ ନୀତି ଅନୁସାରେ ମଧ ଏହି ଜମିହରାମାନେ କୌଣସି ପ୍ରକାର ସୁବିଧା ସୁଯୋଗ ପାଇ ପାରିନାହାନ୍ତି। ମେସ୍କୋ ଗ୍ରୁପ ପରିଚାଳିତ ମେସ୍କୋ କଳିଙ୍ଗ ଷ୍ଟିଲ ଲିଃ ୧୯୯୬ ମସିହାରେ ପରିକଳ୍ପନା କରାଯାଇଥିଲା। ଯାଜପୁର ଜିଲା କଳିଙ୍ଗନଗର ବିଜୁ ପଟ୍ଟନାୟକ ମାର୍ଗ ଯଖପୁରା ଗ୍ରାମଠାରୁ ରାବଣା ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପ୍ରାୟ ୧୫୦୦ ଏକର ଜମି ଅଧିଗ୍ରହଣ କରି ସ୍ୱରାଜ ପାଲ ଏହାର ଭିତ୍ତିଭୂମି ସ୍ଥାପନ କରିଥିଲେ। ବାର୍ଷିକ ୭ ମେଟ୍ରିକ ଟନ ହଟରୋଲ୍ଡ କୋଏଲ, ୱାଏର ରଡ, ବାର ଓ ଲାଇଟ ସେକ୍ସନ ଉତ୍ପାଦନ ହେବ ବୋଲି ମେସ୍କୋ ଗ୍ରୁପ ପ୍ରତିଶ୍ରୁତି ଦେଇଥିଲା। ଦାନଗଦି ତହସିଲ ଅନ୍ତର୍ଗତ ରାବଣା ଓ ଯଖପୁରା ମୌଜାର ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ରୟତ ଜମି ଏଥିରେ ଅଧିଗ୍ରହଣ ହୋଇଥିଲା। ଏହି ଜମି ମେସ୍କୋ କଳିଙ୍ଗ ଷ୍ଟିଲ ପ୍ରତିଷ୍ଠା ହେବାକୁ ଥିବାରୁ ସମ୍ପୃକ୍ତ ଅନୁସୂଚିତ ଜାତି ଓ ଜନଜାତି ରୟତଙ୍କୁ କାରଖାନାରେ ନିଯୁକ୍ତିର ପ୍ରଲୋଭନ

**ମେସ୍କୋ କଳିଙ୍ଗ**



- ବ୍ୟବହାର ହୋଇନି ୧୨୦୦ ଏକର ଜମି
- ନିଯୁକ୍ତି ଅପେକ୍ଷାରେ ଜମିହରା ପରିବାର
- ଜମିର ବିଜ୍ଞପ୍ତି ରଦ୍ଦ ଦାବି

ଦିଆଯାଇଥିଲା। ପରବର୍ତ୍ତି ସମୟରେ ସେଠାରେ ମେସ୍କୋ କଳିଙ୍ଗ ଷ୍ଟିଲ କାରଖାନା ପ୍ରତିଷ୍ଠା ହେଲା ନାହିଁ ବରଂ ମାନପୁର ଗୋବିନ୍ଦପୁରଠାରେ ମେସ୍କୋ ଷ୍ଟିଲ କାରଖାନା ଠିଆ ହେଲା। କ୍ଷତିଗ୍ରସ୍ତ ଚାଷୀ ଏକର ପିଛା ମାତ୍ର ୩୭ହଜାର ଟଙ୍କା କ୍ଷତିପୂରଣ ପାଇଥିଲେ। ହେଲେ କ୍ଷତିଗ୍ରସ୍ତ ପରିବାରଙ୍କୁ ଚାକିରିଟିଏ ମିଳିଲା ନାହିଁ। ମେସ୍କୋ ଷ୍ଟିଲ କଳିଙ୍ଗନଗରରେ ପ୍ରଥମ ଘରୋଇ ଶିଳ୍ପସଂସ୍ଥା ଭାବେ ପାଦ ଥାପିଥିଲା। ୧୯୯୬ ଅଗଷ୍ଟରେ ମେସ୍କୋ ଉତ୍ପାଦନକ୍ଷମ ହେଲା ବୋଲି ଘୋଷଣା କରି ଯୋଡା ଖଣି ମଣ୍ଡଳରେ ଦୁଇଟି ଖଣି ମଧ ହାତେଇ ନେଇଛି। ଏହି ଖଣିରୁ ବାର୍ଷିକ କୋଟି କୋଟି ଟଙ୍କା ମେସ୍କୋ ଗ୍ରୁପ ଲାଭବାନ ହେଉଛି। ହେଲେ ମେସ୍କୋ କଳିଙ୍ଗ ଶିଳ୍ପ ନାମରେ ଯାଇଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରୁ କେତେଜଣ ଚାକିରିକୁ ଅପେକ୍ଷା କରି ମରିହଜି ଗଲେଣି । ମେସ୍କୋ କଳିଙ୍ଗ ନାମରେ ଥିବା ଜମିରୁ ୩୦୦ ଏକର ଜିନ୍ଦଲ ଷ୍ଟେନଲେସ ଷ୍ଟିଲକୁ ଦିଆଯାଇଥିବା ସୂଚନା ମିଳିଛି । ବାକି ଜମି ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ବିଚରାଧିନ ରହିଛି ବୋଲି ଇଡକୋ ପକ୍ଷରୁ କୁହାଯାଇଛି। ଏହାବାଦ ଗୋବରଘାଟି ନିକଟରେ ୩ବର୍ଷ ପୂର୍ବରୁ ଉତ୍ତମ ଗାଲଭା କମ୍ପାନୀକୁ ୩୭୦ ଏକର ଜମି ଲିଜ ସୂତ୍ରରେ ଦିଆଯାଇଛି। ଏହି କମ୍ପାନୀ ମଧ ଏକ ମିନି ଷ୍ଟିଲ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି । ହେଲେ ଜମି ମାଡିବସି କିଛି ପଦକ୍ଷେପ ଗ୍ରହଣ କରୁନାହିଁ । ଏହିପରି ଭାବରେ କଳିଙ୍ଗନଗର ଶିଳ୍ପାଞ୍ଚଳର ସିଂହଭାଗ ଜମି ମେସ୍କୋ ଗ୍ରୁପ ଅଧିନରେ ରହିଥିବାରୁ ଅନ୍ୟ ଆଗ୍ରହୀ କମ୍ପାନୀଗୁଡିକ ପାଇଁ ବାଟ ବନ୍ଦ ହୋଇଯାଇଛି । ଆଉ ୨ଦିନ ପରେ ଭୁବନେଶ୍ୱରରେ ମେକ ଇନ ଓଡିଶା କନକ୍ଲେଭ ଆରମ୍ଭ ହେବାକୁ ଯାଉଛି । ଏଥିରେ ବିଶ୍ୱର ବିଭିନ୍ନ କମ୍ପାନୀ ନିବେଶ କରିବାକୁ ଆଗ୍ରହୀ ଥିବା ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଭଳିସ୍ଥିତିରେ ଜମି ମାଡି ବସି ବ୍ୟବହାର କରୁ ନଥବା ଜମିର ବିଜ୍ଞପ୍ତି ରଦ୍ଦ କରି ନୂତନ ଶିଳ୍ପ କମ୍ପାନୀକୁ ଜମି ଯୋଗାଇ ଦେଲେ କଳିଙ୍ଗନଗର ଶିଳ୍ପର ବିକାଶ ହୋଇ ପାରନ୍ତା ବୋଲି ମତପ୍ରକାଶ ପାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କଳିଙ୍ଗନଗରରେ ଜମି ଅଭାବ ପାଇଁ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରିଜରେ ଆବେଦନ କରିଥିବା ୩୦ରୁ ଊର୍ଦ୍ଧ୍ୱ ଛୋଟବଡ କମ୍ପାନୀକୁ ଜମି ଯୋଗାଇ ଦିଆଯାଇ ପାରିନାହିଁ ବୋଲି ଜଣାପଡିଛି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଆବେଦନ କରିଥିବା କମ୍ପାନୀମାନଙ୍କୁ ଜମି ଯୋଗାଇ ଦେବାକୁ ଜିଲା ପ୍ରଶାସନ ତତ୍ପର ରହିଛି । ତେବେ ମେସ୍କୋ କଳିଙ୍ଗକୁ ଅଧିଗୃହୀତ ଜମିର କିପରି ସଦ ବିନିଯୋଗ ହେବ ସେ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି।

## ■ ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ
# 'ଯୁବବର୍ଗ ଅଫୁରନ୍ତ ଶକ୍ତିର ଉତ୍ସ'

ଯାଜପୁର ଅଫିସ,୯।୧୧

ଯୁବ ପ୍ରତିଭାର ଉନ୍ମେଷ ଓ ଉପଯୋଗ ରାଷ୍ଟ୍ରକୁସମୃଦ୍ଧ କରିଥାଏ। ଯୁବବର୍ଗ ଅଫୁରନ୍ତ ଶକ୍ତିର ଉତ୍ସ। ଜିଲା ପ୍ରଶାସନ, କ୍ରୀଡା ବିଭାଗ ପକ୍ଷରୁ ଶୁକ୍ରବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଯୁବ ଉତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ରାଜ୍ୟ, ଦେଶ ପାଇଁ ଯୁବ ବର୍ଗ ବିପୁଳ ସମ୍ବଳ। ଏହାର ସଠିକ ଉପଯୋଗ ଓ ଯୁବ ବର୍ଗର ସଠିକ ମାର୍ଗ ଦର୍ଶନ ଦେଶର ଟେକ ରଖିବ। ଦୃତି ଚାନ୍ଦ, ସରସ୍ୱତୀ ଚାନ୍ଦ, ସ୍ୱାଗତିକା, ଭାଲେନା ଭାଲେଣ୍ଟିନା ପ୍ରମୁଖ ଯୁବ ପ୍ରତିଯୋଗୀ ଆଜି ବିଶ୍ୱରେ ଆଦୃତ ଓ ଅନୁକରଣୀୟ ବୋଲି ସେ କହିଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଯୁବବର୍ଗ ମଧ୍ୟରେ ଥିବା ବିପୁଳ ସମ୍ଭାବନା ଓ ସମ୍ବଳର ଯଦି ଉପଯୁକ୍ତ ବିନିଯୋଗ କରାଯିବ ତେବେ ସମ୍ପୃକ୍ତ ଦେଶ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ପିଲାଙ୍କୁ ଚାପଗ୍ରସ୍ତ ନ କରାଇ ତାଙ୍କ ଆଗ୍ରହ ଅନୁସାରେ ପ୍ରତିଭାର ପରିପ୍ରକାଶ ପାଇଁ ଅଭିଭାବକମାନେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରି ଯୁବବର୍ଗ ନିଜର ଶ୍ରେଷ୍ଠ ପ୍ରଦର୍ଶନ ପ୍ରଦାନ ପାଇଁ ସମସ୍ତ କ୍ଷେତ୍ରରେ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା, ଅତିଥି ପରିଚୟ ପ୍ରଦାନ କରିଥିଲେ । ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଜିଲାସ୍ତରର ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନେ ଯାଜପୁରରେ ନଭେମ୍ବର ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୨୪ତମ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଯୋଗଦେବା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ସୂଚନା ଦିଆଯାଇଛି।

### ଯାଜପୁର ପ୍ରେସ୍ ଫୋରମ୍‌ର ନୂତନ କର୍ମକର୍ତ୍ତା ନିର୍ବାଚିତ

ବିରଜାକ୍ଷେତ୍ର,୯।୧୧(ଡି.ଏନ୍.ଏ):

ଯାଜପୁର ଜିଲା ସଦର ମହକୁମାର କାର୍ଯ୍ୟରତ ଖବରଦାତାଙ୍କୁ ନେଇ ଗଠିତ 'ଯାଜପୁର ପ୍ରେସ୍ ଫୋରମ୍'ର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ମା' ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର ପ୍ରେସ୍ ଫୋରମ୍‌ର ସାଂଗଠନିକ ଆଲୋଚନା ହେବା ସହ ଆଗାମୀ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଓ ମନୋନୟ ପ୍ରକ୍ରିୟା ସମସ୍ତ ସଭ୍ୟଙ୍କର ସହମତି କ୍ରମେ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ଯାଜପୁର ପ୍ରେସ୍ ଫୋରମ୍‌ର ସଭାପତି ଭାବେ ଅଜୟ କୁମାର ରଣା, ଉପସଭାପତି ଭାବେ ରବୀନ୍ଦ୍ର କୁମାର ରାଉତରାୟ ଓ ପ୍ରଦୀପ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ଦେବୀ ପ୍ରସାଦ ପାଣି, ସମ୍ପାଦକ ଭାବେ ଭରତ କୁମାର ନାୟକ, ସଂଗଠନ ସମ୍ପାଦକ ଭାବେ ବିଶ୍ୱଜିତ୍ ରଣା, କୋଷାଧକ୍ଷ ଭାବେ ଶମ୍ଭୁନାଥ ରାଉତରାୟ, ଲିଗାଲ ଆଡ଼ଭାଇଜର ଭାବେ ଶିଶିର ରଞ୍ଜନ ମାନ୍ଧାତାଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଅହଲ୍ୟା ରଣା, ବିଜୟଲକ୍ଷ୍ମୀ ସାହୁ, ମହେଶ୍ୱର ସାହୁ ଓ ସୌଭାଗ୍ୟ ନାୟକଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଫୋରମ୍‌ର ଉପଦେଷ୍ଟା ଭାବେ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବରିଷ୍ଠ ଖବରଦାତା ପ୍ରଭାତ କୁମାର ରାଉତରାୟ ଓ ସନ୍ତୋଷ କୁମାର ମଲ୍ଲିକଙ୍କୁ ମନୋନିତ କରାଯାଇଥିଲା। ବୈଠକରେ ଆଗାମୀ ଦିନରେ ଯାଜପୁର ପ୍ରେସ୍ ଫୋରମ୍‌ର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ରଣା, କଳିଙ୍ଗ କେଶରୀ ମହାନ୍ତି, ମୀନକେତନ ସାହୁ, ଜୀବନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ବିମୁଦ୍ରୀକରଣ ବିରୋଧରେ କଂଗ୍ରେସ ପକ୍ଷରୁ ଦାବିପତ୍ର

ବିରଜାକ୍ଷେତ୍ର,୯।୧୧(ଡି.ଏନ୍.ଏ)

ବିମୁଦ୍ରୀକରଣ ପରେ ଭାରତର ଅର୍ଥନୀତି ବିଶେଷ ଭାବେ ପ୍ରଭାବିତ ହୋଇଥିବା କଂଗ୍ରେସ ଅଭିଯୋଗ କରି ଦେଶବ୍ୟାପୀ ପ୍ରତିବାଦ ଚଳାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲା କଂଗ୍ରେସ କମିଟି ତରଫରୁ ମଧ ପ୍ରତିବାଦ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ଏକ କମିଟି ଯାଜପୁର ଉପଜିଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରିଥିଲେ। କଳାଧନ ଫେରାଇବା ଏବଂ ପ୍ରତ୍ୟେକ ଭାରତୀୟଙ୍କ ଆକାଉଣ୍ଟରେ ୧୫ଲକ୍ଷ ଟଙ୍କା ଜମା ହେବାର ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ମିଥ୍ୟା କଥା କହିଛନ୍ତି। ବିମୁଦ୍ରୀକରଣ ଯୋଗୁ କୋଟି କୋଟି ଜନସାଧାରଣ ଖରାରେ ବ୍ୟାଙ୍କ ସାମ୍ନାରେ ଲମ୍ୱାଧାଡ଼ିରେ ଛିଡ଼ା ହୋଇ କଷ୍ଟ ପାଇଥିଲେ ଏବଂ ଶତାଧିକ ଲୋକ ଏଥିରେ ମୃତ୍ୟୁବରଣ କରିଥିଲେ। କିନ୍ତୁ ଏହାର ସୁଫଳ ମିଳିବା ପରିବର୍ତ୍ତେ ଡିଜେଲ ଓ ପେଟ୍ରୋଲ ମହଙ୍ଗା ହେଲା। ଆମେରିକୀୟ ଡଲାର ତୁଳନା ଭାରତୀୟ ମୁଦ୍ରାର ସର୍ବୋଚ୍ଚ ଅବମୂଲ୍ୟାୟନ ହେଲା। ଏଥିନିମନ୍ତେ ପ୍ରଧାନମନ୍ତ୍ରୀ ମୋଦିଙ୍କର ଅପରିଣାମଦର୍ଶୀ ବିମୁଦ୍ରୀକରଣ ବିରୋଧରେ ଯାଜପୁରର ଉପଜିଲାପାଳଙ୍କୁ ସର୍ବଶ୍ରୀ ବଳଭଦ୍ର ଦାସ, ପୁଲିନ ପୁହାଣ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ହୃଷିକେଶ ପତି, ଦୀପ୍ତିରେଖା ମିଶ୍ର, ଆରତୀ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ରଞ୍ଜିତା ରାଉତ, ପୟୋଧର ରାୟ, ଦୁର୍ଯ୍ୟୋଧନ ବେହେରା, ପ୍ରତିମା କର, ଜଗବନ୍ଧୁ ଜେନା, ବେବି ପରଜିନ, ପ୍ରତିମା ସାହୁ, ଗଦାଧର ଦାସ ପ୍ରମୁଖ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# କାର୍ ଧକ୍କାରେ ୨ ଗୁରୁତର

ରସୁଲପୁର,୯।୧୧(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ବାରବାଟୀ ପଞ୍ଚାୟତର ଅନ୍ତର୍ଗତ ଦୁର୍ଗାଦେବୀ ମନ୍ଦିର ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ କାର ଧକ୍କାରେ ୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଗୁରୁତର ବ୍ୟକ୍ତି ଦ୍ୱୟ ଜେନାପୁର ଥାନା ଅନ୍ତର୍ଗତ ଅଣ୍ଟିଆ ପଞ୍ଚାୟତ ଶ୍ରୀଚନ୍ଦନପୁର ଗାଁର ନଟବର ସାମଲ(୫୫) ଓ ବିଦ୍ୟାଧର ସାମଲ(୬୫) ବୋଲି ଜଣାପଡିଛି । ଉଭୟଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଉଭୟ ଏକ ବାଇକ (ନଂ. ଓଡି୦୪ଏଫ୯୨୫୮)ରେ ଜାରକାରୁ କୁଆଖିଆ ଆଡକୁ ଯାଉଥିଲେ। ଏକ କାର (ନଂ. ଓଡି୦୬ଏ୧୪୧୪) ଉକ୍ତ ବାଇକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଦୁଇଜଣ ଘଟଣାସ୍ଥଳରେ ଛିଟିକି ପଡି ଗୁରୁତର ହୋଇଥିଲେ । ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାରକୁ ଜବତ କରି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି।

# ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା, ଗାଈ ଜୀବନ୍ତ ଦଗ୍ଧ

ବିଞ୍ଝାରପୁର,୯।୧୧(ଡି.ଏନ.ଏ): ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛଲୋ ପଞ୍ଚାୟତ ଧରମପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ବଖରା ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯିବା ସହ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ଗୁରୁବାର ବିଳମ୍ବିତ ରାତିରେ ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ଧରମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦାସ ଓ ସୁବାସ ଦାସଙ୍କ ଘରେ ଅଗ୍ନିକାଣ୍ଡ ଘଟି ୪ବଖରା ଘର ପୋଡ଼ି ଯାଇଛି। ଏହା ସହିତ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଗୋଟିଏ ବାଛୁରୀ ଅର୍ଦ୍ଧ ଦଗ୍ଧ ହୋଇଥିବା ଜଣାପଡିଛି। ଗୁହାଳରେ ମଶା ଘଉଡ଼ାଇବାକୁ ଦିଆଯାଇଥିବା ଧୂପରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ବିଞ୍ଝାରପୁର ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ଘର ସମେତ ଗାଈ ଜୀବନ୍ତ ଦଗ୍ଧ ହେଇସାରିଥିଲା। ଶୁକ୍ରବାର ପୂର୍ବାହ୍ନରେ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ ଓ ତହସିଲଦାର ଶୁଭ୍ରାବାଳା ବେହେରା ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ପ୍ରକାର ସରକାରୀ ସହୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଭାଜପା ପକ୍ଷରୁ ବଡ଼ଚଣା ବ୍ଲକ ଘେରାଉ

ଚଣ୍ଡିଖୋଲ,୯।୧୧(ଡି.ଏନ.ଏ.)

୧୦ ଦଫା ଦାବି ନେଇ ଶୁକ୍ରବାର ଭାଜପା ପକ୍ଷରୁ ବଡ଼ଚଣା ବ୍ଲକ ଘେରାଉ କରାଯାଇଛି। ଯାଜପୁର ଜିଲା ଭାଜପା ଉପସଭାପତି ଜ୍ଞାନରଞ୍ଜନ ସାହୁଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ମୁଖପାତ୍ର ଅମର ନାୟକ ଓ ଜିଲା ସଭାପତି ଗୌତମ ରାୟ ଯୋଗଦେଇ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ମତାମତ ନ ନେଇ ପ୍ରକଳ୍ପ ମଞ୍ଜୁର କରିବା, ବିଜୁ ଯୁବବାହିନୀ ଗଠନରେ ଜାତି, ଜନଜାତି ଓ ଦଳିତ ଯୁବତୀ ଯୁବକଙ୍କୁ ସାମିଲ ନ କରି ଦଳୀୟ ଭିତ୍ତିରେ ବିଜୁ ଯୁବବାହିନୀ ଗଠନ, ଦଳୀୟ ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନା ବଣ୍ଟନ ଏବଂ ରାଜ୍ୟ ସରକାରଙ୍କ ଦୁର୍ନୀତି ଉପରେ ଗର୍ଜନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା, ଜାତୀୟ ଖାଦ୍ୟ ସୁରକ୍ଷାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା, ମହିଳା ଓ ଶିଶୁ ବିକାଶ ଯୋଜନାରେ ଅନିୟମିତତା, ବିଧବା, ବାର୍ଦ୍ଧକ୍ୟ ଓ ବିକଳାଙ୍ଗଙ୍କୁ ଭତ୍ତା ପ୍ରଦାନ ନ କରିବା ଆଦି ଦାବି ସାମିଲ ଥିଲା। ଏଥିରେ ଯାଜପୁର ଜିଲା ମହିଳା ଉପ ସଭାନେତ୍ରୀ ଦେବଯାନୀ ପ୍ରଧାନ, ନିରଞ୍ଜନ ସାହୁ, ବିଚିତ୍ରା ନନ୍ଦ ମହାପାତ୍ର, ଅଶୋକ ସାମଲ, ସାରଦା ରାଉତ, ପାଣ୍ଡବ ଧଳ, ପ୍ରଦୀପ ଜେନା, ପ୍ରଦୀପ ସାମଲ, ନୃସିଂହ ନାରାୟଣ ହୋତା, ପୂର୍ଣ୍ଣିମା ମିଶ୍ର, ହରିଶଙ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଚଣ୍ଡିଖୋଲ ଛକସ୍ଥିତ ଦଳୀୟ କାର୍ଯ୍ୟାଳୟରୁ କର୍ମୀମାନେ ଅମର ନାୟକଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ଆସି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପ୍ରଦାନ କରାଯାଇଥିଲା। ସୋଲର ସରପଞ୍ଚ ନୀଳମଣି ରାଉତ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ତୁଟୁଛି ଆସ୍ଥା

ରସୁଲପୁର,୯।୧୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି। ଏହା ପଛରେ ଡାକ୍ତରୀ ପଦବୀ ଖାଲି ପଡିବାକୁ ମୁଖ୍ୟ କାରଣ ବୋଲି ଧରାଯାଉଛି। ଗୋଟିଏ ପରେ ଗୋଟିଏ ପଦବୀ ଖାଲିପଡୁଛି। ହେଲେ ନୂଆ ଡାକ୍ତର ନିଯୁକ୍ତିକୁ ନେଇ ବିଭାଗ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଉ ନାହିଁ। ଅକ୍ଟୋବର ୩୧ରେ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦୀପକ ଦାସ କାର୍ଯ୍ୟରୁ ଅବସର ନେଇଥିଲେ। ଏହା ମଧ୍ୟରେ ୧୦ଦିନ ବିତିଲାଣି। ଉକ୍ତ ପଦବୀ ପୂରଣ ହେଉନାହିଁ। ବଦଳରେ ଜଣେ ଜୁନିଅର ଡାକ୍ତରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ଏହାଦ୍ୱାରା ଡାକ୍ତରଖାନାରେ ରୋଗୀ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯିବା ଭଳି ପରିସ୍ଥିତି ଉପୁଜିଛି । ଏହାଛଡା ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାନୀୟ ଅଞ୍ଚଳର କେତେକ ଔଷଧ ବ୍ୟବସାୟୀ ଓ ରାଜନୈତିକ ବ୍ୟକ୍ତିଙ୍କ ପ୍ରଭାବ ଯୋଗୁ ଭଲ ଡାକ୍ତରଙ୍କୁ ନିଯୁକ୍ତି ମିଳୁ ନ ଥିବା ଚର୍ଚ୍ଚା ହେଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କ୍ଷମତା ଅନୁଯାୟୀ ଜଣେ ବରିଷ୍ଠ ଡାକ୍ତରଙ୍କୁ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଏହାଛଡା ଜଣେ ଲେଖାଏ ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର, ୬ଜଣ ସହଯୋଗୀ ସର୍ଜନ ଓ ୭ଜଣ ଫାର୍ମାଶିଷ୍ଟଙ୍କୁ ନିଯୁକ୍ତି ଦିଆଯିବାର ବିଧି ରହିଛି। ଏଠାରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ବିଶ୍ୱରଞ୍ଜନ କରଙ୍କୁ ଛାଡିଦେଲେ ଆଉ ସବୁ ପଦବୀ ଖାଲି ପଡିଛି । ଏସବୁ ପଦବୀ ବଦଳରେ ଜଣେ କାମଚଳା ଜୁନିଅର ଡାକ୍ତର ସୁବାସ ପଣ୍ଡା ରୋଗୀ ଚିକିତ୍ସା ଭାର ସମ୍ଭାଳୁଛନ୍ତି। ତାହା ପୁଣି ରୋଗୀ ଦେଖା ପାଳିରେ ଚାଲୁଛି। କେହି ଜଣେ ହେଲେ ଡାକ୍ତର ସ୍ଥାୟୀ ଭାବେ ଡାକ୍ତରଖାନା ପରିସରରେ ରହୁନାହାନ୍ତି। ଡାକ୍ତର ଦାସଙ୍କ ଅବସର ପରେ ଡାକ୍ତର କରଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଦୈନିକ ଡାକ୍ତରଖାନାକୁ ଆସୁଥିବା ଶତାଧିକ ରୋଗୀଙ୍କ ଚିକିତ୍ସା କେମିତି ଚାଲିବ ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଏହିଭଳି ଅବ୍ୟବସ୍ଥା ଯୋଗୁ ଡାକ୍ତରଖାନା ଉପରୁ ଦିନକୁ ଦିନ ରୋଗୀଙ୍କ ଆସ୍ଥା ତୁଟିବାରେ ଲାଗିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି ।

**ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**




- ନାହାନ୍ତି ବରିଷ୍ଠ ଡାକ୍ତର
- ଜଣେ ଜୁନିୟର ଡାକ୍ତରଙ୍କ ଭରସାରେ ଚାଲିଛି ଡାକ୍ତରଖାନା
- ଲାବ ଟେକ୍ନିସିଆନ, ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲି

ଏହାଛଡା ଡାକ୍ତରଖାନାର ଭିତ୍ତିଭୂମିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରସବ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଜଣେ ହେଲେ ଗର୍ଭବତୀଙ୍କୁ ଡାକ୍ତରଖାନାରେ ରଖାଯାଇ ଚିକିତ୍ସା କରାଯାଉ ନାହିଁ। ଏହି ବିଭାଗର ଜଣେ ଡାକ୍ତର ଅଛନ୍ତି, ହେଲେ ବିପଦସଙ୍କୁଳ କୋଠା ଯୋଗୁ ଡାକ୍ତରଙ୍କ ସେବାରୁ ରୋଗୀ ବଞ୍ଚିତ ହେଉଛନ୍ତି। ଅନ୍ୟତ୍ର ଚିକିତ୍ସିତ ହୋଇ ଗରିବ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଡାକ୍ତରଖାନା ସ୍ଥାନାନ୍ତର ପାଇଁ ବହୁଦିନ ଧରି ନୂତନ କୋଠା ପ୍ରସ୍ତୁତ ହୋଇସାରିଛି। ସ୍ଥାନାନ୍ତରକୁ ନେଇ ବିବାଦ ଉପୁଜିଥିଲା। ଏ ନେଇ କୋର୍ଟରେ ମାମଲା ଚାଲିଥିଲା। ଏବେ ଏହି ମାମଲାରେ ଯବନିକା ପଡିଛି। ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁ ସ୍ଥାନାନ୍ତର କାର୍ଯ୍ୟ ସମ୍ଭବ ହୋଇପାରୁ ନାହିଁ। ନୂତନ କୋଠାକୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏ ନେଇ ବିଦ୍ୟୁତ ବିଭାଗରେ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ଥିବାରୁ ବିଦ୍ୟୁତ ସଂଯୋଗ ହୋଇପାରୁ ନାହିଁ। ଏହାପରେ ବି ଡାକ୍ତରଖାନାରେ ଜଣେ ଲ୍ୟାବ ଟେକନସିଆନ, ୬ଜଣ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡିଛି। କାର୍ଯ୍ୟାଳୟ ସହାୟକ ପଦବୀ ବି ଶୂନ। ଏଭଳି ସ୍ଥିତିରେ ଡାକ୍ତରଖାନରେ ବହିର୍ବିଭାଗ ରୋଗୀଙ୍କୁ ଛାଡିଦେଲେ, ଜଣେ ହେଲେ ରୋଗୀଙ୍କୁ ଅନ୍ତର୍ବିଭାଗରେ ରଖାଯାଇ ଚିକିତ୍ସା କରାଯାଉ ନାହିଁ। ନିରାମୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରୋଗୀଙ୍କ ପାଇଁ ସାତସପନ ପାଲଟିଛି। ନାହିଁ ନାହିଁରେ ଡାକ୍ତରଖାନା ଚାଲିଥିବା ବେଳେ ଏଥିପ୍ରତି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।


PLEDGE 'PLASTIC-FREE' ODISHA
Ratikant Mohapatra
Odissi Artiste
#PlasticFreeOdisha
ଧରିତ୍ରୀ DHARITRI TEAM

## ସଂକ୍ଷେପରେ

### ସତ୍ୟସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଦଶପଲ୍ଲା,୯।୧୧(ଡି.ଏନ.ଏ.): ଦଶପଲ୍ଲା ଦୁର୍ଗାବଜାର କଲୋନୀ ପରିସରରେ ଶୁକ୍ରବାର ଶ୍ରୀ ସତ୍ୟସାଇ ବାବାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ କରାଯିବା ସହ ନଗର ପରିଭ୍ରମଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତିନିଦିନ ବ୍ୟାପୀ ନାମ ସଂକୀର୍ତ୍ତନ ଚାଲିବା ସହ ଶନିବାରଠାରୁ ବିଶ୍ୱ ଅଖଣ୍ଡ ଭଜନ ସମାରୋହ ଆୟୋଜିତ ହୋଇଛି। ଦଶପଲ୍ଲା ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତାରୂପେ ପଞ୍ଚାନନ ସାହୁ, ରଙ୍କନିଧି ସାହୁ ଏବଂ ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ଜିଲା ଯୁବ ସଂଯୋଜକ ପ୍ରଦୀପ ଦେହୁରୀ ଯୋଗ ଦେଇଥିଲେ। ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

### କାଳୀମେଢ଼ ଭସାଣି

ବୋଲଗଡ଼,୯।୧୧(ଡି.ଏନ.ଏ.): ବୋଲଗଡ଼ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥବା ମା'ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ରାଜସୁନାଖଳା ତ୍ରିନାଥ ବଜାର ବଣିକ ସଂଘ ପକ୍ଷରୁ ଆୟୋଜିତ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ଭସାଣି ଉତ୍ସବ ଆଡ଼ମ୍ବରରେ ସମାପନ ହୋଇଛି। ସେହିପରି ବୋଲଗଡ଼ ଗଣେଶ ବଜାରଠାରେ ଅନୁଷ୍ଠିତ ହୋଇଥିବା ସାର୍ବଜନୀନ କାଳୀ ମେଢ଼, ପିଚୁକୁଲି ବଜାରଠାରେ ପୂଜା ପାଉଥିବା ମା'ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପାଇଁ ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି।



# କୃତ୍ରିମ ହାତ ସହାୟତା ଅପେକ୍ଷାରେ ରଜତ

■ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ବଡ଼କୁଟୁଣୀ ଗ୍ରାମ
■ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଡାହାଣ ହାତ ହରାଇଛନ୍ତି ଛାତ୍ର
■ବାମ ହାତରେ ଲେଖୁଛନ୍ତି ରଜତ

ନୟାଗଡ଼ ଅଫିସ, ୯।୧୧

ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଜଣେ ଛାତ୍ର ତାଙ୍କ ଡାହାଣ ହାତ ହରାଇଛନ୍ତି । ଏଥିନେଇ ସେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ପାଠପଢା ପ୍ରତି ଥିବା ତାଙ୍କ ଭଲପାଇବାକୁ ସେ ଜାହିର ରଖିଛନ୍ତି। ବାମ ହାତରେ ଲେଖିବା ସହିତ ସ୍କୁଲ ଯାଇ ପାଠ ପଢୁଛନ୍ତି। ଭଲ ପାଠ ମଧ ପଢୁଛନ୍ତି ସେ। ଆଉ ବେଳେ ବେଳେ ମାଆଙ୍କ ପାଖରେ ଆସି କହୁଛନ୍ତି ମାଆ ମୋର କଣ ଆଉ ଡାହାଣ ହାତ ହେବନି। ଏହିଭଳି ଯନ୍ତ୍ରଣା ମଧ୍ୟରେ ରହି ଆଶାବାଦୀ ଥିବା ଛାତ୍ର ହେଲେ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତ ବଡ଼କୁଟୁଣୀ ଗ୍ରାମର ପ୍ରଫୁଲ୍ଲ କୁମାର ପରିଡ଼ାଙ୍କ ପୁଅ ରଜତ ପରିଡ଼ା (୧୩)। କୃତ୍ରିମ ଅଙ୍ଗ ସହାୟତା ଅପେକ୍ଷାରେ ଅଛନ୍ତି ରଜତ।

ପ୍ରକାଶ ଯେ, ପ୍ରଫୁଲ୍ଲଙ୍କ ଜାଗା ଉପରେ ୧୧ କେଭି ତାର ଯାଇଥିଲା। ସେଠାରେ ଘର କରିବା ପାଇଁ ସେ



ମା' ବାପାଙ୍କ ସହିତ ରଜତ ।

ଚାହିଁଲେ। ଏ ନେଇ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ। କିନ୍ତୁ ବିଦ୍ୟୁତ୍ ବିଭାଗ ନିଦାବିଷ୍ଟୁ ଭାବେ ରହିଲା। ବାରମ୍ବାର ସେମାନେ ତାରକୁ ହଟାଇବା ପାଇଁ କହିଥିଲେ ମଧ କେହି କର୍ଣ୍ଣପାତ କଲେ ନାହିଁ। ପରେ ବାଧ ହୋଇ ପ୍ରଫୁଲ୍ଲ ସେଠାରେ ଘର କଲେ। ୨୩ ଜୁଲାଇ ୨୦୧୬ରେ ସେହି ବାଟ ଦେଇ ଯାଉଥିବା ବୋଲବମ ଭକ୍ତଙ୍କୁ ଦେଖିବା ପାଇଁ ପଡ଼ିଶା ଘରର କୁନି ଝିଅଟିଏ ପାଖରେ ପଡ଼ିଥିବା ଲୁହା ରଡ଼ ନେଇ ଛାତ ଉପରକୁ ଯାଇଥିଲା। ଛାତ ଉପରେ ଲୁହା ରଡ଼ ବୁଲାଉଥିବା ବେଳେ ରଜତ ଯାଇ ଏହାକୁ ଛଡ଼ାଇବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଶର୍ଟସର୍କିଟ ହୋଇ ତାଙ୍କ ଡାହାଣ ହାତ ପୋଡି ଯିବା ସହ ବାମ ହାତ ଦେହ ସହିତ ଯୋଡ଼ି ହୋଇ ରହିଥିଲା। ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଦେହରୁ ବାମ ହାତକୁ ଅଲଗା କରାଯାଇଛି। ସବୁଦିନ ପାଇଁ ରଜତ ତାଙ୍କ ଡାହାଣ ହାତ ହରାଇଛନ୍ତି। ତେଣୁ ରଜତଙ୍କ ପରିବାର ଏକ କୃତ୍ରିମ ହାତ ଲଗାଇବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହି ଘଟଣା ପରେ ଘର ଉପରେ ଦେଇ ଯାଇଥିବା ୧୧ କେଭି ତାରରୁ ଲାଇନ୍ କଟାଯାଇଥିବା ବେଳେ ବର୍ତ୍ତମାନ ପୁଣି ଥରେ ଏହାକୁ ଚାଲୁ କରିବା ପାଇଁ ଯୋଜନା କରାଯାଉଥିବା ରଜତଙ୍କ ମାଆ ରେଣୁବାଳା ପ୍ରକାଶ କରିଛନ୍ତି। ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପ୍ରଶାସନ ତରଫରୁ ମିଳିଛି ମାତ୍ର ୩୦ ହଜାର ଟଙ୍କା। ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ରଜତଙ୍କ ପରିବାର, ତଥାପି କିଛି ସୁଫଳ ମିଳିନି। ବାପା ପ୍ରଫୁଲ୍ଲ କୁମାର ପରିଡ଼ା ଜଣେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ମାଆ ରେଣୁବାଳା ଜଣେ ଗୃହିଣୀ । ତେଣୁ ପୁଅ ପାଇଁ ସେମାନେ ଚିନ୍ତିତ । ଡାହାଣ ହାତ ହରାଇବାର ଦୁଇ ବର୍ଷ ହୋଇ ଯାଇଥିଲେ ମଧ ବିଦ୍ୟୁତ ବିଭାଗ ରଜତଙ୍କୁ ଦେଖା କରିଛି ନା ଦେଇଛି କିଛି ସହାୟତା। ବିଭାଗୀୟ କର୍ମକର୍ତ୍ତା ମଣିଷପଣିଆ ହରାଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇବା ପାଇଁ ସାଧାରଣରେ ଦାବି ହେଉଛି।

### ବାଘୁଆପଲ୍ଲୀ ସରପଞ୍ଚ ଉପନିର୍ବାଚନ ପାଇଁ ନାମାଙ୍କନ ଆରମ୍ଭ

ଭାପୁର,୯।୧୦(ଡି.ଏନ.ଏ.)

ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ସରପଞ୍ଚ ବଂଶୀଧର ମଲ୍ଲିକଙ୍କ ଅକାଳ ବିୟୋଗ ପରେ ଏହି ପଦବୀ ଖାଲି ପଡିଛି। ଏହି ପଦବୀ ପାଇଁ ଉପନିର୍ବାଚନ ହେବାକୁ ଥିବାବେଳେ ଏବେ ନାମାଙ୍କନ ଆରମ୍ଭ ହୋଇଛି। ଏହି ମାସ ୮, ୯ ଓ ୧୨ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆସନ୍ତା ୧୩ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ । ୧୬ ତାରିଖ ପୂର୍ବାହ୍ନ ୧୧ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଅପରାହ୍ନ ୩ଟା ସୁଦ୍ଧା ଚୂଡାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଆସନ୍ତା ମାସ ୬ ତାରିଖରେ ଉପନିର୍ବାଚନ ହେବ। ସକାଳ ୭ଟା ଠାରୁ ୧୨ଟା ମଧ୍ୟରେ ଭୋଟ ଦାନ ହେବ। ଏହି ଉପନିର୍ବାଚନ ପାଇଁ ବ୍ଲକରେ ପ୍ରାର୍ଥପତ୍ର ଦାଖଲ ଆରମ୍ଭ ହୋଇଛି। ୮ ତାରିଖରେ କୌଣସି ନାମାଙ୍କନ ଦାଖଲ ହୋଇ ନ ଥିବାବେଳେ ୯ ତାରିଖରେ ୪ ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେମାନେ ହେଲେ ବଳଦିଆନ୍ତ ଗାଁର ନବକିଶୋର ସାହୁ ଓ ରାମଚନ୍ଦ୍ର ସାହୁ। ଆଇଁସିଆଖୋଲ ଗ୍ରାମର ପ୍ରହ୍ଲାଦ ଜେନା ଓ ପୁରୁଷୋତ୍ତମପ୍ରସାଦ ଗ୍ରାମର କୁବେର ଦଳବେହେରା। ବ୍ଲକ ପଞ୍ଚାୟତ ଅଧିକାରୀ ଅବିନାଶ ପତିଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ଏବିଡିଓ ଅନ୍ତର୍ଯ୍ୟାମୀ ଦାଶଙ୍କ ଠାରୁ ପ୍ରକାଶ।

■ ପ୍ରମୁଖ ଶାସନ ସଚିବଙ୍କ ନୟାଗଡ଼ ଗସ୍ତ

# ସମୀକ୍ଷା ବୈଠକରେ ଅଧିକାରୀଙ୍କୁ ତାଗିଦ୍



ପ୍ରମୁଖ ଶାସନ ସଚିବ ସମୀକ୍ଷା କରୁଛନ୍ତି।

ନୟାଗଡ଼ ଅଫିସ,୯।୧୧

ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ର ଶୁକ୍ରବାର ନୟାଗଡ଼ ଜିଲା ଗସ୍ତ କରିଥିଲେ। ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ନିରାମୟ କେନ୍ଦ୍ର, ରାଜସୁନାଖଳାସ୍ଥିତ ମେଡ଼ିକାଲ୍ ପରିସର ବୁଲିଥିଲେ। ଏହା ପରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚଜି) କେନ୍ଦ୍ର ବୁଲିଥିଲେ। ଅପରାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ବିଭିନ୍ନ ବିଭାଗ ଉପରେ ସମୀକ୍ଷା କରିଥିଲେ । ଜଳସମ୍ପଦ, ଉଠାଜଳସେଚନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ। ଅଧିକାଂଶ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ତୁରନ୍ତ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ କରିବାକୁ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା. ଏନ୍. ତିରୁମାଲା ନାୟକ, ପିଡ଼ି ଅନାମ ଚରଣ ପାତ୍ର, ଏପିଡ଼ି ସନ୍ତୋଷୀ ସାହୁ ବୈଠକରେ ମଞ୍ଚାସୀନ ଥିଲେ। ସମୀକ୍ଷା ବୈଠକ ବେଳେ ଜଣେ ଖବରଦାତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଥିଲା। ଖବରଦାତା ଜଣଙ୍କ ଭିଡ଼ିଓ ଉତ୍ତୋଳନ କରୁଥିବାରୁ ଏପିଡ଼ି ଖବରଦାତାଙ୍କ ମୋବାଇଲ୍ ନେଇ ଦୃଶ୍ୟ ଡିଲିଟ କରି ଦେଇଥିଲେ। ପ୍ରଶାସନର ଏଭଳି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଶୁକ୍ରବାର ପ୍ରାଥମିକ ପର୍ଯ୍ୟାୟରେ ଜିଲାର ଖବରଦାତାମାନେ ଏ ନେଇ ଆଲୋଚନା କରି ଘଟଣାକୁ ନିନ୍ଦା କରିବା ସହ ଶନିବାର ଏକ ବୈଠକ କରାଯିବ ବୋଲି ସୂଚନା ମିଳିଛି।

# ବୋଲଗଡ଼ ପଞ୍ଚାୟତ ସମିତି ଅଧିବେଶନ

ବୋଲଗଡ଼,୯।୧୧(ଡି.ଏନ.ଏ.)

ବୋଲଗଡ଼ ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ ଶୁକ୍ରବାର ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମିତି ଅଧକ୍ଷ ଗୋପାଳ ଚରଣ ବେହେରା ଅଧକ୍ଷତା କରିଥିଲେ। ବିଡିଓ ମଧୁସୂଦନ ବେହେରା, ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଏମ୍‌ପି ପ୍ରତିନିଧି ପ୍ରମୋଦ କୁମାର ମହାପାତ୍ର, ତହସିଲଦାର ପ୍ରେମାଂଶୁ ଚାନ୍ଦ, ଏବିଡିଓ ରତିକାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ପଟ୍ଟନାୟକ, ତିଳୋତ୍ତମା ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ବିଶେଷ ଭାବେ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ପ୍ରତିଷ୍ଠା କରାଯିବା ନେଇ ବିଧାୟକ ବକ୍ତବ୍ୟ ରଖିଥିଲେ।

DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ପ୍ରଦୀପ ମହାରଥୀ
ମାନ୍ୟବର ମନ୍ତ୍ରୀ
ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ
କୃଷକ ସଶକ୍ତୀକରଣ,
ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା

06014/13/0021/1819

■ ୮୦ ଲିଟର ଦେଶୀମଦ ଓ ୨୨୨୫ ଲିଟର ପୋଚ ଜବତ

# ୨ ମହିଳାଙ୍କ ସମେତ ୩ ଜେଲ ଗଲେ

ରଣପୁର,୯।୧୧ (ସ୍ୱ.ପ୍ର.)

ରଣପୁର ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲରେ ଶୁକ୍ରବାର କଟକ ଓ ରଣପୁର ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ୮୦ ଲିଟର ଦେଶୀମଦ ସହିତ ୨୨୨୫ ଲିଟର ପୋଚ ଜବତ କରିଛନ୍ତି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ସୁରୁକାବାଡି ଗ୍ରାମର ମହିଳା ମଞ୍ଜୁ ମଣ୍ଡଳ(୩୭), କାକଲମା ଗ୍ରାମର ବାସନ୍ତୀ ସେଠୀ (୪୨), ଗୋପାଳପୁର ଗ୍ରାମର ବ୍ରଜକିଶୋର ସାହୁ (୪୫)ଙ୍କୁ ଗିରଫ କରାଯାଇଛି । ଅବକାରୀ କାର୍ଯ୍ୟାଳୟରେ ପୃଥକ୍ ଭାବେ ୪ଟି ମାମଲା ରୁଜୁ କରାଯାଇ ଗିରଫ ୩ ଅଭିଯୁକ୍ତଙ୍କୁ ରଣପୁର କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ରଣପୁର ବ୍ଲକର ବିଭିନ୍ନ ଗ୍ରାମ ଓ ଜଙ୍ଗଲରେ



ଜବତ ଦେଶୀ ମଦ ଓ ଗିରଫ ଅଭିଯୁକ୍ତ।

ଭାଟିକରି ବେପାରୀମାନେ ବେଆଇନ ଭାବେ ଦେଶୀମଦ ରାନ୍ଧିବା ପରେ ତାହାକୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରିଥାନ୍ତି। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି । ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ନୟାଗଡ଼ ଓ କଟକ ଅବକାରୀ ବିଭାଗ ଅଧିକାରୀ ସୁରୁକାବାଡି ପଞ୍ଚାୟତର ଦାମୋଦରପୁର, କାକଲମା, କାସନ୍ଦାର ବିଭିନ୍ନ ଜଙ୍ଗଲ ସହିତ ଗୋପାଳପୁର ଗ୍ରାମର ବ୍ରଜ କିଶୋରଙ୍କ ଘରେ ଚଢାଉ କରିଥିଲେ। ଏଥିରେ ନୟାଗଡ଼ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର କୁମାର ଜେନା, କଟକ ଅବକାରୀ ବିଭାଗ ସ୍ପେସିଆଲ୍ ସ୍କ୍ୱାଡ୍‌ର ଆଇଆଇସି ଜଗଦେବ ସାମଲ ଓ ସବ୍‌ଇନ୍ସପେକ୍ଟର ଶିବ ଚରଣ ଜେନା, ରଣପୁର ଅବକାରୀ ଅଧିକାରୀ କୁମାର ଚନ୍ଦ୍ର ପଟ୍ଟନାୟକ ଏବଂ ଷ୍ଟାଫ୍ ସାମିଲ ହୋଇଥିଲେ। ଚଢାଉ ସମୟରେ ଜଙ୍ଗଲ ଭିତରେ ଭାଟି କରି ଦେଶୀମଦ ରାନ୍ଧୁଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଘଟଣାସ୍ଥଳରୁ ଅନ୍ୟ ମଦ ବେପାରୀମାନେ ଫେରାର ହୋଇଯାଇଥିଲେ। ବିଭାଗୀୟ କର୍ମଚାରୀ ସେଠାରୁ ବ୍ଲାଡରରେ ରଖାଯାଇଥିବା ବିଷାକ୍ତ ଦେଶୀମଦ ଜବତ ସହିତ ୨୨୨୫ଲିଟର ପୋଚ ନଷ୍ଟ କରିଥିଲେ। ବିଭିନ୍ନ ହଣ୍ଡା, ହାଣ୍ଡି ଜବତ କରି ରଣପୁର ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ କଟକ ଅବକାରୀ ବିଭାଗ ତରଫରୁ ୨ ଓ ରଣପୁର ଅବକାରୀ କାର୍ଯ୍ୟାଳୟରେ ଆଉ ୨ଟି ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଦୁଇ ଦୁର୍ଘଟଣାରେ ୨ ମୃତ, ଜଣେ ଆହତ

ଆସିକା,୯।୧୧(ଡି.ଏନ୍.ଏ.)-ଆସିକା ଅଞ୍ଚଳରେ ଶୁକ୍ରବାର ୨ଟି ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଆସିକା-ଭଞ୍ଜନଗର ରାସ୍ତାର ବାଲିସିରା ଗ୍ରାମ ନିକଟରେ ଶୁକ୍ରବାର ସକାଳେ ରାସ୍ତା କଡରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେ ହେଲେ ଧରାକୋଟ ଥାନା ଓଲମ୍ବାର କେଶବ ନାହାକ। କୌଣସି ଅଜଣା ଗାଡି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ମଧ୍ୟାହ୍ନରେ ଆସିକା - ବାଲିପଦର ରାସ୍ତାର ଟିନିଶିଳ୍ପ ଅତିଥି ଭବନ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ମୋପେଡ୍ ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ବୁଗୁଡା ଗୁଣ୍ଡୁଣିଆ ସାହିର ମୃତ ମାଧୁରୀ ମହାରଣା ଓ ଆହତ ଗୋପାଳ କୃଷ୍ଣ ମହାରଣା। ଉଭୟେ ସ୍କୁଟି ଯୋଗେ ବୁଗୁଡାରୁ ଆସିକା ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ପୋଲିସ ଉଭୟ ଘଟଣାରେ ମୃତଦେହ ଜବତକରି ଆସିକା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରାଯାଇଛି।

### ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପୋଲସରା,୯।୧୧(ଡି.ଏନ.ଏ.)-ପୋଲସରା ବ୍ଲକ ବେଲଗାଁ ପଞ୍ଚାୟତସ୍ଥିତ ମନଶିଳା ଗ୍ରାମ ଖେଳ ପଡିଆରେ ଗୁରୁବର ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଧାୟକ ଖେଳର ଉପକାରିତା ଓ ରାଜ୍ୟ ସରକାର ଖେଳକୁଦ ପ୍ରତି ରୁଚି ରଖି ଖେଳାଳିମାନଙ୍କୁ ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ କରୁଥିବା କହିଥିଲେ। ସଭାପତି, ସମ୍ପାଦକ, କୋଷାଧକ୍ଷ ଓ ଆୟୋଜକଙ୍କ ସମେତ ବ୍ଲକ ଅଧକ୍ଷ ବଳରାମ ସେଠୀ, ବସନ୍ତ କରଣ, କାଳୁ ଚରଣ ଗୌଡ, ସୂର୍ଯ୍ୟ ନାରାୟଣ ପାଢ଼ୀ, ସନ୍ତୋଷ କୁମାର ବେହେରା, ବହୁ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

■ ଶାନ୍ତି ମହୋତ୍ସବ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

# ୮ ପ୍ଲାଟୁନ ଫୋର୍ସ, ୫୦ ଅଫିସର ମୁତୟନ

ଦାରିଙ୍ଗବାଡି,୯।୧୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ହିଲଭିୟୁ ପାର୍କ ସମ୍ମୁଖରେ ୨ଦିନ ଧରି ଶାନ୍ତି ମହୋତ୍ସବ ପାଳିତ ହେବ। ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ତଦାରଖ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେବା ସହ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏଏସ୍‌ପି ସଞ୍ଜୟ ରାଉତ, ଡିଏସ୍‌ପି ସୁନାରାମ ହେମ୍ବ୍ରମ୍, ଦାରିଙ୍ଗବାଡି ଆଇଆଇସି ଅଲେଖ ଗରଡିଆ, ଡିଆଇବି ଡିଏସ୍‌ପି ସୀତାକାନ୍ତ ଗନ୍ତାୟତ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ୨୦ଜଣ ବରିଷ୍ଠ ପୋଲିସ ଅଧିକାରୀ ଏବଂ ୩୦ ଜଣ ସବଇନ୍ସପେକ୍ଟର ଓ ଏଏସଆଇ ମିଶି ମୋଟ ୫୦ ଜଣ ପୋଲିସ ଅଧିକାରୀ ମୁତୟନ ହୋଇଛନ୍ତି। ସେହିପରି ୮ପ୍ଲାଟୁନ ଫୋର୍ସ, ୨ଶହ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଲକ୍ଷାଧିକ ଲୋକଙ୍କ ସମାଗମ ହେବାକୁ ଥିବାରୁ ଜିଲାପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇଛି।

ପ୍ରକାଶ ଯେ, ସିଏନ୍‌ଆଇ କନ୍ଧମାଳ ଧର୍ମ ପ୍ରଦେଶ ପକ୍ଷରୁ ବିଶପ ବିଜୟ କୁମାର ନାୟକ, ସମ୍ପାଦକ କ୍ଳେଶ ପ୍ରଧାନଙ୍କ ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମ କରାଯାଉଛି। ମୁଖ୍ୟବକ୍ତା ଭାବେ ଡ. ପଉଲ ଦିନାକରଣ, ସିଷ୍ଟର ଏଭେଞ୍ଜେଲିନା ପଉଲ ପ୍ରଭୁ ଯିଶୁଙ୍କ ବାଣୀ ଶୁଣାଇବା କାର୍ଯ୍ୟକ୍ରମ ରହିଛି। ଏହି ୨ବକ୍ତା ଶନିବାର ପୂର୍ବାହ୍ନ ୧୦ଟାରେ ହେଲିକପ୍‌ଟର ଯୋଗେ ଦାରିଙ୍ଗବାଡି ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଡବେରୀ ଠାରେ ଅସ୍ଥାୟୀ ହେଲିପ୍ୟାଡ କରାଯାଇଛି। ଉକ୍ତ ସ୍ଥଳକୁ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି, ଏସ୍‌ପି ସିଂ, ବାଲିଗୁଡା ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ବାହୁସାହେବ ପ୍ରମୁଖ ପହଞ୍ଚି ଯାଞ୍ଚ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ସିଏନ୍‌ଆଇର ମୋଡେରେଟର ପି.ସି. ସିଂ, ଡେପୁଟି ମୋଡେରେଟେର ପ୍ରେବାଲ କାନ୍ତ ଦତ୍ତ, ସାଧାରଣ ସମ୍ପାଦକ ଅଲୱାନ ମାସିସ୍, କୋଷାଧ୍ୟକ୍ଷ ଜୟନ୍ତ ଅଗ୍ରୱାଲ ପ୍ରମୁଖ ପହଞ୍ଚିବା କାର୍ଯ୍ୟକ୍ରମ ରହିଥିବା କନ୍ଧମାଳ ଜିଲା ସମ୍ପାଦକ ପ୍ରଧାନ କହିଛନ୍ତି। ସମସ୍ତ ଛକ ଏବଂ ରାସ୍ତା ଘାଟରେ ପାଟ୍ରୋଲିଂ କଡାକଡି କରାଯିବା ସହ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ଆଇଆଇସି ଗରଡିଆ କହିଛନ୍ତି।



ବରିଷ୍ଠ ପୋଲିସ ଅଧିକାରୀମାନେ ମହୋତ୍ସବ ସ୍ଥଳ ବୁଲି ଦେଖୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିଲେଇ ପଡ଼ିଲା ଅକଡ଼େ,**
**ମୂଷା ମାଇଲା ଚାପଡ଼େ।**

ଶତ୍ରୁତା ସାଧି ପାରୁ ନ ଥିବା ବ୍ୟକ୍ତି ଶତ୍ରୁର ଅସୁବିଧା ସମୟକୁ ନିଜର ସୁଯୋଗ ମନେ କରିଥାଏ। ତା' ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବହିଗଲା ପାଣି ଯାଉ ତେଣିକି,**
**ବନ୍ଧାଇଲା ପାଣି ରହୁ ଏଣିକି।**

ପାଣି ବା ଜଳ ସଦା ସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହି ଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଅସନ୍ତୁଷ୍ଟ ବିଜେଡି କର୍ମୀ ସମାବେଶ

# ଅନୁପସ୍ଥିତ ରହିଲେ ଅଧିକାଂଶ ନିର୍ବାଚିତ ଜନପ୍ରତିନିଧି

ଗଞ୍ଜାମ,୯।୧୧(ଡି.ଏନ.ଏ.)

ଗଞ୍ଜାମ ବଡବଜାର ପୁରୁଣା ପେଟ୍ରୋଲ ପମ୍ପଠାରେ ବିଜେଡିର ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କ ପକ୍ଷରୁ ବନ୍ଧୁମିଳନ, କର୍ମୀ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୌଣସି ନିର୍ବାଚିତ ଜନପ୍ରତିନିଧି ଯୋଗ ଦେଇ ନ ଥିବା ଦେଖିବାକୁ ମିଳିଥିଲା। ଯାହା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଖଲି ରେଡ୍ଡୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀ ଚରଣ ପାଢ଼ୀ, ସୁଧୀର କୁମାର ପାଢ଼ୀ, ଜଟିଆ ନାହାକ, ଭଗବାନ ବେହେରା, ମାର୍କଣ୍ଡ ବେହେରା, ସୁରେଶ ଦାସ, ମୁନ୍ନା ଦାସ, ନିବାସୀ ଗୌଡ, ପ୍ରବାସୀ ପ୍ରଧାନ, ଆୟୁବ ଖାନ, ସଦାଶିବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗଞ୍ଜାମ ଓ ଛତ୍ରପୁର ବ୍ଲକର ଏକମାତ୍ର ଜନ ପ୍ରତିନିଧି କଣମଣା ପଞ୍ଚାୟତ ସମିତିସଭ୍ୟା ରଶ୍ମିତା ବେହେରା ଏଥିରେ ଯୋଗ ଦେଇଥିଲେ। ଛତ୍ରପୁର ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନ ବିଜେଡିକୁ ପୁରୁଣା ବିଜେଡି ଓ ନୂଆ ବିଜେଡି କରି ଦଳକୁ ଭାଗ ଭାଗ କରୁଥିବା ଅସନ୍ତୁଷ୍ଟ କର୍ମୀମାନେ ଅଭିଯୋଗ ଆଣିଥିଲେ। ପୂର୍ବରୁ ଯୁବନେତା ବିମଳ ପଣ୍ଡାଙ୍କ ନେତୃତ୍ୱରେ ଏକ ବାଇକ୍ ରାଲିରେ ନେତା, କର୍ମୀ ସଭାସ୍ଥଳକୁ ଆସିଥିଲେ। ଅଭିଯୋଗ ସମ୍ପର୍କରେ ବିଧାୟକ ପ୍ରଧାନଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାବେଳେ ବ୍ଲକ ସମ୍ପାଦକ ଉମା ଚରଣ ଜେନା କିଛି ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଏପରି କରୁଛନ୍ତି, ଆଗାମୀ ଦିନରେ ଦଳ ହାଇକମାଣ୍ଡଙ୍କୁ ଏନେଇ ଅବଗତ କରାଯିବ ବୋଲି କହିଥିଲେ।



ସମାବେଶରେ ଉପସ୍ଥିତ ବିଜେଡି କର୍ମୀ।

### ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ବେଗୁନିଆପଡ଼ା,୯।୧୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକରେ ଶୁକ୍ରବାର ନୂତନ ବିଡିଓ ଅରୁଣ କୁମାର ମଲ୍ଲିକ ଯୋଗ ଦେଇଛନ୍ତି। ସେ କେନ୍ଦୁଝର ଜିଲାର ଯୋଡ଼ା ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଛତ୍ରପୁରରେ ପହଞ୍ଚି ଜିଲାପାଳଙ୍କୁ ଜଏନିଂ ରିପୋର୍ଟ ପ୍ରଦାନ ପରେ ବ୍ଲକ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ବିଡିଓ ପ୍ରଦୀପ କୁମାର ପଣ୍ଡା ଓ ବ୍ଲକ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ୧୧୪୫ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

କୃଷ୍ଣପ୍ରସାଦ,୯।୧୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ପ୍ରତି ଗରିବ ପରିବାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ଭାବେ ରାଶନ କାର୍ଡ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏ ଅବସରରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ର ୨୧ ଗ୍ରାମପଞ୍ଚାୟତ ମଧ୍ୟରୁ ୧୪ ଗ୍ରାମପଞ୍ଚାୟତସ୍ଥ ୧୧୪୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଛନ୍ତି। ଦେଉଳପଡ଼ା ସ୍ଥିତ କମଳେଶ୍ୱର ଦେବଙ୍କ ପଣାପଡ଼ିଆଠାରେ ଶୁକ୍ରବାର ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ ଓ ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ସୌଦାମିନୀ ମାନସିଂହ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ ଓ ଯୋଗାଣ ଅଧିକାରୀ ଦୈତାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଖାଉଟି ଯୋଗାଣ ବ୍ୟବସ୍ଥା, ହିତାଧିକାରୀ ଚୟନ ଆଦି ବ୍ୟବସ୍ଥା ସମ୍ପର୍କରେ ଅତିଥିମାନେ କହିଥିଲେ। ବ୍ଲକ୍ ସହକାରୀ ଯନ୍ତ୍ରୀ ଇଂ. ପ୍ରସନ୍ନ କୁମାର ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଯୋଗ୍ୟ ହିତାଧିକାରୀ ଯେପରି ବାଦ ନ ପଡ଼ନ୍ତି ସେଥିନିମନ୍ତେ ବିଶେଷ ଗୁରୁତ୍ୱ ଦେବା ସହ ସଚେତନ ହେବାକୁ ବିଧାୟକ ଦାସବର୍ମା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ସମିତି ସଭ୍ୟ ମନୋଜ କୁମାର ସାହୁ, ଗୋମୁଣ୍ଡିଆ ସରପଞ୍ଚ ସଞ୍ଜୁଲତା ଜେନା, ସମିତି ସଭ୍ୟ ବିଜୟ କୁମାର ତରେଇ, ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ ତରେଇ, ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଲା

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୯।୧୧(ଡି.ଏନ.ଏ)

ବିଭିନ୍ନ ଦାବି ନେଇ ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ପଞ୍ଚାୟତବାସୀ ଗୁରୁବାରଠାରୁ ଚଳାଇଥିବା ରାସ୍ତାରୋକା ଆନ୍ଦୋଳନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଅଞ୍ଚଳବାସୀ ଦ୍ୱିତୀୟ ଦିନ ଶୁକ୍ରବାର ସକାଳ ସାଢ଼େ ୫ଟାରୁ ଦାରିଙ୍ଗବାଡ଼ି -ବ୍ରାହ୍ମଣୀଗାଁ -ବ୍ରହ୍ମପୁର ରାସ୍ତାକୁ ମହାଗୁଡ଼ିଠାରେ ଅବରୋଧ କରିଥିଲେ। ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଞ୍ଚଳବାସୀ ପୂର୍ବରୁ ପ୍ରତାରିତ ହୋଇଥିବାରୁ ଅନିର୍ଦ୍ଦିଷ୍ଟକାଳ ଆନ୍ଦୋଳନ କରିବେ ବୋଲି ଜିଦ ଧରିଥିଲେ। ପରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ଉପାଧକ୍ଷ ରମାକାନ୍ତ ବଳିଆର ସିଂ, ଏମପିଙ୍କ ପ୍ରତିନିଧି ଦୀପକ କୁମାର ସାହୁ ପ୍ରମୁଖ ମହାଗୁଡ଼ି ଯାଇ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଆନ୍ଦୋଳନକାରୀମାନେ ଦାରିଙ୍ଗବାଡ଼ିକୁ ଆସିଥିଲେ। ସେଠାରେ ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ବାହୁସାହେବ, ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ବିଡିଓ ତ୍ରିଲୋଚନ ପାତ୍ରଙ୍କ ସହ ଆଲୋଚନା ହୋଇଥିଲା। ପ୍ରଶାସନ ସମସ୍ତ ଦାବିକୁ ମାନିନେଇ ଶୀଘ୍ର ରାସ୍ତା କାର୍ଯ୍ୟ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୯ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ବୋଲି ତାଜୁଙ୍ଗିଆ ଗ୍ରାମ୍ୟ ଉନ୍ନୟନ କମିଟିର ଉପସଭାପତି ଲିଓ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ତାଜୁଙ୍ଗିଆ ପଞ୍ଚାୟତ ଓ ସୋନପୁରବାସୀ ବିଭିନ୍ନ ଦାବି ନେଇ ମହାଗୁଡ଼ି ଠାରେ ପୂର୍ତ୍ତବିଭାଗ ରାସ୍ତା ଅବରୋଧ କରିଥିଲେ। ପୂର୍ତ୍ତ ବିଭାଗ ରାସ୍ତାର ମହାଗୁଡ଼ିଠାରୁ ତାଜୁଙ୍ଗିଆର କଲିଙ୍ଗି ଦେଇ କିଲିମେରା ପର୍ଯ୍ୟନ୍ତ ପ୍ରାୟ ୧୦ କିମି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରିବା, ଏହା ପଞ୍ଚାୟତ ସମିତିଅଧୀନରେ ରହିଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସ୍ଥାନାନ୍ତର କରିବା, ସୋନପୁର ପଞ୍ଚାୟତର ମୁରୁଡ଼ିପଙ୍କା ଦେଇ ତାଜୁଙ୍ଗିଆ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପ୍ରମୁଖ ଦାବି ରହିଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

ଅର୍ଶ (ମଳକଣ୍ଟକ) ଓ ଭଗନ୍ଦରର
ବିନା ଅପରେସନ୍‌ରେ ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ପାର୍ଶ୍ୱପ୍ରତିକ୍ରିୟାବିହୀନ ଔଷଧ ଦ୍ୱାରା ଓଜନ ବଢ଼ାନ୍ତୁ
ସବୁଦିନ କ୍ଲିନିକ୍ ଖୋଲାରହେ
Call Us
94371 38000
94371 36000
0674-2354577
0674-2354320
ଗୋପନରେ ମଦ, ହେରୋଇନ୍, ବ୍ରାଉନ୍‌ସୁଗାର, ସିଗାରେଟ୍, ଚରସ୍, ଗଞ୍ଜେଇ, ଭାଙ୍ଗ, ଅଫିମ, ଖୈନୀ, ଗୁଟ୍‌ଖା ଛଡାନ୍ତୁ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ!
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହାଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ।
ଆଡଭାନ୍ସ-୪୦ ଲକ୍ଷ + ଭଡା- ୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲଥ ଇନ୍ସୁରାନ୍ସ ଫ୍ରୀ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଫ୍ରେଣ୍ଡସ ଭଲିବଲ ଟୁର୍ନାମେଣ୍ଟ, ଧର୍ମପୁର ଚାମ୍ପିୟନ

ଦିଗପହଣ୍ଡି/ପାଟପୁର,୯।୧୧(ଡି.ଏନ.ଏ.)- ପାଟପୁର ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଫ୍ରେଣ୍ଡସ ଭଲିବଲ ଟୁର୍ନାମେଣ୍ଟରେ ଧର୍ମପୁର ଭଲିବଲ ଟିମ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପ୍ରତିପକ୍ଷ ଭୀଷ୍ମଗିରି ଭଲିବଲ୍ ଟିମ୍‌କୁ ୩-୨ ସେଟରେ ଧର୍ମପୁର ଭଲିବଲ ଟିମ ପରାଜିତ କରିଥିଲା। କ୍ରୀଡ଼ାବିତ ପ୍ରଶାନ୍ତ କୁମାର ପ୍ରଧାନ ମ୍ୟାଚ୍ ରେଫରି ଥିଲେ। ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ପୁରସ୍କାର ଅର୍ଥରାଶି ବଣ୍ଟନ କରିଥିଲେ। ସାନଖେମୁଣ୍ଡି ବ୍ଲକର ପୂର୍ବତନ ଅଧକ୍ଷ ଲକ୍ଷ୍ମୀଚରଣ ପାତ୍ର, ମୁକୁନ୍ଦ ବରାଡ଼, ନୀଳାଞ୍ଚଳ ପଣ୍ଡା, ଦୁର୍ଗାମାଧବ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ଜିତେନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ଖୁଣ୍ଟିଆ, ଅଜିତ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

**ଗୋପାଳପୁର,୯।୧୧:** ବିଶ୍ୱନାଥପୁର ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ଓ ଶାସନପଦର ସମିତିସଭ୍ୟା ଏବଂ କଂଗ୍ରେସର କେତେକ କର୍ମୀ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ବିଶ୍ୱନାଥପୁରରେ ଆୟୋଜିତ ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ଜିଲା ସଭାପତି ତଥା ବିଧାୟକ ଡ଼. ପ୍ରଦୀପ ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଗ୍ରାମରେ ଆୟୋଜିତ ସଭାରେ ବିଧାୟକ ପାଣିଗ୍ରାହୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ବିଶ୍ୱନାଥପୁର ସରପଞ୍ଚ ଶିବରାମ ସେଠୀ, ଶାସନପଦର ସମିତିସଭ୍ୟା ଗଙ୍ଗୋତ୍ରୀ ନାୟକ, ୱାର୍ଡମେମ୍ବର ଗୋପାଳ ସେଠୀ, ରଶ୍ମିତା ନାୟକ, ଗାୟତ୍ରୀ ନାୟକ, ଉଲ୍ଲାସ ଚନ୍ଦ୍ର ନାୟକ, ଏମ. ମାଧବ ରାଓ, କଂଗ୍ରେସ ନେତା ଶିବରାମ ମଲ୍ଲଣା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ନମିତା ସେଠୀ, ସଂଯୁକ୍ତା ନାୟକ, ପ୍ରତିମା ନାୟକ, ରୁନି ନାୟକ, କେ. ଭାଗ୍ୟଲକ୍ଷ୍ମୀ ଆଚାରୀ, ସିଏଚ୍ ଲକ୍ଷ୍ମୀ, ଗଙ୍ଗାଧର ମୁଳିଙ୍କ ସମେତ ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ମିଶିଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବ୍ଲକ ସଭାପତି ସିଏଚ ଭରତ ପାତ୍ର, ଜିଲା ସମ୍ପାଦକ ସିଏଚ ଡିଲେଶ୍ୱର ରେଡ୍ଡୀ, ବ୍ଲକ ଉପାଧକ୍ଷ ଅଜିତ ଦାଶ, ଏସ.ଶ୍ରୀନୁ ରେଡ୍ଡୀ, ସର୍ବେଶ୍ୱର ରାଓ, ସନ୍ତୋଷ ପ୍ରଧାନ ଓ ଅନ୍ୟ ବରିଷ୍ଠ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

## ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା

# କିସ୍ତି ପାଇ ଘର ବିକ୍ରି କରିସାରିଲେଣି ହିତାଧିକାରୀ

**ପୁରୀ ଅଫିସ, ୯।୧୧**

- ■ଆରମ୍ଭ ହୋଇନି ୯୬ ଘରର ନିର୍ମାଣ କାର୍ଯ୍ୟ
- ■ଆର୍ଥିକ ଦୁରବସ୍ଥା ଯୋଗୁ ଘର ନିର୍ମାଣ କରିପାରୁନାହାନ୍ତି
- ■ପୁରୀରେ ଓ୍ୟୁଏଚ୍‌ଏମ୍ ନିର୍ଦ୍ଦେଶକ
- ■୧୪,୬୧୨ ପରିବାରଙ୍କ ନାହିଁ ପକ୍କାଘର

ପୁରୀ ସହରରେ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର)। ଏହି ଯୋଜନାର ଅଗ୍ରଗତି ପୁରୀ ସହର ରାଜ୍ୟରେ ୨ନମ୍ବର ସ୍ଥାନରେ ରହିଛି। ମାତ୍ର କେତେକ ସମସ୍ୟା ଯୋଗୁ ଗୃହ ନିର୍ମାଣରେ ଅଗ୍ରଗତି ହୋଇପାରୁନାହିଁ। ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନର ନିର୍ଦ୍ଦେଶକ (ଓ୍ୟୁଏଚ୍‌ଏମ୍) ସୁରେଶ ଚନ୍ଦ୍ର ଦଳେଇ ଏବଂ ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଶୁକ୍ରବାର ପୁରୀ ଆସି ସ୍ଥାନୀୟ ସର୍କିଟ ହାଉସରେ ଗୃହ ନିର୍ମାଣ ଅଗ୍ରଗତିର ସମୀକ୍ଷା କରିଛନ୍ତି।

ପୁରୀ ସହରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୯୫ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୭୬ ଘର ଆସିଛି। ସମୁଦାୟ ୫୭୧ ଘର ମଧ୍ୟରୁ ୫୫୬ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୨୮୫ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୨୮ ଘର ନିଅଁ ଖୋଳାଯାଇଥିବା ବେଳେ ୩୯ଟି ଲିଣ୍ଟଲ ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ୪୦ ଘର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ୧୨୩ ଘର ଛାତ ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ୯୬ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଥିରୁ କେତେଜଣ ହିତାଧିକାରୀ ଆର୍ଥିକ ଦୁରବସ୍ଥା କାରଣରୁ ଘର ନିର୍ମାଣ କରିପାରୁ ନ ଥିବା ବୈଠକରେ ଆଲୋଚନା ହୋଇଛି। ବ୍ୟାଙ୍କ ସହ ସମନ୍ୱୟ ରଖି ହିତାଧିକାରୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ୧୫ ଜଣଙ୍କୁ ଏ ପର୍ଯ୍ୟନ୍ତ କାର୍ଯ୍ୟାଦେଶ ଦିଆଯାଇ ନ ଥିବାରୁ ନିର୍ଦ୍ଦେଶକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି କି ୯ ଜଣ ହିତାଧିକାରୀ ଜିଓ ଟ୍ୟାଗିଙ୍ଗ ପୂର୍ବରୁ ଗୃହ ନିର୍ମାଣ କରିଥିବାରୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣ ପାଇଁ ଦିଆଯାଉଥିବା ଅର୍ଥ ମିଳୁ ନ ଥିବା ବୈଠକରେ ଆଲୋଚନା ହୋଇଥିଲା। ଏପରି କି ଜଣେ ହିତାଧିକାରୀ ଏହି ଯୋଜନାରେ ୭୦ହଜାର ଟଙ୍କା ପ୍ରଥମ କିସ୍ତି ପାଇବା ପରେ ଘରକୁ ବିକ୍ରି କରି ଦେଇଥିବା ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ହିତାଧିକାରୀ ନେଇଥିବା ସରକାରୀ ଅର୍ଥ ଆଦାୟ କରିବାକୁ ନିର୍ଦ୍ଦେଶକ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ହିତାଧିକାରୀଙ୍କ କାର୍ଯ୍ୟାଦେଶ ପୌରସଂସ୍ଥା ନିକଟରେ ସମର୍ପଣ (ସରେଣ୍ଡର) କରିବାକୁ ଅନୁରୋଧ କରାଯିବ। ଯଦି ନ କରନ୍ତି ତେବେ ତାହା ରଦ୍ଦ କରାଯିବାକୁ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ପୁରୀ ସହରର କେତେ ପରିବାରଙ୍କ ପକ୍କାଘର ନାହିଁ, ଘରବାରି ଜମି ଅଛି କିନ୍ତୁ ଘର ନ ଥାଇ ବାସହୀନ ହୋଇ ଭଡା ଘରେ ରହୁଛନ୍ତି ତାହାର ସର୍ଭେ କରିବା ଲାଗି ପୌରସଂସ୍ଥା ପକ୍ଷରୁ ଟଏସ୍ କନ୍‌ସଲଟାନ୍ସି ପ୍ରାଇଭେଟ ଲିଃ ନାମକ ସଂସ୍ଥାକୁ ନିଯୁକ୍ତ କରାଯାଇଥିଲା। ପକ୍କାଘର ନ ଥିବା ୧୪,୬୧୨ ପରିବାର ପୁରୀ ସହରରେ ରହିଥିବା ଉକ୍ତ ସଂସ୍ଥା ରିପୋର୍ଟ ଦେଇଛି।

## ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ବାର୍ କାଉନସିଲ ଟିମ୍‌ର ତଦନ୍ତ



ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଅଧକ୍ଷଙ୍କ ସହିତ ଓଏସବିସିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଲୋଚନା କରୁଛନ୍ତି ।

**ବ୍ରହ୍ମପୁର ଅଫିସ୍,୯।୧୧**

ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ଅଧକ୍ଷଙ୍କ ମନୋମୁଖୀ କାର୍ଯ୍ୟରେ ଅତିଷ୍ଠ ଛାତ୍ରୀଛାତ୍ର ଓଡିଶା ଷ୍ଟେଟ୍ ବାର୍ କାଉନସିଲ୍ (ଓଏସବିସି )ରେ ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ ପାଇଁ ଶୁକ୍ରବାର ଓଏସବିସି ପକ୍ଷରୁ ୩ ଜଣିଆ ପ୍ରତିନିଧି ଦଳ ମହାବିଦ୍ୟାଳୟକୁ ଆସି ଅଧକ୍ଷଙ୍କ ସହ ଆଲୋଚନା କରି ଫେରିଛନ୍ତି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଛାତ୍ରସଂସଦ ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଆସନ୍ତା ଦିନରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ତଦନ୍ତ ନିର୍ଦ୍ଦେଶନାମା ସମ୍ପର୍କିତ ପତ୍ର ଅକ୍ଟୋବର ୫ରୁ ପ୍ରେରଣ କରାଯାଇଥିବା ବେଳେ ଏହା ଗୁରୁବାର ବ୍ରହ୍ମପୁର ଏସ୍‌ପି ଏବଂ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠିନଂ ୯୮୦।୧୮ ମାଧ୍ୟମରେ ପହଞ୍ଚିଥିଲା । ଓଏସବିସି ତୁରନ୍ତ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ରିପୋର୍ଟ ଦାଖଲ କରିବା ପାଇଁ ବାର୍ କାଉନସିଲ୍‌ର ବରିଷ୍ଠ ସଦସ୍ୟ ଦୀପକ ପଟ୍ଟନାୟକ, ଅରୂପାନନ୍ଦ ଦାସ ଏବଂ ମାନସ କୁମାର ଚାନ୍ଦ ମହାବିଦ୍ୟାଳୟରେ ପହଞ୍ଚି ଫ୍ୟାକ୍ଟ ଫାଇଣ୍ଡିଂ କରି ଫେରିଛନ୍ତି । ସୂଚନଯୋଗ୍ୟ, ଚଳିତ ବର୍ଷ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି । ନିର୍ବାଚନ ସମୟରେ ମହାବିଦ୍ୟାଳୟରେ ଶାନ୍ତି ବାତାବରଣ ରକ୍ଷା କରିବା ପାଇଁ ଛାତ୍ରୀଛାତ୍ର ନିଷ୍ପତ୍ତି ନେଇ ସମସ୍ତ ପ୍ରାର୍ଥୀଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ କରିଥିଲେ। ପରବର୍ତ୍ତୀ ସମୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅପ୍ରତିଦ୍ୱନ୍ଦ୍ୱୀ ତାଲିକା ବିଜ୍ଞପ୍ତି ପ୍ରକାଶ ନୋଟିସ୍ ବୋର୍ଡରେ ଲଗାଇଥିଲେ। ହେଲେ ତିତିଲି ବାତ୍ୟା ବନ୍ୟା ପାଇଁ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଯିବା ପରେ ଅପ୍ରତିଦ୍ୱନ୍ଦ୍ୱୀ ତାଲିକାଟିକୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ହଟାଇ ଦେଇଥିଲେ । କିଛି ଅଣ ଛାତ୍ର ଏବଂ ବିଜୁ ଛାତ୍ର ଜନତା ଦଳର ପ୍ରରୋଚନାରେ ଅସାମ୍ବିଧାନିକ କାର୍ଯ୍ୟ କରାଯାଇଥିବା ବେଳେ ବହୁ ଆଇନ ବର୍ହିଭୁତ କାର୍ଯ୍ୟର ପ୍ରତିବାଦ କରି ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଏସବିସି ସମ୍ପାଦକ ଜେ.କେ.ସାମନ୍ତରାୟଙ୍କ ଠାରେ ଅଭିଯୋଗ ପତ୍ର ଦାଖଲ କରିଥିଲେ । ନିରପେକ୍ଷ ତଦନ୍ତ ହେଲେ ବହୁ ଆଇନ ବର୍ହିଭୁତ ବହୁ କାର୍ଯ୍ୟକଳାପର ପର୍ଦ୍ଦାଫାଶ ହେବ ବୋଲି ଆଇନ ଛାତ୍ର ଚିନ୍ମୟ କୁମାର ହୋତା, ସୁମିଶ୍ରୀ ବେହେରା, ସତ୍ୟ ନାରାୟଣ ସାହୁ, ଆଦିତ୍ୟ କୁମାର ଦାସ, ସନ୍ଦୀପ କୁମାର ଜେନା, ବି.ତେଜେଶ୍ୱର ରାଓ ପ୍ରମୁଖ ଜଣାଇଛନ୍ତି । ଏନେଇ ମହାବିଦ୍ୟାଳୟ ଅଧକ୍ଷ ଏନ.ସି. ପଟ୍ଟନାୟକ କହିଛନ୍ତିଯେ, ଛାତ୍ରୀଛାତ୍ରଙ୍କ ଅଭିଯୋଗକ୍ରମେ ଓଏସବିସିର ପ୍ରତିନିଧିତ୍ୱ ଦଳ ଯାଞ୍ଚ କରି ଫେରିଛନ୍ତି । ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପ୍ରକାର ଅସାମ୍ବିଧାନିକ କାର୍ଯ୍ୟ କରାଯାଇନାହିଁ। ଛାତ୍ର ସଂସଦ ନିର୍ବାଚନ ବାତିଲ ଘୋଷଣା ହେବା ପରେ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା। ମହାବିଦ୍ୟାଳୟର ଶୃଙ୍ଖଳିତ ଛାତ୍ରୀଛାତ୍ର ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି ସେ କହିଛନ୍ତି ।

## ଦକ୍ଷିଣାଞ୍ଚଳ ଶିଶୁ ମହୋତ୍ସବ 'ମହକ'



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

**ବ୍ରହ୍ମପୁର ଅଫିସ୍,୯।୧୧**

ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଉତ୍କଳ ବାଳାଶ୍ରମ ଠାରେ ଦକ୍ଷିଣାଞ୍ଚଳର ୧୦ଟି ଜିଲାର କୃତୀ ପ୍ରତିଯୋଗୀଙ୍କୁ ନେଇ ମହକ-୨୦୧୮ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିଶୁ ଯତ୍ନ ଗୃହର ଶିଶୁମାନଙ୍କ ମଧ୍ୟରେ ବକ୍ତୃତା, ସଂଗୀତ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଗଞ୍ଜାମ, ଗଜପତି, ବୌଦ୍ଧ, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଓ କଳାହାଣ୍ଡି ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସେମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) କବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା ପାଇଁ ସରକାର ସର୍ବଦା ଚେଷ୍ଟିତ। ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ନିମନ୍ତେ ଏଭଳି ପ୍ରତିଯୋଗିତା ସହାୟକ ହୋଇପାରିବ ବୋଲି ସେ କହିଥିଲେ । ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ଯୋଗଦେଇ ମହକ ପ୍ରତିଯୋଗିତା ଶିଶୁମାନଙ୍କୁ ମହକିବାର ସୁଯୋଗ ଦେଇଛି ବୋଲି ପ୍ରକାଶ କରିଥିଲେ । ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାସ ଯୋଗଦେଇଥିଲେ । ନୂଆପଡ଼ା ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ ଓ ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ । ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଶିଶୁ କଲ୍ୟାଣ ସମିତିର ଅଧକ୍ଷ ରଞ୍ଜିତ କୁମାର ବାନାର୍ଜୀ, ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା, ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ଶିଶୁ କଲ୍ୟାଣ କମିଟିର ସଦସ୍ୟ ହରିହର ପାଢ଼ୀ, ଡ. ଶ୍ୟାମକାନ୍ତ ଜେନା ଯୋଗ ଦେଇଥିଲେ ।

## ୪୧୪ ପରିବାରଙ୍କୁ ଘରଭଙ୍ଗା ସହାୟତା ପ୍ରଦାନ କଲେ ତହସିଲଦାର

**ଶେରଗଡ,୯।୧୧(ଡି.ଏନ.ଏ.)**

ଶେରଗଡ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା ଶୁକ୍ରବାର ତିତ୍‌ଲି ବାତ୍ୟାର ୪୧୪ ପରିବାରଙ୍କୁ ଘରଭଙ୍ଗା ସହାୟତା ବ୍ୟାଙ୍କ ଜମା ଖାତା ଜରିଆରେ ପ୍ରଦାନ କରିଛନ୍ତି। ବ୍ଲକର ୫୨ ଟି ଗ୍ରାମର ହିତାଧିକାରୀଙ୍କୁ ୨୫ ଲକ୍ଷ ୮୯ ହଜାର ୭୦୦ ଟଙ୍କା ପ୍ରଦାନ କରାଯାଇଛି। ସେଥିରୁ ପୂରା ଘର ଭାଙ୍ଗିଥିବା ୯୫ହଜାର ୧୦୦ ଆଂଶିକ ୫ ହଜାର ୨୦୦, ଆଂଶିକ କ୍ଷତିଗ୍ରସ୍ତ ୩ ହଜାର ୨୦୦ ଲେଖାଏ ପ୍ରଦାନ କରାଯାଇଛି। ଆମର ଫସଲ କ୍ଷୟକ୍ଷତିର ସମସ୍ତ ହିସାବ କରି ରଖାଯାଇଛି। ଟଙ୍କା ଆସିଲା ପରେ ତୁରନ୍ତ ଚାଷୀଙ୍କ ଖାତାକୁ ପଠାଯିବ ବୋଲି ତହସିଲଦାର ପରିଡ଼ା କହିଛନ୍ତି।

## ■ କୁକୁଡ଼ା ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣା

# ୨ ଗିରଫ,୨୦ ହଜାର ସହ ମାରଣାସ୍ତ୍ର ଜବତ

**ଶଙ୍କରାଖୋଲ,୯।୧୧(ଡି.ଏନ୍.ଏ.):** ଟିକାବାଲି ଥାନା ଶଙ୍କରାଖୋଲ ନିକଟ ୨ କି.ମି ଦୂର ଗୁଡ୍ରିଗାଁରେ ୨୯ ସେପ୍ଟେମ୍ବର ଶନିବାର ରାତିରେ ୭ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ କୁକୁଡ଼ା ବ୍ୟବସାୟୀ ସୀମାଞ୍ଚଳ ସାହୁଙ୍କ ଘରୁ ଡକାୟତି କରିଥିଲେ। ଏହି ଘଟଣାରେ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ଟିକାବାଲି ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଗୁଡ଼ା ଥାନା ସାଉଟି ଗ୍ରାମର ପ୍ରଦୀପ କୁମାର ମଲିକ, ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ବାଡୁଲା ଗ୍ରାମର ଭଗବାନ ଗୌଡ଼। ତାଙ୍କଠାରୁ ଗୋଟିଏ ବାଇକ, ୨୦ ହଜାର ଟଙ୍କା ସହ ୨ଟି ମାରଣାସ୍ତ୍ର ଜବତ କରାଯାଇଛି। ଅନ୍ୟ ୫ଜଣ ଫେରାର ଥିବାରୁ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ଏବଂ ଏମାନଙ୍କ ନାମରେ ବାଲିଗୁଡ଼ା, ଗାଙ୍ଗପୁର ଥାନା ଓ ସୋରଡ଼ା ଥାନାରେ ଏକାଧିକ ମାମଲା ରହିଥିବା ନେଇ ଆଇଆଇସି ଆଦିତ୍ୟ କୁମାର ସେଠୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ପ୍ରକାଶ ଯେ, ୭ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ୧୫୭ ନଂ. ରାଜପଥ କଡ଼ ଫୁଟପାଥ୍‌ରେ ଥିବା ହୋଟେଲରେ ପହଞ୍ଚି ପାଣି ମାଗିଥିଲେ ଏବଂ ହୋଟେଲ ମାଲିକଙ୍କ ସହିତ ଜଣେ ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହୋଟେଲ ଆରପଟରେ ଥିବା କୁକୁଡ଼ା ବ୍ୟବସାୟୀ ସୀମାଞ୍ଚଳ ଘରକୁ ଯାଇଥିଲେ। ସେଠାରେ ସମସ୍ତଙ୍କୁ ଭୟଭିତ କରି ୩୦ ଭରି ସୁନା ଅଳଙ୍କାର, ୨ଲକ୍ଷ ଟଙ୍କା, ୩ଟି ଏଟିଏମ୍ କାର୍ଡ, ୨ଟି ମୋବାଇଲ ଲୁଟି ନେଇଥିଲେ। ଗଲାବେଳେ ଘରର କିଛି ଦୂରରେ ବୋମା ଫୁଟାଇ ବାଇକ୍‌ରେ ପଳାଇଥିଲେ। ବର୍ଷେ ପୂର୍ବରୁ ଏହି ଲୁଟ ଯୋଜନା କରୁଥିବା ୨ ଦୁର୍ବୃତ୍ତ ସ୍ୱୀକାର କରିଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି।

## ଆନ୍ତଃ କଲେଜ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ

**ବ୍ରହ୍ମପୁର ଅଫିସ, ୯।୧୧**

୧୯ତମ ଆନ୍ତଃ କଲେଜ ପୁରୁଷ ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଛି । ଆଙ୍କୁଶପୁର ଏସଏମଆଇଟି ପରିସରରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟକୁ କଲେଜ ଅଧକ୍ଷ ସୀତାରାମ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଦିକ୍ଷିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା, କ୍ରୀଡା ପରିଷଦ ସହ ସମ୍ପାଦକ ରଜେଶ କୁମାର ମହାନ୍ତି, କାର୍ଯ୍ୟକ୍ରମ ସମ୍ପାଦକ ରବିଚରଣ ମିଶ୍ର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥଲେ। ଉଦଘାଟନୀ ଦିବସରେ ୪ଟି ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚରେ ଦିଶା କଲେଜ ୯ -୩ ଗୋଲରେ ଇମ୍ପେରିଆଲ କଲେଜକୁ ପରାସ୍ତ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ପାରଳାଖେମୁଣ୍ଡି ଏସକେସିଜି ସ୍ୱୟଂ ଶାସିତ ମହାବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗକୁ ୮-୩ ଗୋଲରେ ହରାଇଥିଲା । ତୃତୀୟ ମ୍ୟାଚରେ ଦିଶା କଲେଜକୁ ୧୭-୪ ଗୋଲରେ ପରାସ୍ତକରି ସିଟି କଲେଜ ଫାଇନାଲରେ ପ୍ରବେଶ କରିଛି। ସେହିପରି ୪ର୍ଥ ମ୍ୟାଚରେ ଏସକେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟ ବିଷମକଟକ ମା ମାର୍କାମା କଲେଜକୁ ୭-୬ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଶନିବାର ସିଟି କଲେଜ ଓ ଏସକେସିଜି କଲେଜ ପାରଳାଖେମୁଣ୍ଡି ମଧ୍ୟରେ ଫାଇନାଲ ମ୍ୟାଚ ହେବ । ରେଫେରି ଭାବେ ସୁରେଶ ଚନ୍ଦ୍ର ପାଢ଼ୀ, ବିନାୟକ ରଥ, ଏ. ତେଜସୀ, ସୁମିତ ପଣ୍ଡା, ଚକାଡୋଳା ପାଣିଗ୍ରାହୀ, ପ୍ରଦୀପ୍ତ କିଶୋର ପଟ୍ଟନାୟକ ପ୍ରମୁଖ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

## କ୍ଷତିଗ୍ରସ୍ତଙ୍କୁ ଥଇଥାନ କଲା ଜିଲା ପ୍ରଶାସନ

**ରାମଗିରି,୯।୧୧(ଡି.ଏନ.ଏ.):** ତିତ୍‌ଲି ବାତ୍ୟାରେ ସମ୍ପୂର୍ଣ୍ଣ ଲିନ ହୋଇଥିବା ୪ଟି ଗ୍ରାମର ୬୦ ପରିବାର ପଲିଥିନ କୁଡ଼ିଆରେ ରହିଥିବା ବେଳେ ଶୁକ୍ରବାର ସେମାନଙ୍କ ଦୁଃଖର ଅନ୍ତ ଘଟିଛି। ଗଜପତି ଜିଲାପାଳ ଅନୁପ ସାହା ଶୁକ୍ରବାର ନୂଆପଡ଼ା ଗ୍ରାମ ଗସ୍ତ କରି ସେମାନଙ୍କୁ ଥଇଥାନ କରାଇଥିଲେ। ଉପଜିଲାପାଳ ତଥା ଏଡିଏମ୍‌ଓ ଲକ୍ଷ୍ମୀକାନ୍ତ ସେଠୀ, ଆର୍.ଉଦୟଗିରି ବିଡିଓ ପ୍ରଦିପ କୁମାର ନାୟକଙ୍କ ଉପସ୍ଥିତିରେ ଅପରିଷ୍କାର ରହିଥିବା ନୂତନ କୋଠାକୁ ପରିଷ୍କାର କରାଯାଇ ଲୋକଙ୍କ ରହିବାର ବନ୍ଦୋବସ୍ତ କରାଇଥିଲେ। ଅନଘାସ୍ଥିତ ହାଇସ୍କୁଲ ଆବାସିକ କୋଠାକୁ କିମ୍ବିସିଂ ଗ୍ରାମର ୨୮ ଓ ବଡ଼ିଅର ଗ୍ରାମର ୧୧ ପରିବାରକୁ ସ୍ଥାନାନ୍ତର କରାଯାଇଛି। ସେହିପରି ତିଲିବାଙ୍ଗ ଦଳେଇ ସାହିର ୧୧ଟି ପରିବାରୁ ଭୂୟାଁପଡ଼ାସ୍ଥିତ ସ୍କୁଲ କୋଠା ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଥଇଥାନ କରାଯାଇଛି। ବାସନ କୁସନ କିଣିବା ପାଇଁ ପରିବାର ପିଛା ୨ ହଜାର, ଲୁଗାପଟା ପାଇଁ ୧୮୦୦ ଟଙ୍କା ଦିଆଯିବ ବୋଲି ଏଡିଏମ୍‌ଓ ସେଠୀ କହିଛନ୍ତି। ନୂତନ କୋଠା ନିକଟରେ ପିଇବା ପାଣି ସୁବିଧା ନଥିବାରୁ ଶୀଘ୍ର ସେଠାରେ ଗୋଟିଏ ନଳକୂପ ଖନନ ଓ ବିଜୁଳି ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ଅନ୍ୟପଟେ ତହସିଲଦାର ଶିବାସିସ୍ ପଣ୍ଡା ଓ ରାଜସ୍ୱ ନିରୀକ୍ଷକ ଜାଗିଲି ମଲିକ ଅନଘା ନିକଟସ୍ଥ ଜୁଡ଼ିଆମ୍ବଠାରେ ବାସହରାଙ୍କୁ ଥଇଥାନ କରିବା ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତୁରନ୍ତ ଘର ତିଆରି କରି ହସ୍ତାନ୍ତର କରିବା ପାଇଁ ଉପଜିଲାପାଳ ସେଠୀ କନିଷ୍ଠ ଯନ୍ତ୍ରୀ ହେମନ୍ତ କୁମାର ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୪ ଗ୍ରାମର ପୁରୁଷମାନେ କାମ କରି ରୋଜଗାରକ୍ଷମ ହେବା ବେଳେ ମହିଳାମାନେ ମଧ୍ୟ ତାଲିମ ପାଇ ଆତ୍ମନିର୍ଭରଶୀଳ ହୋଇପାରିବ। କ୍ଷତିଗ୍ରସ୍ତ ପରିବାରଙ୍କ ଥଇଥାନ ସମୟରେ ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ବିଡିଓ ପ୍ରଦୀପ କୁମାର ନାୟକ, ସରପଞ୍ଚ କୃଷ୍ଣଚନ୍ଦ୍ର ବଡ଼ମୁଣ୍ଡି, ସମିତିସଭ୍ୟା ସାବିତ୍ରୀ ନାୟକ, ପୂର୍ବତନ ସରପଞ୍ଚ ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରହଣି ସମୟରେ କଣ ଅସୁବିଧା ହେଲେ ଆମକୁ ଜଣାଇବେ ବୋଲି ଉଭୟ ଅଧିକାରୀ ଓ ନେତାମାନେ କହିଥିଲେ।



କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଉଛି ।

## ଆରଡିସି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୯।୧୧**

ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁରସ୍ଥ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ସହ ପ୍ରତିବାଦ ସମାବେଶ ହୋଇଥିଲା । ୨୦୧୬ ନଭେମ୍ବର ୮ରେ ଭାଜପାର ନରେନ୍ଦ୍ର ମୋଦି ସରକାର ବିମୁଦ୍ରୀକରଣ ଦ୍ୱାରା ହଜାରେ ଓ ୫୦୦ ଟଙ୍କିଆ ନୋଟ ଅଚଳ ଘୋଷଣା କରି ଦେଶବାସୀଙ୍କୁ କଲବଲ କରିଥିଲେ। କେବଳ ସେତିକି ନୁହେଁ ଗଣତନ୍ତ୍ର ରାଷ୍ଟ୍ର ଭାରତର ଅର୍ଥନୀତିକୁ ଧ୍ୱଂସାଭିମୁଖୀ କରିଦେଲେ। ଏହାର ପ୍ରତିବାଦ ପାଇଁ ଜାତୀୟ କଂଗ୍ରେସର ନିର୍ଦ୍ଦେଶରେ ଜିଲାସ୍ତରୀୟ ଆନ୍ଦୋଳନ କରାଯାଇଥିଲା। ଏନଡିଏ ସରକାରଙ୍କ ଏହି ନିଷ୍ପତ୍ତି ଲୁଟ ପାଇଁ ଦେଇଥିବା ବିକ୍ଷୋଭସ୍ଥଳରେ ସମାଲୋଚନା ହେବା ସହ କଳା ଦିବସ ଭାବେ ପାଳନ ହୋଇଥିଲା ।

ଜିଲା କଂଗ୍ରେସ ସଭାପତି ଡ଼ା. ତ୍ରିନାଥ ବେହେରା ଏହାର ନେତୃତ୍ୱ ନେଇଥିଲେ। କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ସମେତ ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ ଏବଂ ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ କୁମାର ଜେନା ଯୋଗଦେଇ ବିମୁଦ୍ରୀକରଣର ତୀବ୍ର ନିନ୍ଦା କରିଥିଲେ । ବରିଷ୍ଠ ନେତା ନିରଞ୍ଜନ ପାଣିଗ୍ରାହୀ, ରବି ଅଧିକାରୀ, ଭୋକାଲି ସେଠୀ, ପ୍ରଫୁଲ୍ଲ ପଣ୍ଡା, ଧର୍ମା ରେଡ଼ି, କ୍ରିଷ୍ଣା ରାଓ, ମୋହନ ରେଡ଼ି, ନାରାୟଣ ନାୟକ, ରାଜା ପାଣିଗ୍ରାହି, ସୁରେନ୍ଦ୍ର ବେହେରା, ସୁଜ୍ଞାନୀ ପଟ୍ଟନାୟକଙ୍କ ସହ ବହୁ ସଂଖ୍ୟକ କର୍ମୀ ଏବଂ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଥିଲେ ।

### ବିମୁଦ୍ରୀକରଣର ପ୍ରତିବାଦ

ନେତାମାନେ ପ୍ରତିବାଦ ସଭାରେ ଜନ ବିରୋଧୀ ନୋଟବନ୍ଦୀ ଘଟଣାର ଦୁଇ ବର୍ଷ ବିତିବା ପରେ ବି ଏହାର ସୁଫଳ ମିଳିନଥିବା ଅଭିଯୋଗ କରିଥିଲେ। ଭାଜପାର ବଡ଼ବଡ଼ିଆ ନେତାମାନେ ନିଜ କଳାଟଙ୍କା ଧଳା କରିବାକୁ ଏଭଳି ଷଡ଼ଯନ୍ତ୍ର କରିଥିବା କଟାକ୍ଷ କରାଯାଇଥିଲା । ଏହା ମହାଦୁର୍ନୀତି ହୋଇଥିବାରୁ ଯୁଗ୍ମ ପାର୍ଲାମେଣ୍ଟାରୀ କମିଟି ଦ୍ୱାରା ତଦନ୍ତ ପାଇଁ ଦାବି କରାଯାଇଥିଲା । ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଆରଡିସିଙ୍କୁ ଜିଲା କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଥିଲା ।




ବିକ୍ଷୋଭରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୦ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ୧୫ରେ ପୁରୀ ଆସିବେ ମୁଖ୍ୟମନ୍ତ୍ରୀ
### ୫ ହଜାର ବସ୍ତି ବାସିନ୍ଦାଙ୍କୁ ବଣ୍ଟାଯିବ ପଟ୍ଟା

**ପୁରୀ ଅଫିସ, ୯।୧୧:** ଆସନ୍ତା ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଆସିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ତାଳବଣିଆଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରିବେ ବୋଲି ଜଣାପଡିଛି। ଉକ୍ତ ଉତ୍ସବରେ ୫ହଜାର ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ କରାଯିବ। ଏହାର ସମୀକ୍ଷା ଲାଗି ଆସନ୍ତା ରବିବାର ନଗର ଉନ୍ନୟନ ବିଭାଗ ସଚିବ ପୁରୀ ଆସିବେ। ପ୍ରାପ୍ତ ସୂଚନା ଅନୁଯାୟୀ, ୪୨୪୫ ପଟ୍ଟା ବର୍ତ୍ତମାନ ସୁଦ୍ଧା ଚୂଡ଼ାନ୍ତ ହୋଇଛି। ୩୦ ବର୍ଗଫୁଟ ପର୍ଯ୍ୟନ୍ତ ସରକାରୀ ଜମି ରଖିଥିବା ୨୯୫୩ ବସ୍ତି ବାସିନ୍ଦାଙ୍କୁ ମାଗଣାରେ ଜମି ଦିଆଯିବ।

### ବାହାଡ଼ାଶୁଣୀ ଟି ୨୦
### ଗେଡ଼ିଆପଲ୍ଲୀ ସେମିରେ



**ଭାପୁର,୯।୧୧(ଡି.ଏନ.ଏ.):** ଖଣ୍ଡପଡା ବ୍ଲକ ବନମାଳୀପୁର ପଞ୍ଚାୟତ ବାହାଡା ଗ୍ରାମର ମା ବାହାଡାଶୁଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୦ତମ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଗେଡ଼ିଆପଲ୍ଲୀ କ୍ରିକେଟ୍ କ୍ଲବ ୧୦ ରନ୍‌ରେ କଇଁଫୁଲିଆ କ୍ରିକେଟ୍ କ୍ଲବକୁ ହରାଇ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ଟସ୍ ଜିଣି ଗେଡ଼ିଆପଲ୍ଲୀ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ କଇଁଫୁଲିଆ ଦଳ ୧୪.୩ ଓଭରରେ ସମସ୍ତ ୱିକେଟ ହରାଇ ୮୫ ରନ୍‌ରେ ସୀମିତ ରହି ୧୦ ରନ୍‌ରେ ହାରିଯାଇଥିଲା। ବିଜୟୀ ଦଳର କୁନା ସାହୁ ବୋଲିଂ କରି ୧୫ ରନ୍‌ରେ ୩ ୱିକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ମଦନ କୁମାର ମିଶ୍ର ଓ ପିତବାସ ଦଲେଇ। ଗ୍ରାମର ୱାର୍ଡସଭ୍ୟ ରମେଶ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଖଲିସାହି ଓ ବ୍ରହ୍ମପୁରା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

### ଗ୍ରାମୀଣ ସଂସ୍କୃତି ମହୋତ୍ସବ ଓ ଗିରିଗୋବର୍ଦ୍ଧନ ପୂଜା

**ଖଣ୍ଡପଡ଼ା,୯।୧୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ପଥରଦ୍ୱାର ଗ୍ରାମର ମା' ପୂର୍ଣ୍ଣବାସୀଙ୍କ ପୀଠରେ ଗୁରୁବାର ପାରମ୍ପରିକ ରୀତିରେ ଗିରିଗୋବର୍ଦ୍ଧନ ପୂଜା ଆରମ୍ଭ ହୋଇଛି। ମା' ପୂର୍ଣ୍ଣବାସୀ କ୍ଲବ ଆନୁକୂଲ୍ୟରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଦୀର୍ଘ ୧୮ବର୍ଷ ଧରି ଚାଲିଆସୁଛି। ଏଠାରେ ଦୁଇଦିନ ବ୍ୟାପୀ ସାମାଜିକ ନାଟକ ମଞ୍ଚସ୍ଥ ହେବା ସହ ୪ଦିନ ବ୍ୟାପୀ ବାଦୀପାଲା ପରିବେଷଣ ହେବାର କାର୍ଯ୍ୟକ୍ରମ ଥିବା ଆୟୋଜକଙ୍କଠାରୁ ପ୍ରକାଶ। ମନ୍ଦିର ପୂଜକ ରାଧାନାଥ ହୋତାଙ୍କ ସୂଚନା କ୍ରମେ ଭାଲୁଖାଇ ମୁଣ୍ଡିଆ ଉପରେ ମା' ପୂର୍ଣ୍ଣବାସୀ ଦେବୀଙ୍କ ଆସ୍ଥାନ ରହିଛି। ଗିରିଗୋବର୍ଦ୍ଧନ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଇ ପ୍ରତ୍ୟେକଙ୍କ ଦୁଆରେ ଠାକୁରଙ୍କୁ ଭୋଗ ଲାଗି କରାଯାଇ ପାହାଡ ଉପରକୁ ବିଜେ କରାଯାଇଥାଏ । ଏହି ଅବସରରେ ଏଠାରେ ମାତୃମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ, ରାମନାଟକ ଓ ଦ୍ୱାରୀ ନାଟକ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ସଂସାରର ମଙ୍ଗଳ ନିମିତ୍ତ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ଏହାଛଡା ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତର ଭୋଗଡା ଗ୍ରାମ କମିଟି ଆନୁକୂଲ୍ୟରେ ଗ୍ରାମୀଣ ସଂସ୍କୃତି ମହୋତ୍ସବ ୨୦୧୮-୧୯ ଓ ଗିରିଗୋବର୍ଦ୍ଧନ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୋଗଡା ଗ୍ରାମ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ଲଉଡି ଖେଳ, ନନ୍ଦ ରାଜାଙ୍କ ସହିତ କୃଷ୍ଣ ବଳରାମ ଓ ଗୋପ ଗୋପାଙ୍ଗନାମାନଙ୍କ ସହ ମିଶି ଗ୍ରାମ ପରିକ୍ରମା କରିବାର ଦୃଶ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ପାହାଡ ଉପରେ ଥିବା ଗିରି ଗୋବର୍ଦ୍ଧନ ପୂଜା ସ୍ଥଳରେ ମହିଳାମଣ୍ଡଳ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ମହୁଲବେରଣା, ଭୋଗଡା, କଳପଙ୍ଗି, ଧାନଚେଙ୍ଗଡା, ଲକ୍ଷ୍ମୀପ୍ରସାଦ, ପଥରଚକଡା, କଣ୍ଟିଲୋ ଓ ମାଧପୁର ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା।

## ■ ରାଧାପାଦ ସ୍ପର୍ଶ ବାରଣ ପ୍ରସଙ୍ଗ

# କଡ଼ାକଡ଼ି ପାଳନ ନିମନ୍ତେ ଜିଲାପାଳଙ୍କୁ ଚିଠି

**ପୁରୀ ଅଫିସ, ୯।୧୧**

- ■ଦେବୋତ୍ତର କମିଶନରଙ୍କୁ ଭେଟିଲେ ସେବାୟତ ପ୍ରତିନିଧି
- ■୧୩ରେ ଦ୍ୱିତୀୟ ସମନ୍ୱୟ ବୈଠକ
- ■ହୁଣ୍ଡି ଖୋଲିବାକୁ ଟ୍ରଷ୍ଟ ବୋର୍ଡକୁ ଅନୁମତି

ଆସନ୍ତା ୧୭ ତାରିଖରେ ଅଁଳାନବମୀ। ସତ୍ୟବାଦୀ ଗୋପୀନାଥ ଦେବଙ୍କ ପୀଠରେ ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ରାଧାରାଣୀ। ରାଧାରାଣୀଙ୍କ ପାଦ ଦର୍ଶନ କରିବେ ଭକ୍ତ। କିନ୍ତୁ କୌଣସି ଭକ୍ତ ଗର୍ଭଗୃହରେ ପ୍ରବେଶ କରିପାରିବେ ନାହିଁ କିମ୍ବା ରାଧାପାଦ ସ୍ପର୍ଶ କରିପାରିବେ ନାହିଁ। ଭିଆଇପି ପାସ୍ ବ୍ୟବସ୍ଥା ହେବ ନାହିଁ ବୋଲି ଗତ ୩ ତାରିଖରେ ଅନୁଷ୍ଠିତ ଅଁଳାନବମୀ ସମନ୍ୱୟ ବୈଠକରେ ସ୍ଥିର ହୋଇଛି। ସମନ୍ୱୟ ବୈଠକରେ ହୋଇଥିବା ନିଷ୍ପତ୍ତି ଯେଉଳି କଡ଼ାକଡ଼ି ପାଳନ ହେବ, ସେଥିପାଇଁ ପଦକ୍ଷେପ ନେବା ନିମନ୍ତେ ପୁରୀ ଜିଲାପାଳଙ୍କୁ ଦେବୋତ୍ତର କମିଶନର ବିରଜା ପ୍ରସାଦ ଦତ୍ତ ଚିଠି ଲେଖିଛନ୍ତି।

ଅନ୍ୟପକ୍ଷରେ ପାଦ ସ୍ପର୍ଶ ବାରଣକୁ କୋହଳ କରିବା ଲାଗି ସେବାୟତଙ୍କ ଏକ ୧୫ଜଣିଆ ପ୍ରତିନିଧି ଦଳ ଗୁରୁବାର ଭୁବନେଶ୍ୱର ଯାଇ ଦେବୋତ୍ତର କମିଶନରଙ୍କୁ ସାକ୍ଷାତ୍ କରିଥିବା ଜଣାପଡିଛି। କୌଣସି ପରିସ୍ଥିତିରେ ନିଷ୍ପତ୍ତି କୋହଳ ହେବନାହିଁ ବୋଲି ଦେବୋତ୍ତର କମିଶନର ରୋକ୍‌ଠୋକ୍ ଶୁଣାଇ ଦେଇଥିବା ଜଣାପଡିଛି। ଅଁଳାନବମୀରେ ରାଧାପାଦ ଦର୍ଶନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲାଗି ଆସନ୍ତା ୧୩ ତାରିଖରେ ସାକ୍ଷୀଗୋପାଳରେ ଦ୍ୱିତୀୟ ସମନ୍ୱୟ ବୈଠକ ବସିବା ଲାଗି ସ୍ଥିର ହୋଇଥିବା କମିଶନର ସୂଚନା ଦେଇଛନ୍ତି।

ଗତ ୩ମାସ ତଳେ ସତ୍ୟବାଦୀ ଗୋପୀନାଥ ଦେବ ମନ୍ଦିରରେ ହୁଣ୍ଡି ସ୍ଥାପନ ହୋଇଛି। ହୁଣ୍ଡି ସ୍ଥାପନ ହେବା ପରେ ଖୋଲାଯାଇନାହିଁ। ହୁଣ୍ଡି ଖୋଲି ଦାନ ଅର୍ଥ ଗଣତି ନିମନ୍ତେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିର୍ବାହୀ ଅଧିକାରୀ ଅନୁମତି ମାଗିଥିଲେ। ଦେବୋତ୍ତର କମିଶନର ଏଥିଲାଗି ଅନୁମତି ଦେଇଥିବା ଜଣାପଡିଛି। ଆସନ୍ତା ୧୩ ତାରିଖରେ ହୁଣ୍ଡି ଖୋଲାଯାଇ ଗଣାଯିବାର ସମ୍ଭାବନା ରହିଛି। ହୁଣ୍ଡିରେ ପଡିଥିବା ଦାନ ଅର୍ଥରୁ ସେବାୟତ ଓ ଠାକୁର କାହାର ଭାଗ କେତେ, ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଅଁଳାନବମୀ ପରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଦେବୋତ୍ତର କମିଶନର ଦତ୍ତ କହିଛନ୍ତି।

ସୂଚନାଯୋଗ୍ୟ, ଅଁଳାନବମୀରେ ବର୍ଷକରେ ଥରେ କେବଳ ଶ୍ରୀରାଧାଙ୍କ ପାଦ ଦର୍ଶନର ସୁଯୋଗ ମିଳିଥାଏ। କିନ୍ତୁ ପାଦ ସ୍ପର୍ଶ ଶାସ୍ତ୍ରସମ୍ମତ ନୁହେଁ। ୨୦୦୧ ମସିହାରେ ସତ୍ୟବାଦୀ ଗୋପୀନାଥ ମନ୍ଦିର ନିର୍ବାହୀ ଅଧିକାରୀ ପାଦ ସ୍ପର୍ଶ ସଂକ୍ରାନ୍ତରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତାମତ ଲୋଡିଥିଲେ। ୨୦୦୧ ଫେବୃୟାରୀ ୧୯ରେ ଶ୍ରୀରାଧାଙ୍କ ପାଦ ସ୍ପର୍ଶ ଶାସ୍ତ୍ରୀୟ ବିଧିସମ୍ମତ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ସିଦ୍ଧାନ୍ତ ଦେଇଥିଲେ। ଏପରି କି ତତ୍କାଳୀନ ଦେବୋତ୍ତର କମିଶନର ମଧ୍ୟ ପାଦସ୍ପର୍ଶ ପାଇଁ ଭକ୍ତଙ୍କୁ ସୁଯୋଗ ନ ଦେବାକୁ ଏବଂ ଦିଅଁ ସମ୍ମୁଖରେ ବ୍ୟାରିକେଡ୍ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଶାସ୍ତ୍ରୀୟ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରି ଶ୍ରଦ୍ଧାଳୁ ଶ୍ରୀରାଧାଙ୍କ ପାଦ ସ୍ପର୍ଶ କରୁଛନ୍ତି। ଅନ୍ୟପକ୍ଷରେ ଏହି ପାଦ ସ୍ପର୍ଶ ଦ୍ୱାରା ଭିଡ ହେବା ସହିତ ଦର୍ଶନରେ ବିଶୃଙ୍ଖଳା ଉପୁଜୁଛି। ତେଣୁ ଏହି ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ଦେବୋତ୍ତର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ଗତ ୩ ତାରିଖରେ ଅଳାଁନବମୀ ସମନ୍ୱୟ ବୈଠକ ବସି ରାଧାପାଦ ସ୍ପର୍ଶକୁ ବାରଣ କରାଯାଇଥିଲା। ୧୮ ବର୍ଷ ପରେ କଟକଣା କାର୍ଯ୍ୟକାରୀ ହେବାକୁ ଯାଉଥିବା ବେଳେ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି।

## ■ ଉଦ୍‌ଯାପିତ ହେଲା ଜିଲା ଯୁବ ଉତ୍ସବ

# ପ୍ରତିଭା ଦେଖାଇଲେ ଯୁବତୀଯୁବକ



ଲୋକନୃତ୍ୟରେ ପ୍ରଥମ ହୋଇ ପୁରସ୍କାର ଗ୍ରହଣ କରିଥିବା ଡିଏଭି ସ୍କୁଲର ଛାତ୍ରୀଛାତ୍ର।

**ନୟାଗଡ଼ ଅଫିସ,୯।୧୧**

କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଯୁବ ଉତ୍ସବ ୨୦୧୮ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଯୁବତୀଯୁବକମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ସୁଜାତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନ କାର୍ଯ୍ୟକ୍ରମରେ ପିଡ଼ି ଅନାମ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଲୋକ (ଫୋକ୍) ନୃତ୍ୟ ଓ ୱାନ ଆକ୍ଟ ପ୍ଲେ ପ୍ରତିଯୋଗିତା ହୋଇଥିଲା। ଲୋକନୃତ୍ୟରେ ୧୩ଟି ଗ୍ରୁପ ଭାଗ ନେଇଥିବା ବେଳେ ନୟାଗଡ଼ ଡିଏଭି ସ୍କୁଲ ପ୍ରଥମ, ମା' ମଙ୍ଗଳା ସିଂହବାଦ୍ୟ, ଛାମୁଣ୍ଡିଆ, ଗଣିଆ ଦ୍ୱିତୀୟ ଓ ପଠାଣି ସାମନ୍ତ ନର୍ସିଂ ସ୍କୁଲ, ନୟାଗଡ଼ ତୃତୀୟ ହୋଇଛନ୍ତି। ୱାନ୍ ଆକ୍ଟ ପ୍ଲେରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପ୍ରଥମ ହୋଇଛି। ବୁଧବାର ଉଦ୍‌ଘାଟନୀ ଦିବସରେ ୬ଟି ପ୍ରତିଯୋଗିତା ହୋଇଥିଲା। ମୋଟ ୮ଟି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଭାଗ ନେଇପାରିବେ ବୋଲି ସୂଚନା ମିଳିଛି।

## ■ ଶାରଙ୍ଗଧରପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣା

# ବନ୍ଧକ ସୁନା ଦାବିରେ ଜମାକାରୀଙ୍କ ହଟ୍ଟଗୋଳ

**ରଣପୁର,୯।୧୧ (ସ୍ୱ.ପ୍ର.)**

**ବ୍ୟାଙ୍କ ବନ୍ଦ, ଗ୍ରାହକ ହଇରାଣ**




ଶାରଙ୍ଗଧରପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ତାଲା ପଡିଛି।

ଏପ୍ରିଲ ୬ ତାରିଖରେ ରଣପୁର ଥାନା ଶାରଙ୍ଗଧରପୁରସ୍ଥିତ ଓଡିଶା ଗ୍ରାମ୍ୟବ୍ୟାଙ୍କ ଶାଖାରୁ ଦୁର୍ବୃତ୍ତମାନେ ୧କୋଟିରୁ ଅଧିକ ଟଙ୍କାର ୨୫୬ ପ୍ୟାକେଟ୍ ବନ୍ଧକ ସୁନା ଲୁଟିନେଇଥିଲେ। ଘଟଣାର ୭ମାସ ବିତିଯାଇଛି। ସ୍ଥାନୀୟ ପୋଲିସ ୪ଜଣ ଡକାୟତଙ୍କୁ ଗିରଫ କରିଥିଲା ବେଳେ ସେମାନଙ୍କଠାରୁ ନକଲି ସୁନା ଓ ଟଙ୍କା ଜବତ କରିଥିଲା। ହେଲେ ଜମାକାରୀମାନେ ଏପର୍ଯ୍ୟନ୍ତ ସେମାନଙ୍କ ବନ୍ଧକ ସୁନା ଫେରିପାଇ ନାହାନ୍ତି। ଏଥିପାଇଁ ସେମାନେ ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏହାକୁ ନେଇ ଗୁରୁବାର ସକାଳ ୧୦ଟାରେ ଜମାକାରୀମାନେ ବ୍ୟାଙ୍କରେ ପଶି ହଟ୍ଟଗୋଳ କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ସହିତ ବ୍ୟାଙ୍କ ମ୍ୟାନେଜର ଲୋକଙ୍କୁ ବୁଝାଶୁଝା କରି ଶାନ୍ତ କରାଇଥିଲେ। ହେଲେ ଶୁକ୍ରବାର ପୁଣି ଜମାକାରୀମାନେ ବନ୍ଧକ ସୁନା କିମ୍ବା ଟଙ୍କା ଫେରାଇବା ଦାବିରେ ବ୍ୟାଙ୍କକୁ ଅଚଳ କରିଦେଇଥିଲେ। ସେଠାରେ ଚାପା ଉତ୍ତେଜନା ଦେଖାଦେବାରୁ କର୍ତ୍ତୃପକ୍ଷ ବ୍ୟାଙ୍କରେ ତାଲା ପକାଇ ପଳାଇଥିଲେ। ଫଳରେ ଟଙ୍କା ଉଠାଣ ଓ ଜମା କରିବାକୁ ଆସିଥିବା ସାଧାରଣ ଗ୍ରାହକମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଭଳି ଘଟଣା ଏଠାରେ ବାରମ୍ବାର ଘଟୁଥିବାବେଳେ ବ୍ୟାଙ୍କର କୌଣସି ଉଚ୍ଚଅଧିକାରୀ ଘଟଣାସ୍ଥଳକୁ ନ ଆସିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ ଏପ୍ରିଲ ୬ତାରିଖରେ ଡକାୟତମାନେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୨୫୬ ପ୍ୟାକେଟ ବନ୍ଧକ ସୁନାଗହଣା ସହିତ ନଗଦ ୮୦ହଜାର ଟଙ୍କା, ୨ଟି କମ୍ପ୍ୟୁଟର ସିପିୟୁ, ୩ଟି ମୋବାଇଲ ଲୁଟି ନେଇଥିଲେ । ଏ ନେଇ ବ୍ୟାଙ୍କ ମ୍ୟାନେଜର ଦୁର୍ଗା ଚରଣ ରଣପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୬୭/୧୮ରେ ମାମଲା ରୁଜୁ କରିଥିଲା।

## ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳର କର୍ମୀ ବିଜେଡିରେ ସାମିଲ

**ଖଣ୍ଡପଡା,୯।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତ କିଆଝର ପାଟଣା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦଳର କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ କିଆଝର ପଞ୍ଚାୟତ ଅନ୍ତର୍ଗତ ମା' ମଙ୍ଗଳାଙ୍କ ପୀଠରେ ଗୁରୁବାର ପୂର୍ବାହ୍ନରେ ସରପଞ୍ଚ ତଥା ଖଣ୍ଡପଡା ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାର ସିଂଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୱାର୍ଡସଭ୍ୟ ମହେଶ୍ୱର ମହାନ୍ତି, ଗଣେଶ ନାୟକ, ପ୍ରମୋଦ ସ୍ୱାଇଁ ଓ ମାଟିଆ ସ୍ୱାଇଁଙ୍କ ଉପସ୍ଥିତିରେ କିଆଝର ପାଟଣା ଗ୍ରାମର ସଭାପତି ମାନସ ନାଏକ, ଉପସଭାପତି ବିକ୍ରମ ନାୟକ, ସମ୍ପାଦକ ଅଜିତ ନାଏକ, ବାବାଜି ନାଏକ, ସୁରଥ ନାଏକ, ବୈକୁଣ୍ଠ ନାଏକ, ଅମୂଲ୍ୟ ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଜେଡିରେ ସାମିଲ ହୋଇଥିଲେ। ଏମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସରପଞ୍ଚ ବଳିୟାର ସିଂ ସମ୍ମାନିତ କରିଥିଲେ। ଏହି ବ୍ୟକ୍ତିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ତଥା ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା ସୂଚନା ଦେଇଥିଲେ।



# ୧୮ରେ ଭଏସ୍ ଅଫ ନୟାଗଡ଼ ଫାଇନାଲ୍




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ନୟାଗଡ଼ କ୍ଲବର ସଦସ୍ୟମାନେ।

**ନୟାଗଡ଼ ଅଫିସ,୯।୧୧**

ନୟାଗଡ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଭଏସ ଅଫ ନୟାଗଡ଼ର ଫାଇନାଲ୍ କାର୍ଯ୍ୟକ୍ରମ ଚଳିତ ମାସ ୧୮ ତାରିଖରେ ସ୍ଥାନୀୟ ଖେଳପଡ଼ିଆଠାରେ ଅନୁଷ୍ଠିତ ହେବ। ଶୁକ୍ରବାର ନୟାଗଡ଼ ସାମ୍ବାଦିକ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭଏସ୍ ଅଫ ନୟାଗଡ଼ର ଆବାହକ ଧୀରେନ୍ଦ୍ର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି ।

ମିଳିଥିବା ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟ ଅଡ଼ିଶନ ନୟାଗଡ଼ ଜିଲାର ୮ଟି ବ୍ଲକରେ ଶେଷ କରାଯାଇ ୮୨ ଜଣ ପ୍ରତିଭାଙ୍କୁ ଚୟନ କରାଯାଇଛି। ଚୟନ ହୋଇଥିବା ପ୍ରତିଭାମାନେ ୧୦ ତାରିଖରେ ନୟାଗଡ଼ ସହରର ପଠାଣିସାମନ୍ତ ସଂସ୍କୃତି ଭବନଠାରେ ଦ୍ୱିତୀୟ ପର୍ଯ୍ୟାୟ ଅଡ଼ିଶନ ଦେବେ। ଏହି ଅଡ଼ିଶନରେ ଶ୍ରେଷ୍ଠ ୨୦ ଜଣଙ୍କୁ ଚୟନ କରାଯିବ। ଏହାପରେ ୧୧ ତାରିଖରେ ଉକ୍ତ ସଂସ୍କୃତି ଭବନଠାରେ ତୃତୀୟ ପର୍ଯ୍ୟାୟ ଅଡ଼ିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଶ୍ରେଷ୍ଠ ୧୦ ଜଣଙ୍କୁ ଚୟନ କରାଯିବ। ୧୮ ତାରିଖରେ ନୟାଗଡ଼ ଖେଳପଡ଼ିଆଠାରେ ଅନ୍ତିମ ପର୍ଯ୍ୟାୟ ବା ଫାଇନାଲ୍‌ରେ ଜଣେ ପ୍ରତିଭାଙ୍କୁ ଭଏସ୍ ଅଫ ନୟାଗଡ଼ ଭାବେ ଚୟନ କରାଯିବ। ଫାଇନାଲ୍ ପ୍ରତିଯୋଗିତାରେ ବିଚାରକ ଭାବେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ୍, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାଶ ଓ ଗୁରୁ ନିମାକାନ୍ତ ରାଉତରାୟ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ପ୍ରସନ୍ନ କୁମାର ବସନ୍ତିଆ, ଶ୍ରୀଧର ସାହୁ, ପ୍ରବୀର କୁମାର ପୃଷ୍ଟି , ଲକ୍ଷ୍ମୀନାରାୟଣ ରଥ, ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଲଗଡ଼ ବ୍ଲକରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ବୋଲଗଡ଼,୯।୧୧(ଡି.ଏନ.ଏ.)**

ବୋଲଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ । ସେହିପରି ୨୩ ଟ୍ରାଇ ସାଇକେଲ, ୬ ହୁଇଲ୍ ଚେୟାର, ୬ ଶ୍ରବଣ ଯନ୍ତ୍ର, ୬ ଆଶାବାଡ଼ି ଓ ଗୋଟିଏ ବ୍ଲାଇଣ୍ଡ୍ ଷ୍ଟିକ୍ ମଧ୍ୟ ବଣ୍ଟନ କରାଯାଇଛି।

# ପୁରୀରେ ଜାତୀୟ ଏସ୍‌ସି କମିଶନ ସଦସ୍ୟ

**ପୁରୀ ଅଫିସ, ୯।୧୧**

ଜାତୀୟ ଅନୁସୂଚିତ ଜାତି(ଏସ୍‌ସି) କମିଶନଙ୍କ ସଦସ୍ୟ ଯୋଗେନ୍ଦ୍ର ପାଶ୍ୱାନ ଶୁକ୍ରବାର ଅପରାହ୍ନରେ ପୁରୀରେ ପହଞ୍ଚିଛନ୍ତି। ତାଙ୍କ ସହିତ କେନ୍ଦ୍ର ସରକାରଙ୍କ ଅନୁସୂଚିତ ଜାତି ବିଭାଗର ନିର୍ଦ୍ଦେଶକ(ଇନଚାର୍ଜ) ସଞ୍ଜୟ କୁମାର ସିଂ ଓ ରସର୍ଚ୍ଚର(ଗବେଷକ) ଡି.କେ. ବଳ ରହିଛନ୍ତି। ସ୍ଥାନୀୟ ସର୍କିଟ ହାଉସ ଠାରେ କମିଶନ ସଦସ୍ୟ ଅବସ୍ଥାନ କରିଛନ୍ତି। ଶନିବାର ପୂର୍ବାହ୍ନରେ ସର୍କିଟ ହାଉସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ ଜିଲାରେ ଅନୁସୂଚିତ ଜାତି ଲୋକଙ୍କ ପାଇଁ ନିଆଯାଉଥିବା କଲ୍ୟାଣକାରୀ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ହେବ।



ପୁରୀରେ ଜାତୀୟ ଏସ୍‌ସି କମିଶନ ସଦସ୍ୟଙ୍କୁ ଜିଲାପାଳ ସ୍ୱାଗତ କରୁଛନ୍ତି।

## ■ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

# ସମୀକ୍ଷା କଲେ ଯୁଗ୍ମ ନିର୍ବାଚନ ଆୟୁକ୍ତ

**ପୁରୀ ଅଫିସ, ୯।୧୧**



ପୁରୀ ସର୍କିଟ୍ ହାଉସ୍‌ରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ।

- ■ଆସିଲାଣି ୭୦ହଜାର ଆବେଦନ
- ■ନୂତନ ଭୋଟର ପଞ୍ଜୀକରଣ ପାଇଁ ଆସିଛି ୩୦ହଜାର ଆବେଦନ

ଗତ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଥିବା ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୧୯ର ଅବଧି ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ରହିଥିଲା। ଏହାର ଅବଧିକୁ ଭାରତ ନିର୍ବାଚନ କମିଶନ ନଭେମ୍ବର ୧୫ ପର୍ଯ୍ୟନ୍ତ ବଢାଇଛନ୍ତି। ଭୋଟର ତାଲିକାରୁ ନାମ ବାଦ ଦେବା, ତ୍ରୁଟି ସଂଶୋଧନ, ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ, ନାମ ସ୍ଥାନାନ୍ତରୀକରଣ ଏବଂ ପ୍ରବାସୀ ଭାରତୀୟଙ୍କ ନୂତନ ନାମ ପଞ୍ଜୀକରଣ ଆଦି ପାଇଁ ଜିଲାରୁ ବର୍ତ୍ତମାନ ସୁଦ୍ଧା ୭୦ହଜାର ଆବେଦନ ଆସିଛି। ଜାନୁୟାରୀ ୧ ସୁଦ୍ଧା ୧୮ବର୍ଷ ହେଉଥିବା ବ୍ୟକ୍ତି ଭୋଟର ତାଲିକାରେ ନାମ ଯୋଗ ନିମନ୍ତେ ପଞ୍ଜୀକରଣ କରିପାରିବେ। ୭୦ହଜାର ଆବେଦନ ମଧ୍ୟରୁ ପ୍ରାୟ ୩୦ହଜାର ଆବେଦନ ନୂତନ ଭୋଟର ଭାବେ ପଞ୍ଜୀକରଣ ପାଇଁ ଆସିଥିବା ସର୍କିଟ ହାଉସ ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରୁ ଜଣାପଡିଛି।

ଯୁଗ୍ମ ନିର୍ବାଚନ ଆୟୁକ୍ତ ଭବାନୀ ପ୍ରସାଦ ରାୟ ଶୁକ୍ରବାର ପୁରୀ ଆସି ସ୍ଥାନୀୟ ସର୍କିଟ ହାଉସଠାରେ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଜିଲା ନିର୍ବାଚନ ପରିଚାଳନା ଯୋଜନା(ଡିଇଏମ୍‌ପି) ପ୍ରସ୍ତୁତ ହେଉଛି। ଏହାର ଅଗ୍ରଗତି ଉପରେ ଯୁଗ୍ମ ନିର୍ବାଚନ ଆୟୁକ୍ତ ସମୀକ୍ଷା କରିଥିଲେ। ସମୀକ୍ଷା ପରେ ପେଣ୍ଠକଟା ଯାଇ ନିର୍ମାଣାଧୀନ ଇଭିଏମ୍ ୱେର ହାଉସ୍‌ର ଅଗ୍ରଗତି ଦେଖିଥିଲେ। ଇଭିଏମ୍ ରଖିବା ଲାଗି ୫କୋଟି ୪୦ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ କୋଠା ନିର୍ମାଣ କରାଯାଉଛି। ଏହାପରେ ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସର୍କିଟ ହାଉସଠାରେ ଅନୁଷ୍ଠିତ ବୈଠକରେ ଡେପୁଟି କଲେକ୍ଟର(ନିର୍ବାଚନ) ସୁମନ୍ତ କର, ଉପଜିଲାପାଳ ଭବତାରଣ ସାହୁ, ସମସ୍ତ ବିଡିଓ, ତହସିଲଦାର ଏବଂ ବୁଥ୍ ଲେଭଲ ଅଧିକାରୀ(ବିଏଲଓ) ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ଜିଲାରେ ୧୫୯୩ଟି ବୁଥ ରହିଛି। ଜିଲାର ମୋଟ ଜନସଂଖ୍ୟା ୧୮ଲକ୍ଷ ୭ହଜାର ୯୮୫ ହୋଇଥିବା ବେଳେ ସମୁଦାୟ ଭୋଟର ସଂଖ୍ୟା ୧୩ଲକ୍ଷ ୨୯ହଜାର ୪୯୫।